# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୨୧/୨୦୨୨ (୧୪ ପୃଷ୍ଠା) | Bhubaneswar, Friday, January 21/2022 | ★★★★★★

୪୮ଶ ଭାଗ ୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





**ଡିସେମ୍ବରରେ ଆସିପାରେ ପୁଷ୍ପାର ଦ୍ୱିତୀୟ ଭାଗ**

ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ବଢ଼ାଇଥିବା ସାଉଥ୍ ଫିଲ୍ମ 'ପୁଷ୍ପା: ଦ ରାଇଜିଂ ଷ୍ଟାର'ର ଦ୍ୱିତୀୟ ଭାଗର ନାମ 'ପୁଷ୍ପା: ଦ ରୁଲ୍' ଆସନ୍ତା ଡିସେମ୍ବରରେ ମୁକ୍ତିଲାଭ କରିପାରେ। **୧୨**

**୧୪** **କ୍ୱାର୍ଟରରେ ଶ୍ୱେତପର୍ଣ୍ଣା**

ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମିକ୍ସଡ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡା।






ଦିଲ୍ଲୀ ସାଧାରଣତନ୍ତ୍ର ଦିବସ ପରେଡ୍‌ରୁ ପାଇକ ବିଦ୍ରୋହ ସମ୍ପର୍କିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡ଼ିବା ପ୍ରତିବାଦରେ ଓଡ଼ିଶା ପାଇକ ଏକାଡ଼େମୀ, ସମରକଳା ଏକାଡ଼େମୀ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଗୁରୁବାର ରାଜଭବନ ସମ୍ମୁଖରେ ସମରକଳା ପ୍ରଦର୍ଶନ। (ରିପୋର୍ଟ: ପୃଷ୍ଠା-୧୦)

# ସକ୍ରିୟ ଆକ୍ରାନ୍ତରେ ଓଡ଼ିଶା ୮ମ

## ■ ରାଜ୍ୟରେ ସ୍ଥିତି ନିୟନ୍ତ୍ରଣାଧୀନ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

ଦେଶରେ କରୋନା ସହ ଏହାର ନୂଆ ଭାରିଆଣ୍ଟ ଓମିକ୍ରନ୍ ସଂକ୍ରମଣ ଦ୍ରୁତଗତିରେ ବଢ଼ି ଚାଲିଛି। ନିର୍ଦ୍ଦିଷ୍ଟ କେତେକ ରାଜ୍ୟ ପାଇଁ ଜାତୀୟ ସଂକ୍ରମଣ ହାର ମଧ୍ୟ ଅଧିକ ରହୁଛି। ତେବେ ଆରୋଗ୍ୟ ତୁଳନାରେ ଦୈନିକ ଆକ୍ରାନ୍ତଙ୍କ ସଂଖ୍ୟା ଢେର୍ ଅଧିକ ରହୁଥିବାରୁ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ସକ୍ରିୟ ଆକ୍ରାନ୍ତ ସଂଖ୍ୟାରେ ଦେଶର ପ୍ରଥମ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା ରହିଛି। ମହାରାଷ୍ଟ୍ରରେ ସବୁଠାରୁ ଅଧିକ ସକ୍ରିୟ ରୋଗୀ ଥିବାବେଳେ ଓଡ଼ିଶା ୮ମ ସ୍ଥାନରେ ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି। ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ଖବରଦାତା ☞ପୃଷ୍ଠା-୪

## ରାଜ୍ୟରୁ ଆଉ ୧୦,୩୬୮ ପଜିଟିଭ୍ ଚିହ୍ନଟ, ୭ ମୃତ

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

ଗତ କିଛି ଦିନ ହେବ ରାଜ୍ୟରେ ଦୈନିକ ସଂକ୍ରମଣ ଟ୍ରେଣ୍ଡ୍ ୧୦ହଜାର ଉପରେ ରହୁଛି। ବୁଧବାର ୧୧,୬୦୭ ରିପୋର୍ଟ କରୋନା ପଜିଟିଭ୍ ବାହାରିଥିବାବେଳେ ଗୁରୁବାର ଏଥିରେ ସାମାନ୍ୟ ହ୍ରାସ ଘଟିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୧୦ହଜାର ୩୬୮ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ୧,୦୯୦ଜଣ ୧୮ବର୍ଷରୁ କମ୍ ବୟସର ରହିଛନ୍ତି। ୬,୦୧୫ଜଣ କ୍ୱାରାଣ୍ଟାଇନ୍ ଓ ୪,୩୫୩ଜଣ ସ୍ଥାନୀୟ ସଂକ୍ରମିତ ଅଛନ୍ତି। ସେହିପରି ଏହି ସମୟ ଭିତରେ ରାଜ୍ୟରୁ ୮,୪୭୧ ଜଣ ସୁସ୍ଥ ହୋଇଥିବାବେଳେ ଆଉ ୭ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ କେବଳ ୫ଜଣ ଖୋର୍ଦ୍ଧା ଜିଲାରୁ ହୋଇଥିବାବେଳେ ଗଞ୍ଜାମ ଓ ସମ୍ବଲପୁର ଜିଲାରୁ ଜଣେ ଲେଖାଏ ରହିଥିବା ସୂଚନା ଦିଆଯାଇଛି।

ତେବେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ୩,୦୩୬ଜଣ ଖୋର୍ଦ୍ଧା ଜିଲାରୁ ଚିହ୍ନଟ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ରୁ ୧୫୦୫ଜଣ, କଟକ ୯୪୦, ବାଲେଶ୍ୱର ୩୦୪, ଯାଜପୁର ୨୯୦, ବଲାଙ୍ଗୀର ୨୫୩, ସମ୍ବଲପୁର ୨୪୭, ରାୟଗଡ଼ା ୨୦୮, କୋରାପୁଟ ୨୦୨, ନୂଆପଡ଼ା ୧୯୬, କଳାହାଣ୍ଡି ୧୯୪, ସୋନପୁର ୧୮୦, ଜଗତ୍‌ସିଂହପୁର ୧୬୫, ନବରଙ୍ଗପୁର ୧୬୨, ଝାରସୁଗୁଡ଼ା ୧୫୭, ବରଗଡ଼ ୧୫୨, ☞ପୃଷ୍ଠା-୪

## ଢିଙ୍କିଆରେ ପୋଲିସର ଲାଠିମାଡ଼ ଘଟଣା ଗୃହ ବିଭାଗକୁ ରିପୋର୍ଟ ତଲବ କଲେ ହାଇକୋର୍ଟ

**କଟକ ଅଫିସ, ୨୦।୧:** ଜଗତ୍‌ସିଂହପୁର ଜିଲା ଢିଙ୍କିଆରେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପୋଲିସ ଅମାନୁଷିକ ଲାଠିମାଡ଼ ଘଟଣାରେ ଓଡ଼ିଶା ହାଇକୋର୍ଟ ରାଜ୍ୟ ଗୃହ ବିଭାଗ ନିକଟରୁ ଷ୍ଟାଟସ୍ ରିପୋର୍ଟ ତଲବ କରିଛନ୍ତି। ଏଥିସହ ଢିଙ୍କିଆ ଓ ଆଖପାଖ ଅଞ୍ଚଳକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବାକୁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୭ତାରିଖରେ ହେବ। ସୂଚନାଯୋଗ୍ୟ, ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଜିଲା ପ୍ରଶାସନ ପକ୍ଷରୁ ହେଉଥିବା ପାନବରଜ ଉଚ୍ଛେଦକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରିଆସୁଛନ୍ତି। ଏହି କ୍ରମରେ ଗତ ୧୪ତାରିଖରେ ଢିଙ୍କିଆରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଲୋକମାନେ ପାନବରଜକୁ ଯିବାବେଳେ ସେଠାରେ ଉପସ୍ଥିତ ପୋଲିସ ଓ ସୁରକ୍ଷା ସେମାନଙ୍କ ଉପରେ ଅମାନବୀୟଭାବେ ଆକ୍ରମଣ କରିଥିଲେ। ଏପରି କି ମହିଳା, ପୁରୁଷ ଏବଂ ଛୋଟପିଲାଙ୍କୁ ଗୋଡ଼େଇ ଗୋଡ଼େଇ ପିଟିବା ସହ ଢିଙ୍କିଆ ଗ୍ରାମର ୩ ପ୍ରବେଶ ପଥରେ କରାଯାଇଥିବା ଅସ୍ଥାୟୀ ଫାଟକକୁ ଭାଙ୍ଗି ଦିଆଯାଇଥିଲା। ଏହି ଘଟଣା ପରଠାରୁ ଅନେକ ଲୋକ ଏବେ ନିଖୋଜ ମଧ୍ୟ ଅଛନ୍ତି। ବିଭିନ୍ନ ସଂଗଠନ ପକ୍ଷରୁ ପ୍ରଶାସନର ଏଭଳି ଆକ୍ରମଣକୁ ବିରୋଧ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ଇରାନ ଓ ଭିଏନା ବୁଝାମଣା


# ବୁଲି ବାଈ ଆପ୍ ସହ ଓଡ଼ିଶା ଲିଙ୍କ୍

## ବ୍ରଜରାଜନଗରରୁ ଏମ୍‌ବିଏ ଡିଗ୍ରୀଧାରୀ ଗିରଫ

**ଭୁବନେଶ୍ୱର,(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ୍, ୨୦।୧**

ବିବାଦୀୟ ମୋବାଇଲ ଆପ୍ଲିକେଶନ (ଆପ୍) 'ବୁଲି ବାଈ'କୁ ପ୍ରସ୍ତୁତ କରିବାରେ ସାମିଲ ଥିବା ଅଭିଯୋଗରେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ସାଇବର ପୋଲିସ ଟିମ୍ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରର ଜଣେ ଏମ୍‌ବିଏ ଡିଗ୍ରୀଧାରୀଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ୨୮ ବର୍ଷୀୟ ନୀରଜ ସିଂ। ଏହାପୂର୍ବରୁ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇଛି। ୫ମ ଅଭିଯୁକ୍ତ ଭାବେ ନୀରଜ ଗିରଫ ହେବା ପରେ ତାଙ୍କୁ ଝାରସୁଗୁଡ଼ା ଜିଲା ସିଜେଏମ୍ କୋର୍ଟରେ ହାଜର କରାଯାଇ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଅନୁମତି ପରେ ତାଙ୍କୁ ମୁମ୍ବାଇ ନିଆଯାଉଥିବା ଜଣାପଡ଼ିଛି।

ମୁସଲମାନ ମହିଳାଙ୍କୁ ଟାର୍ଗେଟ୍ କରି



ନୀରଜ ସିଂ

ବୁଲି ବାଈ ଆପ୍ ତିଆରି ହୋଇଥିଲା। ବିଶେଷ କରି ସୋସିଆଲ ମିଡିଆରେ ସକ୍ରିୟ ଥିବା ଜଣାଶୁଣା ତଥା ସମାଜରେ ପରିଚିତ ଶତାଧିକ ମୁସଲମାନ ମହିଳାଙ୍କ ଫଟୋକୁ ସେମାନଙ୍କ ଅଜାଣତରେ ଉକ୍ତ ଆପ୍‌ରେ ଅପ୍‌ଲୋଡ୍ କରାଯାଉଥିଲା ଏବଂ ତାହାକୁ ନିଲାମ ଓ ବିକ୍ରି ନିମନ୍ତେ ଦର୍ଶାଯାଉଥିଲା। ବାସ୍ତବରେ ଉକ୍ତ ମହିଳାମାନଙ୍କୁ ବଦନାମ କରିବା ଏବଂ ଭୟ ଦେଖାଇବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଉକ୍ତ ଆପ୍‌କୁ ମୁକ୍ତରେ ଉପଲବ୍ଧ ୱେବ୍ ପ୍ଲାଟ୍‌ଫର୍ମ 'ଗିଟ୍‌ହବ୍' ଜରିଆରେ ଖୋଲାଯାଇଥିଲା। ଆପ୍ ଦ୍ୱାରା ଟାର୍ଗେଟ୍ ହୋଇଥିବା ମହିଳାମାନଙ୍କ ଅଭିଯୋଗ କ୍ରମେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚର ସାଇବର ସେଲ୍ ପକ୍ଷରୁ ଅଜଣା ବ୍ୟକ୍ତିଙ୍କ ନାମରେ ଏତଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଗତ ୬ ତାରିଖରେ ବୁଲି ବାଈ ଆପ୍‌ର ମାଷ୍ଟରମାଇଣ୍ଡ ନୀରଜ ବିଷ୍ଣୋଇ (୨୧)ଙ୍କୁ ଦିଲ୍ଲୀ ପୋଲିସର ଇଣ୍ଟେଲିଜେନ୍ସ ଫ୍ୟୁଜନ ଏବଂ ଷ୍ଟ୍ରାଟେଜିକ୍ ଅପରେଶନ୍ସ(ଆଇଏଫ୍‌ଏସ୍‌ଓ) ୟୁନିଟ୍ ଆସାମର ଜୋରାହାଟରୁ ଗିରଫ କରିଥିଲା। ଏହାପୂର୍ବରୁ ଜାନୁୟାରୀ ୪ ଓ ୫ରେ ଦ୍ୱାଦଶ ଶ୍ରେଣୀ ଛାତ୍ରୀ ଶ୍ୱେତା ସିଂ(୧୮) ଏବଂ ଇଞ୍ଜିନିୟରିଂ ଛାତ୍ର ମୟଙ୍କ ରାୱଲ(୨୧)ଙ୍କୁ ଉତ୍ତରାଖଣ୍ଡରୁ ଏବଂ ଅନ୍ୟ ଜଣେ ଇଞ୍ଜିନିୟରିଂ ଛାତ୍ର ବିଶାଲ କୁମାର ଝା(୨୧)ଙ୍କୁ ବେଙ୍ଗାଲୁରୁରୁ ଗିରଫ କରାଯାଇଥିଲା। ସେମାନଙ୍କୁ ଜେରା ପରେ ଏହି ଘଟଣାରେ ଦେଶର ୨୫ରୁ ଊର୍ଦ୍ଧ୍ୱ ଯୁବତୀଯୁବକଙ୍କ ସମ୍ପୃକ୍ତି ଥିବା ପୋଲିସ କହିଛି। ଏହାର ଲିଙ୍କ୍ ଓଡ଼ିଶାରେ ରହିଥିବା ଜଣାପଡିବା ପରେ ମୁମ୍ବାଇ କ୍ରାଇମ୍‌ବ୍ରାଞ୍ଚ ସାଇବର ସେଲ୍ ☞ପୃଷ୍ଠା-୪

# ସହମତିରେ ଚୟନକୁ ଗୁରୁତ୍ୱ

**କୋରାପୁଟ,୨୦।୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୋଟିଆ ପଞ୍ଚାୟତରେ ସହମତିରେ ପ୍ରାର୍ଥୀ ଚୟନକୁ ଗୁରୁତ୍ୱ ଦିଆଯାଇଛି। କୋରାପୁଟସ୍ଥିତ ଏକ ହୋଟେଲରେ ଗୁରୁବାର ସନ୍ଧ୍ୟାରେ ବସିଥିବା ସର୍ବଦଳୀୟ ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେଡି, ଭାଜପା ଓ କଂଗ୍ରେସ ଦଳର ନେତାମାନେ ଉପସ୍ଥିତ ଥିଲେ। କୋରାପୁଟ

## ପଞ୍ଚାୟତ ନିର୍ବାଚନ

ବିଧାୟକ ରଘୁରାମ ପଡ଼ାଲ, ପଟ୍ଟାଙ୍ଗୀ ବିଧାୟକ ପୀତମ ପାଢ଼ୀ, ବରିଷ୍ଠ ଭାଜପା ନେତା ତଥା ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, କୋରାପୁଟ ଜିଲା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ବିଜେଡିର ପ୍ରଫୁଲ୍ଲ କୁମାର ପାଙ୍ଗୀ ପ୍ରମୁଖ ଉପସ୍ଥିତ ରହି କୋଟିଆ ନିର୍ବାଚନ ଉପରେ ନିଜ ମତ ରଖିଥିଲେ। କୋଟିଆରେ ସର୍ବସମ୍ମତିକ୍ରମେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବର ବଛାହେବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଜିଲା ପରିଷଦ ସଭ୍ୟ ମଧ୍ୟ ସର୍ବ ସମ୍ମତିକ୍ରମେ ବଛାହେବେ ବୋଲି ବୈଠକରେ ସ୍ଥିର ହୋଇଛି। ଯେଉଁ ପ୍ରାର୍ଥୀଙ୍କୁ ସର୍ବସମ୍ମତିରେ ବଛାଯିବ, ସେ ଯେକୌଣସି ଦଳରେ ଥାନ୍ତୁ ନା କାହିଁକି, ସେଥିରୁ ଇସ୍ତଫା ଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଶୁକ୍ରବାର ନାମାଙ୍କନପତ୍ର ଦାଖଲର ଶେଷ ଦିବସ ଥିବାବେଳେ କୋଟିଆ ପଞ୍ଚାୟତ ନିର୍ବାଚନ କ'ଣ ହେବ ତାହା ନେଇ ସମସ୍ତଙ୍କ ନଜର ରହିଛି। କୋଟିଆ ପଞ୍ଚାୟତରେ ୨୮ଟି ରାଜସ୍ୱ ଗ୍ରାମର ୧୩ ୱାର୍ଡରେ ମୋଟ ୫ ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ସୂଚନାଯୋଗ୍ୟ, ନାମାଙ୍କନପତ୍ର ଦାଖଲର ଚତୁର୍ଥ ଦିବସରେ କୋଟିଆ ପଞ୍ଚାୟତ ପାଇଁ ୬ ଜଣ ସରପଞ୍ଚ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୱାର୍ଡସଭ୍ୟ ଲାଗି ୮ ଓ ସମିତିସଭ୍ୟ ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି।

### କୋଟିଆରେ ଆନ୍ଧ୍ରର ସାଲୁର ବିଧାୟକ

**ପଟ୍ଟାଙ୍ଗୀ,୨୦।୧(ଡି.ଏନ.ଏ.)**

କୋଟିଆ ପଞ୍ଚାୟତରେ ସହମତି ଭିତ୍ତିରେ ନିର୍ବାଚନ ପାଇଁ କୋରାପୁଟରେ ସର୍ବଦଳୀୟ ବୈଠକ ବସିଥିବାବେଳେ ସେପଟେ ଆନ୍ଧ୍ରର ସାଲୁର ବିଧାୟକ ପିଡିକା ରାଜନା ଦୋରା ନେରିଡିବାଲସା ଗ୍ରାମରେ ଅନୁପ୍ରବେଶ କରି ଆନ୍ଧ୍ର ପକ୍ଷରୁ ଚାଲିଥିବା ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରିଛନ୍ତି। ତାଙ୍କ ସହ ୱାଇସିପିର ପି. ପ୍ରମିଳା, ଗୁର୍ଲି ରାଜାରାଓ ଏବଂ କୁରୁକୁଟି ପଞ୍ଚାୟତର ନାଏବ ସରପଞ୍ଚ ସାମ୍ବା ମୂର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ନିର୍ମାଣାଧୀନ କାର୍ଯ୍ୟର ତଦାରଖ କରି ଗ୍ରାମବାସୀଙ୍କ ସହ ଆଲୋଚନା କରି ଫେରିଛନ୍ତି।

# ଏନ୍‌ଇଇଟି-ପିଜି ଆଡମିଶନରେ ଓବିସି ସଂରକ୍ଷଣକୁ ଅନୁମତି

**ନୂଆଦିଲ୍ଲୀ ୨୦।୧**

ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ଏନ୍‌ଇଇଟି) ୟୁଜି ଓ ପିଜି ଆଡ୍‌ମିଶନରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) କୋଟାରେ ୨୭ ପ୍ରତିଶତ ସଂରକ୍ଷଣକୁ ଗୁରୁବାର ସୁପ୍ରିମକୋର୍ଟ ଅନୁମତି ଦେଇଛନ୍ତି। ପ୍ରତିଯୋଗିତାମୂଳକ ପରୀକ୍ଷାଗୁଡ଼ିକ ବ୍ୟକ୍ତିଙ୍କ ଉତ୍କର୍ଷ ତଥା ଦକ୍ଷତା ପ୍ରତିଫଳନ କରେ ନାହିଁ ବୋଲି ଟିପ୍ପଣୀ ଦେବା ସହ ସର୍ବୋଚ୍ଚ ଅଦାଲତ ଗତ ୭ ତାରିଖର ରାୟକୁ ବଳବତ୍ତର ରଖିଛନ୍ତି। ଯୋଗ୍ୟତା ସର୍ବଦା ସାମାଜିକ ଏବଂ ଆର୍ଥିକ ପୃଷ୍ଠଭୂମି ଆଧାରରେ ହେବା ଉଚିତ ବୋଲି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ ଏବଂ ଏ. ଏସ୍. ବୋପାନ୍ନାଙ୍କ



ଖଣ୍ଡପୀଠ କହିଛନ୍ତି। ଏନ୍‌ଇଇଟି-ପିଜିରେ ଆଡମିଶନ ପାଇଁ ଆର୍ଥିକ ଦୁର୍ବଳ ବର୍ଗ (ଇଡବ୍ଲ୍ୟୁଏସ୍) ନିମନ୍ତେ ଥିବା ମାନଦଣ୍ଡକୁ ନେଇ ସ୍ଥଗିତାଦେଶ ଲଗାଯାଇପାରିବ ନାହିଁ ଏବଂ ଏହି ବର୍ଗଙ୍କ ପାଇଁ ରହିଥିବା ବାର୍ଷିକ ଆୟ ସୀମା (୮ ଲକ୍ଷ ଟଙ୍କା) ଚଳିତ ପ୍ରବେଶିକା ବର୍ଷରେ ପ୍ରଯୁଜ୍ୟ ହେବ ବୋଲି କୋର୍ଟ କହିଛନ୍ତି।


## ସମୁଦ୍ର ଆଁରେ ଜାକର୍ତ୍ତା

**୨୦୫୦ ସୁଦ୍ଧା ପୃଥିବୀର ସମୁଦ୍ର ତଟବର୍ତ୍ତୀ ଜନବହୁଳ ଉଜନେରୁ ଅଧିକ ସହର ଜଳପ୍ଲାବନର ଶିକାର ହେବେ। ବଦଳୁଥିବା ଜଳବାୟୁ ଏବଂ ବିଶ୍ୱତାପନକୁ ନେଇ ଏଭଳି ଭବିଷ୍ୟବାଣୀ କରି ସାରିଛନ୍ତି ପାଣିପାଗ ବିଶେଷଜ୍ଞ, ଯାହା ସତ ହେବାକୁ ଯାଉଛି। ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତା ସମୁଦ୍ରରେ ଲୀନ ହେବାକୁ ବସିଥିବାବେଳେ ଏବେ ନୂଆ କ୍ୟାପିଟାଲ ସିଟି ସ୍ଥାପନ କରିବାକୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଜାକର୍ତ୍ତାଠାରୁ ୨,୦୦୦ କି.ମି. ଉତ୍ତର ପୂର୍ବରେ ଥିବା ଦ୍ୱୀପାଞ୍ଚଳକୁ ଏଥିଲାଗି ଚୟନ କରାଯାଇଛି, ଯାହାର ନାମ ରଖାଯାଇଛି 'ନୁସନ୍ତାରା'।**

# ନୂଆ ରାଜଧାନୀ 'ନୁସନ୍ତାରା'


**ନୂଆଦିଲ୍ଲୀ/ଜାକର୍ତ୍ତା, ୨୦।୧**

ପୃଥିବୀର ବୃହତ୍ତମ ଦ୍ୱୀପ ରାଷ୍ଟ୍ରସମୂହର ମାନ୍ୟତା ପାଇଛି ଇଣ୍ଡୋନେସିଆ। ୧୯,୦୪,୫୬୯ ବର୍ଗ କିଲୋମିଟର




ପରିବ୍ୟାପ୍ତ ଏହି ବୃହତ୍ ଭୂଖଣ୍ଡର ଜନସଂଖ୍ୟା ପ୍ରାୟ ୨୯ କୋଟି ୩୫ ଲକ୍ଷ। ପର୍ଯ୍ୟଟନ ସମ୍ଭାରରେ ଭରପୂର ଏହି ଦେଶ ପାଣିପାଗ ପରିବର୍ତ୍ତନ ଦ୍ୱାରା ସର୍ବାଧିକ ପ୍ରଭାବିତ ରାଷ୍ଟ୍ର ସୂଚୀରେ ରହିଛି। ତେବେ ରାଜଧାନୀ ଜାକର୍ତ୍ତାକୁ ନେଇ ସୃଷ୍ଟି ହୋଇଥିବା ବିପଦ ନିୟନ୍ତ୍ରଣ ବାହାରକୁ ଚାଲିଗଲାଣି। ତେଣୁ ଦୀର୍ଘଦିନର ବିଚାରବିମର୍ଶ ପରେ ଇଣ୍ଡୋନେସିଆ ପାର୍ଲାମେଣ୍ଟରେ ମଙ୍ଗଳବାର 'ନୁସନ୍ତାରା'କୁ ନୂତନ ରାଜଧାନୀ କରିବା ଲାଗି ବିଲ୍ ପାସ୍ ହୋଇଛି।

ଜାକର୍ତ୍ତାର ଜନସଂଖ୍ୟା କୋଟିଏରୁ ଊର୍ଦ୍ଧ୍ୱ। ଦକ୍ଷିଣ ଏସିଆର ଅନ୍ୟତମ ଏହି ବଡ଼ ସହରରେ ପ୍ରଦୂଷଣ ସୀମା ଟପିଲାଣି। ପ୍ରତିବର୍ଷ ସାମୁଦ୍ରିକ ଝଡ଼ର ତାଣ୍ଡବରେ ସାଧାରଣ ଜୀବନଯାତ୍ରା ସାଙ୍ଗକୁ ସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି। ଝଡ଼ବାତ୍ୟା ☞ପୃଷ୍ଠା-୪



## ୬-୧୧ ବର୍ଷ ପିଲାଙ୍କ ପାଇଁ ମାସ୍କ ବାଧ୍ୟତାମୂଳକ ନୁହେଁ


ମାତାପିତାଙ୍କ ତତ୍ତ୍ୱାବଧାନରେ ୬ରୁ ୧୧ ବର୍ଷର ପିଲା ମାସ୍କ ପିନ୍ଧିପାରିବେ। ତେବେ ଏହା ବାଧ୍ୟତାମୂଳକ ନୁହେଁ ବୋଲି ଗୁରୁବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ସଂଶୋଧିତ କରୋନା ଗାଇଡ୍‌ଲାଇନରେ କୁହାଯାଇଛି। ହେଲେ ୧୨ ବର୍ଷରୁ ଉର୍ଦ୍ଧ୍ୱ ପିଲା ମାସ୍କ ପିନ୍ଧିବା ଉଚିତ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସେହିପରି ଆଣ୍ଟିଭାଇରାଲ କିମ୍ବା ମନୋକ୍ଲୋନାଲ ଆଣ୍ଟିବଡି ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ସୁପାରିସ କରାଯିବ ନାହିଁ। କୋଭିଡ୍ ଭୂତାଣୁଜନିତ ସଂକ୍ରମଣ ହୋଇଥିବାରୁ ଆଣ୍ଟିମାଇକ୍ରୋବାୟାଲ୍ ବ୍ୟବହାରର ଆବଶ୍ୟକତା ନାହିଁ ବୋଲି ଏଥିରେ କୁହାଯାଇଛି।

# ୟୁକ୍ରେନ୍: ଗୁପ୍ତ ମିଶନରେ ରୁଷିଆ

ୟୁକ୍ରେନ୍ ଉପରେ କବ୍‌ଜା କରିବାକୁ ସିକ୍ରେଟ ମିଶନ ପ୍ରସ୍ତୁତ କରିଛି ରୁଷିଆ। ୟୁକ୍ରେନ୍‌କୁ ଚାରିପଟକୁ ଘେରିବା ପାଇଁ ସୀମାରେ ଲକ୍ଷାଧିକ ରୁଷୀୟ ସୈନ୍ୟ ମୁତୟନ ହୋଇଛନ୍ତି। ସୀମା ସଂଲଗ୍ନ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ବରଫାବୃତ୍ତ ହେଲେ ସେଠାକୁ ଅଧିକ ସୈନ୍ୟ ଏବଂ ଆର୍ଟିଲାରୀ ପଠାଇବାକୁ ରୁଷିଆ ଅପେକ୍ଷା କରିଛି। ବେଲାରୁଷ ସୀମା ନିକଟରେ ମଧ୍ୟ ଏହାର ସୈନ୍ୟ ପହଞ୍ଚିଛନ୍ତି। ବର୍ଡରରେ ଲାଗି ରହିଥିବା ଉତ୍ତେଜନା ଯୋଗୁ କୂଟନୀତି ମଧ୍ୟ ପ୍ରଭାବିତ ହୋଇଛି। ୟୁକ୍ରେନ ରାଜଧାନୀ କ୍ୱିଭ୍ ଦୂତାବାସରୁ ରୁଷିଆ ପ୍ରଥମେ ୧୮ ଏବଂ ପରେ ୩୦ କର୍ମଚାରୀଙ୍କୁ ମସ୍କୋ ଫେରାଇନେଇଛି। ଅନ୍ୟ ୨ କନ୍‌ସୁଲେଟ୍ କର୍ମଚାରୀଙ୍କୁ ଯେକୌଣସି ସମୟରେ ୟୁକ୍ରେନ୍ ଛାଡ଼ିବାକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିର୍ଦ୍ଦେଶ ଦେଇପାରନ୍ତି। ୟୁକ୍ରେନ ସହ ଯୁଦ୍ଧକରି ଏହାକୁ ଦଖଲ ଉଦ୍ୟମ କଲେ ପୁଟିନ୍‌ଙ୍କୁ ମହଙ୍ଗା ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚେତାବନୀ ଦେଇଛନ୍ତି।



## ପୁଟିନଙ୍କୁ ଯୁଦ୍ଧ ମହଙ୍ଗା ପଡ଼ିବ: ବାଇଡେନ୍



ଭ୍ଲାଡିମିର ପୁଟିନ୍



ଭୋଲୋଡିମିର ଜେଲେନସ୍କି



ଜୋ ବାଇଡେନ୍

ୱାଶିଂଟନ୍/ବର୍ଲିନ, ୨୦।୧

ୟୁକ୍ରେନକୁ ନେଇ ଆମେରିକା ଓ ରୁଷିଆ ମଧ୍ୟରେ ଯୁଦ୍ଧ ଆଶଙ୍କା ବଢ଼ିବାରେ ଲାଗିଛି। କୌଣସି ସମୟରେ ରୁଷିଆ ୟୁକ୍ରେନ ଉପରେ ଆକ୍ରମଣ କରିପାରେ ବୋଲି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି। ଆମେରିକାର ଡିପ୍ଲୋମାଟିକ୍ ପଲିସି ଏବଂ କଠୋର କଟକଣା ଭୟ ରୁଷିଆକୁ ୟୁକ୍ରେନ ସୀମାକୁ ସୈନ୍ୟ ପଠାଇବାରେ ଅଟକାଇପାରିବ ନାହିଁ। ଏହାକୁ ବେଖାତିର କରି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ ଉପରେ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଇପାରନ୍ତି। ଏପରି କି ସେ ପାଶ୍ଚାତ୍ୟ ଦେଶ, ଆମେରିକା ଏବଂ ନର୍ଥ ଆଟ୍‌ଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ(ନାଟୋ)ର ମଧ୍ୟ ପରୀକ୍ଷା ନେଇପାରନ୍ତି। କିନ୍ତୁ ଏହା ଦ୍ୱାରା ପୁଟିନ୍ ରୁଷିଆ ପାଇଁ ବଡ଼ ବିପର୍ଯ୍ୟୟକୁ ଡାକିଆଣିବେ। ବଦଳରେ ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ଏବଂ ପରେ ସେ ଅନୁତାପ କରିବେ ବୋଲି ବୁଧବାର ବାଇଡେନ୍ ଏକ ନ୍ୟୁଜ୍ କନ୍‌ଫରେନ୍ସରେ କହିଛନ୍ତି। ରୁଷିଆ ପ୍ରକୃତରେ ୟୁକ୍ରେନ ଉପରେ ଆକ୍ରମଣ କରିପାରିବ କି ନାହିଁ ପ୍ରଶ୍ନରେ ବାଇଡେନ୍ କହିଛନ୍ତି, ପୁଟିନ୍ ଏ ଦିଗରେ ଅଗ୍ରସର ହୋଇପାରନ୍ତି ବୋଲି ସେ ଅନୁମାନ କରୁଛନ୍ତି। କିନ୍ତୁ ଏହି ଉଦ୍ୟମ ସତ୍ତ୍ୱେ ରୁଷିଆ ସୈନ୍ୟ ୟୁକ୍ରେନର କିଛି ଦୂର ପର୍ଯ୍ୟନ୍ତ ହିଁ ଯାଇପାରିବେ। ପୁଟିନ୍ ସମ୍ପୂର୍ଣ୍ଣ ଭାବେ ୟୁକ୍ରେନ ଉପରେ ଆକ୍ରମଣ କରିପାରିବେ ନାହିଁ ବୋଲି ବାଇଡେନ୍ କହିଛନ୍ତି। ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ବୁଧବାର ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କୁ କ୍ୱିଭ୍‌ରେ ସାକ୍ଷାତ କରିଛନ୍ତି। ରୁଷିଆ ପକ୍ଷରୁ କୌଣସି ପ୍ରକାର ସାମରିକ ଆକ୍ରମଣ ହେଲେ ବାଇଡେନ୍ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଇତିମଧ୍ୟରେ ରାଷ୍ଟ୍ରପତି ଜେଲେନ୍‌ସ୍କି ଜାତି ଉଦ୍ଦେଶ୍ୟରେ ସମ୍ବୋଧିତ କରି ଭୟଭୀତ ନ ହେବା ପାଇଁ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି।

ବାଇଡେନ୍‌ଙ୍କ ଉକ୍ତ ମନ୍ତବ୍ୟ ଉପରେ କ୍ରେମଲିନ୍ ଜବାବ ରଖିଛି। ରୁଷିଆ ବିପକ୍ଷରେ କୌଣସି ପରିଣାମ ନେଇ ଚେତାବନୀ ସ୍ଥିତିକୁ ଆହୁରି ଗମ୍ଭୀର କରିବ। ବିବାଦ ଅଧିକ ତେଜିବ, ଯାହା ଦ୍ୱାରା ସ୍ଥିତି ଅଣାୟତ୍ତ ହୋଇପଡ଼ିବ ବୋଲି କ୍ରେମଲିନ୍ ପକ୍ଷରୁ କୁହାଯାଇଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ସମେତ ୟୁକ୍ରେନ ନିଜ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ଘଣ୍ଟ ଘୋଡ଼ାଇବା ପାଇଁ ଏହି ଅଭିଯାନ ଚଳାଇଛନ୍ତି। ଏଥିଯୋଗୁ କ୍ଷେତ୍ରୀୟ ସ୍ଥିରତା ଏବଂ ବୈଶ୍ୱିକ ଶାନ୍ତି ପ୍ରଭାବିତ ହେବ ବୋଲି ରୁଷିଆ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାରିଆ ଜାଖାରୋଭା କହିଛନ୍ତି। ସୋଭିଏଟ୍ ସଂଘଠାରୁ ଅଲଗା ହୋଇଥିଲେ ବି ୟୁକ୍ରେନ୍ ଉପରେ ନିଜର ଆଧିପତ୍ୟ ଚାହୁଁଛି ରୁଷିଆ। ତେବେ ୟୁକ୍ରେନ୍ ନାଟୋରେ ସାମିଲ ହେବାକୁ ଚାହୁଁଥିବାରୁ ରୁଷିଆ ଏହାର ବିରୋଧ କରୁଛି। ପାଶ୍ଚାତ୍ୟ ଦେଶଗୁଡ଼ିକ ୟୁକ୍ରେନକୁ ନାଟୋରେ ସାମିଲ କରାଇବା ନିମନ୍ତେ ଉଦ୍ୟମ କରୁଛନ୍ତି। ଶୀତଳ ଯୁଦ୍ଧବେଳେ ରୁଷିଆ ବିରୋଧରେ ବିଭିନ୍ନ ଦେଶକୁ ଏକାଠି କରି ଆମେରିକା ନାଟୋ ଗଠନ କରିଥିଲା।

### ପାଶ୍ଚାତ୍ୟର ମୁକାବିଲା ପ୍ରସ୍ତୁତି

ୟୁକ୍ରେନ ପ୍ରସଙ୍ଗରେ ରୁଷିଆର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଛି ଆମେରିକା ଏବଂ ନାଟୋ। ୟୁକ୍ରେନ ସହ ଆମେରିକାକୁ ସମସ୍ତ ସହଯୋଗ ଯୋଗାଇବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ପ୍ରସ୍ତୁତିରେ ଲାଗିଛନ୍ତି। ରୁଷିଆ ଟ୍ୟାଙ୍କର ମୁକାବିଲା ପାଇଁ ବ୍ରିଟେନ ନିଜର ଟ୍ୟାଙ୍କ୍ ନିରୋଧୀ କ୍ଷେପଣାସ୍ତ୍ରକୁ ୟୁକ୍ରେନ୍ ପଠାଇଛି। କାନାଡା ନିଜର ସ୍ୱତନ୍ତ୍ର ରେଜିମେଣ୍ଟକୁ କ୍ୱିଭ୍ ପଠାଇଛି। ଅନ୍ୟପକ୍ଷରେ ବେଲାରୁଷ ରୁଷିଆକୁ ସମର୍ଥନ କରିଛି। ଏହି ଦୁଇ ଦେଶ ମିଳିତ ଭାବେ ସମରାଭ୍ୟାସ ଚଳାଇଛନ୍ତି। ବେଲାରୁଷ ଓ ରୁଷିଆ ଆକ୍ରମଣ କରିପାରନ୍ତି ବୋଲି ୟୁକ୍ରେନ୍‌ର ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ମୁକାବିଲା ପାଇଁ ୟୁକ୍ରେନ ସେନା ମଧ୍ୟ ପ୍ରସ୍ତୁତ ଅଛି। ୟୁକ୍ରେନ୍ ଉପରେ ଆକ୍ରମଣ କଲେ ରୁଷିଆ ଉପରେ କଠୋର କଟକଣା ଲାଗୁ କରାଯିବ ବୋଲି ୟୁରୋପୀୟ ସଂଘ (ଇୟୁ) ଚେତାବନୀ ଦେଇଛି। ସେହିପରି ଯୁଦ୍ଧକୁ ରୋକିବା ପାଇଁ ରୁଷିଆ ସହ ଶେଷଥର ଲାଗି ବୈଠକ କରିବା ପୂର୍ବରୁ ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ ଗୁରୁବାର ସହଯୋଗୀଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ରୁଷିଆ ବହିର୍ବ୍ୟାପାର ମନ୍ତ୍ରୀ ସେରେଗି ଲାଭ୍‌ରୋଭ୍‌ଙ୍କ ସହ ବ୍ଲିଙ୍କେନ୍ କଥାବାର୍ତ୍ତା କରିବା ପୂର୍ବରୁ ପାଶ୍ଚାତ୍ୟ ଦେଶଗୁଡ଼ିକ ଏକ ସଂଯୁକ୍ତ କୂଟନୈତିକ ସାମ୍ମୁଖ୍ୟ ଗଠନ କରିବାକୁ ଯୋଜନା କରିଛନ୍ତି। ବୁଧବାର ବ୍ଲିଙ୍କେନ୍ କ୍ୱିଭ୍ ଗସ୍ତ କରିବା ସହ ଗୁରୁବାର ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ୍ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

## ସଂକ୍ଷେପରେ

### ଦିଲ୍ଲୀ ଦଙ୍ଗା: ଦୋଷୀଙ୍କୁ ୫ ବର୍ଷ ଜେଲ

**ନୂଆଦିଲ୍ଲୀ, ୨୦।୧:** ୨୦୨୦ ଦିଲ୍ଲୀ ଦଙ୍ଗା ଘଟଣାରେ ଏକ ସ୍ୱତନ୍ତ୍ର କୋର୍ଟ ଗୁରୁବାର ପ୍ରଥମ ଦଣ୍ଡାଦେଶ ଶୁଣାଇଛନ୍ତି। ଜଣେ ୭୩ ବର୍ଷୀୟା ମହିଳାଙ୍କ ଘର ଜାଳିଦେବା ଅଭିଯୋଗରେ ଅତିରିକ୍ତ ସେସନ୍ସ ଜଜ୍ ବୀରେନ୍ଦ୍ର ଭଟ୍ଟ ଅଭିଯୁକ୍ତ ଦୀପକ ଯାଦବଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଆଦେଶ ଦେଇଛନ୍ତି। ଏହା ପୂର୍ବରୁ ଗତ ଜୁଲାଇରେ ଜଣେ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। ବେଆଇନ କାର୍ଯ୍ୟକଳାପରେ ଲିପ୍ତ ଗୋଷ୍ଠୀର ସଦସ୍ୟ ହେବା, ଦଙ୍ଗାରେ ସମ୍ପୃକ୍ତି, ଦଙ୍ଗାରେ ଘାତକ ଅସ୍ତ୍ର ବ୍ୟବହାର, ଘର ନଷ୍ଟ କରିବା ତଥା ଜାଳିଦେବା, ଡକାୟତି ଆଦି ନେଇ ଦୀନେଶଙ୍କ ନାମରେ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଦୀନେଶ ମନୋରୀ ନାମ୍ନୀ ବୃଦ୍ଧାଙ୍କ ଘରେ ଡକାୟତି କରିବା ପରେ ନିଆଁ ଲଗାଇଦେଇଥିଲେ। ମନୋରୀ ଛାତରୁ ଡେଇଁ ଅନ୍ୟ ଜଣଙ୍କ ଘରେ ପଶି ନିଜ ଜୀବନ ବଞ୍ଚାଇଥିଲେ। ପରେ ୨ ସପ୍ତାହ ପର୍ଯ୍ୟନ୍ତ ସେ ଓ ତାଙ୍କ ପରିବାର ଦିଲ୍ଲୀ ବାହାରକୁ ପଳାଇଥିଲେ। ସୂଚନାଯୋଗ୍ୟ, ୨୦୨୦ ଫେବୃୟାରୀରେ ଦିଲ୍ଲୀରେ ଭୟଙ୍କର ଦଙ୍ଗା ହୋଇଥିଲା। ଏଥିରେ ୫୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ। ସେହିବର୍ଷ ଜୁନ୍ ୮ରେ ପୋଲିସ ଦୀନେଶଙ୍କୁ ଗିରଫ କରିଥିଲା।

### ଦଳାଚକଟାରେ ୨୯ ମୃତ



**ମୋନ୍‌ରୋଭିଆ, ୨୦।୧:** ପଶ୍ଚିମ ଆଫ୍ରିକୀୟ ରାଷ୍ଟ୍ର ଲାଇବେରିଆର ରାଜଧାନୀ ମୋନ୍‌ରୋଭିଆରେ ଗୁରୁବାର ଏକ ଧର୍ମୀୟ କାର୍ଯ୍ୟକ୍ରମ ବେଳେ ଦଳାଚକଟା ହୋଇଛି। ଏଥିରେ ୨୯ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ବୁଧବାର ବିଳମ୍ବିତ ରାତିରେ କିମ୍ବା ଗୁରୁବାର ଭୋର ସମୟରେ ଦଳାଚକଟା ହୋଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ କରିଛି। ପୋଲିସ ମୁଖପାତ୍ର ମୋସେସ୍ କାର୍ଟର କହିଛନ୍ତି, ୨୯ ଜଣଙ୍କ ଜୀବନ ଯାଇଥିବା ପ୍ରାଥମିକ ରିପୋର୍ଟରୁ ଜଣାପଡ଼ିଥିଲେ ହେଁ ମୃତ୍ୟୁସଂଖ୍ୟା ବଢ଼ିପାରେ। କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ସାମ୍ନାକୁ ଆସିନାହିଁ। ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ଲୋକେ ସାମୂହିକ ପ୍ରାର୍ଥନା 'କ୍ରୁସେଡ୍' ପାଇଁ ଏକ ଫୁଟ୍‌ବଲ ପଡ଼ିଆରେ ଏକତ୍ରିତ ହୋଇଥିବାବେଳେ ଏହି ଅଘଟଣ ଘଟିଥିବା କେତେକ ଗଣମାଧ୍ୟମରେ କୁହାଯାଇଛି। ୨୬ ବର୍ଷୀୟ ପ୍ରତ୍ୟକ୍ଷଦର୍ଶୀ ଇମାନ୍ୱେଲ ଗ୍ରେ କହିଛନ୍ତି, ପ୍ରାର୍ଥନା ଶେଷ ବେଳକୁ ସେ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ପାଇଥିଲେ। ଦେଖିବାବେଳକୁ ଚାରିଆଡ଼େ ମୃତଦେହଗୁଡ଼ିକ ପଡ଼ିରହିଥିଲା। ପ୍ରକାଶ ଯେ, ଲାଇବେରିଆ ହେଉଛି ଆଫ୍ରିକାର ସର୍ବପୁରାତନ ଗଣତାନ୍ତ୍ରିକ ରାଷ୍ଟ୍ର, ଯେଉଁଠି ୧୯୮୯ରୁ ୨୦୦୩ ମଧ୍ୟରେ ଗୋଟିଏ ପରେ ଗୋଟିଏ ଗୃହଯୁଦ୍ଧ ଲାଗିରହିଥିଲା। ୨୦୧୪ରେ ଲାଇବେରିଆ ଅଣ୍ଟା ସଳଖି ଛିଡ଼ା ହେବାବେଳକୁ ପଶ୍ଚିମ ଆଫ୍ରିକାକୁ ମାଡ଼ିଆସିଥିବା ଇବୋଲା ମହାମାରୀରେ ଏହି ଦେଶ ବହୁଳ ଭାବେ ପ୍ରଭାବିତ ହୋଇଥିଲା।

## ଲାହୋରରେ ବିସ୍ଫୋରଣ: ୩ ମୃତ

**ଲାହୋର, ୨୦।୧:** ପାକିସ୍ତାନସ୍ଥିତ ଲାହୋରର ଏକ ମାର୍କେଟରେ ଗୁରୁବାର ବୋମା ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୨୫ ଜଣ ଆହତ ହୋଇଛନ୍ତି। ଏକ ବାଇକ୍‌ରେ ଖଞ୍ଜାଯାଇଥିବା ଟାଇମ୍ ବୋମା ଯୋଗୁ ବିସ୍ଫୋରଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଲାହୋର ପୋଲିସ କହିଛି। ବିସ୍ଫୋରଣରେ ନିକଟରେ ଥିବା ଘର, ଦୋକାନର ଝରକା କବାଟ ଉଡ଼ି ଯାଇଥିଲା। ତେବେ କେହି ବିସ୍ଫୋରଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ଗତ ଡିସେମ୍ବରଠାରୁ ପାକିସ୍ତାନରେ ପୋଲିସକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଉଥିବା ଦେଖାଯାଇଛି। ଅଧିକାଂଶ ଆକ୍ରମଣ ଘଟଣାରେ ତେହ୍‌ରିକ୍-ଇ-ତାଲିବାନ୍ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି। ସଦ୍ୟ ବିସ୍ଫୋରଣ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୋକବ୍ୟକ୍ତ କରିଛନ୍ତି।




ବିସ୍ଫୋରଣ ପରେ ପୋଲିସର ତନାଘନା।



ଦିଲ୍ଲୀର ବିଜୟ ଚୌକରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବା ପାଇଁ ଗୁରୁବାର ଶୀତୁଆ ସକାଳରେ କଳାକାରମାନେ ଅଭ୍ୟାସ କରୁଛନ୍ତି।

## ପାରିକରଙ୍କ ପୁଅଙ୍କୁ ଟିକେଟ ଦେଲାନି ଭାଜପା



ପଣଜୀ, ୨୦।୧

ଗୋଆର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ପୁଅ ଉତ୍ପଳ ପାରିକର ବାପାଙ୍କ ପଣଜୀ ଆସନରୁ ଲଢ଼ିବାକୁ ଚାହୁଁଥିଲେ। ଏଥିପାଇଁ ସେ ଭାଜପାକୁ ଟିକେଟ ମାଗିଥିଲେ। ହେଲେ ଭାଜପା ତାଙ୍କୁ ଟିକେଟ ଦେଲା ନାହିଁ। କଂଗ୍ରେସରୁ ଆସିଥିବା ଆଟାନାସିଓ 'ବାବୁଶ୍' ମୋନ୍‌ସେରଟେଙ୍କୁ ଭାଜପା ଏହି ଆସନରେ ପ୍ରାର୍ଥୀ କରିଛି। ଇଞ୍ଜିନିୟରିଂରେ ସ୍ନାତକ ଉତ୍ପଳ ଭାଜପା ଟିକେଟରୁ ବଞ୍ଚିତ ହେବା ପରେ କହିଛନ୍ତି, ସେ ଖୁବ୍‌ଶୀଘ୍ର ନିଜ ଆଭିମୁଖ୍ୟ ସ୍ପଷ୍ଟ କରିବେ। ଅନ୍ୟପକ୍ଷେ ଭାଜପାର ଗୋଆ ପ୍ରଭାରୀ ଦେବେନ୍ଦ୍ର ଫଡ୍‌ନବିସ୍ ବିଦ୍ରୋହ ଆଶଙ୍କା କରି କହିଛନ୍ତି, ପାରିକର ପରିବାର ପ୍ରତି ଦଳର ସମ୍ମାନ ରହିଛି। ଉତ୍ପଳଙ୍କୁ ଦୁଇଟି ବିକଳ୍ପ ଦିଆଯାଇଛି। ସେ ତହିଁରୁ ଗୋଟିଏକୁ ଗ୍ରହଣ କରିବେ ବୋଲି ଆଶା। ଇତିମଧ୍ୟରେ ଭାଜପାର ପ୍ରାର୍ଥୀ ତାଲିକା ଘୋଷଣା ପରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲ ଟୁଇଟ୍ କରିଛନ୍ତି, ଉତ୍ପଳ ପାରିକର ଚାହିଁଲେ ଆମ ଦଳକୁ ଆସିପାରିବେ। ତାଙ୍କୁ ନିର୍ବାଚନ ଲଢ଼ିବା ପାଇଁ ଏଏପି ଟିକେଟ ଦେବ। ପ୍ରକାଶ ଯେ, ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକର ଗୋଆରେ ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିଲେ। ଭାଜପାର ଶୀର୍ଷ ନେତାଙ୍କ ମଧ୍ୟରେ ପରିଗଣିତ ହେଉଥିବା ପାରିକର ୨୫ ବର୍ଷ ଧରି ପଣଜୀ ଆସନରୁ ବିଧାନସଭାରେ ପ୍ରତିନିଧିତ୍ୱ କରିଥିଲେ। ୨୦୧୯ରେ ତାଙ୍କ ପରଲୋକ ହୋଇଥିଲା। ପାରିକରଙ୍କ ପରଲୋକ ପରେ ବାବୁଶ୍ ଏହି ଆସନରେ ଜିତିଥିଲେ। ପରେ ସେ ଭାଜପାକୁ ଡିଆଁ ମାରିଥିଲେ।

### ପିଏଲ୍‌ଏକୁ କହିଲା ଭାରତୀୟ ସେନା
## ଅପହୃତ ନାବାଳକଙ୍କୁ ଫେରାଅ

ଇଟାନଗର, ୨୦।୧


ଚାଇନାର ପିପୁଲ୍ସ ଲିବରେଶନ ଆର୍ମି(ପିଏଲ୍‌ଏ) ସୈନ୍ୟ ଅରୁଣାଚଳ ପ୍ରଦେଶରେ ଅନୁପ୍ରବେଶ କରି ଜଣେ ୧୭ ବର୍ଷୀୟ ବାଳକଙ୍କୁ ଅପହରଣ କରି ନେଇଥିବା ଜଣାପଡ଼ିବା ପରେ ଭାରତୀୟ ସେନା ପଦକ୍ଷେପ ନେଇଛି। ନାବାଳକଙ୍କୁ ତୁରନ୍ତ ଫେରାଇଦେବାକୁ ପିଏଲ୍‌ଏକୁ କୁହାଯାଇଛି। ଏ ନେଇ ପ୍ରତିରକ୍ଷା ବିଭାଗର ଲୋକ ସମ୍ପର୍କ ଅଧିକାରୀ (ପିଆରଓ) ପକ୍ଷରୁ ଗୁରୁବାର ଏକ ଟୁଇଟ କରାଯାଇଛି। ନାବାଳକ ଅପହୃତ ମିରାମ ତାରୋନ୍‌ଙ୍କୁ ପ୍ରୋଟୋକଲ ମଧ୍ୟରେ ମୁକ୍ତ କରିବାକୁ କୁହାଯାଇଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ହସ୍ତକ୍ଷେପ କରି ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ଅଭିଯୋଗକୁ ଖଣ୍ଡନ କରିଛି। ସିଆଙ୍ଗ ଜିଲ୍ଲାରୁ ପିଏଲ୍‌ଏ ସୈନ୍ୟମାନେ ବୁଧବାର ମିରାମଙ୍କୁ ଅପହରଣ କରିନେଇଥିବା ସେଠାକାର ଏମ୍‌ପି ତାପିର ଗାଓ ଅଭିଯୋଗ ଆଣିଥିଲେ।

## ସମାନତାର ପ୍ରତୀକ ଶ୍ରୀ ରାମାନୁଜାଚାର୍ଯ୍ୟ

ହାଇଦ୍ରାବାଦ, ୨୦।୧

ଏକାଦଶ ଶତାବ୍ଦୀର ସମାଜ ସୁଧାରକ ସନ୍ଥ ରାମାନୁଜାଚାର୍ଯ୍ୟଙ୍କ ୨୧୬ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବାକୁ ଯାଉଛି, ଯାହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫେବୃୟାରୀ ୫ରେ ବିଶ୍ୱକୁ ଉତ୍ସର୍ଗ କରିବେ। ଏହାକୁ ଆସନ ମୁଦ୍ରାରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ପ୍ରତିମୂର୍ତ୍ତି ବୋଲି ବିବେଚନା କରାଯାଉଛି। ହାଇଦ୍ରାବାଦ ନିକଟ ଏକ ୪୫ ଏକର ପରିମିତ କମ୍ପ୍ଲେକ୍ସରେ ଏହାକୁ ନିର୍ମାଣ କରାଯାଇଥିବା ଚିନ୍ନା ଜୀୟାର ସ୍ୱାମୀ ଆଶ୍ରମ ପକ୍ଷରୁ ବିବୃତିରେ କୁହାଯାଇଛି।

୧୦୦୦ କୋଟି ଟଙ୍କା ଖର୍ଚ୍ଚରେ ନିର୍ମିତ ଏହି ପ୍ରକଳ୍ପ ପାଇଁ ସାରା ବିଶ୍ୱର ଭକ୍ତମାନେ ଦାନ କରିଛନ୍ତି। ଶ୍ରୀ ରାମାନୁଜାଚାର୍ଯ୍ୟଙ୍କ ଧରାବତରଣରୁ ଦେହାବସାନ (୧୨୦ ବର୍ଷ)କୁ ମନେପକାଇବା ପାଇଁ ୧୨୦ କେ.ଜି ସୁନାରେ ଗର୍ଭଗୃହ ନିର୍ମାଣ କରାଯାଇଛି। ଗର୍ଭଗୃହକୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଫେବୃୟାରୀ ୧୩ରେ ଅନାବରଣ କରିବେ। ଚିନ୍ନା ଜୀୟାର ସ୍ୱାମୀ କହିଛନ୍ତି, ଭଗବଦ୍ ରାମାନୁଜାଚାର୍ଯ୍ୟ ୧୦୦୦ ବର୍ଷ ଧରି ସମାନତାର ପ୍ରତୀକ ହୋଇ ରହିଆସିଛନ୍ତି। ତାଙ୍କ ଉଦ୍ଦେଶ୍ୟରେ ନିର୍ମିତ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ବା ସମାନତାର ପ୍ରତିମୂର୍ତ୍ତି ଅନାବରଣ ମହୋତ୍ସବକୁ ଆମେ ସମସ୍ତ ଭକ୍ତଙ୍କୁ ସ୍ୱାଗତ କରୁଛୁ। ଏଥିରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ସମେତ ଅନ୍ୟ କେତେଜଣ ମୁଖ୍ୟମନ୍ତ୍ରୀ, ରାଜନେତା, ସେଲିବ୍ରିଟି, ଅଭିନେତା ଯୋଗଦେବା କାର୍ଯ୍ୟକ୍ରମ ରହିଛି। ପ୍ରକାଶ ଯେ, ଥାଇଲାଣ୍ଡରେ ଥିବା ବୁଦ୍ଧମୂର୍ତ୍ତିକୁ ଆସନ ମୁଦ୍ରାରେ ବିଶ୍ୱର ସର୍ବବୃହତ୍ ମୂର୍ତ୍ତି ବିବେଚନା କରାଯାଏ।



- ୫ରେ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟିର ଅନାବରଣ
- ଆସନ ମୁଦ୍ରାରେ ବିଶ୍ୱର ଦ୍ୱିତୀୟ ବୃହତ୍ ପ୍ରତିମୂର୍ତ୍ତି

୧୦୧୭ ମସିହାରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଜନ୍ମିତ ଶ୍ରୀ ରାମାନୁଜାଚାର୍ଯ୍ୟ ସାମାଜିକ, ସାଂସ୍କୃତିକ, ଲିଙ୍ଗଗତ, ଶୈକ୍ଷିକ ଓ ଆର୍ଥିକ ବୈଷମ୍ୟରୁ ଲକ୍ଷ ଲକ୍ଷ ଲୋକଙ୍କୁ ମୁକ୍ତ କରିଥିଲେ। ଜାତୀୟତା, ଲିଙ୍ଗଗତ, ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁ ମଣିଷ ସମାନ ବୋଲି ସେ ହୃଦୟଙ୍ଗମ କରିଥିଲେ। ରାମାନୁଜାଚାର୍ଯ୍ୟ ଭେଦଭାବର ଶିକାର ହୋଇଥିବା ଜାତି ସମେତ ସମସ୍ତଙ୍କ ପାଇଁ ମନ୍ଦିରର ଦ୍ୱାର ଖୋଲିଦେଇଥିଲେ। ସାରା ବିଶ୍ୱରେ ତାଙ୍କୁ ସାମାଜିକ ସଂସ୍କାର କ୍ଷେତ୍ରରେ ସମାନତାର ପ୍ରତୀକ ରୂପେ ବିବେଚନା କରାଯାଏ।

## ୩ ଲକ୍ଷ ଡେଇଁଲା ଦୈନିକ ସଂକ୍ରମଣ

ନୂଆଦିଲ୍ଲୀ, ୨୦।୧

ଦେଶରେ ଗତ ୨୪୯ ଦିନ ମଧ୍ୟରେ ସର୍ବାଧିକ ସଂକ୍ରମଣ ଗତ ୨୪ ଘଣ୍ଟାରେ ଦେଖିବାକୁ ମିଳିଛି। ଭାରତରେ ଦୈନିକ ସଂକ୍ରମଣ ୩ ଲକ୍ଷ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ମୋଟ ୩,୧୭,୫୩୨ ଜଣ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ଏହାକୁ ମିଶାଇ ସମୁଦାୟ ସଂକ୍ରମଣ ୩,୮୨,୧୮,୭୭୩କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୯,୨୮୭ ଓମିକ୍ରନ୍ ମାମଲା ରହିଥିବା ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ସକ୍ରିୟ ମାମଲା ୧୯,୨୪,୦୫୧କୁ ବଢ଼ିଛି ଯାହା କି, ଗତ ୨୩୪ ଦିନରେ ସର୍ବାଧିକ ଏବଂ ମୋଟ ସଂକ୍ରମଣର ୫.୦୩ ପ୍ରତିଶତ। ଦିନକରେ ୪୯୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଫଳରେ ମୋଟ କରୋନା ମୃତକଙ୍କ ସଂଖ୍ୟା ୪,୮୭,୬୯୩କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟାରେ କେରଳରେ ସର୍ବାଧିକ ୧୩୪ ଜଣଙ୍କ ମୃତ୍ୟୁ ଘଟିଛି। ବୁଧବାର ତୁଳନାରେ ଓମିକ୍ରନ୍ ମାମଲା ୩.୬୩ ପ୍ରତିଶତ ବଢ଼ିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆରୋଗ୍ୟ ହାର ୯୩.୦୯ ପ୍ରତିଶତ ରହିଛି। ଗତ ବର୍ଷ ମେ' ୧୫ରେ ଦୈନିକ ସଂକ୍ରମଣ ୩,୧୧,୧୭୦ ରହିଥିଲା। ଦୈନିକ ପଜିଟିଭିଟି ରେଟ୍ ୧୬.୪୧ ପ୍ରତିଶତ ରହିଛି।

### ଅର୍ଥାଭାବରୁ ୫ ଜିନୋମ ସିକ୍ୱେନ୍ସିଂ ଲାବ୍ ବନ୍ଦ

କୋଭିଡ୍ ନମୁନାରୁ ଏହାର ଭାରିଆଣ୍ଟ ଚିହ୍ନଟ ପାଇଁ ଜିନୋମ ସିକ୍ୱେନ୍ସିଂ ଆବଶ୍ୟକ ଥିବାବେଳେ ଦେଶରେ ୫ ଲାବ୍ ଅର୍ଥାଭାବରୁ ବନ୍ଦ ହୋଇଥିବା ଜଣାପଡ଼ିଛି। ଜିନୋମ୍ ସିକ୍ୱେନ୍ସିଂ ପାଇଁ ଜରୁରୀ ରାସାୟନିକ ପଦାର୍ଥ ଅଭାବ ପୂରଣ ନିମନ୍ତେ ଫଣ୍ଡ ନ ଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଫଳରେ ଆଇଏନ୍‌ଏସ୍‌ଏସିଓଜି କିମ୍ବା ଇଣ୍ଡିଆନ୍ ସାର୍ସ-କୋଭ୍-୨ ଜେନେଟିକ୍ସ କନ୍‌ସୋର୍ଟିୟମର ୩୮ ଲାବ୍‌ରୁ ୫ଟି ଲାବ୍‌ରେ ଜିନୋମ୍ ସିକ୍ୱେନ୍ସିଂ ବନ୍ଦ ରହିଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଦେଶରେ ଅଧିକରୁ ଅଧିକ ନମୁନାରେ ଥିବା କୋଭିଡ୍ ଭାରିଆଣ୍ଟକୁ ଚିହ୍ନଟ ନିମନ୍ତେ ଜିନୋମ୍ ସିକ୍ୱେନ୍ସିଂ ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଆବଶ୍ୟକ କେମିକାଲ ରିଏଜେଣ୍ଟର ଅଭାବ ଉପୁଜିଛି। ଏହି ରିଏଜେଣ୍ଟ ବା ରାସାୟନିକ ମିଶ୍ରଣ ଦ୍ୱାରା କରୋନାର ଭାରିଆଣ୍ଟ ଚିହ୍ନଟ ହୋଇଥାଏ। ଅନ୍ୟପକ୍ଷରେ ଗତ ମାସ ତୁଳନାରେ ଚଳିତ ମାସରେ ସିକ୍ୱେନ୍ସିଂ ୪୦ ପ୍ରତିଶତ କମିଛି। ଓମିକ୍ରନ ସଂକ୍ରମଣ ଆରମ୍ଭ ହେବା ପରଠାରୁ ଗତ ନଭେମ୍ବରରୁ କେବଳ ୨୫ ହଜାର ନମୁନାର ଜିନୋମ ସିକ୍ୱେନ୍ସିଂ କରାଯାଇଛି। ସମସ୍ତ କୋଭିଡ୍ ନମୁନାର ଜିନୋମ ସିକ୍ୱେନ୍ସିଂ ସମ୍ଭବ ନୁହେଁ ବୋଲି ଗତ ଡିସେମ୍ବରରେ ଭାରତର କୋଭିଡ୍ ଟାସ୍କଫୋର୍ସ ମୁଖ୍ୟ ଡା. ଭି. କେ. ପଲ୍ କହିଥିଲେ। ଏହା ଭିତରେ ଲାବ୍ ବନ୍ଦ ହେବା ଖବର ସାମ୍ନାକୁ ଆସିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୪,୦୩,୪୪,୧୦୧ | ୫୫,୮୬,୫୭୮ | ୨୭,୩୫,୮୯,୦୨୭ |
| ଭାରତ | ୩,୮୨,୧୮,୭୭୩ | ୪,୮୭,୭୧୯ | ୩,୫୮,୦୭,୦୨୯ |
| ଓଡ଼ିଶା | ୧୧,୭୭,୪୬୨ | ୮୫୦୧(+୫୩) | ୧୦,୮୯,୦୩୩ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଆଜି ନାମାଙ୍କନ ଶେଷ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ କାର୍ଯ୍ୟ ଜୋରସୋରରେ ଚାଲିଛି। ଗତ ୪ ଦିନ ହେବ ୱାର୍ଡମେମ୍ବର, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଏବଂ ଜିଲା ପରିଷଦ ସଦସ୍ୟଙ୍କ ପାଇଁ ପ୍ରାର୍ଥୀପତ୍ର ଦାଖଲ ହେଉଛି। ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଚତୁର୍ଥ ଦିବସରେ ୪୦,୭୩୨ ୱାର୍ଡମେମ୍ବର ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ସରପଞ୍ଚ ପାଇଁ ୮୮୪୨, ପଞ୍ଚାୟତ ସମିତି ସଦସ୍ୟ ପାଇଁ ୭୮୩୨ ଏବଂ ଜିଲା ପରିଷଦ ସଦସ୍ୟ ପାଇଁ ୧୧୮୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ସମସ୍ତ ପଦବୀ ପାଇଁ ମୋଟ ୫୮ ହଜାର ୫୮୮ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଜାନୁୟାରୀ ୧୭ ତାରିଖରୁ ଆରମ୍ଭ ହୋଇଥିବା ପ୍ରାର୍ଥୀପତ୍ର ଦାଖଲ ୨୧ ତାରିଖରେ ଶେଷ ହେବ। ଶେଷ ଦିବସ ଥିବାରୁ ଅଧିକ ସଂଖ୍ୟାରେ ପ୍ରାର୍ଥୀପତ୍ର ଦାଖଲ ହେବ ବୋଲି ଅନୁମାନ କରାଯାଉଛି। ଚଳିତଥର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୋଟ ୯୧,୯୧୩ ୱାର୍ଡମେମ୍ବର, ୬,୭୯୪ ସରପଞ୍ଚ, ୬,୭୯୩ ପଞ୍ଚାୟତ ସମିତି ସଭ୍ୟ ଓ ୮୫୩ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭୋଟଗ୍ରହଣ ହେବ। ରାଜ୍ୟର ମୋଟ ୨କୋଟି ୭୯ଲକ୍ଷ ୩୫ହଜାର ୫୨୦ ଭୋଟର ନିଜର ମତଦାନ କରିବେ। ତେବେ ଜଗତ୍‌ସିଂହପୁର ଜିଲାର ଡିଙ୍କିଆ ପଞ୍ଚାୟତରେ ସରପଞ୍ଚ ଏବଂ ୱାର୍ଡମେମ୍ବର ପାଇଁ ନିର୍ବାଚନ ହେବ ନାହିଁ।

**୪ର୍ଥ ଦିନରେ ଦାଖଲ କଲେ ୫୮,୫୮୮**

## ବିଲେଇସର୍ଡାରେ ଅବାଧ ନିର୍ବାଚନ ପରିଚାଳନା ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ବଲାଙ୍ଗୀର ଜିଲା ବିଲେଇସର୍ଡା ସରପଞ୍ଚ ପଦବୀ ନିଲାମ ପ୍ରସଙ୍ଗ ରାଜ୍ୟ ରାଜନୀତିକୁ ସରଗରମ କରିଛି। ସେଠାରେ ଅବାଧ ନିର୍ବାଚନ ପରିଚାଳନା କରିବା ଏବଂ କେହି ଯେପରି ପ୍ରାର୍ଥୀପତ୍ର ଦାଖଲରୁ ବଞ୍ଚିତ ନ ହେବେ, ତାହା ନିଶ୍ଚିତ କରିବାକୁ ଜିଲାପାଳଙ୍କୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ପୁରୁଷୋତ୍ତମପୁର ପଞ୍ଚାୟତର ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍) ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ)ଙ୍କ ବିରୋଧରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ ଆସିଛି। ଉଭୟେ ପଞ୍ଚାୟତ କାର୍ଯ୍ୟାଳୟକୁ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରଚାର କାର୍ଯ୍ୟରେ ବ୍ୟବହାର କରୁଥିବା ନେଇ ଗୁରୁବାର ଭାଜପା ପକ୍ଷରୁ ଅଭିଯୋଗ ହୋଇଥିଲା। ଏହାପରେ ଜିଆର୍‌ଏସ୍‌ଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହ ପିଇଓଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ରାଜ୍ୟ ନିର୍ବାଚନ କମିଶନର ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନୁରୂପ ଭାବେ ରାଜ୍ୟର ସରକାରୀ କୋଠା ଏବଂ ସର୍ବସାଧାରଣ ସ୍ଥାନରେ ଲଗାଯାଇଥିବା ବ୍ୟାନର, ପୋଷ୍ଟର ଏବଂ ହୋର୍ଡିଂଗୁଡ଼ିକୁ ହଟାଇବା ନେଇ ଭିଡିଓ କନ୍‌ଫରେନ୍ସ ଜରିଆରେ ସେ ଜିଲାପାଳଙ୍କ ସହିତ ବିସ୍ତୃତ ଆଲୋଚନା କରିଛନ୍ତି।

**ପୁରୁଷୋତ୍ତମପୁର ଜିଆରଏସ୍, ପିଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ**

## ଓସିଏସ୍ ମେନ୍ ଆରମ୍ଭ

କଟକ ଅଫିସ,୨୦।୧: ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସେସ୍ (ଓସିଏସ୍) ମେନ୍ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଚଳିତବର୍ଷ ୪,୭୫୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବା ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୮୦.୫ % ପରୀକ୍ଷା ଦେଇଥିବା ଓପିଏସ୍‌ସି ଅତିରିକ୍ତ ସଚିବ ସତ୍ୟବ୍ରତ ରାୟ ସୂଚନା ଦେଇଛନ୍ତି। ୫ଟି ଜୋନ୍‌ର ୧୬ଟି ପରୀକ୍ଷା କେନ୍ଦ୍ରରେ କୋଭିଡ୍ କଟକଣା ଅନୁଯାୟୀ ଏହି ପରୀକ୍ଷା ହୋଇଥିଲା। ଆସନ୍ତା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ୨ଟି ସିଟିଂରେ ଏହି ପରୀକ୍ଷା ଚାଲିବ।

## ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣଙ୍କ ପରଲୋକ

**ଭଣ୍ଡାରିପୋଖରୀ, ୨୦।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀ ଶଶିଭୂଷଣ ଦାସ (୯୩)ଙ୍କ ଗୁରୁବାର ଅପରାହ୍ଣରେ ସରସଦା ପଞ୍ଚାୟତ ପିରିପୁର ଗ୍ରାମ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ଝିଅ, ପୁଅ, ଜ୍ୱାଇଁ, ନାତୁଣୀ, ନାତି, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଶଯ୍ୟାଶାୟୀ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ହୃଷୀକେଶ ମୁଖାଗ୍ନି ଦେଇଥିଲେ। ଶଶିଭୂଷଣ ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରିପୋଖରୀ ଥାନାପୋଡ଼ିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ସଂଗ୍ରାମୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବାଲ୍ୟ ଶିକ୍ଷାକୁ ପଛରେ ପକାଇ ଆନ୍ଦୋଳନରେ ସାମିଲ ହୋଇଥିଲେ। ନାବାଳକ ଥିବାରୁ ଗିରଫଦାରିରୁ ବର୍ତ୍ତି ଯାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଅଣବନ୍ଦୀ ସଂଗ୍ରାମୀ ଭାବେ ତାଙ୍କୁ ମାନ୍ୟତା ପ୍ରଦାନ କରାଯାଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ପରେ ସାମାଜିକ କର୍ମୀ ବଦ୍ରିନାରାୟଣ ଧଳ, ଡମ୍ବରୁଧର ବେହେରା, ରାମଚନ୍ଦ୍ର ସେନାପତି ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।


ଶଶିଭୂଷଣ ଦାସ

# ବ୍ରହ୍ମୋସର ସଫଳ ପରୀକ୍ଷଣ

**ବାଲେଶ୍ୱର ଅଫିସ, ୨୦।୧**

ପରିବର୍ଦ୍ଧିତ ସୁପରସୋନିକ୍ କ୍ରୁଜ୍ ମିଶାଇଲ ବ୍ରହ୍ମୋସର ପରୀକ୍ଷଣ ସଫଳ ହୋଇଛି। ବାଲେଶ୍ୱର ଚାନ୍ଦିପୁର ଆଇଟିଆର୍ ୩ନମ୍ବର ଲଞ୍ଚପ୍ୟାଡ୍‌ରୁ ଗୁରୁବାର ପୂର୍ବାହ୍ଣ ୧୦ଟା ୩୦ମିନିଟ୍‌ରେ ଏହି କ୍ଷେପଣାସ୍ତ୍ରର ପରୀକ୍ଷଣ ହୋଇଥିଲା। ପରୀକ୍ଷଣ ସମୟରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆର୍‌ଡିଓ) ପକ୍ଷରୁ ସମସ୍ତ ଟ୍ରାଜେକ୍ଟୋରିକୁ ଅନୁସରଣ କରାଯାଇଥିଲା।

ପୂର୍ବରୁ ଏହି କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୨୯୦ କି.ମି. ଥିଲା। ତେବେ ବ୍ରହ୍ମୋସର ପରିବର୍ଦ୍ଧିତ ସଂସ୍କରଣର ଲକ୍ଷ୍ୟଭେଦ କ୍ଷମତା ଅଧିକ ୪ଶହ କି.ମି. ବୃଦ୍ଧି ପାଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ ସୂଚିତ କରାଯାଇଛି। ଭାରତ ଓ ରୁଷିଆ ମିଳିତ ସହଯୋଗରେ ନିର୍ମିତ ଏହି କ୍ଷେପଣାସ୍ତ୍ରର ଲମ୍ବ ୮. ୪ ମିଟର ଓ ଚଉଡ଼ା ୦. ୬ ମିଟର। ଏହା ୨.୫ ଟନ ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ବହୁମୁଖୀ ବ୍ରହ୍ମୋସକୁ କ୍ରମାଗତ ଭାବେ ନବୀକରଣ କରାଯାଇ ସମୁଦ୍ର ଏବଂ ସ୍ଥଳଭାଗର ଲକ୍ଷ୍ୟ ଉପରେ ଏହାର ପ୍ରଭାବକୁ ବର୍ଦ୍ଧିତ କରାଯାଉଛି। ଏହି କ୍ଷେପଣାସ୍ତ୍ର ସଶସ୍ତ୍ର ବାହିନୀରେ ଅନ୍ତର୍ଭୁକ୍ତ ହୋଇସାରିଛି। ତେବେ ଆଜିର ସଫଳ ପରୀକ୍ଷଣ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆର୍‌ଡିଓ ଏବଂ ପରୀକ୍ଷଣରେ ସାମିଲ୍ ଥିବା ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।


୩ ନମ୍ବର ଲଞ୍ଚପ୍ୟାଡ୍‌ରୁ ପରୀକ୍ଷଣ କରାଯାଉଥିବା ବ୍ରହ୍ମୋସ୍।










**ଆଜିର ମନ୍ତବ୍ୟ**

ଦେଶରେ ସମାନତା ଓ ସାମାଜିକ ନ୍ୟାୟର ମୂଳଦୂଆ ଉପରେ ଏକ ସମାଜ ଗଠନ କରାଯାଉଛି। ଏହି ବ୍ୟବସ୍ଥାରେ ଭେଦଭାବର କୌଣସି ସ୍ଥାନ ନାହିଁ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯୁବତୀ ନାରୀକି ବାପଘର ପିତା ଟୋକୀଙ୍କ ପିତା ଯେ ବୁଢ଼ା ଘଇତା।**

ଝିଅଟି ଯେବେ ଘରଯୋଗ୍ୟା ହୁଏ ସେତେବେଳେ ତା'ର ବିବାହ କରିଦିଆଯିବା ଉଚିତ ହୋଇଥାଏ। ଯୁବାବସ୍ଥାରେ ବାପଘର ଆଉ ତାଙ୍କୁ ଭଲ ଲାଗି ନ ଥାଏ। ବିବାହ ସମୟରେ ବର ଓ କନ୍ୟାଙ୍କ ବୟସ ମଧ୍ୟରେ ଅଧିକ ଫରକ ରହିବା ଅନୁଚିତ, ଅନ୍ୟଥା ପରସ୍ପର ମଧ୍ୟରେ ବୁଝାମଣା ଭଲ ରହିପାରି ନ ଥାଏ। ବୟସାଧିକ ପୁରୁଷ ତରୁଣୀ ନାରୀକୁ ପସନ୍ଦ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଯାହାକୁ ବଳରେ ହାରି ତାକୁ କଳରେ ମାରି।**

ଶାରୀରିକ ଦକ୍ଷତା ଅପେକ୍ଷା ମାନସିକ ଦକ୍ଷତା ବହୁ ଗୁଣରେ ଶ୍ରେଷ୍ଠ। ଯେଉଁଠି ବଳ କାମ କରି ନ ଥାଏ, ସେଇଠି ବୁଦ୍ଧି କାମରେ ଆସିଥାଏ। ଯାହାର ବୁଦ୍ଧି ଥାଏ, ତା'ର ସବୁବେଳେ ଜିତାପଟ ହୋଇଥାଏ। କଳ କୌଶଳ ଖଞ୍ଜି ବଳବାନ ବ୍ୟକ୍ତିଙ୍କୁ ଖାଲରେ ପକେଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଖୁବ୍‌ଶୀଘ୍ର ସାମ୍ବାଦିକଙ୍କୁ ପ୍ରିକଶନ ଡୋଜ୍‌

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ):** ସାମ୍ବାଦିକମାନଙ୍କୁ କୋଭିଡ୍ ଯୋଦ୍ଧା ଭାବେ ପରିଗଣିତ କରାଯାଉଛି। ତେଣୁ ଖୁବ୍‌ଶୀଘ୍ର ସାମ୍ବାଦିକମାନଙ୍କୁ ପ୍ରିକଶନ ଡୋଜ୍ ଟିକା ଦିଆଯିବ। ଆବଶ୍ୟକ ହେଲେ ଏଥିପାଇଁ ସ୍ୱତନ୍ତ୍ର କେନ୍ଦ୍ର କରାଯିବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ଯେଉଁମାନଙ୍କର ଦ୍ୱିତୀୟ ଡୋଜ୍ ଟିକା ନେବାର ୯ମାସ ହୋଇ ଯାଇଥିବ, ସେମାନେ ପ୍ରିକଶନ ଡୋଜ୍ ନେଇ ପାରିବେ।

# ଅଭିନେତା ପ୍ରିୟସୁନ୍ଦର ମିଶ୍ରଙ୍କ ପରଲୋକ

## ମୃତ୍ୟୁ ପୂର୍ବରୁ ସେୟାର କରିଥିଲେ କବିତା 'ହେ ମୃତ୍ୟୁ'

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

'ହେ ମୃତ୍ୟୁ, ଯେବେ ବି ତୁ ଆସିବୁ କବାଟ ବାଡେଇବୁ ନାହିଁ, ବାସ୍ ଚୁପ୍‌ଚାପ ଆସି ମତେ ନିଦରୁ ଡାକି କହିବୁ, ଚାଲ୍ ଏବେ ଯିବାର ଅଛି'। ହିନ୍ଦୀରେ ଏପରି କେଇପଦ ଭାବ ଭରା ତଥା ଅନୁରୋଧ ଭରା କବିତାକୁ ଫେସ୍‌ବୁକ୍‌ରେ ପୋଷ୍ଟ କରିବାର ଦିନକ ପରେ ଅଭିନେତା ତଥା ହାଇକୋର୍ଟର ଓକିଲ ପ୍ରିୟସୁନ୍ଦର ମିଶ୍ରଙ୍କୁ ମୃତ୍ୟୁ ଚୁପ୍‌ଚାପ ଡାକି ନେଇଛି। ଗୁରୁବାର ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ବୟସ ହୋଇଥିଲା। ତେବେ ସେ ନିଜ ମୃତ୍ୟୁକୁ ନେଇ ପୂର୍ବରୁ ଜାଣିପାରିଥିବା ତାଙ୍କ ଫେସ୍‌ବୁକ୍ ପୋଷ୍ଟରୁ ଜଣାପଡୁଛି। ମୃତ୍ୟୁ ଖବର ପାଇବା ପରେ ପ୍ରଶଂସକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇପଡିଛନ୍ତି।



ପ୍ରିୟସୁନ୍ଦର ମିଶ୍ର

ପ୍ରିୟସୁନ୍ଦର ପେସାରେ ଜଣେ ଓକିଲ ହୋଇଥିଲେ ମଧ୍ୟ ନିଶା କିନ୍ତୁ ଥିଲା ଅଭିନୟ। ଚଳଚ୍ଚିତ୍ର 'କ୍ରାନ୍ତିଧାରା', ତୋ ସାଥେ ମୋ ଜୀବନ ବନ୍ଧା, ଲଭ୍ ଷ୍ଟେଶନ, ସନ୍ଦେହୀ ପ୍ରିୟତମା, ମନ ମୋର ଯାଯାବର ଓ ଟେଲିଫିଲ୍ମ ପ୍ରାୟଶ୍ଚିତ ସହିତ ଅନେକ ଧାରାବାହିକରେ ନିଜ ଅଭିନୟର ଯାଦୁ ଏବେ ବି ଦର୍ଶକଙ୍କୁ ବାନ୍ଧି ରଖିଛି। ବିଶେଷକରି ଲୋକପ୍ରିୟ ଧାରାବାହିକ ଶ୍ରୀ ଜଗନ୍ନାଥରେ ସାଧବ ପୁଅଙ୍କ ବାପା ଚରିତ୍ରରେ ଅଭିନୟ କରି ସେ ଦର୍ଶକଙ୍କ ନିକଟରେ ଏକ ନିଆରା ଛାପ ଛାଡିଥିଲେ। ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳି ଯାଇଛି।

# ୪ ମାସ ପରେ ବନ ବିଭାଗ ଦେଲା ପୁରସ୍କାର

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**



ସରକାରୀ ଘୋଷଣା ସତ୍ତ୍ୱେ ଝାରସୁଗୁଡ଼ା ବନଖଣ୍ଡ ପକ୍ଷରୁ ବାବୁଲ କୁମାର ରାଉତଙ୍କୁ ସବ୍‌ଡିଭିଜନସ୍ତରୀୟ 'ବିଜୁ ପଟ୍ଟନାୟକ ବନ୍ୟ ପ୍ରାଣୀ ସଂରକ୍ଷଣ ପୁରସ୍କାର – ୨୦୨୧' ଦିଆଯାଇ ନ ଥିଲା। ଏ ସଂକ୍ରାନ୍ତରେ ଦୈନିକ ଖବରକାଗଜ ଧରିତ୍ରୀରେ ଗତ ୧୯ ତାରିଖ ସଂସ୍କରଣରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇବା ପରେ ବନ ବିଭାଗର ନିଦ ଭାଙ୍ଗିଥିଲା। ଏହାପରେ ପୁରସ୍କାର ପ୍ରଦାନ ପାଇଁ ତତ୍ପରତା ପ୍ରକାଶ ପାଇଥିଲା। ଡିଏଫଓ ଲଳିତ କୁମାର ପାତ୍ର ବାବୁଲଙ୍କୁ ଡାକି ଏକ ମାନପତ୍ର ସହ ୫୦୦୦ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଏହି ପୁରସ୍କାର ଗତବର୍ଷ ଅକ୍ଟୋବର ୨ ରୁ ୮ ତାରିଖ ମଧ୍ୟରେ ରାଜ୍ୟର ସବୁ ବିଜେତାଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ଝାରସୁଗୁଡ଼ା ଡିଭିଜନ ପକ୍ଷରୁ ବାବୁଲଙ୍କୁ ଏହି ପୁରସ୍କାର ଦିଆଯାଇ ନ ଥିଲା କି ଅଟକାଇ ରଖିବାର କାରଣ ସଂକ୍ରାନ୍ତରେ ତାଙ୍କୁ ଅବଗତ କରାଯାଇ ନ ଥିଲା। ତେବେ ଏନେଇ ଧରିତ୍ରୀରେ ଖବର ପ୍ରକାଶିତ ହେବା ପରେ, ୱାଇଲ୍ଡ ଲାଇଫ୍ କଞ୍ଜରଭେଟର ବିକାଶ ରଞ୍ଜନ ଦାସଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବିକାଶଙ୍କ ତ୍ୱରିତ ହସ୍ତକ୍ଷେପ ଫଳରେ ୪ ମାସ ଧରି ପଡ଼ି ରହିଥିବା ପୁରସ୍କାର ଗୋଟିଏ ଦିନ ମଧ୍ୟରେ ମିଳିଥିବାରୁ ବାବୁଲ ଖୁସିବ୍ୟକ୍ତ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ସକ୍ରିୟ ଆକ୍ରାନ୍ତରେ...

ସମ୍ମିଳନୀରେ ଏ ସଂକ୍ରାନ୍ତ ତଥ୍ୟ ଉପସ୍ଥାପନ କରି ରାଜେଶ ଭୂଷଣ କହିଛନ୍ତି, ଦେଶର ସର୍ବାଧିକ ସକ୍ରିୟ କରୋନା ରୋଗୀ ଥିବା ରାଜ୍ୟ ତାଲିକାରେ ଓଡ଼ିଶା ସମେତ ମହାରାଷ୍ଟ୍ର, କର୍ନାଟକ, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଗୁଜରାଟ, ଉତ୍ତରପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀ ରହିଛି। ତେବେ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଦିଲ୍ଲୀ ଓ ଉତ୍ତରପ୍ରଦେଶର ସ୍ଥିତି ଚିନ୍ତାଜନକ ରହିଛି। ତେଣୁ ଏସବୁ ରାଜ୍ୟକୁ କେନ୍ଦ୍ରୀୟ ଟିମ୍ ପଠାଯାଇ ସ୍ଥିତି ଉପରେ ନିୟମିତ ଭାବେ ନଜର ରଖାଯାଉଛି।

ଟିକାକରଣ ସମ୍ପର୍କରେ ସୂଚନା ଦେଇ ସେ କହିଲେ, ବିଜ୍ଞାନ ଭିତ୍ତିକ ତଥ୍ୟକୁ ଆଧାର କରି ଟିକାକରଣ ପରିସୀମାକୁ ବୃଦ୍ଧି କରାଯିବ। ବର୍ତ୍ତମାନ ଦେଶରେ ୭୨ପ୍ରତିଶତ ହିତାଧିକାରୀଙ୍କୁ କରୋନା ଟିକାର ଦୁଇଟି ଯାକ ଡୋଜ୍‌ଦିଆଯାଇଛି। ୧୫ରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା ୫୨ ପ୍ରତିଶତ କିଶୋର ପ୍ରଥମ ଡୋଜ୍ ନେଇଛନ୍ତି। ଟିକାକରଣ ପାଇଁ ଦେଶରେ କରୋନାଜନିତ ମୃତ୍ୟୁ ହାର କ୍ରମାଗତ ଭାବେ ହ୍ରାସ ପାଇବା ସହ କମ୍ ସଂଖ୍ୟକ ଗୁରୁତର ରୋଗୀ ହସ୍ପିଟାଲରେ ଆଡ୍‌ମିଶନ ହେଉଥିବା ପରିଲକ୍ଷିତ ହେଉଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ କହିଛନ୍ତି।

ଅପରପକ୍ଷେ ରାଜ୍ୟରେ କରୋନା ସ୍ଥିତି ନିୟନ୍ତ୍ରଣାଧୀନ ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ପ୍ରଥମେ ଯେଉଁ ଗତିରେ ସଂକ୍ରମଣ ବଢୁଥିଲା, ତାହା ଏବେ ହ୍ରାସ ପାଇବା ସହ କେସ୍ ଡବଲିଂ କମିଛି। ଏବେ ରାଜ୍ୟରେ ପ୍ରାୟ ୮୮ହଜାର ଆକ୍ଟିଭ୍ କେସ ରହିଥିଲେ ବି ମାତ୍ର ୧୨୩୦ ଲୋକ ହସ୍ପିଟାଲରେ ଅଛନ୍ତି। ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଚାପ ପଡିନାହିଁ। ସେହିପରି ଆଇସିୟୁରେ ମଧ୍ୟ ରୋଗୀ ନାହାନ୍ତି। ଅକ୍ସିଜେନ ଆବଶ୍ୟକତା ନ ଥିବାରୁ ସାମଗ୍ରିକ ଭାବେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ତେବେ ଖୋର୍ଦ୍ଧା, କଟକ, ସୁନ୍ଦରଗଡ ଏବଂ ସମ୍ବଲପୁର ଜିଲାରେ ସଂକ୍ରମଣ ଅଧିକ ରହୁଥିବାରୁ ସ୍ଥାନୀୟ ପ୍ରଶାସନ, ସ୍ୱାସ୍ଥ୍ୟ ଟିମ୍‌କୁ ସର୍ଭେଲାନ୍ସ ବଢେଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ରାଜ୍ୟରୁ ଆଉ...

ନୟାଗଡ଼ ୧୪୯, ପୁରୀ ୧୪୦, ଅନୁଗୋଳ ୧୩୬, ଭଦ୍ରକ ୧୨୯, ମୟୂରଭଞ୍ଜ ୧୬୫, କେନ୍ଦ୍ରାପଡ଼ା ୧୦୬, କେନ୍ଦୁଝର ୧୨୩, ବୌଦ୍ଧ ୭୬, ଦେବଗଡ଼ ୭୮, ଢେଙ୍କାନାଳ ୮୩, ଗଜପତି ୧୦୦, ଗଞ୍ଜାମ ୮୭, କନ୍ଧମାଳ ୮୩, ମାଲକାନଗିରି ୫୮ ଏବଂ ଷ୍ଟେଟ୍‌ପୁଲ୍‌ରୁ ୬୬୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧ଲକ୍ଷ ୭୭ହଜାର ୪୬୨ରେ ପହଞ୍ଚିଥବାବେଳେ ସେମାନଙ୍କ ମଧ୍ୟରୁ ୧୦ଲକ୍ଷ ୮୯ହଜାର ୩୩ଜଣ ସୁସ୍ଥ ହୋଇ ସାରିଲେଣି। ଅନ୍ୟପକ୍ଷରେ ନୂଆ ମୃତକଙ୍କୁ ମିଶାଇଲେ ଏହି ସଂଖ୍ୟା ୮,୫୦୧କୁ ବୃଦ୍ଧି ପାଇଛି।

## ବୁଲ୍ଲି ବାଈ ଆପ୍...

ସବ୍‌ଇନ୍ସପେକ୍ଟର ଗଣେଶ ସିର୍କା ଓ ତାଙ୍କ ସହଯୋଗୀ ଗୁରୁବାର ଝାରସୁଗୁଡ଼ାରେ ପହଞ୍ଚିଥିଲେ। ଜିଲା ପୋଲିସ ସହାୟତାରେ ସେମାନେ ବ୍ରଜରାଜନଗର ସହରର ଇବ୍‌ପିଟ୍‌ରେ ରହୁଥିବା ନୀରଜ ସିଂଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲେ। ବୁଲ୍ଲି ବାଈ ଆପ୍ ଏବଂ ଏହାର ଟୁଇଟର ହ୍ୟାଣ୍ଡେଲ ତିଆରି କରିଥିବା ମୁଖ୍ୟ ଅଭିଯୁକ୍ତ ବିଷ୍ଣୋଇଙ୍କ ପ୍ଲାନିଂରେ ନୀରଜ ସାମିଲ ହୋଇଥିବା ସାଇବର ସେଲ୍ ଟିମ୍‌ର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ସୂଚନାଥାଉ କି ବିଷ୍ଣୋଇ ଜଣେ ମେଧାବୀ ଛାତ୍ର। ତାଙ୍କୁ ଆସାମ ସରକାରଙ୍କ ପକ୍ଷରୁ ଏକ ଲାପଟପ୍ ଦିଆଯାଇଥିଲା। ସେଥିରେ ସେ ଏହି କାଣ୍ଡ କରିଥିବା ଜଣାପଡ଼ିଛି। ସେହିପରି ବ୍ରଜରାଜନଗରର ନୀରଜ ମଧ୍ୟ ଜଣେ ମେଧାବୀ । ଏମ୍‌ବିଏ କରିବା ପରେ ସେ ଦିଲ୍ଲୀ ନଏଡାସ୍ଥିତ ଜମାଟୋ କମ୍ପାନୀରେ କାମ କରୁଥିଲେ। ଲକ୍‌ଡାଉନ୍‌ରେ ସେ ଚାକିରି ଛାଡି ବ୍ରଜରାଜନଗର ଚାଲିଆସିଥିଲେ। ଘରେ ରହିଥିବାବେଳେ ଟୁଇଟର ମାଧ୍ୟମରେ ଜଣେ ଯୁବକଙ୍କ ସହିତ ପରିଚିତ ହୋଇଥିଲେ। ଏହାପରେ ଉକ୍ତ ଯୁବକ ଜଣକ ନୀରଜଙ୍କୁ ବୁଲ୍ଲି ବାଈ ଆପ୍ ସହ ଯୋଡ଼ିଥିଲେ। ସେଥିରେ ଜଣେ ସଦସ୍ୟ ହୋଇଥିବାରୁ ତାଙ୍କୁ ମୁମ୍ବାଇ ସାଇବର ପୋଲିସ ଗିରଫ କରିଥିବା ନୀରଜଙ୍କ ଭାଇ ନିକେଶ କୁମାର ସିଂ କହିଛନ୍ତି।

## ନୂଆ ରାଜଧାନୀ...

ପରବର୍ତ୍ତୀ ପୁନର୍ନିର୍ମାଣରେ ବହୁ କୋଟି ଟଙ୍କାର ଅର୍ଥ ଶ୍ରାଦ୍ଧ ମଧ୍ୟ ହେଉଛି। ତେଣୁ ସାଢ଼େ ଦୁଇବର୍ଷରୁ ଅଧିକ ସମୟ ଧରି ଇଣ୍ଡୋନେସିଆ ନୂତନ ରାଜଧାନୀ ଖୋଜୁଥିଲା। ରାଷ୍ଟ୍ରପତି ଜୋକୋ ୱିଡୋଡୋ ଦାୟିତ୍ୱ ଗ୍ରହଣ କରିବା ପରେ ୩୨ ମିଲିୟନ ଡଲାରର ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ ଲାଗି ଠିକଣା ମିଳିଛି। ଏଥିଲାଗି ରାଷ୍ଟ୍ରପତି ଜୋକୋ ବିଶେଷଜ୍ଞଙ୍କ ସହ ନିୟମିତ ଆଲୋଚନା କରିବା ସହିତ ସର୍ଭେ ମଧ୍ୟ କରାଇଥିଲେ। ୨୦୧୯ରେ ବୋର୍ନିଓଠାରୁ ୧୩୦୦ କି.ମି. ଦୂରରେ ଥିବା ଏକ ଦ୍ୱୀପକୁ ଏଥିଲାଗି ପ୍ରସ୍ତାବ ଦିଆଯାଇଥିଲା। ତେବେ ପରିବେଶଗତ କାରଣ ଏବଂ ଅନ୍ୟାନ୍ୟ ସମସ୍ୟାରୁ ଏହା ଫେଲ୍ ମାରିଥିଲା। ଇତିମଧ୍ୟରେ ଟ୍ରାଫିକ୍ ଜାମ୍, ଜନସଂଖ୍ୟା ଘନତ୍ୱ, ସାଂଘାତିକ ବାୟୁ ପ୍ରଦୂଷଣ ଭଳି ଏକାଧିକ ସମସ୍ୟାରେ ଜାକର୍ତ୍ତା ଅଣନିଃଶ୍ୱାସୀ ହୋଇଗଲାଣି। ତେଣୁ ଏହି ବୋଝ ହ୍ରାସ କରିବାକୁ ରାଜଧାନୀ ପରିବର୍ତ୍ତନ ଜରୁରୀ ହୋଇପଡ଼ିଥିଲା। 'ନୁସନ୍‌ତାରା'କୁ ନୂତନ ରାଜଧାନୀ କରିବା ଲାଗି ସବୁଜ ସଙ୍କେତ ମିଳିବା ପରେ ସମସ୍ୟା ଅନେକାଂଶରେ ସମାଧାନ ହୋଇପାରିବ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେବେ ଇଣ୍ଡୋନେସିଆ ସରକାରଙ୍କ ଏହି ସ୍ୱପ୍ନର ପ୍ରକଳ୍ପ କାର୍ଯ୍ୟକାରିତାରେ କରୋନା ମହାମାରୀ ପଥରୋଧ କରିଛି। ୨୦୨୪ ବେଳକୁ ଏହାର କାର୍ଯ୍ୟ ତ୍ୱରାନ୍ୱିତ ହେବା ନେଇ ଆଶା ରହିଛି।

ପ୍ରସ୍ତାବିତ ନୂତନ ରାଜଧାନୀ 'ନୁସନ୍‌ତାରା' ବୋର୍ନିଓ ଦ୍ୱୀପ ସଂଲଗ୍ନ ଇଣ୍ଡୋନେସିଆର ଏକ ପ୍ରଦେଶ କାଲିମାନ୍ଥାନରେ ଅବସ୍ଥିତ। ଖଣିଜ ପଦାର୍ଥରେ ସମୃଦ୍ଧ ଏହି ଅଞ୍ଚଳର ଜନସଂଖ୍ୟା ପ୍ରାୟ ୩.୭ ମିଲିୟନ। ନୂଆ ରାଜଧାନୀକୁ ମୋହର ବାଜିବା ପରେ ଗତ ମଙ୍ଗଳବାର ଯୋଜନା ମନ୍ତ୍ରୀ ସୁହାର୍ସୋ ମୋନୋଆର୍ଫ ଏ ସଂକ୍ରାନ୍ତରେ ପାର୍ଲାମେଣ୍ଟରେ ସବିଶେଷ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନୂତନ ରାଜଧାନୀ ଜାତୀୟ ପ୍ରତୀକ ଭାବେ ବିବେଚିତ ହେବ। ଦେଶରେ ଅର୍ଥନୈତିକ ବିକାଶରେ ଏହା ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ସରକାରୀ ପ୍ରଶାସନିକ ପ୍ରତିଷ୍ଠାନ ସବୁ ଉଠିଗଲେ ମଧ୍ୟ ଜାକର୍ତ୍ତା ଦେଶର ପ୍ରମୁଖ ବାଣିଜ୍ୟ ଏବଂ ଅର୍ଥନୈତିକ କେନ୍ଦ୍ରସ୍ଥଳ ହୋଇ ରହିବ ବୋଲି ସେ ସୂଚନା ଦେଇଛନ୍ତି।

ତେବେ ନୂତନ ରାଜଧାନୀ ପ୍ରକଳ୍ପକୁ ପରିବେଶବିତ୍‌ମାନେ ସମାଲୋଚନା କରିଛନ୍ତି। କାରଣ ପ୍ରସ୍ତାବିତ ସ୍ଥାନରେ ପର୍ଯ୍ୟାପ୍ତ ପରିମାଣର ତାଳତେଲ ଉତ୍ପାଦନ ହେଉଛି। ଏଥିଲାଗି ବ୍ୟାପକ ପାମ୍ ଗଛ ଲଗାଯାଇଛି। ଏଥିସହ ଉକ୍ତ ଅଞ୍ଚଳ ଜୈବ ବିବିଧତାରେ ପରିପୂର୍ଣ୍ଣ। ତେଣୁ ନୂତନ ରାଜଧାନୀ ସ୍ଥାପନ ଦ୍ୱାରା ପରିବେଶ କ୍ଷତି ସହିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏଠାରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟର ଲୋକେ ନୂତନ ରାଜଧାନୀ ସ୍ଥାପନକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଏହାଦ୍ୱାରା ସେମାନଙ୍କ ସାଂସ୍କୃତିକ ଏବଂ ସାମାଜିକ ଜୀବନ ପ୍ରଭାବିତ ହେବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ 'ନୁସନ୍‌ତାରା' ନାମକୁ ନେଇ ମଧ୍ୟ ସୋସିଆଲ ମିଡିଆରେ ଅନେକେ ଆପତ୍ତି ଉଠାଇଛନ୍ତି। ନୂତନ ନାମ ଦ୍ୱନ୍ଦ୍ୱ ସୃଷ୍ଟି କରିବ। କାରଣ ୧୪ଶ ଶତାବ୍ଦୀରେ ଏହି ଦ୍ୱୀପ ଜଣେ ହିନ୍ଦୁ ରାଜାଙ୍କ ଅଧୀନରେ ରହିଥିଲା। ଜାଭାବାସୀଙ୍କ ଦ୍ୱାରା ଏହି ନାମ ଇଣ୍ଡୋନେସିଆର ସମଗ୍ର ଦ୍ୱୀପପୁଞ୍ଜକୁ ସୂଚାଇବା ଲାଗି ବ୍ୟବହୃତ କରାଯାଉଛି।

## ଗୃହ ବିଭାଗକୁ ରିପୋର୍ଟ...

କରାଯାଇଥିଲା। ଏହି ଘଟଣାରେ ଲୋକଙ୍କ ମାନବାଧିକାର ଉଲ୍ଲଂଘନ ହୋଇଥିବା ଅଭିଯୋଗରେ ଗତ ମଙ୍ଗଳବାର ହାଇକୋର୍ଟରେ ୨ଟି ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ଢିଙ୍କିଆରୁ ତୁରନ୍ତ ପୋଲିସ ଫୋର୍ସ ପ୍ରତ୍ୟାହାର କରିବା ସହ ଘଟଣାର ଏକ ନିରପେକ୍ଷ ତଦନ୍ତ କରିବାକୁ ଆଇନଜୀବୀ କ୍ଷୀରୋଦ ରାଉତ, ଦୀପକ କୁମାର ମହାପାତ୍ର, କବିରାଜ ପ୍ରଧାନ ଏବଂ ଜଣେ ସ୍ଥାନୀୟ ମହିଳା କରିଥିବା ଆବେଦନରେ ଦର୍ଶାଯାଇଛି। ଏହି ମାମଲାରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ସଚିବ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀ, ଜଗତ୍‌ସିଂହପୁର ଏସ୍‌ପି ଓ ଏରସମା ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ସୁକାନ୍ତ ଦଳେଇ ଓ ଓମ୍‌କାର ଦେବଦାସ ମାମଲା ପରିଚାଳନା କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଦୃଢ଼ ଆତ୍ମବଳସମ୍ପନ୍ନ ହୋଇ ପ୍ରଶାସନିକ ସ୍ତରରେ ଦୃଢ଼ ସିଦ୍ଧାନ୍ତ ନେବେ। ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। ମାଲିମକଦ୍ଦମାରେ ବାଇଦା ପଡ଼ିବାକୁ କେନ୍ଦ୍ରକରି ମନରେ ସଂଶୟ ଉତ୍ପନ୍ନ ହୋଇପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ**: ଆଗାମୀ ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ଆଲୋଚନାରେ ସମୟ ଅତିବାହିତ କରିପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ପରୋକ୍ଷ ଶତ୍ରୁତା ହେତୁ ମନ ଭଲ ରହିବ ନାହିଁ। କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ପୂର୍ବାପେକ୍ଷା ବହୁତ ଭଲ ରହିବ। ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା ଦିଗରୁ ଶୁଭଫଳ ପାଇବେ।

**ମିଥୁନ**: ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟିବାଜନିତ ଉତ୍ସାହର ସହ କାମ କରିବେ। କିନ୍ତୁ ଜମିଜମା କାରବାର, ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନିଜର ପ୍ରତିଦ୍ୱନ୍ଦ୍ୱୀ ସହ ଟକ୍କର ଦେଇ ଚାଲିବାକୁ ପଡ଼ିପାରେ। ସ୍ୱାସ୍ଥ୍ୟହାନିଜନିତ ଖର୍ଚ୍ଚଭାର ବୃଦ୍ଧି ପାଇବାର ଆଶଙ୍କା ରହିଛି।

**କର୍କଟ**: ଅସୁସ୍ଥତାବଶତଃ କେତେକ କାମ ସ୍ଥଗିତ ରହିବାରୁ ଅନ୍ୟ ଉପରେ ନିର୍ଭର କରିବାକୁ ବାଧ ହେବେ। ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ହଡ଼ବଡ଼େଇ ଯିବାର ସୂଚନା ରହିଛି। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବେ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ।

**ସିଂହ**: ପରିସ୍ଥିତିରେ ପଡ଼ି ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କର୍ମକ୍ଷେତ୍ରରେ କେତେକ ଗୁରୁତ୍ୱପୂର୍ଣ୍ଣ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଆନୁଷ୍ଠାନିକ କାମ, ସଭାସମିତି ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା**: କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ନିକଟ ସମ୍ପର୍କୀୟ ମାନଙ୍କଠାରୁ ଶୁଭ ଖବର ଶୁଣି ଖୁସି ହେବେ। ସକାଳୁ ସକାଳୁ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା**: ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜ ଲୋକଠୁ ଆସ୍ଥା ହରାଇପାରନ୍ତି। ସଭାସମିତିରେ ଗୁରୁଜନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବା ସହ ଅର୍ଥ ଲାଭରୁ ଖୁସି ରହିବେ। ଘର ସାଜସଜ୍ଜା କିମ୍ବା ମରାମତି କାମରେ ସମୟ ଅତିବାହିତ କରିପାରନ୍ତି। ପାରିବାରିକ ସମସ୍ୟାର ସମାଧାନ କଲେ ମଧ୍ୟ ଅର୍ଥ ସଙ୍କଟ ପୂର୍ବପରି ଲାଗି ରହିବ।

**ବିଛା**: ନିଜର ଚିନ୍ତାଧାରା ଅନୁଯାୟୀ କାମ ହାସଲ ହେବାରେ ବ୍ୟତିକ୍ରମ ପରିଲକ୍ଷିତ ହେବ। ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅଫିସ୍ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ**: କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ସଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ନିଜ ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଆପଣଙ୍କୁ ପ୍ରତାରିତ କରିପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ଦ୍ୱାରା ପାରିବାରିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ମକର**: କର୍ମକ୍ଷେତ୍ରରେ ଭାବପ୍ରବଣତାବଶତଃ ଅଯଥା କଳହରୁ ଦୂରେଇ ରୁହନ୍ତୁ। ମୂଲ୍ୟବାନ ଜିନିଷ କିଣିବା କାରଣରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଉଚ୍ଚବର୍ଗଙ୍କ ସହାୟତା ଲାଭ କରି କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**କୁମ୍ଭ**: ଆଜିର କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କକୁ ଦୃଢ଼ୀଭୂତ କରିବେ। ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ବିନା କାରଣରେ କଳହକୁ ନିୟନ୍ତ୍ରଣ କରିପାରନ୍ତି। ହଠାତ୍ ଯାତ୍ରା କୌଣସି ସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଆସିବାକୁ ପଡ଼ିପାରେ। ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବେ।

**ମୀନ**: ଅର୍ଥନୈତିକ ସ୍ଥିତି ବିଗିଡ଼ି ଯିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କ ସହ ଯୁକ୍ତିତର୍କ ଲାଗିପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ପାରିବାରିକ କ୍ଷେତ୍ରରେ ଲାଗି ରହିଥିବା ଅସଂଗତି ଦୂରେଇବାରେ ସମର୍ଥ ହେବେ।

**classifieds** Everyday 0674-2580101, 2549302



**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

ସୁନ୍ଦରପଦାରୁ-ଜଟଣୀ ଏବଂ କାଟେଣୀରୁ-ପିତାପଲ୍ଲୀ ରୋଡ୍‌ରେ immediately ଘର କଲାଭଳି ପ୍ଲଟ୍ ଦିଆଯାଉଛି। 9938016295. D-71782

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**For sale commercial Office premises in Saheed Nagar, Bhubaneswar. 2120sqft. Present Rental income Rs.1.30lakhs from Corporate Office. 8598923231 (11AM-8PM).** D-71931

**1.70 Acre (170 decimal) Gharabadi demarcate plot sale at Puri near Giral Chhak main road site. Suitable for Apartment/ Commercial. Contact: 8144658008/ 6372897984.** D-22904

**Bhubaneswar Sum Hospitalରୁ 4 K.M. distance** ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **Immediate registration and possession. 9090963952.** D-71772

**Residentialgharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71749


**Riverside developed gharabari plots at Balianta 4.5km from Hanspal Square 450/-, 600/-, 750/-sft. 9437277532.** D-22876

ଭୁବନେଶ୍ୱର ହଂସପାଳ ଛକରୁ **8K.M.** ଦୂରତାରେ ଭିଙ୍ଗାରପୁରରେ **100Nos 3BHK duplex with modern facilities. 9658122456, 8327785834.** D-71781



3BHK for rent Ratnakar Bag1 Tankapani road, Mob: 9902406161. D-22880

Single room with attachment available for rent at Badambadi, Cuttack. Single working lady preferred. Contact: 9437734344. D-22906



Ashirvaad Saloon and SPA get good massage for your health tha best therapy. 7077181074. D-71852

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Refreshing your mind, body with tha best therapy at Lotus SPA. 8018891951.** D-71850

Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

Open full body massage home night ladies, gents available. 9583808247. D-22887

Newly Open Saikrupa Panchakarma Spa positively health benefits with Expert. 8984068077. D-22888



Medical Exam. Registration- BAMS/ BHMS/ BUMS/GNM/ D.Pharma. 9893869473. D-22905

**AFFIDAVIT**

By virtue of an affidavit before Notary Public, Bhubaneswar, on dated 20.01.2022. I have changed my name from "Ajaya Kumar Parida" to "Ajay Kumar Parida". Henceforth I shall be known as Ajay Kumar Parida for all purposes. D-22903

**ବିବାହ ଶୁଭେଚ୍ଛା**



ମନୋଜ
ସହିତ
ପଦ୍ମିନୀ

ବୁଗବୁଗା, ଅତାବିରା, ଜିଲା: ବରଗଡ଼
ଦାମ୍ପତ୍ୟ ଜୀବନ କୁସୁମିତ ହେଉ, ମାଁ ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
**ଶୁଭେଚ୍ଛା ସହ:** ଲିପ୍‌ସା, ଆଲିସା, ସୋନାଲିସା, ରୋକାଲିସା, ଅଭିଲିପ୍‌ସା, ଅଭିଲାଷା, ଅଭିଜିତ, ସତ୍ୟଜିତ ଓ ଖମାରୀ ପରିବାରବର୍ଗ।
ଧ-୨୨୯୦୮

## ବାଇକ୍ ଚୋରି ଗ୍ୟାଙ୍ଗ୍‌ର ୨ ଗିରଫ: ୯ ବାଇକ ଜବତ



**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ରାଜଧାନୀର ବିଭିନ୍ନ ଅଞ୍ଚଳରେ ବାଇକ୍ ଚୋରି କରୁଥିବା ଏକ ଗ୍ୟାଙ୍ଗ୍ କମିଶନରେଟ ପୋଲିସ ହାତରେ ଧରା ପଡ଼ିଛନ୍ତି। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡଙ୍କ ସମେତ ୨ ଜଣଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସ୍ଥାନୀୟ ଥାନା ଡୁମୁଡୁମା ରଘୁନାଥନଗରର ଦାସିଆ ଓରଫ ଦାଶରଥି ଦଳେଇ(୨୬), ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଞ୍ଚଳର ଅଜିତ କୁମାର ଜେନା(୪୨)। ଉଭୟଙ୍କଠାରୁ ୯ଟି ଚୋରା ବାଇକ ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା, ସେଠାରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମୁଖ୍ୟ ଅଭିଯୁକ୍ତ ଦାସିଆଙ୍କ ନାମରେ ନୟାପଲ୍ଲୀ ଥାନାରେ ଗୋଟିଏ ଏବଂ ଖଣ୍ଡଗିରି ଥାନାରେ ୧୭ଟି ବାଇକ ଚୋରି ମାମଲା ରହିଛି। ସେ ୨୦୧୨ରୁ ନାବାଳକ ଥିବାବେଳୁ ଚୋରି କରୁଥିବା ପୋଲିସ କହିଛି। ଏମାନଙ୍କ ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ପୋଲିସ ଗିରଫ କରିବାକୁ ତଦନ୍ତ ଜାରି ରଖିଛି।

# ଚିଲିକାରେ ଅଟକିଲା ଭେସେଲ



ଚିଲିକା ମଝି ଭାଗରେ ଫସି ରହିଥିବା ଭେସେଲ।

**ବ୍ରହ୍ମଗିରି,୨୦।୧(ଡି.ଏନ୍.ଏ.)**

ଚିଲିକାରେ ପରିବହନ ସେବାରେ ନିୟୋଜିତ ହୋଇଥିବା ଭେସେଲ ଗୁରୁବାର ଯାତ୍ରୀ ଓ ମାଲ୍ ପରିବହନ ନେଇ ଯାଉଥିବାବେଳେ ମଝି ଚିଲିକାରେ ଅଟକି ଯାଇଥିଲା। ଫଳରେ ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିବା ସହ ଅଧ ଘଣ୍ଟା କାଳ ଫସି ରହିଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଚିଲିକାରେ ଯାତ୍ରୀ ପରିବହନ ପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ତରଫରୁ ଭେସେଲ ସେବା ଯୋଗାଇ ଦିଆଯାଇଛି। ତେବେ ଗୁରୁବାର ଏହି ଭେସେଲ ଜହ୍ନିକୁଦା ଘାଟରୁ ଯାତ୍ରୀମାନଙ୍କୁ ଧରି ସାତପଡା ଅଭିମୁଖେ ଆସୁଥିଲା। ହେଲେ ଚିଲିକା ମଝି ଭାଗରେ ହୋଇଥିବା ବେଳେ ଭେସେଲଟି ଚ୍ୟାନେଲ ବାହାରକୁ ଚାଲିଯାଇଥିଲା। ଫଳରେ କୌଣସି ଏକ ଜାଲ କିମ୍ବା ଅନ୍ୟ କିଛି ପଦାର୍ଥ ଲାଗିଯିବାରୁ ଅଧା ବାଟରେ ଭେସେଲଟି ଲାଗିଯାଇ ଅଟକି ଯାଇଥିଲା। ଯାତ୍ରୀମାନେ ଚିଲିକା ମଧ୍ୟରେ ଫସି ରହିଥିଲେ। ପରେ ଭେସେଲ ଚାଳକ ଉଦ୍ୟମ କରି ଭେସେଲଟିକୁ ଚ୍ୟାନେଲ ମଧ୍ୟକୁ ଆଣିବା ପରେ ଠିକ୍ ବାଟରେ ଚାଲିଥିଲା। ଏ ସମ୍ପର୍କରେ ସିଡିଏର କନିଷ୍ଠ ଯନ୍ତ୍ରୀ ଡମ୍ବରୁଧର ବିଶ୍ୱାଳ କୁହନ୍ତି, ଚ୍ୟାନେଲରେ ପାଣି କମି ଆସିଲାଣି ଟିକିଏ ପବନ ହେଲେ ଭେସେଲ ଲାଗିଯାଉଛି। ଏଥିପ୍ରତି ଆଗକୁ ନଜର ରଖାଯିବ।

# ହାବିଲଦାରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଲେ ଦ୍ୱିତୀୟ ସ୍ତ୍ରୀ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** କମିଶନରେଟ ପୋଲିସରେ କାର୍ଯ୍ୟରତ ଜଣେ ହାବିଲଦାରଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆସିଛି। ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ନ ଦେଇ ଦ୍ୱିତୀୟ ବିବାହ କରିବା ଏବଂ ଦ୍ୱିତୀୟ ସ୍ତ୍ରୀଙ୍କୁ ମାରଧର କରିବା ଭଳି ଅଭିଯୋଗ ହୋଇଛି। ନିର୍ଯାତନାର ଶିକାର ହୋଇଥିବା ଦ୍ୱିତୀୟ ସ୍ତ୍ରୀ ବାସନ୍ତୀ ସ୍ୱାଇଁ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଧଉଳି ଥାନାର କାର୍ଯ୍ୟରତ ହାବିଲଦାର ସଦାଶିବ ସାହୁଙ୍କ ନାମରେ ଏକ ମାମଲା (ନଂ. ୯/୨୨) ରୁଜୁ ସହ ସଦାଶିବଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ପଚରାଉଚରା କରିବା ପରେ ତାଙ୍କୁ ନୋଟିସ ଦେଇ ଛାଡ଼ି ଦେଇଛି। ଅନ୍ୟପକ୍ଷରେ ସଦାଶିବଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ସଦାଶିବ ୨୦ବର୍ଷ ତଳେ ପ୍ରଥମ ବିବାହ କରିଥିଲେ। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ୩ ଝିଅ ମଧ୍ୟ ଅଛନ୍ତି। ତେବେ ସେ ପ୍ରଥମ ସ୍ତ୍ରୀଙ୍କୁ ଛାଡପତ୍ର ନ ଦେଇ ୨୦୨୧ ଜାନୁୟାରୀରେ ବାସନ୍ତୀଙ୍କୁ ବିବାହ କରିବା ସହ ପୁରୁଣା ଭୁବନେଶ୍ୱରର ଗଡ଼ମହାବୀର ଶାସନରେ ଏକ ଭଡ଼ାଘରେ ରଖିଥିଲେ। ପ୍ରାୟ ୨ ମାସ ହେବ ସଦାଶିବ ତାଙ୍କୁ ମାର୍‌ପିଟ୍ କରିବା ସହ ଘରୁ ତଡ଼ିବାକୁ ନେଇ ଧମକ ଦେଇଥିଲେ। ବାସନ୍ତୀ ବିରୋଧ କରିବାରୁ ସଦାଶିବ ତାଙ୍କୁ ପୋଲିସ ବଳର ଭୟ ଦେଖାଉଥିଲେ। ଏପରି କି ଗତ ୩ ତାରିଖରେ ସଦାଶିବ ତାଙ୍କୁ ମାଡ଼ମାରିଥିଲେ। ଶେଷରେ ବାସନ୍ତୀ ଗତ ୧୯ ତାରିଖରେ ମହିଳା ଥାନାରେ ଅଭିଯୋଗ କରିଥିଲେ।

### ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ: ଡିସିପି


**DIRECTORATE OF TECHNICAL EDUCATION & TRAINING, ODISHA, CUTTACK**

**ITI Admission-2021-22**

**Timeline for correction of candidates data admitted during the Academic Session - 2021-22**

No. KK-190:- As per the instructions of DGT communicated vide their Letter No. DGT- 12/1/ 2020-TC Dtd.30.12.2021, the State Directorate shall ensure no mistake in Students Name, Father's Name, Mother's Name, Date of Birth, Photograph, Mobile Number etc. of the candidates before migration of ITI admitted candidate data for the Academic Session 2021-22 to DGT, New Delhi through API link. The schedule of migration started from 15. 01.2022 and will be completed by 7.02.2022.

Accordingly all the Principals of Govt. and Pvt. ITIs are requested to verify admission details of admitted candidates in respective ITIs from SAMS Portal, in case any corrections required may kindly be incorporated in the space provided against each candidate in SAMS Portal from **20.01.2022 to 24.01.2022 by 2 PM. The SOP provided in the SAMS portal be followed meticulously while carrying out the operation and furnish the No error Certificate to this office on or before 24.01.2022 positively through this office mail: itiadmissionodisha@gmail.com**, failing which it will be responsibility of concerned institution and no further corrections shall be entertained in future.

**Sd./- Director of Technical Education & Training, Odisha**

OIPR-44008/11/0006/2122



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବିବିଧ କାର୍ଯ୍ୟ ପାଇଁ ଟେଣ୍ଡର ବିଜ୍ଞପ୍ତି**

କ୍ର.ସଂ. ଟେଣ୍ଡର ବିଜ୍ଞପ୍ତି ନଂ.: ସିଇସି/ବିଏସ୍‌ପି/୨୧-୨୨/୨୬, ତାରିଖ: ୧୨।୦୧।୨୦୨୨ (ଖୋଲା ଟେଣ୍ଡର)

**କାର୍ଯ୍ୟର ନାମ:** "ରାଜନନ୍ଦଗାଁଓ-କାଲୁମ୍ନା ମଧ୍ୟରେ ୩ୟ ଲାଇନ୍ ନିର୍ମାଣ ସଂକ୍ରାନ୍ତରେ ଦକ୍ଷିଣ ପୂର୍ବ ମଧ୍ୟ ରେଳପଥର ପାନିଆକୋବ (ଏକ୍ସ.)ରୁ ବୋରତାଲାବ (ଏକ୍ସ.) ମଧ୍ୟସ୍ଥ ସେକ୍ସନରେ ଡୋଙ୍ଗାରଗଡ଼-ବୋରତାଲାବ ମଧ୍ୟରେ ସୁଡ଼ଙ୍ଗ ନିର୍ମାଣ, ମାଟିକାମ ନିର୍ବାହ, ସେତୁ ନିର୍ମାଣ, ବାଲାଷ୍ଟ ଯୋଗାଣ, ପି.ୱେ ସାମଗ୍ରୀର ପରିବହନ, ଟ୍ରାକ୍ ସଂଯୋଗୀକରଣ କାର୍ଯ୍ୟ ଏବଂ ଅନ୍ୟାନ୍ୟ ତତ୍‌ସମ୍ପର୍କିତ ଏବଂ ବିବିଧ କାର୍ଯ୍ୟ।"

**ଟେଣ୍ଡର ମୂଲ୍ୟ: ₹୭,୫୨୫.୦୦ ଲକ୍ଷ । ଇଏମ୍‌ଡି: ₹୩୯,୧୨,୫୦୦/-। ଟେଣ୍ଡର କାଗଜପତ୍ର ମୂଲ୍ୟ:** ଶୂନ୍ୟ **। କାର୍ଯ୍ୟର ସମାପ୍ତି ଅବଧି:** ସ୍ୱୀକୃତି ପତ୍ର ଜାରି ହେବା ତାରିଖଠାରୁ ୨୦ (କୋଡ଼ିଏ) ମାସ ।

**ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୧୧।୦୨।୨୦୨୨ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୧୧।୦୨।୨୦୨୨ରିଖ ୧୫.୩୦ ଘଟିକା ।**

ଟେଣ୍ଡର କାଗଜପତ୍ର, ଯୋଗ୍ୟତା ମାନଦଣ୍ଡ ସମ୍ବନ୍ଧୀୟ ଅଧିକ ବିବରଣୀ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ ଦୟାକରି ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର/ସିଓଏନ୍./ଦ.ପୂ.ମ. ରେଳପଥ/ବିଳାସପୁର, ପିନ୍: ୪୯୫୦୦୪ କିମ୍ବା ଡେପୁଟି ଚିଫ୍ ଇଞ୍ଜିନିୟର (ସିଓଏନ୍.)/ଦ.ପୂ.ମ. ରେଳପଥ/ରାୟପୁର, ପିନ୍: ୪୯୨୦୦୯ କିମ୍ବା ଚିଫ୍ ଇଞ୍ଜିନିୟର/ସିଓଏନ୍./ଦ.ପୂ.ମ. ରେଳପଥ/ନାଗପୁର, ପିନ୍: ୪୪୦୦୦୧ଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମର ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରନ୍ତୁ ।

*ଡେପୁଟି ଚିଫ୍ ଇଞ୍ଜିନିୟର/ସିଓଏନ୍,*

CPR/10/311 *ଦ.ପୂ.ମ. ରେଳପଥ, ବିଳାସପୁରଙ୍କ ପାଇଁ*

South East Central Railway @secrail


# ପତଞ୍ଜଳିର ନୂତନ ଉତ୍ପାଦ 'ଅନୁ ତୈଳ'




### ବ୍ଲାକ୍ ଫଙ୍ଗସ୍ ରୋକିବାରେ ହେବ ସହାୟକ

**ନୂଆଦିଲ୍ଲୀ,୨୦।୧:** କୋଭିଡ୍ ମହାମାରୀ ସମୟରେ ବ୍ଲାକ୍ ଫଙ୍ଗସ୍(ମ୍ୟୁକର) ସଂକ୍ରମଣ ଲୋକଙ୍କ ମନରେ ଏକ ପ୍ରକାର ଭୟ ସୃଷ୍ଟି କରିଦେଇଛି। ବ୍ଲାକ୍ ଫଙ୍ଗସ୍ ସଂକ୍ରମଣରୁ କିପରି ମୁକ୍ତି ମିଳିବ ସେ ନେଇ ପତଞ୍ଜଳିର ଏକ ବୈଜ୍ଞାନିକ ଦଳ ଉନ୍ନତମାନର ବୈଜ୍ଞାନିକ ପଦ୍ଧତି ଅନୁସରଣ କରି ଏକ ଆୟୁର୍ବେଦ ନାଜାଲ ଡ୍ରପ୍ 'ଅନୁ ତୈଳ' ପ୍ରସ୍ତୁତ କରିଛନ୍ତି। ଏହା ବ୍ଲାକ୍ ଫଙ୍ଗସ୍‌କୁ ରୋକିବାରେ ବେଶ୍ ସଫଳ ହେବ ବୋଲି ପତଞ୍ଜଳି ପକ୍ଷରୁ କୁହାଯାଇଛି। ଏହି ଗବେଷଣା ସମ୍ପର୍କିତ ତଥ୍ୟ ନିକଟରେ ଆମେରିକାର ପ୍ରତିଷ୍ଠିତ ଗବେଷଣା ପତ୍ରିକା ଜର୍ନାଲ୍ ଅଫ୍ ଆପ୍ଲାଏଡ୍ ମାଇକ୍ରୋବାୟୋଲୋଜିରେ ପ୍ରକାଶ ପାଇଛି। ଆୟୁର୍ବେଦ କ୍ଷେତ୍ରରେ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରାଯାଇ ନୂତନ ଔଷଧ ପ୍ରସ୍ତୁତ କରିବା ନେଇ ପତଞ୍ଜଳି ଏହାର ଗବେଷଣା ଜାରି ରଖିଛି। ଆୟୁର୍ବେଦିକ ଔଷଧର ଆଧୁନିକ ପ୍ରୟୋଗର ଅନୁ ତୈଳ ଏକ ଉଦାହରଣ ବୋଲି ପତଞ୍ଜଳି ମତବ୍ୟକ୍ତ କରିଛି। ଏହି ସଫଳତା ପାଇଁ ବୈଜ୍ଞାନିକ ଟିମ୍‌ର ସମସ୍ତଙ୍କୁ ସଂସ୍ଥା ପକ୍ଷରୁ ପ୍ରଶଂସା କରାଯାଇଛି।

# ସାଇ ସମୃଦ୍ଧି ରିୟଲ୍‌କନ୍ ଇଣ୍ଡିଆ ଲିମିଟେଡ୍ ମୁଖ୍ୟଙ୍କୁ ୫ ବର୍ଷ ଜେଲ

**କଟକ ଅଫିସ,୨୦।୧**

ଚିଟ୍‌ଫଣ୍ଡ ଠକେଇ ଅଭିଯୋଗରେ ସାଇ ସମୃଦ୍ଧି ରିୟଲ୍‌କନ୍ ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ସନ୍ଦୀପ୍ କୁମାର ଦାସଙ୍କୁ କଟକର ସ୍ୱତନ୍ତ୍ର କୋର୍ଟ ଗୁରୁବାର ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଓଡ଼ିଶା ପ୍ରୋଟେକ୍ସନ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର୍ସ(ଓପିଆଇଡି) ସ୍ୱତନ୍ତ୍ର କୋର୍ଟ ଅଭିଯୁକ୍ତଙ୍କୁ ଆଇପିସି ଦଫା ୪୨୦ରେ ୫ବର୍ଷ ଏବଂ ଓପିଆଇଡି ଆକ୍ଟର ଦଫା ୬ରେ ମଧ୍ୟ ୫ବର୍ଷ ଦଣ୍ଡାଦେଶ ଦେଇଛନ୍ତି। ହେଲେ ଉଭୟ ଦଣ୍ଡାଦେଶ ଏକ ସଙ୍ଗରେ ଚାଲିବ। ଏଥିସହିତ ଅଭିଯୁକ୍ତଙ୍କୁ ୧ଲକ୍ଷ ଟଙ୍କା ଜରିମାନା ଦାଖଲ ନିର୍ଦ୍ଦେଶ ଦେଇଥିବାବେଳେ କମ୍ପାନୀକୁ ୨ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ଅନାଦାୟ କ୍ଷେତ୍ରରେ ସନ୍ଦୀପଙ୍କୁ ୧ବର୍ଷ ଅଧିକ ଜେଲ ଦଣ୍ଡାଦେଶ ଦେଇଛନ୍ତି କୋର୍ଟ।

ମିଳିଥିବା ସୂଚନା ଅନୁସାରେ ୨୦୧୫ରେ ସନ୍ଦୀପ ସାଇ ସମୃଦ୍ଧି ରିୟଲ୍‌କନ୍ ଇଣ୍ଡିଆ ଲିମିଟେଡ୍ ନାମରେ ଏକ ଚିଟ୍‌ଫଣ୍ଡ ସଂସ୍ଥା ଖୋଲିଥିଲେ। ୪ବର୍ଷରେ ଜମାରାଶି ୨ଗୁଣ ହୋଇଯିବାର ଲୋଭ ଦେଖାଇ ଲୋକଙ୍କଠାରୁ କୋଟି କୋଟି ଟଙ୍କା କମ୍ପାନୀ ଉଠାଇଥିଲା। ଏପରି କି ଲୋକଙ୍କ ବିଶ୍ୱାସ ଜନ୍ମାଇବାକୁ ୨ଗୁଣ ମାଚ୍ୟୁରିଟି ରାଶିର ପୋଷ୍ଟ ଡେଟେଡ୍ ଚେକ୍ ମଧ୍ୟ ଦେଇଥିଲେ। ହେଲେ ମାଚ୍ୟୁରିଟି ପରେ ଜମାକାରୀ ଉକ୍ତ ଚେକ୍‌କୁ ଯେତେବେଳେ ବ୍ୟାଙ୍କରେ ଦାଖଲ କରିଥିଲେ, ତାହା ବାଉନ୍ସ ହୋଇଥିଲା। ପରେ ଅନେକ ଜମାକାରୀ ଠକେଇର ଶିକାର ହୋଇଥିବା ଜାଣି କଟକସ୍ଥିତ ପୁରୀଘାଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ରସାନନ୍ଦ ସ୍ୱାଇଁଙ୍କ ଅଭିଯୋଗକୁ ଆଧାର କରି ପୁରୀଘାଟ ଥାନାରେ ଏକ ମାମଲା (ନଂ ୫୩/୨୦୧୫) ରୁଜୁ କରାଯାଇ ସନ୍ଦୀପଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ସୁବ୍ରତ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ୧୩ ରାଜନୈତିକ ଦଳ

### ଢିଙ୍କିଆରେ ଲାଠିମାଡ଼, ଦମନଲୀଳା ଘଟଣା

- ପୋଲିସ ବଳ ହଟାଇବାକୁ ସ୍ମାରକପତ୍ର
- ହାଇକୋର୍ଟ ତତ୍ତ୍ୱାବଧାନରେ ଏସ୍ଆଇଟି ଦ୍ୱାରା ତଦନ୍ତ ଦାବି

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆରେ ଜିନ୍ଦଲ ପକ୍ଷରୁ ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା ଗ୍ରାମବାସୀଙ୍କ ଉପରେ ପୋଲିସର ଲାଠିଚାର୍ଜ ଓ ଦମନଲୀଳାକୁ ନେଇ ବିଭିନ୍ନ ରାଜନୈତିକ ଦଳ ଏକାଠି ହୋଇଛନ୍ତି। ଗୁରୁବାର ୧୩ ବିରୋଧୀ ଦଳ ମିଳିତ ଭାବେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଢିଙ୍କିଆ ଅଞ୍ଚଳରୁ ତୁରନ୍ତ ପୋଲିସ ବଳ ହଟାଇ ଅତ୍ୟାଚାର ବନ୍ଦ କରିବା, ଆନ୍ଦୋଳନକାରୀଙ୍କ ଉପରୁ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ଗିରଫ ହୋଇ ଜେଲରେ ଥିବା ସମସ୍ତଙ୍କୁ ତୁରନ୍ତ ଖଲାସ କରିବା, ପୋଲିସ ଅମାନୁଷିକ ଲାଠିଚାଳନା ଓ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ତଦନ୍ତ ଉଚ୍ଚ ନ୍ୟାୟାଳୟ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ(ଏସଆଇଟି) ଦ୍ୱାରା କରିବାକୁ ଉକ୍ତ ସ୍ମାରକପତ୍ରରେ ଦାବି କରାଯାଇଛି। ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ କହିଛନ୍ତି, ଏବେବି ଲୋକେ ପୋଲିସ ଭୟରେ ଗାଁ ଛାଡି ଜଙ୍ଗଲରେ ଲୁଚିଛନ୍ତି। ଲୋକଙ୍କ ପାଖରେ ଖାଦ୍ୟ ଓ ସ୍ୱାସ୍ଥ୍ୟଜନିତ ସଂକଟ ସୃଷ୍ଟି ହୋଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପରିସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ। ସେହିପରି ଶୁକ୍ରବାର ୨୧ ଜାନୁୟାରୀରେ ଏହି ମିଳିତ ପ୍ରତିନିଧି ଦଳ ଢିଙ୍କିଆ ଅଞ୍ଚଳ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଛି।

ରାଜ୍ୟପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସର ବରିଷ୍ଠ ନେତା ପଞ୍ଚାନନ କାନୁନ୍‌ଗୋ, ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, କାର୍ଯ୍ୟକାରୀ କମିଟି ସଭ୍ୟ ଜୟନ୍ତ ଦାସ, ସିପିଆଇ (ଏମ)ର ରାଜ୍ୟ ସମ୍ପାଦକ ଅଳି ପଟ୍ଟନାୟକ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ-ଏମ୍‌ଏଲ (ଲିବେରେଶନ)ର ମହେନ୍ଦ୍ର ପରିଡା, ଅଲ ଇଣ୍ଡିଆ ଫର୍‌ୱାର୍ଡ଼ ବ୍ଲକର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇ-ଏମ୍‌ଏଲ(ରେଡ ଷ୍ଟାର)ର ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ସିପିଆଇ-ଏମ୍‌ଏଲ(ନ୍ୟୁ-ଡେମୋକ୍ରାସି) ନେତା ପ୍ରତାପ ପ୍ରଧାନ, ସିପିଆଇ (ଏମ୍‌ଏଲ) ନେତା ଶ୍ରୀକାନ୍ତ ମହାନ୍ତି, ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ମୁଖ୍ୟ ପ୍ରବକ୍ତା ରଙ୍ଗା ଚରଣ ପ୍ରଧାନ, ଆର୍‌ଜେଡି ନେତା ହେମନ୍ତ କୁମାର, ଆରପିଆଇର ରାଜ୍ୟ ସଭାପତି ଶେଖ ଅବଦୁଲ ୱାଲୀ ଏବଂ ଏନ୍‌ସିପି ନେତା ବିକ୍ରମ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।



ଢିଙ୍କିଆରେ ଗ୍ରାମବାସୀଙ୍କ ଉପରେ ପୋଲିସର ଲାଠିଚାର୍ଜ ଓ ଦମନଲୀଳାକୁ ବିରୋଧ କରି ରାଜ୍ୟପାଳଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି ୧୩ ବିରୋଧୀ ଦଳର ନେତୃବୃନ୍ଦ।


**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି ।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଆଇଚର୍ ପ୍ରୋ 6037 ଚେସିସ୍
ଗାଡ଼ି ନଂ.- OD23H0342
ନିର୍ମାଣ ବର୍ଷ - 2018
ସଂରକ୍ଷିତ ମୂଲ୍ୟ - 1764000.00

ମେସର୍ସ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ଭିତ୍ତି"ରେ ବିକ୍ରୟ କରାଯିବ । ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ୍

**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍, 184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା-751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ: ତାପସ ମହାନ୍ତି 9861502061 / ଦୁର୍ଗା ସ୍ୱାଇଁ 9692645791**



**ଦ.ପୂ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ୪୩୧୪-ଜିଆର୍‌ସି-ସିଇ-ସି-ଏସ୍‌ଓ-୦୫-୨୦୨୨, ତାରିଖ: ୧୯।୦୧।୨୦୨୨। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ଚିଫ୍ ଇଞ୍ଜିନିୟର (ସିଓଏନ୍)/ସାଉଥ୍/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି । ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦ.ପୂ. ରେଳପଥର ଚକ୍ରଧରପୁର ଡିଭିଜନରେ ଏଲ୍‌ସି ନଂ. ୨୦୭ (ରାଉରକେଲା-ବିସ୍ରା ରୋଡ୍ ଉପରେ କୁକୁଡ଼ା ଗେଟ୍) ବଦଳରେ ବଣ୍ଡମୁଣ୍ଡା ଏବଂ ବିସ୍ରା ମଧ୍ୟରେ କିମି ୪୦୨/୨୧-୨୩ଠାରେ ସ୍ପାନ୍ ୧x୬୦ ମି. ବୋ' ଷ୍ଟ୍ରିଙ୍ଗ୍ ଗିର୍ଡର (ସିକି) + ୧x୨୪ ମି. (ସିକି) + ୧x୧୮ ମି. (ସିକି) ବିଶିଷ୍ଟ ରୋଡ୍ ଓଭରବ୍ରିଜ୍‌ର ଫାଉଣ୍ଡେଶନ୍, ସବ୍‌ଷ୍ଟ୍ରକ୍ଚର୍ ନିର୍ମାଣ, ଯୋଗାଣ, ଫାବ୍ରିକେଶନ୍, ଆସେମ୍ବ୍ଲିଂ, ସ୍ଥାପନ/କାର୍ଯ୍ୟାରମ୍ଭ କରିବା । **ଆନୁମାନିକ ମୂଲ୍ୟ: ₹୧୫.୪୭ କୋଟି । ଇଏମ୍‌ଡି: ₹୯,୨୩,୪୦୦/- । ସମାପ୍ତି ଅବଧି: ୧୫ ମାସ । ସମାପ୍ତି ତାରିଖ: ୧୦।୦୨।୨୦୨୨ ।** ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-566)



**ODISHA PUBLIC SERVICE COMMISSION**

**ADVERTISEMENT No.27 OF 2021-22**

**Special Drive Recruitment to the post of Assistant Agriculture Officer in Class-II (Group-B) of Odisha Agriculture and Food Production Service, under Department of Agriculture & Farmer's Empowerment**

**WEBSITE - http://opsc.gov.in**

**No. D-283:-** *Online applications are invited from the prospective candidates through the proforma application from ST candidates only to be made available on the Website of the Commission (**http://opsc.gov.in**)* for Special Drive Recruitment to **22 (Twenty Two)** posts of **Assistant Agriculture Officer** in Class-II (Group-B) of Odisha Agriculture and Food Production Service (Methods of Recruitment and Conditions of Service) Rules, 2018 and Odisha Agriculture and Food Production Service (Methods of Recruitment and Conditions of Service) Amendment Rules, 2020, under Department of Agriculture & Farmer's Empowerment, in the Pre-revised scale of pay of Rs.9,300-34,800/- with Grade pay of Rs.4600/- (PB-2) or Level 10 of the Pay Matrix Revised, as per ORSP Rules, 2017, with usual Dearness and other Allowances as may be sanctioned by the Government of Odisha from time to time. The posts are permanent and likely to continue.

**2. VACANCY POSITION:** As per requisition filed by the Agriculture and Farmer's Empowerment Department, Government of Odisha, out of a total of **22 (07-w)** vacancies, **01** post is reserved for **Ex-Servicemen** & **01** post is reserved for **Persons with Disabilities** (whose permanent disability is 40% and more) having Locomotors Disabilities i.e. **OL (MNR) or Cerebral Palsy.**

**3. AGE:** A candidate must have attained the age of **21 (twenty one)** years and must not be above the age of **43 (Forty three)** years as on the **1st day of January, 2021**, i.e. he/she must have been born not earlier than **2nd January, 1978** and **not later than 1st January, 2000.**

Persons with disabilities (whose permanent disabilities is 40% and more) shall get age relaxation by 10 (ten) years.

**4. EDUCATIONAL QUALIFICATION:** A candidate must possess a Bachelor of Science Degree in Agriculture/ Horticulture from any of the recognized Universities or Institutions.

**5. EXAMINATION FEE:** All the candidates are exempted from payment of fee.

**6. METHOD OF SELECTION:** The selection of candidates for recruitment to the posts of Assistant Agriculture Officer shall be made on the basis of Written Test, which is OMR based test and Interview.

**The link for registration/ re-registration of online application form shall be available from 28.01.2022 to 28.02.2022 (Note: 07.03.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detail information for applying to the above post.**

**PLACE: CUTTACK**
**DATE: 20.01.2022**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0215/2122



**ODISHA PUBLIC SERVICE COMMISSION**

**ADVERTISEMENT No.28 OF 2021-22**

**Recruitment to the post of Assistant Agriculture Officer in Class-II of Group-B of Odisha Agriculture and Food Production Service, under Department of Agriculture & Farmer's Empowerment**

**WEBSITE - http://opsc.gov.in**

**No. D-282:-** *Online applications are invited from the prospective candidates through the proforma application to be made available on the Website of the Commission (**http://opsc.gov.in**)* for recruitment to **123 (One Hundred Twenty Three)** posts of **Assistant Agriculture Officer** in Class-II (Group-B) of Odisha Agriculture and Food Production Service (Methods of Recruitment and Conditions of Service) Rules, 2018 and Odisha Agriculture and Food Production Service (Method of Recruitment and Conditions of Service) Amendment Rules, 2020, under Department of Agriculture & Farmer's Empowerment, in the Pre-revised scale of pay of Rs.9,300-34,800/- with Grade pay of Rs.4600/- (PB-2) or Level 10 of the Pay Matrix Revised, as per ORSP Rules, 2017, with usual Dearness and other Allowances as may be sanctioned by the Government of Odisha from time to time. The posts are permanent and likely to continue.

**2. VACANCY POSITION:** As per requisition filed by the Agriculture and Farmer's Empowerment Department, Government of Odisha, out of a total of **123 (42-w)** vacancies, 62 (21-w) vacancies are reserved for UR category, 14 (05-w) vacancies are reserved for SEBC category, 20 (07-w) vacancies are reserved for SC category, 27 (09-w) vacancies are reserved for ST category. Also, **04** posts are reserved for **Ex-Servicemen**, **05 (02-w)** posts are reserved for **Persons with Disabilities** (whose permanent disability is 40% and more) having Locomotors Disabilities i.e. **OL (MNR) or Cerebral palsy & 01** post is reserved for Sports Person.

**3. AGE:** A candidate must have attained the age of **21 (twenty-one)** years and must not be above **38 (thirty-eight)** years as on **1st day of January, 2021**, i.e. he/she must have been born not earlier than **2nd January, 1983** and **not later than 1st January, 2000.**

**4. EDUCATIONAL QUALIFICATION:** A candidate must possess a Bachelor of Science Degree in Agriculture/ Horticulture from any of the recognized Universities or Institutions.

**5. EXAMINATION FEE:** A candidate is required to pay a non-refundable and non-adjustable fee of **Rs. 500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha only and persons with Disabilities (whose permanent disability is 40% or more) are exempted from payment of this fee.

**6. METHOD OF SELECTION:** The selection of candidates for recruitment to the posts of Assistant Agriculture Officer shall be made on the basis of Written Test, which is OMR based test and Interview.

**The link for registration/ re-registration and payment of examination fees shall be available from 28.01.2022 to 28.02.2022 (Note: 07.03.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detail information for applying to the above post.**

**PLACE: CUTTACK**
**DATE: 20.01.2022**

**Sd./- SECRETARY**
**ODISHA PUBLIC SERVICE COMMISSION**
**CUTTACK**

OIPR-12002/11/0217/2122

ଧନ ନିମିତ୍ତ ଧନୀ ପାଖରେ ମସ୍ତକ ନତ କରିବ ନାହିଁ। ତାଙ୍କର ଆଡମ୍ବର, ପ୍ରତିପତ୍ତି ବା ପ୍ରଭାବରେ କେତେବେଳେ ବି ବଶୀଭୂତ ହେବ ନାହିଁ। **-ଶ୍ରୀଅରବିନ୍ଦ**



# ଇରାନ ଓ ଭିଏନା ବୁଝାମଣା



ଦଜଭାଦ ସଲେହି ଇସ୍‌ଫାହାନି

ଗତ ନଭେମ୍ବରରେ ୨୦୨୨ ଫୁଟ୍‌ବଲ ବିଶ୍ୱ କପ୍ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ର ନିର୍ଦ୍ଧାରିତ ୯୦ ମିନିଟ୍ ଶେଷ ସୁଦ୍ଧା ଇରାନ ଲେବାନନ୍‌ଠାରୁ ଗୋଟିଏ ଗୋଲରେ ପଛୁଆ ରହିଥିଲା। ଏହାକୁ ଲକ୍ଷ୍ୟ କରି ସୋସିଆଲ ମଡିଆରେ ସନ୍ଦେହୀ ଇରାନବାସୀ ତାଙ୍କ ଟିମ୍‌ର ପରାଜୟ ପାଇଁ ଇରାନର କଠୋରପନ୍ଥୀ ନେତାମାନଙ୍କୁ ଦାୟୀ କରିବାକୁ ପ୍ରସ୍ତୁତ ହେଉଥିଲେ। ସେମାନେ ଲେବାନନ୍‌ରେ ରହୁଥିବା ଇରାନର ହିଜବୁଲ୍ଲାଙ୍କୁ ସନ୍ତୁଷ୍ଟ କରିବା ପାଇଁ ମ୍ୟାଚ ହାରିବାକୁ ଚାହୁଁଥିଲେ ବୋଲି ମନେକରୁଥିଲେ। ହେଲେ ନିର୍ଦ୍ଧାରିତ ସମୟ ପରେ ୪ ମିନିଟ ଷ୍ଟପେଜ୍ ଟାଇମ୍‌ରେ ଇରାନ ଦୁଇଟି ଗୋଲ ଦେଇ ବିଜୟ ହାସଲ କଲା। ସମ୍ପ୍ରତି, ଠିକ୍ ସେହିଭଳି ୨୦୧୫ ଭିଏନା ଆଣବିକ ଚୁକ୍ତିକୁ ପୁନଃ ଉଜ୍ଜୀବିତ କରିବା ଲକ୍ଷ୍ୟରେ ଆଲୋଚନା ଆରମ୍ଭ ହୋଇଛି। ତେବେ ଇରାନର ନେତାମାନେ ଭିଏନା ବୁଝାମଣାରେ ସମସ୍ୟା ସୁଧାରି ବିକାଶ କରିବା ସକାଶେ ସକ୍ରିୟତା ପ୍ରକାଶ କରିବା ଦରକାର। ଏଥିପାଇଁ ସେମାନଙ୍କ ପାଖରେ କମ୍ ସମୟ ରହିଛି। ଫୁଟବଲ ଖେଳରେ ବିଜୟୀ ହେବା ଭଳି କମ୍ ସମୟରେ ମଧ୍ୟ ସେମାନେ ଏଥିରୁ ଲାଭ ଉଠାଇପାରିବେ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଜଏଣ୍ଟ କମ୍ପ୍ରେହେନ୍‌ସିଭ ପ୍ଲାନ୍ ଅଫ୍ ଆକ୍ସନ ବା ଜେସିପିଓଏ ( ଯାହା ୨୦୧୫ ଆଣବିକ ଚୁକ୍ତି ଭାବେ ଜଣାଶୁଣା)ରୁ ୨୦୧୮ରେ ଓହରି ଆସିଥିଲେ ଏବଂ ଇରାନ ବିରୋଧରେ ପୁନର୍ବାର କଠୋର ଅର୍ଥନୈତିକ କଟକଣା ଲାଗୁ କରିଥିଲେ। ଏଭଳି ଝଟକା ପରେ ମଧ୍ୟ ଇରାନ ସେହି ବୁଝାମଣାରେ ଆଉ ୧୪ ମାସ ରହିଲା। ଏବେ ଭିଏନାରେ ଆଲୋଚନା ପ୍ରକ୍ରିୟାରେ ମନ୍ଥରତା ପ୍ରକାଶ ପାଇଛି। ଆଲୋଚନା ସଫଳ ହେବାର ସମ୍ଭାବନା କମ୍ ରହିଛି। ଆଲୋଚନାରେ ପକ୍ଷମାନେ ଏକ ଚୂଡ଼ାନ୍ତ ଚୁକ୍ତିରେ ପହଞ୍ଚିବା ଆଶା କ୍ଷୀଣ ରହିଛି। ଇରାନ ଆଣବିକ ଅସ୍ତ୍ରଶସ୍ତ୍ର ସମୃଦ୍ଧ ଦେଶ ହେବାକୁ ଚଳାଇଥିବା ଅଭିଯାନକୁ ନେଇ ଆମେରିକା ଓ ୟୁରୋପ କ୍ଷୁବ୍ଧ ହୋଇଥିବାରୁ ଏଭଳି ସ୍ଥିତି ଉପୁଜିବାର ସମ୍ଭାବନା ଦେଖାଦେଇଛି। ଭିଏନାର ବିଫଳତା ମଧ୍ୟପ୍ରାଚ୍ୟରେ ଶାନ୍ତିରେ ବ୍ୟାଘାତ ସୃଷ୍ଟି କରିବ। ସିଧାସଳଖ ଇସ୍ରାଏଲର ଆଞ୍ଚଳିକ ଆଧିପତ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଇରାନର ଆଣବିକ କାର୍ଯ୍ୟକ୍ରମକୁ ମନ୍ଥର କରିବାକୁ ଇସ୍ରାଏଲ ଚେଷ୍ଟା କରୁଛି। ଏହା ଏକ ବୃହତ୍ ଆଞ୍ଚଳିକ ସଂଘର୍ଷ ଆରମ୍ଭ କରିପାରେ ଓ ଏଥିରେ ଆମେରିକା ସମ୍ପୃକ୍ତ ହେବାର ଆଶଙ୍କା ରହିଛି।

ଇରାନ ବିରୋଧରେ ଲାଗୁ କରାଯାଇଥିବା ଆର୍ଥିକ କଟକଣାକୁ ବନ୍ଦ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। କଠୋରପନ୍ଥୀ ତଥା ନୂଆ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଆର୍ଥିକ ଅଭିବୃଦ୍ଧିର ପ୍ରତିଶ୍ରୁତି ପୂରଣ କରିବା ପାଇଁ ଏହା କରିବା ଉଚିତ। ଜୁନ୍ ୨୦୨୧ରେ ରୟିସି ନିର୍ବାଚିତ ହେବା ପରଠାରୁ ବାର୍ଷିକ ମୁଦ୍ରାସ୍ଫୀତି ୪୪% ରହିଆସୁଛି। ତୈଳ ରପ୍ତାନିରୁ ନୂଆ ରାଜସ୍ୱ ଆସୁ ନ ଥିବାରୁ ତାଙ୍କ ପ୍ରଶାସନ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ସକ୍ଷମ ହୋଇପାରିବ ନାହିଁ। ଅନ୍ୟପଟେ ଇରାନବାସୀଙ୍କ ଜୀବନଧାରଣ ମାନ ୨୦ ବର୍ଷ ପୂର୍ବ ସ୍ତରକୁ ଖସିଯାଇଛି। ଏଣୁ ସେମାନେ ଭିଏନାରୁ ଭଲ ଖବର ପାଇବା ଲାଗି ଉତ୍ସୁକତାର ସହ ଅପେକ୍ଷା କରୁଛନ୍ତି। ବିଶେଷକରି ଇରାନ ନିଜକୁ ଏଥିରୁ ଦୂରେଇ ରଖିଲେ ତା'ପାଇଁ କିଛି ବିପଦ ରହିଛି। ଜାତିସଂଘ ପୂର୍ବରୁ ଲାଗୁ କରିଥିବା ଜେସିପିଓଏ କଟକଣାକୁ ପୁନର୍ବାର ଲାଗୁ କରି ଇରାନର ଆର୍ଥିକ ବ୍ୟବସ୍ଥାକୁ ସବୁଦିଗରୁ ଘେରିବ । ଏହା ରଇସି ରାଷ୍ଟ୍ରପତିତ୍ୱ ଉପରେ ଡେମୋକ୍ଲିସ ଖଣ୍ଡା ଝୁଲିବା ଭଳି ରହିଛି।

ଇରାନର କଠୋରପନ୍ଥୀ ନେତାଗଣ ବିଶ୍ୱାସ କରନ୍ତି ଯେ, ୨୦୧୫ ଚୁକ୍ତି ଦୁଇଟି ମୌଳିକ ତ୍ରୁଟି ଯୋଗୁ ପ୍ରଭାବିତ ହୋଇଥିଲା। ପ୍ରଥମ ଭୁଲ୍‌ର କାରଣ ଥିଲେ ଟ୍ରମ୍ପ୍। ଆମେରିକା ଏହି ଚୁକ୍ତିରେ ରହିବା ଲାଗି ମନା କରିଦେଇଥିଲା। କଥା ହେଉଛି, ଆମେରିକୀୟ ଅଧିକାରୀମାନେ ଇରାନ ବିରୋଧରେ କଟକଣା ଲାଗିବାର କାରଣଗୁଡ଼ିକୁ ନେଇ ଏକ ଲମ୍ବା ତାଲିକାକୁ ଦୋହରାଇଛନ୍ତି। ଏହା ମଧ୍ୟରେ ରହିଛି ଇରାନରେ ଦୁର୍ବଳ ମାନବ ଅଧିକାର ରେକର୍ଡ, କ୍ଷେପଣାସ୍ତ୍ର ଏବଂ ଆଞ୍ଚଳିକ ଛାୟାଯୁଦ୍ଧ। ଏଣୁ ଏହା ବୁଝାମଣାକୁ ଆହୁରି ଜଟିଳ କରିଦେଉଛି। ଜେସିପିଓଏର ଦ୍ୱିତୀୟ ତ୍ରୁଟି ପ୍ରକାଶ ପାଇଥିଲା ବାରାକ ଓବାମାଙ୍କ ରାଷ୍ଟ୍ରପତିତ୍ୱ ସମୟରେ। ସେ ମଧ୍ୟ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ହେଲେ ବିଦେଶୀ କମ୍ପାନୀଗୁଡ଼ିକ ଇରାନ ସହ ବାଣିଜ୍ୟ କିମ୍ବା ନିବେଶ କରିବାକୁ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ଆମେରିକା ସେମାନଙ୍କ ବିରୋଧରେ ଅଣ ଆଣବିକ କଟକଣା ଲଗାଇ ସେମାନଙ୍କ ଉପରେ ଜରିମାନା ଲଗାଇବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ଭୟ ଯୋଗୁ ସେମାନେ ଏଭଳି ଦ୍ୱନ୍ଦ୍ୱରେ ପଡ଼ିଥିଲେ।

ଏହିସବୁ ସମସ୍ୟାର ସ୍ପଷ୍ଟ ସମାଧାନ ହେବା ଦେଖାଯାଉନାହିଁ। ଭବିଷ୍ୟତରେ ଆମେରିକା ଚୁକ୍ତିରୁ ବାହାରିଗଲେ କ'ଣ କ୍ଷତି ହେବ ତାହାକୁ ଉପସ୍ଥାପନ କରିବାକୁ ଇରାନ ଚେଷ୍ଟା କରିଛି। ଏହାଯୋଗୁ ଆମେରିକୀୟ ମଧ୍ୟସ୍ଥଙ୍କ ମଧ୍ୟରେ ନୈରାଶ୍ୟ ଦେଖାଯାଇଛି। ଫଳରେ ଏବକାର ଭିଏନା ଆଲୋଚନା ଆରମ୍ଭ ହେବା ପୂର୍ବରୁ ୫ ମାସ ଅପେକ୍ଷା କରିବାକୁ ହୋଇଛି । ଇରାନ ବି ସମାନ ବୈଠକରେ ଗୋଟିଏ ରୁମ୍‌ରେ ଆମେରିକୀୟଙ୍କ ସହ ସାମିଲ ହେବାକୁ ମନା କରିଦେଇଛି। ଫଳରେ ସ୍ଥିତି ଜଟିଳ ହେଉଛି। ପରିସ୍ଥିତିକୁ ଗୋଳମାଳିଆ ରଖି ଇରାନ ତା' ଆଣବିକ ଶକ୍ତି ବୃଦ୍ଧି କରି ଏକ ପରମାଣୁ ବୋମା ତିଆରି କରିବାକୁ ଚାହୁଁଛି। ଏହିସବୁ କାର୍ଯ୍ୟ ଇସ୍‌ଲାମିକ ରିପବ୍ଲିକ ପାଇଁ ଏକ ଅଧିକ ଲାଭକରୀ ବୁଝାମଣା ଆଣିପାରିବ କି ନାହିଁ ତାହା ମଧ୍ୟ ସନ୍ଦେହରେ। ପ୍ରତ୍ୟେକ ଘଟଣାରେ ଇରାନର କେତେକ କଠୋରପନ୍ଥୀ ନେତା ବିଶ୍ୱାସ କରନ୍ତି ଯେ, ଇରାନର ଆର୍ଥିକ ରୁଗ୍‌ଣାବସ୍ଥା ମୁଖ୍ୟତଃ ଘରୋଇ କାରଣରୁ ହେଉଛି ଓ ଆମେରିକା କଟକଣା ଲଗାଇଲେ ମଧ୍ୟ ଏହାକୁ ଦୂର କରାଯାଇପାରିବ। ସେମାନେ ଯୁକ୍ତିବାଢ଼ନ୍ତି ଯେ, ଏକ ଚୁକ୍ତି ବଦଳରେ କଠିନ ଆର୍ଥିକ ପରିସ୍ଥିତିରୁ ଇରାନ ମୁକୁଳି ପାରିବ। କଟକଣା ମଧ୍ୟରେ ରହିଥିବା ଇରାନର ଅର୍ଥ ବ୍ୟବସ୍ଥା ଏବଂ ଦେଶର ଆର୍ଥିକ ଭାଗ୍ୟକୁ ଜେସିପିଓଏ ସହ ନ ଯୋଡିବାକୁ ରୟିସିଙ୍କ ପ୍ରତିବଦ୍ଧତାମୂଳକ ଅଭିଯାନ ପଛରେ ଏଭଳି ଧାରଣା ରହିଛି। ଅନ୍ୟ କେତେକ କଠୋରପନ୍ଥୀ ଭାବୁଛନ୍ତି ଯେ, ଏବକାର ଆଣବିକ ଅସ୍ତ୍ର ବୃଦ୍ଧି ପ୍ରକ୍ରିୟା ଇରାନର ଅର୍ଥ ବ୍ୟବସ୍ଥାକୁ ପୁନର୍ବାର ପୂର୍ବାମୁଖୀ କରିବ । ଚାଇନା ଓ ରୁଷିଆ ସହ ଦୀର୍ଘମିଆଦୀ ଭାଗୀଦାରି ଚୁକ୍ତି ମାଧ୍ୟମରେ ଅର୍ଥ ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରିବ ବୋଲି ସେମାନେ ମନେ କରୁଛନ୍ତି।

ଅର୍ଥ ବ୍ୟବସ୍ଥାରେ ସୁଧାର ନ ଆସିଲେ ରୟିସିଙ୍କ ହାଉସିଂ ଏବଂ ନୂଆ ଚାକିରିର ମହତ୍ତ୍ୱାକାଂକ୍ଷୀ ପ୍ରତିଶ୍ରୁତି ପୂରଣ ହେବା ଅସମ୍ଭବ। ୨୦୨୨-୨୩ ପାଇଁ ପ୍ରସ୍ତାବିତ ବଜେଟ୍‌ରେ ସରକାର କଠିନ ସ୍ଥିତିରେ ରହିଥିବା ଜଣାପଡ଼ିଛି। ଏଥିରୁ ବୁଝାପଡୁଛି ଯେ, ଆମେରିକାର କଟକଣା ଜାରି ରହିବ ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହା ଅର୍ଥ ବ୍ୟବସ୍ଥାକୁ ସଙ୍କୁଚିତ କରିବ। ଏଥିପାଇଁ ସମୁଦାୟ ସରକାରୀ ବ୍ୟୟ ୯.୬% ସ୍ଥିର କରାଯାଇଥିବାବେଳେ ଚଳିତ ବର୍ଷ ମୁଦ୍ରାସ୍ଫୀତି ୪୦%ରେ ପହଞ୍ଚିବା ସମ୍ଭାବନା ରହିଛି। ମଜୁରି ଓ ଦରମା ୧୦% ବୃଦ୍ଧି ପାଇବା ବୋଲି ଆକଳନ କରାଯାଉଛି। ଫଳରେ ୩ ମିଲିୟନରୁ ଊର୍ଦ୍ଧ୍ୱ ପବ୍ଲିକ ସେକ୍ଟର କର୍ମଚାରୀଙ୍କ ରିୟଲ ଇନକମ୍ ବା ଆୟରେ ୩୦% ହ୍ରାସ ଘଟିବ। ଇରାନର ମୁଖ୍ୟ ପେନସନ ଫଣ୍ଡ୍‌ରେ ଅଧିକ ବ୍ୟୟ କରାଯାଉଛି। ଏଭଳି ସ୍ଥିତିରୁ ମୁକୁଳିବା ଲାଗି ପବ୍ଲିକ ମନି ଡ୍ର କରିବାକୁ ହେଉଛି। ଏଣୁ ଆଉ ୬ ମିଲିୟନ ଅବସରପ୍ରାପ୍ତ କର୍ମଚାରୀ ରିୟଲ ଇନକମ୍‌ରେ କ୍ଷତି ସହିବାର ସମ୍ଭାବନା ରହିଛି। ଜଣେ ରୂଢ଼ିବାଦୀ ଓ କଠୋରପନ୍ଥୀ ଭାବେ ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ଅହମ୍ମଦିନେଜାଦଙ୍କ ବିଫଳତାର ପୁନରାବୃତ୍ତିକୁ ନେଇ ରଇସିଙ୍କ ମନରେ ସମ୍ଭବତଃ ଭୟ ଦେଖାଯାଇଛି। ଅହମ୍ମଦିନେଜାଦ ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଅନ୍ତର୍ଜାତୀୟ ବିଚାରକୁ ଅଣଦେଖା କରିବା ଯୋଗୁ ୨୦୧୦ରେ ଜାତିସଂଘ କଟକଣା ଲାଗଇଥିଲା। ଭିଏନା ବୁଝମଣାରୁ ରଇସି ଦୂରେଇ ରହିବା ଏକ କଠୋର ପଦକ୍ଷେପ ହେବ। ଏହାଦ୍ୱାରା ଭିଏନାରେ ଏକ ନିଷ୍କର୍ଷରେ ପହଞ୍ଚିବା ସମ୍ଭବ ହେବ ନାହିଁ। ଏହି ପରିପ୍ରେକ୍ଷୀରେ ନିକଟରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖୋମିନି କହିଛନ୍ତି ଯେ, ଶତ୍ରୁମାନଙ୍କ ସହ ବୁଝାମଣା କରିବା ଅର୍ଥ ନୁହେଁ ସେମାନଙ୍କ ପାଖରେ ଆତ୍ମସମର୍ପଣ କରିବା।

**ପ୍ରଫେସର ଅଫ୍ ଇକୋନୋମିକ୍ସ, ଭର୍ଜିନିଆ ଟେକ୍**

## କେତେ ସତ କେତେ ମିଛ



ଡା. ଶୁଭଶ୍ରୀ ମିଶ୍ର

କରୋନାର ତୃତୀୟ ଲହର ଓ ସମ୍ଭାବ୍ୟ ଓମିକ୍ରନ୍‌କୁ ନେଇ ସାଧାରଣରେ ଏକ ପ୍ରକାର ଭୟ ଖେଳିଯାଇଛି। ତେବେ ଏ କ୍ଷେତ୍ରରେ ସଚେତନତା ଅଭାବରୁ ମହିଳାମାନେ ଏହି ଦୁଃଖକୁ ସହଜରେ ପରିବାର ସାମ୍ନାରେ ରଖିବା ପାଇଁ ଚାହାନ୍ତି ନାହିଁ। ମହିଳାମାନଙ୍କ ମଧ୍ୟରେ ମାସିକ ରକ୍ତସ୍ରାବ ବେଳେ ଟିକା ନେବାକୁ ନେଇ ଏକ ଗୁଜବ ଚାରିଆଡ଼େ ଚାଲିଛି। କିନ୍ତୁ ରକ୍ତସ୍ରାବ ପୂର୍ବରୁ କିମ୍ବା ହେଉଥିଲା ବେଳେ ନଚେତ୍ ହୋଇସାରିବା ପରେ ଟିକା ନେଲେ ତାହାର ପାର୍ଶ୍ୱ ପ୍ରତିକ୍ରିୟା ସହିତ କୌଣସି ସମ୍ପର୍କ ନାହିଁ। ଟିକା ପରୀକ୍ଷାର ପ୍ରଥମ ପର୍ଯ୍ୟାୟରୁ ଆରମ୍ଭ କରି ତୃତୀୟ ପର୍ଯ୍ୟନ୍ତ ସବୁଥିରେ ଏହି ବିଷୟକୁ ନେଇ ପରୀକ୍ଷା କରାଯାଇଥିଲା ଏବଂ ଗବେଷକମାନେ ଏଥିରେ ସଫଳ ହୋଇଥିଲେ। ତେବେ ସ୍ତନ୍ୟପାନ କରାଉଥିବା ମା'ମାନେ ଛଅ ମାସ ପର୍ଯ୍ୟନ୍ତ ଟିକା ନେଇପାରିବେ ନାହିଁ। କରୋନା ମହାମାରୀ ପାଇଁ ପ୍ରତିଷେଧକ ଟିକା ଗ୍ରହଣ ନେଇ ଏହା ଭିତରେ ସାଧାରଣରେ ବଡ଼ ବିତର୍କ ଓ ଆଲୋଚନା ସୃଷ୍ଟି ହେଲାଣି। କରୋନା ଟିକା ନେବା ଭିତରେ ଗର୍ଭଧାରଣ ବିପଦପୂର୍ଣ୍ଣ ବୋଲି ଜଣାପଡ଼ିବା ପରେ ସାଧାରଣରେ ଏ ନେଇ ସଚେତନତା ବଢ଼ୁଛି। ଗର୍ଭଧାରଣ କରିବା ପରେ ମହିଳାମାନଙ୍କର ଏକ ନିଆରା ଅନୁଭବ ଆସେ। ସେମାନେ ଏକ ନୂଆ ଜୀବନକୁ ଗର୍ଭରେ ଧାରଣ କରିଥିବାରୁ ତାଙ୍କ ଉପରେ ବହୁ କଟକଣା ଲଗାଯାଏ। ଏମିତି କି ଶିଶୁକୁ ଜନ୍ମଦେବା ପରେ ବି ଏହା ଲାଗି ରହେ। ଏୟା ଖାଇବୁ, ଏୟା ଖାଇବୁନି... ଏ କାମ କରିବା ଉଚିତ, ଏହା ଦେଖିବା ଅନୁଚିତ ଏମିତି କେତେ କ'ଣ। ଏହା ପଛକୁ ଅନ୍ଧ ବିଶ୍ୱାସ ବି ଏଥିରେ ସାମିଲ ହୋଇଯାଇଛି। ଗର୍ଭଧାରଣର ସମୟକୁ ନେଇ ପୁଅ ହେବ କି ଝିଅ ଏମିତି ଚିନ୍ତା କରାଯାଏ। କୁହାଯାଏ ପୂର୍ଣ୍ଣିମାରେ ସମ୍ଭୋଗରୁ ଝିଅ ଓ ଚତୁର୍ଥୀ ଚନ୍ଦ୍ର ସମୟରେ ଗର୍ଭ ସଞ୍ଚାର ହେଲେ ପୁଅ ହୁଏ। ଯଦି ଗର୍ଭଧାରଣ ସମୟରେ ହାତ ଶୁଖିଲା ରହେ ତେବେ ପୁଅ ଏମିତି ଧାରଣା ରହିବା ଠିକ୍ ନୁହେଁ। କିନ୍ତୁ ସାଧାରଣରେ ଏଭଳି ମତ ପ୍ରକାଶ ପାଏ ଗର୍ଭଧାରଣ ପରେ। ବେଳେବେଳେ ବି ବେଶି ମିଠା ଖାଇବାକୁ ଇଚ୍ଛା ହେଉଥିଲେ ଝିଅ ଓ ଲୁଣିଆ ଖାଦ୍ୟ ଖାଇବାକୁ ଇଚ୍ଛା ହେଲେ ପୁଅ ହେବ ବୋଲି ବିଶ୍ୱାସ ରହିଛି। କିନ୍ତୁ ଚିକିତ୍ସକଙ୍କ ମତରେ ଏସବୁ ଜିନିଷ ଖାଇବା ଲାଗି ପ୍ରବଳ ଇଚ୍ଛା କିଛି ମିନେରାଲ ଅଭାବ ଓ ଗର୍ଭସ୍ଥ ଶିଶୁ ଲାଗି ଚିନ୍ତା ବଢ଼ିଯିବା ଯୋଗୁ ହୋଇଥାଏ। ବହୁ ମହିଳା ଯେଉଁମାନେ ମା' ହୋଇସାରିଛନ୍ତି ସେମାନେ କହନ୍ତି ଯେ, ସକାଳୁ ଦୁର୍ବଳ ଲାଗିଲେ ଝିଅ ହୁଏ। କିନ୍ତୁ ଚିକିତ୍ସକ କୁହନ୍ତି, ସକାଳୁ ବ୍ଲଡ଼ ସୁଗାର କମିଗଲେ ଦୁର୍ବଳ ଲାଗେ। ଏହାସହ ପୁଅ କି ଝିଅ ହେବାର କିଛି ସମ୍ବନ୍ଧ ନାହିଁ। ଯଦି କେଶ ସୁନ୍ଦର ଓ ସିଲ୍କ ଭଳି ଝଟକିବ ତେବେ ପୁଅର ସୂଚନା, ଏହା ବ୍ୟତିରେକ ଯଦି ଚେହେରାରେ କି କେଶରେ ଚମକ ନ ଥିବ - ତେବେ ଝିଅ ହେବା ଧାରଣା ବି ରହିଛି; ଯାହା ଅମୂଳକ। ଏହା ପଛରେ କୌଣସି ବୈଜ୍ଞାନିକ କାରଣ ନାହିଁ। ଏଭଳି ଶରୀରର ହରମୋନରେ ପରିବର୍ତ୍ତନ ହେବା କାରଣରୁ ହୋଇଥାଏ।

ପେଟ ବଡ଼ ହେଲେ ଝିଅ ଓ ଛୋଟ ରହିଲେ ପୁଅ ହେବାର କଥା ବି ଉଠେ। ଏହା ମଧ୍ୟ ଗ୍ରହଣୀୟ ନୁହେଁ। ପେଟ ବଡ଼ କି ଛୋଟ ତାହା ଶରୀରର ଆକାର ଓ ମାଂସପେଶୀର ଟୋନ ଉପରେ ନିର୍ଭର କରେ। ଅନେକେ ଗର୍ଭବତୀଙ୍କୁ ବେଶି ଖାଇବା ଲାଗି କହନ୍ତି। ଉଭୟ ମା' ଓ ଶିଶୁ ଲାଗି ବଳଦାୟକ ବୋଲି କୁହାଯାଇଥାଏ। କିନ୍ତୁ ଏହା ଅନାବଶ୍ୟକ ବୋଲି କହନ୍ତି ଚିକିତ୍ସକ। ବେଶି ନ ଖାଇ ସୁଷମ ଖାଦ୍ୟ ଖାଇବା ଉଚିତ। ଆଉ ଗୋଟିଏ କଥା ବି ରହିଛି ଯେ, ଘିଅ ଖାଇଲେ ସହଜରେ ଶିଶୁ ଜନ୍ମ ହୋଇଯାଏ। ଆଗେ ମହିଳାମାନେ ପୂରା ପରିବାର ସଦସ୍ୟ ଖାଇସାରିବା ପରେ ଯାହା ବଳୁଥିଲା ତାହା ଖାଉଥିଲେ। ଏଣୁ ଯେତେବେଳେ ଗର୍ଭଧାରଣ କରୁଥିଲେ ସେତେବେଳେ ଭଲ ଖାଦ୍ୟ ତାଙ୍କୁ ଦେବା ବା ସେମାନେ ଭଲ ଖାଇବାର ଏକ ସୁଯୋଗ ପାଉଥିଲେ। ଏଣୁ ଶୁଖିଲା ଖାଦ୍ୟ ସାଙ୍ଗକୁ ଘିଅ ସେମାନଙ୍କୁ ଦିଆଯାଉଥିଲା। ଏବେ କିନ୍ତୁ ସୁଷମ ଓ ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ବେଶି ଖାଇବାକୁ ମିଳୁଛି, କିନ୍ତୁ ଏଭଳି ଅଭ୍ୟାସ ଭଲ ନୁହେଁ। ଏହା ଶିଶୁର ଓଜନ ବୃଦ୍ଧି କରିଦିଏ ଓ ପ୍ରସବ ସମୟରେ ବିପଦ ଦେଖାଦିଏ। କହନ୍ତି ଗର୍ଭଧାରଣର ଶେଷ ମାସ ଆଡ଼କୁ ଘର ଝାଡୁ କଲେ ନର୍ମାଲ ଡେଲିଭରି ହୁଏ। ଏହା ବି ସତ ନୁହେଁ। ଏହାଦ୍ୱାରା ବ୍ୟାକ୍‌ପେନ ହୋଇଥାଏ। ଏହା ବଦଳରେ ସ୍କ୍ୱାଟ କରିବା ଭଲ। ଗର୍ଭଧାରଣ ସମୟରେ କ୍ରାମ୍ପସ, ଭେରିକସ ଭେନସ୍ ଓ ଫୁଲା ଆଦି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ଏଣୁ ଏଥିପ୍ରତି ବି ଧ୍ୟାନ ଦେବାକୁ ହୁଏ। ନିୟମିତ ବ୍ୟାୟାମ କରନ୍ତୁ। ଗର୍ଭଧାରଣ ଜଣେ ମହିଳାଙ୍କ ପାଇଁ ଜୀବନର ଶ୍ରେଷ୍ଠ ଅନୁଭବ। ଏ କ୍ଷେତ୍ରରେ ଅନ୍ୟମାନଙ୍କର କାନକୁହା ଗୁଜବ ଶୁଣନ୍ତୁ ନାହିଁ। ସରକାର ବ୍ୟବସ୍ଥିତ ସମସ୍ତ ଚିକିତ୍ସା ସେବା ଗ୍ରହଣ କରନ୍ତୁ ।

**ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ :୯୮୬୧୪୬୩୪୦୬**

## ଏଇ ଭାରତରେ

ଗାଁ ନାମ ବାଞ୍ଚା। ମଧ୍ୟପ୍ରଦେଶର ବୈତୁଲ ଜିଲାର ଏହି ଗାଁରେ ନା ଅଛି କାଠଚୁଲା ନା ଅଛି ଗ୍ୟାସ୍ ସିଲିଣ୍ଡର। ହେଲେ ଲୋକମାନେ ରୋଷେଇ କରୁଛନ୍ତି। ଏହା ଜାଣି ଆଶ୍ଚର୍ଯ୍ୟ ଲାଗୁଛି। କିନ୍ତୁ ବାସ୍ତବତା ହେଉଛି, ବାଞ୍ଚାର ଲୋକମାନେ ସୌରଶକ୍ତି ଚାଳିତ ଇଣ୍ଡକଶନ ଷ୍ଟୋଭରେ ହିଁ ରୋଷେଇ କରୁଛନ୍ତି। ସୌରଶକ୍ତି ଚାଳିତ ବିଦ୍ୟୁତ୍‌ରେ ରୋଷେଇ କରିବା ଦ୍ୱାରା ଲୋକମାନଙ୍କୁ ଆଉ ଜଙ୍ଗଲରୁ କାଠ କାଟିବାକୁ ପଡୁନାହିଁ। ଏହାଦ୍ୱାରା ପରିବେଶ ଓ ଜଙ୍ଗଲ ସୁରକ୍ଷା ସୁନିଶ୍ଚିତ ହୋଇପାରିଛି। ସୌର ଆଲୋକ ଯୋଗୁ ପିଲାମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧିପାଇଛି। ଜମିରେ ଜଳସେଚନ ଲାଗି ସୌର ବିଦ୍ୟୁତ୍ ବ୍ୟବହାର କରାଯାଉଛି। ଏଭଳି ଏକ ନିଆରା ପରିଚୟ ସୃଷ୍ଟି କରିବା ଲାଗି ବଞ୍ଚାକୁ ପ୍ରାୟ ୫ ବର୍ଷ ଲାଗିଯାଇଛି। ଏହି ଆଦିବାସୀବହୁଳ ଗାଁରେ ୭୪ଟି ପରିବାର ରହୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ଜାନୁୟାରୀ ୧୯୯୭

- ଶ୍ରୀଲଙ୍କା ସହିତ ମୈତ୍ରୀ ସଂପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ଶ୍ରୀଲଙ୍କାକୁ ରପ୍ତାନୀ କରୁଥିବା ୮୦ଟି ସାମଗ୍ରୀ ଉପରେ ଟାରିଫ ମୂଲ୍ୟ ହ୍ରାସ କରିବା ସହ କେତେକ କଟକଣା ଉଠାଇ ନେଇଛି।
- ବିଧାନସଭାରେ ଗଣ୍ଡଗୋଳ କରିବା ଯୋଗୁ ରାଜସ୍ଥାନର ଶାସ ବିଜେପିର ୩ ଜଣ ବିଦ୍ରୋହୀ ବିଧାୟକଙ୍କୁ ଦଳରୁ ଓ ବିଧାୟକ ପାର୍ଟିରୁ ସସ୍‌ପେଣ୍ଡ କରାଯାଇଛି।
- ହିମାଚଳ ପ୍ରଦେଶର ଉନ୍ନା ଜିଲା ଅନ୍ତର୍ଗତ ବିତ ଗ୍ରାମରେ ବିଷାକ୍ତ ମଦ ପିଇ ୧୩ ଜଣ ଲୋକଙ୍କର ମୃତ୍ୟୁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 1 | | 6 |
| 3 | | | | 8 | 4 | | | |
| | 8 | 6 | | | | | | 2 |
| 7 | | 9 | | | | | | |
| 6 | 3 | 1 | | | | | | |
| | | 8 | 3 | 9 | | | 7 | 1 |
| | | | 9 | 3 | | | | |
| | | | 8 | | | | | 7 |
| | 4 | | | 1 | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 4 | 1 | 6 | 8 | 7 | 2 | 9 |
| 2 | 1 | 8 | 9 | 7 | 5 | 4 | 6 | 3 |
| 6 | 9 | 7 | 2 | 4 | 3 | 8 | 5 | 1 |
| 1 | 6 | 5 | 7 | 8 | 2 | 9 | 3 | 4 |
| 8 | 2 | 9 | 3 | 5 | 4 | 1 | 7 | 6 |
| 7 | 4 | 3 | 6 | 9 | 1 | 2 | 8 | 5 |
| 4 | 8 | 6 | 5 | 2 | 9 | 3 | 1 | 7 |
| 9 | 7 | 1 | 8 | 3 | 6 | 5 | 4 | 2 |
| 5 | 3 | 2 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

# ଭାଟ୍ ନିଅ ଭୋଟ୍ ଦିଅ



ଅକ୍ଷୟ କୁମାର ମିଶ୍ର

ଗଣତାନ୍ତ୍ରିକ ପ୍ରକ୍ରିୟାଗୁଡ଼ିକ ମଧ୍ୟରେ ନିର୍ବାଚନ ଏକ ମୁଖ୍ୟ ପ୍ରସଙ୍ଗ ହୋଇଥିବାବେଳେ ପ୍ରସଙ୍ଗବିହୀନ ନିର୍ବାଚନ ଯେ ଗଣତନ୍ତ୍ରକୁ ଦୁର୍ବଳ କରିବ ଏହା ଅସ୍ୱୀକାର କରାଯାଇ ନ ପାରେ। ପ୍ରତ୍ୟେକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ଜରିଆରେ ସରକାର ଗଢ଼ାଯାଏ । ସରକାର ଯେଉଁ ରାସ୍ତାରେ ଦେଶକୁ ପରିଚାଳନା କରନ୍ତି ଦେଶ ସେହି ରାସ୍ତାରେ ଚାଲେ। ପୁନଶ୍ଚ ଯେଉଁ ରାଜନୈତିକ ଦଳ ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରେ ସେହି ଦଳ ଶାସନ ଚୌକିରେ ବସେ। ଏହାକୁ ଦୃଷ୍ଟିରେ ରଖି ରାଜନୈତିକ ଦଳମାନେ ଜିତାପଟ ହାସଲ କରିବା ପାଇଁ ନିଜ ନିଜର ରଣନୀତି ପ୍ରସ୍ତୁତ କରନ୍ତି। ଏଥିରେ ଏମିତି କୌଶଳ ଆପଣାନ୍ତି ଯେମିତି ଜନତା ଜନାର୍ଦ୍ଦନଙ୍କ ମନ କିଣିହେବ, ସେମାନଙ୍କ ସମର୍ଥନ ମିଳିବ। ଏହି କୌଶଳର ପ୍ରଧାନ ଅସ୍ତ୍ର ହେଲା ନିର୍ବାଚନୀ ଇସ୍ତାହାର ଅର୍ଥାତ ପ୍ରତିଶ୍ରୁତିର ଶ୍ୱେତପତ୍ର। ବିଶେଷକରି ଅଶୀ ଦଶକଠାରୁ ଦେଶରେ ଅଥବା ରାଜ୍ୟଗୁଡ଼ିକରେ ଯେଉଁସବୁ ନିର୍ବାଚନ ଅନୁଷ୍ଠିତ ହୋଇଆସିଛି ଅଧିକାଂଶ ନିର୍ବାଚନରେ ଏହାହିଁ ଘଟିଛି, ପ୍ରସଙ୍ଗ ଅପେକ୍ଷା ପ୍ରତିଶ୍ରୁତି ମତଦାତାଙ୍କୁ ଅଧିକ ଆକୃଷ୍ଟ କରିପାରିଛି।

ନିର୍ବାଚନ ରଣାଙ୍ଗନରେ ରାଜନୈତିକ ଦଳମାନେ ଆଜିକାଲି ଯେଉଁସବୁ କୌଶଳ ଆପଣେଇ ଚାଲିଛନ୍ତି ତା'ର ଶେଷ ପରିଣତି ହେଉଛି ସଂହତି, ସଂପ୍ରୀତି, ଭାଇଚାରା ବରଂ ବିପର୍ଯ୍ୟସ୍ତ ହେଉ ବିଜୟ ମୁକୁଟ ପିନ୍ଧିବା ଆବଶ୍ୟକ। ସେଇଥିପାଇଁ ତ ବିଭାଜନ ରାଜନୀତି ମୁଣ୍ଡ ଟେକିଛି। ଜାତି ଜାତି ଭିତରେ ବିଭାଜନ କରିବା, ଧର୍ମୀୟ ଧ୍ରୁବୀକରଣ କରିବାକୁ ଉଦ୍ୟମ କରିବା, ହିଂସାର ଆଶ୍ରୟ ନେଇ ଭୟର ବାତାବରଣ ସୃଷ୍ଟି କରିବା ଆଦି କୌଶଳ ଅବଲମ୍ବନ କରିବାକୁ ରାଜନୈତିକ ଦଳଗୁଡ଼ିକ କୁଣ୍ଠାବୋଧ କରୁନାହାନ୍ତି।

ଏସବୁକୁ ଛାଡ଼ିଦେଲେ ଆଜି ଦିନରେ ସବୁଠାରୁ ବଡ଼ କୌଶଳ ହେଲା 'ଭାଟ୍ ନିଅ ଭୋଟ୍ ଦିଅ'। ଭାଟ୍(ଭିଏଟି)କହିଲେ ଭ୍ୟାଲୁ ଆଡେଡ ଟ୍ୟାକ୍ସ ବା ମୂଲ୍ୟଯୁକ୍ତ ଟିକସକୁ ବୁଝିବା ସ୍ୱାଭାବିକ। କିନ୍ତୁ ଏହି ପରିପ୍ରେକ୍ଷୀରେ ଭାଟ୍ ଅର୍ଥ ଭୋଟର ଆଟ୍ରାକଟିଭ ଟାବଲେଟ ବୋଲି ବୁଝିବାକୁ ଅନୁରୋଧ। ଏହି ଟାବଲେଟ ଦୁଇ ପ୍ରକାରର। ଗୋଟିଏ ପ୍ରକାରର ଟାବଲେଟ ନିର୍ବାଚନ ପୂର୍ବରୁ ଦିଆଯାଏ। ଏହାର ଖର୍ଚ୍ଚ ପ୍ରାର୍ଥୀ ଅଥବା ଦଳ ନିଜ ପକେଟରୁ ବହନ କରନ୍ତି। ଏହା ଅଘୋଷିତ, ଅପ୍ରକାଶିତ ତଥା ହିସାବ ବହିର୍ଭୂତ, ଯେଉଁଥିରେ ହାଇଭୋଲ୍ଟେଜର ପ୍ରଚାରଠାରୁ ମଦ, ମାଂସ ଓ ମୁଦ୍ରା ବାବଦକୁ ଖର୍ଚ୍ଚ ଅନ୍ତର୍ଭୁକ୍ତ। ଆଉ ଏକ ପ୍ରକାର ଟାବଲେଟ ଦିଆଯିବ ବୋଲି ପ୍ରକାଶ୍ୟରେ ଘୋଷଣା କରାଯାଏ। ଏହାର ବ୍ୟୟଭାର ସର୍ବସାଧାରଣ ବହନ କରନ୍ତି। ଅବଶ୍ୟ ଏହି ଟାବଲେଟ ମିଳିବାର ସମ୍ଭାବନା ସୁନିଶ୍ଚିତ ନୁହେଁ। ଏହାର ଆକର୍ଷଣ ଶକ୍ତି ଅଧିକ। କିନ୍ତୁ ପାଇବାର ଆଶା ବିମୋହିତ କରିଦିଏ ଅନେକଙ୍କୁ। ଭାଟ୍ ନିକଟରେ ଫିକା ପଡ଼ିଯାଏ ପ୍ରାର୍ଥୀର ଯୋଗ୍ୟତା, ତା'ର ସ୍ୱଚ୍ଛତା, ନିର୍ମଳ ଭାବମୂର୍ତ୍ତି, ତ୍ୟାଗ, ତିତିକ୍ଷା। ଲୁଚିଯାଏ ଭାଟ୍‌ର ପରଦା ଆଢୁଆଳରେ ଜାତୀୟ ପ୍ରସଙ୍ଗ, ସାମାଜିକ ବ୍ୟବସ୍ଥା। ଦେଶର ଅର୍ଥନୈତିକ ଅବସ୍ଥା ସମ୍ପର୍କରେ ଆଲୋଚନା ବିଶ୍ଳେଷଣ ଭାଟ୍‌ର ଦୁନ୍ଦୁଭି ଶବ୍ଦରେ ଜନତାଙ୍କ କର୍ଣ୍ଣ ଗହ୍ୱର ଭେଦ କରିପାରେ ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, କୃଷି, କର୍ମ ନିଯୁକ୍ତି ଆଉ ପ୍ରସଙ୍ଗ ଭିତରେ ସ୍ଥାନ ପାଏ ନାହିଁ। ଏପରିକି ସରକାରଙ୍କ ପାରିବାପଣିଆ ନେଇ ଉଠୁଥିବା ପ୍ରଶ୍ନ, ସେମାନଙ୍କର ଦୁର୍ନୀତି ସହିତ ବୁଝାମଣା, ଅସାମାଜିକ ବ୍ୟକ୍ତିମାନଙ୍କ ସାଥିରେ ମଧୁଚନ୍ଦ୍ରିକା ଆଦି ଅଭିଯୋଗ ଗୁରୁତ୍ୱହୀନ ହୋଇଯାଏ। ଭାଟ୍ ପାଇଁ ଭୋଟ୍ ଅଜାଡ଼ି ହୋଇପଡ଼େ।

ଏମିତି କିଛି ମନଜିଣା ସ୍ଲୋଗାନ ଏବଂ ମନଲୋଭା ପ୍ରତିଶ୍ରୁତିର କମାଲ ପ୍ରଥମେ ୧୯୭୧ ମସିହା ସାଧାରଣ ନିର୍ବାଚନରେ ଦେଖିବାକୁ ମିଳିଥିଲା। କ୍ରମେ ଏହା ସାମୂହିକ ସ୍ତରରୁ ବ୍ୟକ୍ତିଗତ ସ୍ତରରେ ପହଞ୍ଚିଲାଣି। ଯେଉଁ ଦଳ ଯେତେ ଅଧିକ ପ୍ରତିଶ୍ରୁତି ପ୍ରଦାନ କରୁଛି ତା'ର ବିଜୟ ସମ୍ଭାବନା ସେତେ ଉଜ୍ଜ୍ୱଳ ମନେହେଉଛି। ଏମିତି ଏକ ପ୍ରତିଯୋଗିତା ଆରମ୍ଭ ହେଲାଣି ଯେ ମାଗଣା ସାଇକେଲ ନୁହେଁ ସ୍କୁଟର, ଟିଭି, ଫ୍ରିଜ, ମଙ୍ଗଳ ସୂତ୍ର ଦେବାଯାଏ କଥା ଗଲାଣି।

କିଏ କହୁଛି ଆମେ ଜିତିଲେ ପ୍ରତି ମାସରେ ଘରଣୀଙ୍କ ଜମା ଖାତାକୁ ଏକ ହଜାର କରି ଟଙ୍କା ଆସିବ। କିଏ କହୁଛି ମାଗଣା ଚାଉଳ ସାଙ୍ଗକୁ ଡାଲି, ତେଲ, ଲୁଣ, ଆଳୁ, ପିଆଜ ଫ୍ରି । ଆଉ କିଏ ଘୋଷଣା କରୁଛି ବିଜୁଳି ଶୁଳ୍କ ପାଣି କର ଦେବାକୁ ପଡ଼ିବନି। କାହାର ନିର୍ବାଚନୀ ଇସ୍ତାହାର ଭିତରେ ରହୁଛି ରଣଛାଡ଼ର ପ୍ରତିଶ୍ରୁତି। କିଏ କହୁଛି ଝିଅ ବାହାଘର ସମୟରେ ଯାନି ଯୌତୁକ ବାବଦକୁ ଖର୍ଚ୍ଚ ଆମର। ପାଦକୁ ପାଉଁଜି, କାନକୁ କାନଫୁଲ, ଗଳାକୁ ହାର, ହାତକୁ ଚୁଡ଼ିର ଦାୟିତ୍ୱ ଆମର। ପୁଣି କରୋନା ମହାମାରୀରୁ ଫାଇଦା ଉଠାଇବା ପାଇଁ ପ୍ରଥମେ ଏହି ରାଜ୍ୟରେ ସମସ୍ତଙ୍କୁ ମାଗଣା ଟିକା ଦିଆଯିବ ବୋଲି ଘୋଷଣା ଭାଟ୍‌ର ସ୍ଥିତିକୁ ଆହୁରି ମଜଭୁତ କଲା, ଏହା ସମସ୍ତେ ହୃଦୟଙ୍ଗମ କରିଥିବେ ନିଶ୍ଚୟ। ଏମିତି କେତେ। ଲେଖିଲେ କାଗଜ ଅଣ୍ଟିବନି। କେହି କହୁ ନାହିଁ ଏତିକି ଜମି ଜଳସେଚନ ହେବ, ଉତ୍ପାଦିତ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଏତିକି ହେବ, ଏତିକି ଶିଳ୍ପ ପ୍ରତିଷ୍ଠା ହେବ, ଏତିକି କର୍ମନିଯୁକ୍ତି ଦେବି, ଡାକ୍ତରଖାନାରେ ଡାକ୍ତର, ଶିକ୍ଷାନୁଷ୍ଠାନରେ ଶିକ୍ଷକ ପଦବୀ ଶୂନ୍ୟରହିବ ନାହିଁ, ଲାଞ୍ଚ ଦେବାକୁ ପଡ଼ିବ ନାହିଁ, ସରକାରୀ କାମରେ କଳଙ୍କିତ ପିସି ନେବା ବ୍ୟବସ୍ଥା ଉଠିଯିବ, ପ୍ରତି ଗାଁକୁ ବିଜୁଳି ସଂଯୋଗ ହେବ, ପାନୀୟଜଳର ଅଭାବ ରହିବ ନାହିଁ, ଦରଦାମ୍ ବୃଦ୍ଧି ହେବ ନାହିଁ। କେହି ଅନାହାରରେ ରହିବେ ନାହିଁ, ଚାଷୀ ଆତ୍ମହତ୍ୟା ବନ୍ଦ ହେବ, ଭିକ୍ଷାବୃତ୍ତି ରହିବ ନାହିଁ, ନିଶାମୁକ୍ତ ଭାରତ ଗଢ଼ିବି, ଶୋଷଣ, କଷଣ, ବଳାତ୍କାର ବିରୋଧରେ କଠୋର ହେବି। ପରନ୍ତୁ ଅଘୋଷିତ ଧମକ ଆମେ ହାରିଗଲେ ସମସ୍ତ ତଥାକଥିତ ଲୋକପ୍ରିୟ ଯୋଜନା ବନ୍ଦ ହୋଇଯିବାର ମିଥ୍ୟା ଭୟ ସଞ୍ଚାର କରିବାକୁ ପଛାଉ ନାହାନ୍ତି, ଯାହାର ବେଶ୍ କିଛି ପ୍ରଭାବ ନିର୍ବାଚନରେ ପଡୁଛି।

ସତ କଥା କହିବାକୁ ଗଲେ ଦେଶର ଗରିବ ଲୋକଙ୍କର ଅର୍ଥନୈତିକ ବିକାଶ ଉଦ୍ଦେଶ୍ୟରେ ଆଜି ପର୍ଯ୍ୟନ୍ତ ଯେଉଁ ସବୁ ଯୋଜନା ପ୍ରଣୟନ ହୋଇଛି ତାହା ଯେ ଦାରିଦ୍ର୍ୟ ଦୂରୀକରଣର ସ୍ଥାୟୀ ସମାଧାନ ନୁହେଁ ଏ କଥା ସରକାର ଓ ସାଧାରଣ ଜନତା ସମସ୍ତେ ଭଲଭାବରେ ଜାଣନ୍ତି। ଏହା ସମସ୍ତେ ଉପଲବ୍ଧି କରୁଛନ୍ତି, ଏ ପ୍ରକାର ଭାଟ୍ ବ୍ୟବସ୍ଥା ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। କିନ୍ତୁ ତୁଣ୍ଡ ଖୋଲିବାକୁ ସାହସ ନାହିଁ। ଆଉ ଯଦି କେହି ପ୍ରତିବାଦ କରିବ ସଂସଦୀୟ ଗଣତନ୍ତ୍ରରେ ପାଦ ଥାପିବାକୁ ଭୂମି ନ ଥିବ। ଏହାର ପ୍ରମୁଖ କାରଣ ଏହି ବ୍ୟବସ୍ଥା ପ୍ରଚଳନ ହେବାର କୋଡିଏ ବର୍ଷ ଭିତରେ ଏକ ଲମ୍ବା ମିଛ ଉପଭୋକ୍ତାର ତାଲିକା ତିଆରି ହୋଇଯାଇଛି। ଏମାନେ ସମସ୍ତେ ଭାସମାନ ଭୋଟର। କୌଣସି ଦଳ ଏମାନଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହାନ୍ତି ନାହିଁ। କିନ୍ତୁ ଏମାନେ କାହାରି ନୁହନ୍ତି। ଏମାନଙ୍କ କଥା ହେଲା - ଭାଟ୍ ଦିଅ ଭୋଟ୍ ନିଅ। ଏହି 'ନିଅ-ଦିଅ', 'ଦିଅ-ନିଅ' ଭିତରେ ଆମ ଗଣତନ୍ତ୍ର, ଆମ ନିର୍ବାଚନ, ଆମ ନେତା, ଆମ ଜନତା।

କ୍ଷମା କରିବେ ମୋ ଭାଷାରେ ଏହି ଭାଟ୍ ବ୍ୟବସ୍ଥା ନିର୍ବାଚନ ପୃଷ୍ଠଭୂମିରେ ଏକ ଉତ୍କୋଚ କହିଲେ ଭୁଲ ହେବ ନାହିଁ। ଏହା କେବଳ କର୍ମ ସଂସ୍କୃତି ଉପରେ କୁପ୍ରଭାବ ପକାଉ ନାହିଁ ବରଂ ଅର୍ଥନୈତିକ ମେରୁଦଣ୍ଡକୁ ସୁସ୍ଥ ସବଳ ଶକ୍ତ କରିବାରେ ପ୍ରତିବନ୍ଧକ ସାଜୁଛି । ଯେ ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟାରେ ପରିବର୍ତ୍ତନ ଆସିନାହିଁ, ନିର୍ବାଚନ ଆୟୋଗ ଚାପଶୂନ୍ୟ ଏବଂ ନିର୍ଭୀକ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ଦେଶରେ ଅବାଧ ଓ ନିରପେକ୍ଷ ନିର୍ବାଚନ ସୁଦୂର ପରାହତ ଏଥିରେ ସନ୍ଦେହ ନାହିଁ। ଏଥିସହିତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ କ୍ଷମତାର ନାଭିକେନ୍ଦ୍ର ଯେଉଁମାନେ, ଯେଉଁଠୁ କ୍ଷମତା ଅନ୍ୟ ପାଖକୁ ସଞ୍ଚରିତ ହୁଏ ସେମାନଙ୍କୁ ବିଜ୍ଞତାର ପରିଚୟ ଦେବାକୁ ପଡ଼ିବ। ସେହି ଜନତା ଜନାର୍ଦ୍ଦନହିଁ ଶାସକ ଓ ଶାସନବ୍ୟବସ୍ଥାକୁ ଲଗାମ ଦେଇପାରିବେ। ଭାଟ୍ ନିଅ ଭୋଟ୍ ଦିଅ ଭଳି ଏକ କଳଙ୍କିତ ଅଧ୍ୟାୟର ପୂର୍ଣ୍ଣଚ୍ଛେଦ ପଡ଼ିପାରିବ।

**ପ୍ରାକ୍ତନ୍ ଯୁଗ୍ମ ସାଧାରଣ ସମ୍ପାଦକ (ଓଷ୍ଟା)**
**ମୋ:୭୦୦୮୦୭୩୫୯୯**

## ପାଠକ ଶ୍ରେଷ୍ଠ ବିଚାରକ

### ଧନ୍ୟ ଆମ ନେତା

ମହାଶୟ,

ଦୁଇବର୍ଷ ହେଲା କରୋନା ଯୋଗୁ ସବୁ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ସରକାରଙ୍କ ପକ୍ଷରୁ ନାନାପ୍ରକାର କଟକଣା ଜାରି କରାଯାଉଛି। ହେଲେ ଅମାନିଆ ନେତାମାନଙ୍କ ଯୋଗୁ ଏଥିରେ ବ୍ୟତିକ୍ରମ ହେଉଛି। କଟକଣା ଉଲ୍ଲଂଘନ କରିବା ଆଗରେ ବହୁ ବିଧାୟକ ଓ ସାଂସଦଙ୍କ ନାମ ଆସୁଛି। ଖବରକାଗଜରେ ଯାହା ଦେଖିବାକୁ ବା ପଢ଼ିବାକୁ ମିଳୁଛି ସତେଯେପରି ସେମାନେ କଟକଣା ମାନିବାକୁ ପ୍ରସ୍ତୁତ ନୁହନ୍ତି। କରୋନାକୁ ନେଇ ନେତାମାନଙ୍କ ଭାଷଣ କିନ୍ତୁ ଲମ୍ବା । ଏଇମାନଙ୍କ ଆଦର୍ଶରେ ଆମେ କ'ଣ ଅନୁପ୍ରାଣୀତ ହେବା। ଏଇଭଳି ନେତା ଦରକାର, ରାଜ୍ୟରୁ ସବୁ ଦୁଃଖ ଏମାନଙ୍କ ପରି ନେତାଙ୍କ ଯୋଗୁ ବଦଳିଯିବ। କିଏ କହିବ ଏମାନଙ୍କୁ। କାହାର କ୍ଷମତା ଅଛି ? ଧନ୍ୟ ଆମ ନେତା।

**-ସଚ୍ଚିଦାନନ୍ଦ ମିଶ୍ର, ଗଡ଼ହଳଦିଆ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତୋ ବିହୁନେ ଏ ଜଗତ-ପଥ ଅମାକାର,
ମୁହିଁ ସିନା ସୃଷ୍ଟି, ତୁ ଯେ ସ୍ରଷ୍ଟା ତୁ ଯେ କବି!
ମୁଁ ଦେଖାଏଁ ରୂପ ମାତ୍ର ତୋର ପ୍ରେମେ ଦ୍ରବି
କୋମଳ ବୋଲାଏଁ ମୁହିଁ, ତୋହରି ଆକାର
ସ୍ମରି ନିଶିଦିନ ମୁଁ ଯେ ସୁନ୍ଦରୀ ଜଗତେ!
-(ପୁରୁଷ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ



ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ନିଜ ପରିବାରର ପାରମ୍ପରିକ ଆସନ ମୈନପୁରୀରୁ ଏଥର ନିର୍ବାଚନ ଲଢ଼ିପାରନ୍ତି। ଏହି ଆସନରେ ୧୯୯୩ରୁ ଏସ୍‌ପି ପ୍ରାର୍ଥୀ ବିଜୟୀ ହୋଇଆସୁଛନ୍ତି। କେବଳ ୨୦୦୨ରୁ ୨୦୦୭ ମଧ୍ୟରେ ୫ ବର୍ଷ ମୈନପୁରୀ ଆସନ ଭାଜପା ଦଖଲରେ ରହିଥିଲା।



# ଗୋରଖପୁରରେ ଯୋଗୀ-ରାବଣ ଲଢ଼େଇ

**ନୋଏଡା,୨୦।୧**

ଭୀମ ଆର୍ମି ମୁଖ୍ୟ ଚନ୍ଦ୍ରଶେଖର ଆଜାଦ୍ ଓରଫ ରାବଣ ଏଥର ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାଜପା ଯୋଗୀଙ୍କୁ ଗୋରଖପୁର ସଦର ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିଥିବାବେଳେ ସମାନ ଆସନରୁ ଆଜାଦ୍ ଲଢ଼ିବାକୁ ଯାଉଛନ୍ତି। ଏନେଇ ସେ ଟୁଇଟ୍ କରି ସୂଚନା ଦେଇଛନ୍ତି।

ଆଇନଜୀବୀରୁ ରାଜନେତା ସାଜିଥିବା ୩୫ ବର୍ଷୀୟ ଆଜାଦ୍ ହେଉଛନ୍ତି ନବଗଠିତ ଆଜାଦ୍ ସମାଜ ପାର୍ଟି (କାଂସିରାମ)ର ଅଧ୍ୟକ୍ଷ। ୨୦୨୧ ଫେବୃୟାରୀରେ ଟାଇମ୍ ମାଗାଜିନ୍ ୧୦୦ ଜଣ ଉଦୀୟମାନ ନେତାଙ୍କୁ ନେଇ ପ୍ରସ୍ତୁତ ବାର୍ଷିକ ତାଲିକାରେ ଆଜାଦ୍‌ଙ୍କୁ ସ୍ଥାନ ଦେଇଥିଲା। ତାଙ୍କୁ ଗୋରଖପୁର ସଦର ଆସନରୁ ଟିକେଟ ଦିଆଯାଇଥିବା ବିଷୟ ଦଳର ରାଷ୍ଟ୍ରୀୟ



ଯୋଗୀ ଆଦିତ୍ୟନାଥ



ଚନ୍ଦ୍ରଶେଖର ଆଜାଦ୍

କୋର୍ କମିଟି ସଦସ୍ୟ ମହମ୍ମଦ ଅକିବ୍ ସ୍ପଷ୍ଟ କରିଛନ୍ତି। ଏନେଇ ଆଜାଦ୍ ଟୁଇଟରରେ ଲେଖିଛନ୍ତି, ବାବାସାହେବ ଭୀମରାଓ ଆମ୍ବେଡକର ଏବଂ କାଂସିରାମ ସାହେବଙ୍କ ବିଚାରଧାରାକୁ ଆଗକୁ ବଢ଼ାଇବା ପାଇଁ ଦଳ ତାଙ୍କୁ ଗୋରଖପୁର ସଦର (୩୨୨)ରୁ ପ୍ରାର୍ଥୀ କରିଛି। 'ବହୁଜନ ହିତାୟ-ବହୁଜନ ସୁଖାୟ'। ପରିବର୍ତ୍ତନ ପାଇଁ ସେ ନିଜ ଦମ୍‌ରେ ଲଢ଼େଇ କରିବେ ବୋଲି ପ୍ରମୁଖ ଦଳିତ ଚେହେରା ଆଜାଦ୍ କହିଛନ୍ତି।

ପ୍ରକାଶ ଯେ, ଭାଜପା ଏହି ଆସନରୁ ୪ ଥର ବିଧାୟକ ହୋଇଥିବା ଡକ୍ଟର ରାଧାମୋହନ ଦାସ ଅଗ୍ରୱାଲଙ୍କ ଟିକେଟ କାଟି ଯୋଗୀଙ୍କୁ ପ୍ରାର୍ଥୀ କରିଛି। ମାର୍ଚ୍ଚ ୩ରେ ଗୋରଖପୁର ସଦର ଆସନରେ ନିର୍ବାଚନ ହେବ। ଯୋଗୀ ଏହା ପୂର୍ବରୁ କୌଣସି ବିଧାନସଭା ନିର୍ବାଚନରେ ନିଜେ ପ୍ରତିଦ୍ୱନ୍ଦ୍ୱିତା କରି ନ ଥିଲେ।

# ନାମାଙ୍କନ ବେଳେ ବଢୁଛି ଗହଳି

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**
- ପ୍ରାର୍ଥୀ ମାନୁନାହାନ୍ତି କୋଭିଡ୍ ନିୟମ
- ଭିଡ଼ ରୋକିବାକୁ ଡିଜିପିଙ୍କୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ଯେତେ ପାଖେଇ ଆସୁଛି ଗାଁଗହଳିରେ ରାଜନୀତି ସେତେ ସରଗରମ ହେଉଛି। ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜୋରସୋର ଚାଲିଛି। ଗତ ୧୭ ତାରିଖରୁ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରୁଥିବା ବେଳେ ବିଭିନ୍ନ ସ୍ଥାନରେ ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି। କୋଭିଡ୍ ନିୟମକୁ ପ୍ରାର୍ଥୀ କିମ୍ବା ସେମାନଙ୍କ ସମର୍ଥକ ମାନୁନାହାନ୍ତି। ମାଳମାଳ ଲୋକ ନାମାଙ୍କନ ଦାଖଲ ବେଳେ ସାମିଲ ହେଉଥିବା ଯୋଗୁ ରାଜ୍ୟ ନିର୍ବାଚନ କମିଶନର ପରିସ୍ଥିତିକୁ ଗମ୍ଭୀରତାର ସହ ନେଇଛନ୍ତି। ନାମାଙ୍କନ ଦାଖଲ ବେଳେ ଯେପରି ଭିଡ଼ ନ ହେବ ସେଥିପ୍ରତି ପଦକ୍ଷେପ ନେବାକୁ କମିଶନ ମହାନିର୍ଦ୍ଦେଶକ(ଡିଜିପି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ନାମାଙ୍କନ ଦାଖଲର ଶେଷ ଦିବସ। ଏହି ଦିନ ସର୍ବାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମ୍ଭାବନା ଥିବାରୁ ଭିଡ଼ ଅଧିକ ହେବ ବୋଲି ଅନୁମାନ କରାଯାଉଛି। ଶେଷ ଦିବସରେ ଯେପରି ଅଧିକ ଗହଳି ନ ହେବ ଓ ଗାଇଡ୍‌ଲାଇନ ଉଲ୍ଲଂଘନ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ପୋଲିସ ଡିଜିପିଙ୍କୁ ରାଜ୍ୟ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାର୍ଥୀଙ୍କ ସହ ସମର୍ଥକମାନେ ନାମାଙ୍କନ କେନ୍ଦ୍ରରେ ଭିଡ଼ କରୁଥିବାର ଦୃଶ୍ୟ ପ୍ରତ୍ୟେକ ଦିନ ସାମ୍ନାକୁ ଆସୁଛି। ନିର୍ବାଚନ ପରିଚାଳନା ନେଇ ଜାନୁୟାରୀ ୧୫ ତାରିଖରେ ଏସ୍‌ପି ଓ ଜିଲାପାଳଙ୍କ ସହ ନିର୍ବାଚନ କମିଶନର ବୈଠକ କରିଥିଲେ। ଜଣେ ଡିଏସ୍‌ପି ପାହ୍ୟାର ପୋଲିସ ଅଧିକାରୀଙ୍କୁ କୋଭିଡ୍ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯିବ। ପ୍ରାର୍ଥୀପତ୍ର ଦାଖଲ ବେଳେ ଏବଂ ନିର୍ବାଚନ ସଭା ଅନୁଷ୍ଠିତ ବେଳେ ଭିଡ଼କୁ ନିୟନ୍ତ୍ରଣ କରିବା ସହ କୋଭିଡ୍-୧୯ ନିୟମକୁ କଡ଼ାକଡ଼ି ପାଳନ କରିବାକୁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଶେଷ ଦିନରେ ସର୍ବାଧିକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଯେମିତି ଭିଡ଼ ନ ହେବ ଓ ଗାଇଡ୍‌ଲାଇନ ଉଲ୍ଲଂଘନ ନ ହେବ ସେଥିପ୍ରତି ଦୃଷ୍ଟିଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଶୁକ୍ରବାର ନାମାଙ୍କନପତ୍ର ଦାଖଲ ଶେଷ ହେବା ପରେ ୨୨ ତାରିଖରେ ଯାଞ୍ଚ, ୨୫ ତାରିଖ ଅପରାହ୍ନ ୩ଟା ମଧ୍ୟରେ ନାମାଙ୍କନପତ୍ର ପ୍ରତ୍ୟାହାର କରିହେବ। ସେହିଦିନ ସନ୍ଧ୍ୟାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଆସନ୍ତା ଫେବୃୟାରୀ ୧୬ରୁ ସମଗ୍ର ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବ। ରାଜ୍ୟରେ ୫ଟି ପର୍ଯ୍ୟାୟ ଫେବୃୟାରୀ ୧୬, ୧୮,୨୦,୨୨ ଓ ୨୪ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ସେହିପରି ଫେବୃୟାରୀ ୨୬, ୨୭ ଓ ୨୮ତାରିଖରେ ଭୋଟଗଣତି ସମସ୍ତ ବ୍ଲକ ମୁଖ୍ୟାଳୟରେ ଜିଲା ପରିଷଦ ଜୋନ୍‌ୱାରି ହେବ। ଭୋଟଗଣତି ସମାପ୍ତ ସହ ଫେବୃୟାରୀ ୨୮ତାରିଖରେ ଆଦର୍ଶ ଆଚରଣ ବିଧି ପ୍ରତ୍ୟାହାର ହେବ। କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରାଯାଇ ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ। ଜଣେ ପ୍ରାର୍ଥୀ ସର୍ବାଧିକ ୫ ଜଣଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର କରିପାରିବେ। ପ୍ରାର୍ଥୀପତ୍ର ଦାଖଲ ବେଳେ ସାଙ୍ଗରେ କେବଳ ଜଣଙ୍କୁ ନେବାକୁ କଡ଼ା ନିର୍ଦ୍ଦେଶ ରହିଛି। ହେଲେ ଏବେ ତାହାର ଖୁଲମଖୁଲା ଉଲ୍ଲଂଘନ ଦେଖିବାକୁ ମିଳିଛି। ଭିଡ଼ ରୋକିବାକୁ କମିଶନ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏମ୍‌ବିଏ ଛାତ୍ରୀ ଜିଲା ପରିଷଦ ପ୍ରାର୍ଥୀ

**ବାଲେଶ୍ୱର ଅଫିସ, ୨୦।୧**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ୩୫ ନଂ. ଜୋନ୍‌ରୁ ଭାଜପା ଜିଲା ପରିଷଦ ପ୍ରାର୍ଥିନୀ ଭାବେ ଜଣେ ଏମ୍‌ବିଏ ଛାତ୍ରୀ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ହେଲେ ପ୍ରଜ୍ଞା ପାରମିତା ଜେନା। ରାଜନୀତିରେ ପାଦ ଦେବା ସମ୍ପର୍କରେ ପ୍ରଜ୍ଞା କହିଛନ୍ତି, ସରକାର ହିତାଧିକାରୀଙ୍କ ପାଇଁ ପ୍ରଦାନ କରୁଥିବା ୧୦ଟଙ୍କାରୁ ୯ଟଙ୍କା ଅନ୍ୟମାନେ ହଡ଼ପ କରୁଛନ୍ତି। ତାକୁ ସୁରକ୍ଷିତ ରଖିବା ସହିତ ଲୋକଙ୍କର ସ୍ୱାସ୍ଥ୍ୟ, ଶିକ୍ଷା, ଘର, ବିଦ୍ୟୁତ୍,



ପ୍ରଜ୍ଞା ପାରମିତା ଜେନା

ପାନୀୟଜଳ ସମସ୍ୟାର ସମାଧାନ ଓ ଦୁଃଖସୁଖ ବୁଝିବା ଉଦ୍ଦେଶ୍ୟରେ ପ୍ରାର୍ଥିନୀ ହୋଇଥିବା ସେ ପ୍ରକାଶ କରିଛନ୍ତି।

## ଜିଲା ପରିଷଦ ପ୍ରାର୍ଥୀ ହେଲେ ଡାକ୍ତର

**ନବରଙ୍ଗପୁର,୨୦।୧(ବି.ପ୍ର.)**

ରାଜନୀତିରେ ପାଦ ଥାପିଛନ୍ତି ନବରଙ୍ଗପୁର ଜିଲା ଡାବୁଗାଁ ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ଭୁଜବଳ ମାଝିଙ୍କ ବଡ଼ ଝିଅ ଲିପିକା। ପେସାରେ ସେ ଜଣେ ଡାକ୍ତର। ଚଳିତ ପଞ୍ଚାୟତ ନିର୍ବାଚନରେ ପାପଡ଼ାହାଣ୍ଡି ବ୍ଲକ ଜିଲା ପରିଷଦ ଜୋନ୍-୨ ପାଇଁ କଂଗ୍ରେସରୁ ନାମାଙ୍କନ ଦାଖଲ କରିଛନ୍ତି। ଲିପିକା ଦନ୍ତ ଚିକିତ୍ସା (ବିଡିଏସ୍)ରେ ୨୦୧୯ରେ ପାଠ୍ୟକ୍ରମ ସାରି ଭୁବନେଶ୍ୱରରେ ଏକ ଘରୋଇ କ୍ଲିନିକରେ ରୋଗୀ ସେବା କରୁଛନ୍ତି। ପ୍ରାର୍ଥୀ ହେବା ସମ୍ପର୍କରେ ଲିପିକା କୁହନ୍ତି ରାଜନୀତିକୁ ଆସି ଆହୁରି ଲୋକଙ୍କ ନିକଟତର ହୋଇ ପିଲାଟି ଦିନର ଅଭିଳାଷକୁ ପୂରଣ କରିବି। ରାଜନୀତି ସହ ରୋଗୀ ସେବା ଜାରି ରହିବ। ଅଞ୍ଚଳର ବିକାଶ ସହ ସ୍ୱାସ୍ଥ୍ୟସେବାକୁ ନିଜ ନିର୍ବାଚନୀ ପ୍ରସଙ୍ଗ କରି ଲୋକଙ୍କ ନିକଟକୁ ଯିବେ ବୋଲି କହିଛନ୍ତି ଲିପିକା।



ଲିପିକା ମାଝି

## ସରପଞ୍ଚ ପ୍ରାର୍ଥୀ ହେଲେ ଇଞ୍ଜିନିୟର

**ଅନୁଗୋଳ ଅଫିସ,୨୦।୧**

ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ଯୁବ ଇଞ୍ଜିନିୟର ଚିନ୍ମୟ ସାହୁ। ଖୋର୍ଦ୍ଧା ଜିଲାରେ ଥିବା ଏକ ଇଞ୍ଜିନିୟରିଂ କଲେଜରୁ ସେ ଡିଗ୍ରୀ ହାସଲ କରିଛନ୍ତି। ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲେ ମଧ୍ୟ ପଞ୍ଚାୟତ ନିର୍ବାଚନରେ ଭାଗ ନେବାକୁ ସେ ଚାକିରି ଛାଡ଼ି ଦେଇଛନ୍ତି। ଗୁରୁବାର ନିଜ ସମର୍ଥକଙ୍କ ସହ ପ୍ରାର୍ଥୀପତ୍ର ଦାଖଲ କରିଥିବା ଚର୍ଚ୍ଚାର ବିଷୟ ହୋଇଛି।

## ଜିଲା ପରିଷଦ ନାମାଙ୍କନ ଭରିଲେ ସାନ୍ତାଳୀ ଫିଲ୍ମ ଅଭିନେତା



ଦଶରଥ ସିଂ

**ବାରିପଦା ଅଫିସ,୨୦।୧**

୩୦ବର୍ଷ ହେଲା ଅଭିନୟ କରି ଜିଲା ତଥା ପଡ଼ୋଶୀ ରାଜ୍ୟରେ ପ୍ରଶଂସା ସାଉଁଟିଛନ୍ତି ଦଶରଥ ସିଂ। ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ନେଇ ନାଟକ, ଯାତ୍ରା, ଚଳଚ୍ଚିତ୍ର ଓ ଆଧୁନିକ ଗୀତ ମାଧ୍ୟମରେ ଜଣେ ଲୋକପ୍ରିୟ ଅଭିନେତା ଭାବେ ସେ ବେଶ୍ ପରିଚିତ। ମୁଣ୍ଡାରୀ ଓ ସାନ୍ତାଳୀ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ଅଭିନୟ ସହ ବହୁ ନାଟକ ରଚନା କରିଛନ୍ତି। ବିଭିନ୍ନ ସ୍ଥାନ ବୁଲି ଆଦିବାସୀଙ୍କ ଦୁଃଖସୁଖରେ ଜଡ଼ିତ ରହିବା ପରେ ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି। ବାରିପଦା ୨୨ନଂ. ଜୋନ ପାଇଁ ବିଜେଡି ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ୨୦୦୨ରେ ବଡ଼ସାହି ବ୍ଲକ ନାଉପାଳ ପଞ୍ଚାୟତ ସମିତିସଭ୍ୟ ଭାବେ ସେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ବାରିପଦା ବିଧାନସଭା କ୍ଷେତ୍ରରୁ କଂଗ୍ରେସ ଦଳରୁ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ। ଦଶରଥ ଜିଲା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହେଲେ ଅଞ୍ଚଳ ତଥା ଜିଲାର ପ୍ରମୁଖ ସମସ୍ୟା ପ୍ରତି ଗୁରୁତ୍ୱ ପ୍ରଦାନ କରିବେ ବୋଲି କହିଛନ୍ତି। ତେବେ ଦଳ ବିରୋଧୀ କାର୍ଯ୍ୟକଳାପ ଲାଗି ତାଙ୍କୁ ୬ବର୍ଷ ଲାଗି ଦଳରୁ ବହିଷ୍କୃତ କରାଯାଇଥିବା ନେଇ ଜିଲା କଂଗ୍ରେସ ସଭାପତି ହେମନ୍ତ ଦାସ କହିଛନ୍ତି।

# କଂଗ୍ରେସ ପୋଷ୍ଟର ଗର୍ଲ ଭାଜପାରେ



ପ୍ରିୟଙ୍କା ମୌର୍ଯ୍ୟ

**ଲକ୍ଷ୍ନୌ,୨୦।୧**

ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସର 'ପୋଷ୍ଟର ଗର୍ଲ' ପ୍ରିୟଙ୍କା ମୌର୍ଯ୍ୟ ଭାଜପାରେ ସାମିଲ ହୋଇଛନ୍ତି। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଚଳାଇଥିବା 'ଲଡ଼୍‌କି ହୁଁ ଲଡ଼୍ ଶକ୍ତି ହୁଁ' ଅଭିଯାନରେ ସେ ଚେହେରା ଥିଲେ। ଭାଜପାରେ ଯୋଗଦେବା ପରେ ପ୍ରିୟଙ୍କା କହିଛନ୍ତି, କଂଗ୍ରେସ କର୍ମୀ ଓ ନେତାଙ୍କ ଦୁର୍ବ୍ୟବହାର ତାଙ୍କୁ ବ୍ୟଥିତ କରିଥିବାରୁ ସେ ଦଳ ଛାଡ଼ିଛନ୍ତି। ତେବେ ଅସଲ କଥା ହେଉଛି, ପ୍ରିୟଙ୍କା କଂଗ୍ରେସରୁ ପ୍ରାର୍ଥୀ ହେବା ପାଇଁ ଚାହୁଁଥିଲେ। ତାଙ୍କୁ ଦଳ ଟିକେଟ ନ ଦେବାରୁ ସେ ଡିଆଁ ମାରିଛନ୍ତି। ଏବେ ସେ କହୁଛନ୍ତି, ପ୍ରିୟଙ୍କା ଗାନ୍ଧୀ ୪୦% ମହିଳାଙ୍କୁ ସୁଯୋଗ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ତାଙ୍କ ଦଳ ଟିକେଟ ବିକ୍ରି କରୁଛି। ସେହିପରି ସମାଜବାଦୀ ପାର୍ଟି (ଏସ୍‌ପି) ପ୍ରତିଷ୍ଠାତା ମୁଲାୟମ୍ ସିଂ ଯାଦବଙ୍କ ସଢ଼ୁ ତଥା ପୂର୍ବତନ ବିଧାୟକ ପ୍ରମୋଦ ଗୁପ୍ତା ଦଳ ଛାଡ଼ି ଭାଜପାରେ ମିଶିଛନ୍ତି। ଏହା ପୂର୍ବରୁ ବୁଧବାର ମୁଲାୟମ୍‌ଙ୍କ ସାନବୋହୂ ଅପର୍ଣ୍ଣା ଯାଦବ ମଧ୍ୟ ଏସ୍‌ପି ପରିତ୍ୟାଗ କରି ଭାଜପାରେ ଯୋଗଦେଇଥିଲେ।

## କଂଗ୍ରେସ ଛାଡ଼ିଲେ ଅଦିତି ସିଂ

ରାଏବରେଲି ସଦର ବିଧାୟିକା ଅଦିତି ସିଂ କଂଗ୍ରେସ ଛାଡ଼ିଛନ୍ତି। ସେ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ନିକଟକୁ ପଠାଇଦେଇଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଘନିଷ୍ଠ ଭାବେ ପରିଚିତ ଅଦିତି ସିଂ ହେଉଛନ୍ତି ବାହୁବଳୀ ନେତା ଅଖିଳେଶ ସିଂଙ୍କ ଝିଅ। ଆମେରିକାର ଡ୍ୟୁକ୍ ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ ପଢ଼ିଥିବା ଅଦିତି ୨୦୧୭ରେ ନିର୍ବାଚନ ମଇଦାନକୁ ଓହ୍ଲାଇ ଜିତିଥିଲେ।



# ନେଟ୍‌ୱର୍କ ନାହିଁ, କେମିତି ହେବ 'ଡିଜିଟାଲ ପ୍ରଚାର'

**ବିଷମକଟକ, ୨୦।୧(ଡି.ଏନ୍.ଏ.)**

ଅବିଭକ୍ତ କୋରାପୁଟ ଜିଲାକୁ ୧୯୯୨ରେ ବିଭାଜନ କରାଯାଇ ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲା ହୋଇଥିଲା। ହେଲେ ଏବେବି ୪ ଜିଲାର ଅନେକ ଦୁର୍ଗମ ଅଞ୍ଚଳ ରହିଛି ଯେଉଁଠିକୁ ମୌଳିକ ସୁବିଧା ପହଞ୍ଚି ପାରୁନାହିଁ। ଡିଜିଟାଲ ସମୟରେ ଅଧିକାଂଶ ଅଞ୍ଚଳକୁ ଇଣ୍ଟରନେଟ୍ ସଂଯୋଗ ହୋଇପାରିନି। ରାୟଗଡ଼ା ଜିଲାର ୯୬୨ ଓ କୋରାପୁଟ ଜିଲାର ୫୫୨ ଗ୍ରାମକୁ ଇଣ୍ଟରନେଟ ବ୍ୟବସ୍ଥା ମିଳିନାହିଁ ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ପାର୍ଲାମେଣ୍ଟରେ ଉଦ୍‌ବେଗ ପ୍ରକାଶ କରିଥିଲେ। କରୋନା ପରଠାରୁ ଏହି ଜିଲାଗୁଡ଼ିକରେ ଇଣ୍ଟରନେଟ୍ ସୁବିଧା ନ ଥିବା କାରଣରୁ ପିଲାମାନେ ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅବ୍ୟବସ୍ଥା ଲାଗି ରହିଥିବାବେଳେ ଆସିଲାଣି ପଞ୍ଚାୟତ ନିର୍ବାଚନ। କରୋନା ପାଇଁ ନିର୍ବାଚନ କମିଶନ ଏଥର ଶୋଭାଯାତ୍ରା ଏବଂ ପ୍ରଚାର ଉପରେ କଟକଣା ଲଗାଇଥିବାରୁ ପ୍ରାର୍ଥୀ ଭୋଟରଙ୍କ ନିକଟତର ହେବାକୁ ଡିଜିଟାଲ ପ୍ରଚାର ଉପରେ ଗୁରୁତ୍ୱ ଦେଉଛନ୍ତି। ହେଲେ ଯେଉଁ ସ୍ଥାନରେ ନେଟ୍‌ୱର୍କ ନାହିଁ ସେ ଅଞ୍ଚଳର ଭୋଟରଙ୍କ ନିକଟତର ହେବା ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ପାଇଁ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

କଟକଣା ଯୋଗୁ ପ୍ରାର୍ଥୀମାନେ ହ୍ୱାଟ୍ସଆପ୍, ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଓ ଟୁଇଟର ପୋଷ୍ଟ ଜରିଆରେ ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିବେ। କିନ୍ତୁ ରାୟଗଡ଼ାର ବିଷମକଟକ ବ୍ଲକର ରାସକୋଲା, କୁର୍ଲି, କଣାବାଇ, ସାହାଡ଼ା ପଞ୍ଚାୟତକୁ ଆଦୌ ଇଣ୍ଟରନେଟ୍ ସେବା ନାହିଁ। ସେହିଭଳି ଢୁକୁମ୍ବ ପଞ୍ଚାୟତର ୧୩ ଗାଁ ଓ ଝିଗିଡ଼ିର ୩ ଗାଁକୁ ଇଣ୍ଟରନେଟ୍ ସଂଯୋଗ ନାହିଁ। ସେସବୁ ଅଞ୍ଚଳର ଲୋକଙ୍କ ନିକଟତର ହେବା କଷ୍ଟସାଧ୍ୟ ବୋଲି ରାଜନୀତିରେ ସକ୍ରିୟ ଥିବା କେତେଜଣ କର୍ମୀ କହିଛନ୍ତି। କିନ୍ତୁ ପ୍ରଚାର କରା ନ ଗଲେ ଭୋଟର ଉପଯୁକ୍ତ ପ୍ରାର୍ଥୀ ଚୟନରେ ଦ୍ୱନ୍ଦ୍ୱରେ ରହିବେ। ଏହା ମଧ୍ୟରେ ପ୍ରାର୍ଥୀମାନେ ସରକାରଙ୍କ ନିୟମ ଉଲ୍ଲଂଘନ ପ୍ରଚାର କଲେ ପ୍ରଶାସନ କ'ଣ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା। ବିଷମକଟକ ସମିତି ସଭ୍ୟ ପ୍ରାର୍ଥୀ ଦେବୀପ୍ରସାଦ ପଟ୍ଟନାୟକଙ୍କୁ ପଚାରିବାରୁ ସରକାରଙ୍କ ଗାଇଡ୍‌ଲାଇନ ମାନି ବାଇକ୍‌ରେ ୨ କିମ୍ବା ୩ ଜଣ ସମର୍ଥକଙ୍କ ପାଖକୁ ଯାଇ ପ୍ରଚାର କରିବେ ବୋଲି କହିଛନ୍ତି। ଏ ନେଇ ଜିଲା ପ୍ରଶାସନର ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।

## ୩ ସନ୍ତାନ ଥାଇ ଜିଲା ପରିଷଦ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା

**ବାରିପଦା ଅଫିସ,୨୦।୧:** ମୟୂରଭଞ୍ଜ ଜିଲାରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଣେ ପ୍ରାର୍ଥୀଙ୍କର ୩ ସନ୍ତାନ ଥିବା ନେଇ ଭାଜପା ଅଭିଯୋଗ କରିଛି। ଏ ସଂକ୍ରାନ୍ତରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଜିଲା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ସୂଚନା ଦେଇଛନ୍ତି। ଦୁଇରୁ ଅଧିକ ସନ୍ତାନ ଥିବା ପ୍ରାର୍ଥୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ପାରିବେ ନାହିଁ ବୋଲି ଆଇନ ରହିଛି। ତେବେ କୌଣସି ନିୟମ ଉଲ୍ଲଂଘନ କରାଯାଇ ନାହିଁ ବୋଲି ନାମାଙ୍କନ ପତ୍ର ଦାଖଲ କରିଥିବା ସମ୍ପୃକ୍ତ ଜିଲା ପରିଷଦ ପ୍ରାର୍ଥୀ କହିଛନ୍ତି।

**ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ**

# ନିର୍ବାଚନ କମିଶନରଙ୍କୁ ଫେରାଦ ହେଲେ ବିଜେଡି, ଭାଜପା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ତେବେ ଗାଇଡ୍‌ଲାଇନକୁ ମାନୁ ନ ଥିବା ଅଭିଯୋଗ ନେଇ ବିଜେଡି ଓ ଭାଜପା ଗୁରୁବାର ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ଫେରାଦ ହୋଇଛନ୍ତି। ଖୋର୍ଦ୍ଧା ଜିଲାର ୩୦ ନମ୍ବର ଜୋନ ଭାଜପା ଜିଲା ପରିଷଦ ପ୍ରାର୍ଥୀ ସସ୍ମିତା ପତି ନାମାଙ୍କନ ଦାଖଲ ବେଳେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ବିଜେଡି ଅଭିଯୋଗ କରିଛି। କୋଭିଡ୍ କଟକଣାରେ ୫ ଜଣଙ୍କୁ ନେଇ ନାମାଙ୍କନ ଭରିବାକୁ ଗାଇଡ୍‌ଲାଇନ ଜାରି ହୋଇଛି। ତେବେ ୧୦୦ ଜଣରୁ ଅଧିକ ସମର୍ଥକଙ୍କୁ ନେଇ ସସ୍ମିତା ନାମାଙ୍କନ ଦାଖଲ କରିଥିଲେ, ଯାହାର ଭିଡିଓ ଆୟୋଗଙ୍କ ନିକଟରେ ବିଜେଡି ଦାଖଲ କରିଛି। ଏଣୁ ଏହା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ କମିଶନରଙ୍କ ନିକଟରେ ବିଜେଡି ଅଭିଯୋଗ କରିଛି।

ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶାସକ ଦଳର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ସରକାରୀ କଳର ଅପବ୍ୟବହାର କରିବା ସହ ନିର୍ବାଚନ ଆଚରଣ ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରି ନିର୍ବାଚନ କମିଶନଙ୍କ ପ୍ରତିନିଧି ତଥା ଜିଲା ପ୍ରଶାସନିକ ଅଧିକାରୀମାନେ ପକ୍ଷପାତିତା ଅବଲମ୍ବନ କରୁଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଜିଲା ପ୍ରଶାସନ ଦ୍ୱାରା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ଜରିଆରେ ଶାସକ ଦଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର କରିବା ଦ୍ୱାରା ଅବାଧ, ମୁକ୍ତ ଓ ନିରପେକ୍ଷ ପଞ୍ଚାୟତ ନିର୍ବାଚନ ପରିଚାଳନା ହେବାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବୁଧବାର କେନ୍ଦୁଝର ଜିଲା ପ୍ରଶାସନ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଥାଇ କୋଭିଡ୍ ଟୀକାକରଣକୁ ଜିଲା ଟୁଇଟର ଅକାଉଣ୍ଟରେ ପୋଷ୍ଟ କରାଯାଇଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଥିବା ବ୍ୟାନର, ପୋଷ୍ଟର, ଲିଫଲେଟ୍ ମଧ୍ୟ ପ୍ରଦର୍ଶିତ ହେବାର ସ୍ପଷ୍ଟ ପରିଲକ୍ଷିତ ହେଉଛି। ପଞ୍ଚାୟତ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ବ୍ୟାନର (ବିଜୁ ପକ୍କାଘର), ଫାଟକ ସମ୍ମୁଖରେ ସାଇନ ବୋର୍ଡ (ବସୁଧା) ଲଗାଯାଇ ପଞ୍ଚାୟତ କାର୍ଯ୍ୟାଳୟକୁ ଦଳୀୟ ଭାବେ ପରିଣତ କରାଯାଇ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଯଥାଶୀଘ୍ର ଏ ସମସ୍ତ ବିଜ୍ଞାପନକୁ ଉଚ୍ଛେଦ କରିବା ପାଇଁ ଭାଜପା ପ୍ରତିନିଧି ଦଳ କମିଶନଙ୍କ ନିକଟରେ ଦାବି କରିଛନ୍ତି।





ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ବିଜେଡି ଓ ଭାଜପା ପ୍ରତିନିଧି ଦଳ।

# ଗଞ୍ଜାମରେ ନିର୍ବାଚନୀ ହିଂସା, ୪ ଗୁରୁତର

**ଚିକିଟି/ପାତ୍ରପୁର,୨୦।୧(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟାର ଚତୁର୍ଥ ଦିନ ଗୁରୁବାର ଗଞ୍ଜାମ ଜିଲାରେ ଦୁଇଟି ହିଂସାକାଣ୍ଡ ଘଟିଛି। ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀର ଚିକିଟି ଓ ପାତ୍ରପୁର ବ୍ଲକରେ ହୋଇଥିବା ହିଂସାକାଣ୍ଡରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି।

ବ୍ରହ୍ମପୁର ପୋଲିସ ଜିଲା ଅଧୀନ କେ.ନୂଆଗାଁ ଥାନା ଅନ୍ତର୍ଗତ ଚିକିଟିଗଡ଼ ହାଡ଼ିସାହି ନିକଟରେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୩ ସମର୍ଥକଙ୍କୁ ବିପକ୍ଷ ଗୋଷ୍ଠୀର ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆହତମାନେ ହେଲେ ଚିକିଟି ବ୍ଲକ ଅନ୍ତର୍ଗତ ଜଗମୋହନପୁର ଗ୍ରାମର ଅନ୍ଧ ଗୌଡ଼, ପ୍ରଶାନ୍ତ ସାହୁ ଓ ଲବ ସାହୁ। ସେମାନଙ୍କୁ ପ୍ରଥମେ ଚିକିଟିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ଲାଗି ସମସ୍ତ ଆହତଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜଗମୋହନପୁର ଗ୍ରାମର ଏକ ନିର୍ଦ୍ଦିଷ୍ଟ ଦଳ ପକ୍ଷରୁ ସମିତିସଭ୍ୟ ପ୍ରାର୍ଥିନୀ ବ୍ଲକ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରି ଫେରୁଥିବା ବେଳେ ତାଙ୍କ ସମର୍ଥକଙ୍କୁ ରଡ୍‌ରେ ଆକ୍ରମଣ କରାଯାଇଥିଲା। ତେବେ ଖବର ଲେଖାଯିବା ସୁଦ୍ଧା ଏ ସମ୍ପର୍କରେ କୌଣସି ଏତଲା ହୋଇ ନ ଥିବାବେଳେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେହିପରି ପାତ୍ରପୁର ବ୍ଲକ ଜରଡ଼ା ଥାନା ଅନ୍ତର୍ଗତ ବାବନପୁର ଗ୍ରାମରେ ପ୍ରାର୍ଥୀପତ୍ର ଦାଖଲକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ପି. ନୋକେୟା ଗୁରୁତର ଆହତ ହୋଇ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ବାବନପୁରରେ ଦୀର୍ଘ ଦିନ ଧରି ଗୋଷ୍ଠୀ ବିବାଦ ରହିଥିବା ବେଳେ ଏକ ଗୋଷ୍ଠୀ ଖମ୍ବାରି ଗାଁ ପଞ୍ଚାୟତ ଯାଇ ପ୍ରାର୍ଥୀପତ୍ର ଦାଖଲ କରି ଆସୁଥିଲେ। ଅନ୍ୟ ଏକ ଗୋଷ୍ଠୀର କର୍ମୀମାନେ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ବେଳେ ନକେୟା ଗୁରୁତର ହୋଇଛନ୍ତି। ଜରଡା ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

## ପଞ୍ଚାୟତ କାର୍ଯ୍ୟାଳୟ ପାଲଟିଲା ରଣକ୍ଷେତ୍ର

**୫ ଆହତ**

**କନ୍ଧମାଳ,୨୦।୧(ଡି.ଏନ୍.ଏ.)**

ପଞ୍ଚାୟତ ନିର୍ବାଚନ ଭୋଟ ପୂର୍ବରୁ ବୌଦ୍ଧ ଜିଲା କନ୍ଧମାଳ ବ୍ଲକରେ ଗୁରୁବାର ମଧ୍ୟାହ୍ନରେ ନିର୍ବାଚନୀ ହିଂସା ଦେଖାଦେଇଛି। ଶୁଣ୍ଡିପଦର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ ସମୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଦୁଇ ଗୋଷ୍ଠୀଙ୍କ ସମର୍ଥକମାନେ ଉତ୍ତ୍ୟକ୍ତ ହୋଇ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟର ଚୌକି, ଟେବୁଲ ଭଙ୍ଗାରୁଜା କରିବା ସହ ଅଧିକାରୀଙ୍କ କାଗଜପତ୍ର ଚିରି ଦେଇଥିଲେ। ସେଠାରେ ଥିବା ପୋଲିସ ଭ୍ୟାନକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ସରପଞ୍ଚ ପଦବୀ ପାଇଁ ସୁଜାତା ଭୋଇ ଓ ସୁମତୀ ଜଗଦଲା ନିଜ ସମର୍ଥକଙ୍କୁ ନେଇ ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବାବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗଣ୍ଡଗୋଳ ହୋଇ ହାତାହାତି ହେବା ସହ କାର୍ଯ୍ୟାଳୟ ରଣକ୍ଷେତ୍ର ପାଲଟିଥିଲା। ଏଥିରେ ୫ଜଣ ଆହତ ହୋଇଥିବା ଜଣାପଡ଼ିଛି। ମନମୁଣ୍ଡା ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

# ମହିଳା ମେୟର: ଚର୍ଚ୍ଚା ଅନେକ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

## ରାଜଧାନୀ ରାଜନୀତି

- ରବର ଷ୍ଟାମ୍ପ ସଦୃଶ ବସାଇ ରାଜନୈତିକ ଫାଇଦା ନ ଉଠାଯାଉ : ଭାଜପା
- କେବଳ ଇଲେକ୍ସନ ପାଇଁ କାର୍ଡ ଖେଳାଯାଉଛି : କଂଗ୍ରେସ
- ମହିଳା ସଶକ୍ତୀକରଣ ଦିଗରେ ଏକ ବଡ଼ ପଦକ୍ଷେପ: ବିଜେଡି

ରାଜ୍ୟର ପୌର ନିର୍ବାଚନ ପାଇଁ ଓଡିଶା ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ୩ ପ୍ରମୁଖ ମହାନଗର ନିଗମ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁରର ମେୟର ପଦ ପାଇଁ ସମ୍ଭାବ୍ୟ ଚିଠା ସଂରକ୍ଷଣ ତାଲିକା ପ୍ରକାଶ ପାଇସାରିଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଏହା ଚୂଡ଼ାନ୍ତ ହେଲେ ରାଜଧାନୀ ଭୁବନେଶ୍ୱର ପ୍ରଥମ ମହିଳା ମେୟର ପାଇବ। ପୁଣି ପ୍ରଥମଥର ପାଇଁ ଲୋକେ ସିଧାସଳଖ ମେୟରଙ୍କୁ ବାଛିବାର ସୁଯୋଗ ପାଇବେ। ତେଣୁ ଏହାକୁ ନେଇ ଏବେ ରାଜଧାନୀବାସୀ ଯେତିକି ଉତ୍ସାହିତ, ବିଭିନ୍ନ ରାଜନୈତିକ ଦଳ ମଧ୍ୟ ସେତିକି ତତ୍ପର। ଏହାକୁ ନେଇ ଏବେ ରାଜଧାନୀ ରାଜନୀତି ସରଗରମ ହେବାରେ ଲାଗିଛି। ବିଶେଷକରି ୩ ରାଜନୈତିକ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଉପଯୁକ୍ତ ପ୍ରାର୍ଥୀ ଖୋଜିବାରେ ଲାଗି ପଡିଛନ୍ତି। ଆଶାୟୀ ନେତ୍ରୀମାନେ ଲବି କରିବା ଆରମ୍ଭ କରି ଦେଇଥିବାବେଳେ ରାଜଧାନୀକୁ ସମ୍ଭାଳିବା ଭଳି ଜଣେ ଦକ୍ଷ ମହିଳାଙ୍କୁ ମେୟର ମୁକୁଟ ପିନ୍ଧାଇବା ପାଇଁ ଦାୟିତ୍ୱରେ ଥିବା ଦଳୀୟ ନେତା ଆସୁଥିବା ପ୍ରସ୍ତାବକୁ ପରଖିବାରେ ଲାଗିଛନ୍ତି। ଭାଜପା ଓ କଂଗ୍ରେସ ଭଳି ଜାତୀୟ ଦଳ ଏଥିପାଇଁ କସରତ କରୁଥିବାବେଳେ ବିଜେଡିରେ କିନ୍ତୁ ମାଳମାଳ ଆଶାୟୀ ମହିଳା ମେୟର ପ୍ରାର୍ଥୀ ରହିଥିବା ଚର୍ଚ୍ଚା ହେଉଛି।

ସୂଚନାଯୋଗ୍ୟ ଯେ, ୨୦୦୩ରେ ଭୁବନେଶ୍ୱର ପୌରପାଳିକା ମହାନଗର ନିଗମ ହୋଇଥିଲା। ଭାଜପା ଓ ବିଜେଡିର ମିଳିତ ସମର୍ଥନରେ ଆଇନଜୀବୀ ମିହିର ମହାନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ପ୍ରଥମ ମେୟର ହୋଇ ୨୦୦୮ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ପରବର୍ତ୍ତୀ ସମୟରେ ବିଜେଡିରୁ ଅନନ୍ତ ନାରାୟଣ ଜେନା ମେୟର ଚୌକିରେ ଦୁଇଥର ୨୦୦୮ରୁ ୧୩ ଏବଂ ୨୦୧୪ରୁ ୧୯ ପର୍ଯ୍ୟନ୍ତ ଭୁବନେଶ୍ୱର ଶାସନ ସମ୍ଭାଳିଥିଲେ। ୧.୫ ଲକ୍ଷ ଜନସଂଖ୍ୟାରୁ ଆରମ୍ଭ ହୋଇଥିବା ବିଏମ୍‌ସି ଏବେ ସରକାରୀ ଭାବେ ୧୧ ଲକ୍ଷ ହୋଇଥିବାବେଳେ ବେସରକାରୀ ଭାବେ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ବର୍ତ୍ତମାନ ବିଏମ୍‌ସି ଅଧୀନରେ ୬୭ଟି ୱାର୍ଡ ସାଙ୍ଗକୁ ଏକ ବିଶାଳ ପରିସୀମାକୁ ନେଇ ନିର୍ବାଚନ ହେବ। ଚଳିତ ବିଏମ୍‌ସି ନିର୍ବାଚନ ନୂଆ ପ୍ରକ୍ରିୟାରେ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଜଣେ ଲୋକ ଏକାସାଙ୍ଗରେ କାଉନ୍‌ସିଲର ଓ ମେୟର ପାଇଁ ଭୋଟ ଦେବେ। ତେଣୁ ଏହି ନୂଆ ପ୍ରକ୍ରିୟା ସାଙ୍ଗକୁ ପ୍ରଥମ ମହିଳା ମେୟର ଚୟନ ବିଶେଷକରି ରାଜନୈତିକ ଦଳ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କୁହାଯାଉଛି।

ଏ ସମ୍ପର୍କରେ ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାପତି ସୁଶ୍ରୀ ପଟ୍ଟନାୟକ କହିଛନ୍ତି, ମହିଳା ସଂରକ୍ଷଣକୁ ଆମ ଦଳ ଓ ଜଣେ ମହିଳା ହିସାବରେ ମୁଁ ମଧ୍ୟ ସ୍ୱାଗତ କରୁଛି। ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ ଯଦି ଆଲୋକ ଜଳିବ ସାରା ରାଜ୍ୟ ଆଲୋକିତ ହେବ। କିନ୍ତୁ ମୁଖ୍ୟମନ୍ତ୍ରୀ ନିଜେ ମହିଳା ମହତ୍ତ୍ୱକୁ ବୁଝି ସଂରକ୍ଷଣ ଦେଇଛନ୍ତି ନା ମମିତା ମେହେର ହତ୍ୟା ମାମଲାରେ ବଦନାମ ହୋଇଥିବାରୁ ଯେଉଁଠି ଓଡିଶାବାସୀ ଏକାଠି ହୁଅନ୍ତି ସେଠି ସାନ୍ତ୍ୱନାମୂଳକ ଭାବେ ଜଣେ ମହିଳାକୁ ବସାଇବାକୁ ଚାହୁଁଛନ୍ତି। ମହିଳାଙ୍କୁ କେବଳ ରବର ଷ୍ଟାମ୍ପ ଭଳି ଚେୟାରରେ ବସାଇ ରାଜନୈତିକ ଫାଇଦା ହାସଲ ପାଇଁ ନୁହେଁ, ବରଂ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ରତା ଦିଆଯିବା ଉଚିତ। ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା କହିଛନ୍ତି, ରାଜ୍ୟରେ ଏବେ ମହିଳାମାନେ ନିର୍ଯାତିତ ଓ ଅସୁରକ୍ଷିତ। ଏପରିସ୍ଥିତିରେ ଜଣେ ମହିଳାକୁ ମେୟର କରିଦେଲେ ସମସ୍ତ ମହିଳାଙ୍କ ପାଇଁ ସମ୍ମାନ ହୋଇ ନ ପାରେ। ଏହା କେବଳ ଇଲେକ୍ସନ ପାଇଁ କାର୍ଡ ଖେଳାଯାଉଛି। କାଗଜ କଲମରେ ସବୁକାମ ହେବ। ପିଠା ଯୋଜନାରେ ମଧ୍ୟ ମହିଳାଙ୍କ ପଇସା ବିଧାୟକ, ବିଡିଓ ଖାଇଗଲେ। ମମିତା ପାଇଁ ଆନ୍ଦୋଳନ ହେଲା, ହେଲେ ମୁଖ୍ୟମନ୍ତ୍ରୀ ଅଭିଯୁକ୍ତ ମନ୍ତ୍ରୀଙ୍କୁ ସାଙ୍ଗରେ ବୁଲାଇ ଦୋଷମୁକ୍ତ ବୋଲାଇଲେ। ମହିଳାମାନେ କେତେ ମୁଖ୍ୟମନ୍ତ୍ରୀଙ୍କୁ ଗ୍ରହଣ କରୁଛନ୍ତି ତାହା ଆଗାମୀ ନିର୍ବାଚନ ଦେଖାଇଦେବ। ବିଜେଡି ପକ୍ଷରୁ ବିଧାୟିକା ପ୍ରମିଳା ମଲ୍ଲିକ କହିଛନ୍ତି, ଭୁବନେଶ୍ୱର ପାଇଁ ମହିଳା ମେୟର ମହିଳା ସଶକ୍ତୀକରଣ ଦିଗରେ ଏକ ବଡ଼ ପଦେକ୍ଷେପ ହେବ। ଏହାଦ୍ୱାରା ମହିଳାମାନେ ରାଜନୈତିକ ହେଉ ଅବା ସାମାଜିକ କ୍ଷେତ୍ରରେ ଆଗକୁ ବଢ଼ିବେ। ଭୁବନେଶ୍ୱରକୁ ଉନ୍ନତ ତଥା ସୁନ୍ଦର କରି ଗଢି ତୋଳିବାରେ ଜଣେ ମହିଳା ମେୟର ନୂଆ ପରିଚୟ ସୃଷ୍ଟି କରିବେ। ସମସ୍ତ ସମସ୍ୟା ଦୂର ହେବା ସହ ମହିଳାଙ୍କ ସୁରକ୍ଷା ଦ୍ୱିଗୁଣିତ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ହାଇସ୍କୁଲ ଜମି ସ୍ଥିତି ଦେଖିଲେ ରାଜସ୍ୱ ଅଧିକାରୀ

ବାଲିଅନ୍ତା,୨୦।୧(ଡି.ଏନ୍.ଏ.)- ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ରହି ସ୍ମାର୍ଟ ସ୍କୁଲର ମାନ୍ୟତା ପାଇଥିବା ବାଲିଅନ୍ତା ହାଇସ୍କୁଲର ଥିବା ସମସ୍ତ ଜମିର ମାନ ସ୍ଥିତିକୁ ଗୁରୁବାର ରାଜସ୍ୱ ବିଭାଗର ୫ଜଣିଆ ଅଧିକାରୀ ବୁଲି ଦେଖିଛନ୍ତି। ଏହି ହାଇସ୍କୁଲର ପ୍ରାୟ ୪ ଏକରରୁ ଊର୍ଦ୍ଧ୍ୱ ଜମି ରହିଛି। ସମସ୍ତ ଜମି ୮ଟି ପ୍ଲଟରେ ରହିଛି। ସବୁ ପ୍ଲଟକୁ ଏକାଠି କରି ରେକର୍ଡଭୁକ୍ତ କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇଛି। ସମସ୍ତ ଜମିକୁ ଗୋଟିଏ ପଟ୍ଟା ଓ ଗୋଟିଏ ରେକର୍ଡ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ନାମରେ କରାଯିବାର ନିଷ୍ପତ୍ତି ହୋଇଥିବା ରାଜସ୍ୱ ବିଭାଗର ଜଣେ ଅଧିକାରୀ କହିଛନ୍ତି। ରାଜସ୍ୱ ଅଧିକାରୀମାନେ ସ୍କୁଲ ଜମିର ସମସ୍ତ ରେକର୍ଡପତ୍ର ଦେଖି ନକ୍ସା ଆଳରେ ଏହାର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ବାଲିଅନ୍ତା ରାଜସ୍ୱ ନିରୀକ୍ଷକ ଦେବଦତ୍ତ ବିଶ୍ୱାଳ, ଅମିନ ଓ ଅନ୍ୟ କର୍ମଚାରୀ, ସ୍କୁଲର ଶିକ୍ଷକ ଓ ପରିଚାଳନା କମିଟି ସଭ୍ୟମାନେ ଏଥିରେ ସହଯୋଗ କରିଥିଲେ।

### ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ

ବାଲିଅନ୍ତା,୨୦।୧(ଡି.ଏନ୍.ଏ.)- ବାଲିଅନ୍ତା ବ୍ଲକ ଅଧୀନ ଭିଙ୍ଗାରପୁର ଅଞ୍ଚଳର ଜଣେ ଜଣାଶୁଣା ଯୁବ ସଂଗଠକ ତଥା ବେଣ୍ଟପୁର ପଞ୍ଚାୟତର ସମିତିସଭ୍ୟ ଆଇନଜୀବୀ ତ୍ରୈଲୋକ ମଙ୍ଗରାଜ ଖୋର୍ଦ୍ଧା ଜିଲା ପରିଷଦର ଜୋନ ନଂ. ୧୬ର ଜିଲା ପରିଷଦ ସଭ୍ୟ ପାଇଁ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ବିଜୁ ଜନତା ଦଳର ଟିକେଟ ପାଇଁ ଆଶାୟୀ ଥିଲେ। ହେଲେ ଦଳ ପକ୍ଷରୁ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସେ ନିଜର କେତେଜଣ ସମର୍ଥକଙ୍କୁ ନେଇ ଭୁବନେଶ୍ୱର ଉପ ଜିଲାପାଳଙ୍କ ନିକଟରେ ନିଜ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ଭିଙ୍ଗାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ।

### ଲବଣଗିରି ଉନ୍ନୟନ ପରିଚାଳନା କମିଟି ଗଠିତ

ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷ ମନୋନୀତ

ଭୁବନେଶ୍ୱର,୨୦।୧(ବ୍ୟୁରୋ): ଭୁବନେଶ୍ୱର ଉପକଣ୍ଠ ଜାମୁକୋଲିସ୍ଥିତ ପ୍ରସିଦ୍ଧ ହିନ୍ଦୁ ଧର୍ମପୀଠ ଲବଣଗିରିର ଉନ୍ନୟନ ପରିଚାଳନା କମିଟି ଗଠିତ ହୋଇଛି। ଗୁରୁବାର ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୌରୋହିତ୍ୟରେ କମିଟି ଚୂଡ଼ାନ୍ତ ହୋଇଥିଲା। ସମାଜସେବୀ ତଥା ଉଦ୍ୟୋଗପତି ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷ ଓ ତିରୁପତି ଚୌଧୁରୀ ଉପାଧ୍ୟକ୍ଷ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ସଭ୍ୟ ଭାବରେ ମଧୁସୂଦନ ପାଣିଗ୍ରାହୀ, ରାକେଶ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀ, କୈବଲ୍ୟ ସାମନ୍ତରାୟ, ସୁରେଶ ଗଜେନ୍ଦ୍ର, ସଂଗ୍ରାମ ରାଉତରାୟ, ସୁନିଲ ରାଉତରାୟ, ଜ୍ୟୋତିର୍ମୟୀ ଛୋଟରାୟ, ଶରତ ପାଇକରାୟ, ଦ୍ୱାରିକାନାଥ ପରିଡ଼ା ଓ ଜଗନ୍ନାଥ ବର ପ୍ରମୁଖ ରହିଛନ୍ତି। କମିଟିରେ ସୁଧାଂଶୁ ମୋହନ ପଟ୍ଟନାୟକ ସମ୍ପାଦକ, ତ୍ରିଲୋଚନ ପ୍ରଧାନ କୋଷାଧ୍ୟକ୍ଷ ଏବଂ ବିଧାୟକ ରାଉତରାୟ କମିଟିର ଉପଦେଷ୍ଟା ରହିଛନ୍ତି। ଲବଣଗିରି ପର୍ବତରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଓ ବିମଳା ମନ୍ଦିର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ବ୍ୟାପକ ବନୀକରଣ ଓ ସୌନ୍ଦର୍ଯ୍ୟକରଣ ମାଧ୍ୟମରେ ଉନ୍ନତ ପର୍ଯ୍ୟଟନସ୍ଥଳୀ ଭାବରେ ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି।

### ମିହିରଙ୍କୁ ମନେ ପକାଇଲା ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ

ଭୁବନେଶ୍ୱର,୨୦।୧(ବ୍ୟୁରୋ)- ସ୍ୱର୍ଗତ ମିହିର ଦାସଙ୍କ ଦଶାହ ଦିବସରେ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀତମ ଦାସ ଓ ସଭାପତି ସିଦ୍ଧାନ୍ତ ମହାପାତ୍ର ଏହାର ସଭାପତିତ୍ୱ କରିଥିଲେ। ପଟିଆସ୍ଥିତ ଆର୍‌ଟିଓ-୨ ନିକଟ ଷ୍ଟିଲା ଗାର୍ଡେନଠାରେ ଅନୁଷ୍ଠିତ ଏହି ସଭାରେ ସଂଘର କଳାକାରମାନେ ଉପସ୍ଥିତ ରହି ମିହିରଙ୍କ ସ୍ମୃତି ଚାରଣ କରିଥିଲେ। ଅଭିନେତା କୁନା ତ୍ରିପାଠୀ, ସୁରେଶ ମିଶ୍ର, ତନ୍ଦ୍ରା ମହାନ୍ତି, ଅଶ୍ରୁମୋଚନ, ସୂର୍ଯ୍ୟ ଦେଓ, ହର ରଥ, ରତନ ମେହେର, ଗୁନ୍‌ଗୁନ୍, ହୃଷୀକେଶ, ଉଷସୀ, ବିଦୁସ୍ମିତା ପ୍ରମୁଖ ଉପସ୍ଥିତ ଥିଲେ। ମିହିର ଦାସଙ୍କ ନାମରେ କୌଣସି ସ୍ଥାନ କିମ୍ବା ରାସ୍ତା କି ପାର୍କ ନାମିତ ହେଉ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।



ଭୁବନେଶ୍ୱରସ୍ଥିତ ଦି ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାରେ ଗୁରୁବାର କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କ ଉପରେ ସଙ୍ଗୀତ ଆଲବମ୍ 'ବାଲିଘର'କୁ ଉନ୍ମୋଚନ କରାଯାଉଛି।

## ପ୍ରଣବଙ୍କ ଉପରେ ତିଆରି ହେବ ପ୍ରାମାଣିକ ଚଳଚ୍ଚିତ୍ର

### ସଙ୍ଗୀତ ଆଲ୍‌ବମ୍ 'ବାଲିଘର'ଓ ମାଇଁ ସିଟି ଆଇକନ କ୍ୟାଲେଣ୍ଡର ଉନ୍ମୋଚିତ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ତାଙ୍କ ସଙ୍ଗୀତରେ ଭାବ ଓ ଭାଷା ଥାଏ ଲାଳିତ୍ୟପୂର୍ଣ୍ଣ, ଆଉ ସୁମଧୁର। ସ୍ୱର ଶୁଣି ଶ୍ରୋତା ହୁଅନ୍ତି ଆତ୍ମବିଭୋର। ତାଙ୍କ ଗୀତସବୁ ଶିହରାଇଦିଏ ତନୁମନ, ଲିପିବଦ୍ଧ ହୋଇଯାଏ ଶ୍ରୁତିରେ, ସ୍ମୃତିରେ। ଓଡ଼ିଆ ସଙ୍ଗୀତ ଜଗତର ସେହି ମହାନ୍ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର ଗୁରୁବାର ୮୫ତମ ଜନ୍ମଦିନ ଅବସରରେ ମୋ ଟିଭି ବ୍ୟାନରରେ ପ୍ରିଲିୟୁଡ୍ ପ୍ରଡକ୍ସନ ପକ୍ଷରୁ ଏକ ନୂତନ ଓଡ଼ିଆ ସଙ୍ଗୀତ ଆଲବମ 'ବାଲିଘର' ମୁକ୍ତିଲାଭ କରିଛି। ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରବୀଣ ଗୀତିକାର ସଚ୍ଚି ମହାନ୍ତି ଶୁଦ୍ଧ ଓଡ଼ିଆ ଭାଷାରେ ସଙ୍ଗୀତ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ସ୍ୱର ସଂଯୋଜନା କରିଥିଲେ। ପ୍ରଯୋଜକ ସତ୍ୟବ୍ରତ ସାନୁ ରଥ ଏହି ସଙ୍ଗୀତ ମାଧ୍ୟମରେ ଓଡିଆ ସଙ୍ଗୀତ ଓ ସାହିତ୍ୟର ସୁବର୍ଣ୍ଣ ଯୁଗକୁ ପୁନଃନିର୍ମାଣ କରିବାକୁ ଚେଷ୍ଟା କରିଛନ୍ତି। ସେ ଆଗାମୀ ଦିନରେ ପ୍ରଣବ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଘୋଷଣା କରିଥିଲେ। କଣ୍ଠଶିଳ୍ପୀ ପଟ୍ଟନାୟକ ଭର୍ଚ୍ଚୁଆଲରେ ଯୋଗଦେଇ ଏଭଳି ସୁନ୍ଦର କାର୍ଯ୍ୟକ୍ରମର ଆୟୋଜନ ପାଇଁ ପ୍ରଶଂସା କରିବା ସହ ନୂଆ ପିଢ଼ିଙ୍କ ମନକୁ ଛୁଇଁବ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ପତ୍ରିକା ମାଇଁ ସିଟି ଲିଙ୍କସ ପକ୍ଷରୁ ବିଶେଷ ଭାବରେ ଡିଜାଇନ କରାଯାଇଥିବା ଚଳିତ ବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଓଡିଶାର ଡିଜାଇନରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଡିଜାଇନ୍ ବେଶଭୂଷାରେ ସୁସଜ୍ଜିତ ସଫଳ ଓଡ଼ିଆ ସେଲିବ୍ରିଟିଙ୍କୁ ନେଇ ମାଇଁ ସିଟି ଆଇକନ କ୍ୟାଲେଣ୍ଡରର ପରିକଳ୍ପନା କରାଯାଇଥିଲା। ସେମାନେ ହେଲେ ଅଭିନେତା ଆକାଶ ଦାସନାୟକ, ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ଅର୍ଚ୍ଚିତା ସାହୁ, ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟ, ଭଳି ଖେଳାଳି ତଥା ଓଡିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ଆଥଲେଟ୍ ଦୂତୀଚାନ୍ଦ, ଓଡିଆ ଅଭିନେତା ତଥା ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଚେସ ଖେଳାଳି ପଦ୍ମିନୀ ରାଉତ, ଗାୟକ ଋତୁରାଜ ମହାନ୍ତି, ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଏମାନଙ୍କୁ ଲେବଲ୍ ଋତୁପୂର୍ଣ୍ଣା, ସ୍ୱୀକୃତି କ୍ରିଏସନ୍ସ, ଜୁବି ଡିଜାଇନର ହାଉସ୍ ଓ ଜ୍ୟୋତ୍ସ୍ନା ଦାସଙ୍କ ଦ୍ୱାରା ଡିଜାଇନର ବେଶଭୂଷାରେ ସଜ୍ଜିତ କରାଯାଇ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୁନା ତ୍ରିପାଠୀ, ଦିଲୀପ ତିର୍କୀ, ସଚ୍ଚି ମହାନ୍ତି, ଜିତୁ ମଙ୍ଗରାଜ, ଉତ୍କଳ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ପ୍ରମୁଖ ଯୋଗଦେଇଥିଲେ।

## 'ଉଠାଦୋକାନୀଙ୍କ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି'

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

### ଟାଉନ ଭେଣ୍ଡିଂ କମିଟି ଗଠନ ଦାବି

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ତରଫରୁ ଗୁରୁବାର ଇଉକଲ ଅଡ଼ିଟୋରିୟମରେ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇ ଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ କହିଲେ, ରାଜ୍ୟ ସରକାର ଓଡ଼ିଶାରେ ଥିବା ଉଠାଦୋକାନୀଙ୍କୁ କୋଭିଡ୍ ସହାୟତା ଦେଇଥିବାବେଳେ ଅନ୍ୟ କୌଣସି ରାଜ୍ୟ ସରକାର ଦେଇନାହାନ୍ତି। କେନ୍ଦ୍ର ସରକାର ବହୁ ସମୟରେ ଉଠାଦୋକାନୀଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ସବୁବେଳେ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଆଗକୁ ମଧ୍ୟ ଉଠାଦୋକାନୀଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏମ୍‌ପି ତଥା ଟ୍ରଷ୍ଟର ଉପଦେଷ୍ଟା ସୁବାସ ସିଂ ଭର୍ଚ୍ଚୁଆଲରେ ଯୋଗଦେଇ କହିଲେ, ସରକାର ଉଠାଦୋକାନୀଙ୍କ ସହିତ ଅଛନ୍ତି ଓ ରହିବେ। ଯେକୌଣସି ସମୟରେ ସେମାନଙ୍କ ସମସ୍ୟା ଦେଖାଦେଲେ ତତ୍‌କ୍ଷଣାତ ସେସବୁ ସମାଧାନ କରାଯିବ। ଆଡ୍‌ଭୋକେଟ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାର ଷ୍ଟ୍ରିଟ୍ ଭେଣ୍ଡର୍ସ ଆଇନ୍ ଅନୁଯାୟୀ ଟାଉନ ଭେଣ୍ଡିଂ କମିଟି ଗଠନ କରିବା କଥା, ମାତ୍ର ତାହା ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ ବୋଲି କ୍ଷୋଭର ସହ କହିଥିଲେ। ଟ୍ରଷ୍ଟ ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଠା ଦୋକାନୀଙ୍କ ସହ ସରକାର ସବୁବେଳେ ରହି ଆସିଥିବା କହିଥିଲେ। ଏହି ଅବସରରେ ଉଠାଦୋକାନୀ ମନୋଜ ପ୍ରଧାନଙ୍କୁ ତାଙ୍କର ଉପନ୍ୟାସ ପାଇଁ 'ଉଠାଦୋକାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଜାତୀୟ ଉଠାଦୋକାନୀ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଟ୍ରଷ୍ଟ କର୍ମକର୍ତ୍ତା।

## ୧୨ ବାଇକ ଛାଡ଼ିଦେଇ ପଳାଇଲେ ଯୁବକ

### ନାଇଟ କର୍ଫ୍ୟୁରେ ରାସ୍ତାରେ ଜନ୍ମଦିନ ପାଳନ ମହଙ୍ଗା ପଡ଼ିଲା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ରାଜଧାନୀରେ ନାଇଟ କର୍ଫ୍ୟୁ ସତ୍ତ୍ୱେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡେଲ୍‌ଟା ଛକ ରାସ୍ତା ଉପରେ କେତେଜଣ ଯୁବକ ବୁଧବାର ବିଳମ୍ବିତ ରାତିରେ ଜନ୍ମଦିନ ପାଳନ କରୁଥିଲେ। ସେହି ବାଟ ଦେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯିବାବେଳେ ଏହା ଦେଖି ଅଟକିଥିଲେ। ହେଲେ ପୋଲିସ କମିଶନରଙ୍କୁ ଦେଖି ଯୁବକମାନେ ୧୨ ବାଇକ୍‌କୁ ରାସ୍ତା ମଝିରେ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ବାଇକଗୁଡ଼ିକୁ ଜବତ କରି ଥାନାକୁ ଆଣିଥିବାବେଳେ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହାକୁ ନେବା ପାଇଁ କେହି ଆସି ନ ଥିବା ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ବାଇକ୍ ନେବାକୁ ଆସିଲେ କରୋନା କଟକଣା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଧାନ କହିଛନ୍ତି।

## ନାଲ୍‌କୋ ଘରୋଇକରଣକୁ ମଜଦୁର ସଂଘର ବିରୋଧ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଲାଭଦାୟକ ନବରତ୍ନ କମ୍ପାନୀ ନାଲ୍‌କୋର ଘରୋଇକରଣ ପ୍ରସ୍ତାବକୁ ବିରୋଧ କରିଛି ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍)। ଏହା ଏକ ଶ୍ରମିକ ଓ ଜନ ବିରୋଧୀ ନିଷ୍ପତ୍ତି ବୋଲି ବିଏମ୍‌ଏସ୍ ଓଡ଼ିଶା ଶାଖା ପକ୍ଷରୁ କୁହାଯାଇଛି। ଓଡ଼ିଶାରେ ଉନ୍ନତମାନର ବକ୍ସାଇଟ ଓ ଯଥେଷ୍ଟ କୋଇଲା ମହଜୁଦ ଥିବାରୁ କେନ୍ଦ୍ର ସରକାର ଏଠାରେ ନାଲ୍‌କୋ ପ୍ରତିଷ୍ଠା କରିଥିଲେ। ୪୨ ବର୍ଷ ତଳେ ପ୍ରତିଷ୍ଠିତ ଏହି ଆଲୁମିନିୟମ କମ୍ପାନୀ ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାରଙ୍କୁ ୪୬୦୦୦ କୋଟି ଓ ରାଜ୍ୟ ସରକାରଙ୍କୁ ୭୦୦୦ କୋଟି ଟଙ୍କା ଦେଇଛି। ଓଡ଼ିଶାର ହଜାର ହଜାର ଆଦିବାସୀ ଓ ଜମିହରା ନାଗରିକ ଉକ୍ତ କମ୍ପାନୀ ଦ୍ୱାରା ନିଯୁକ୍ତି ପାଇଛନ୍ତି। ଘରୋଇକରଣ ହେଲେ ବ୍ୟାପକ ଭାବେ ଶ୍ରମିକ ଛଟେଇ ଓ ଶ୍ରମିକ ଶୋଷଣ ହେବ। ନାଲକୋର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ବନ୍ଦ ହୋଇଯିବ ଓ ଚାକିରିର ସ୍ଥାୟିତ୍ୱ ରହିବ ନାହିଁ। ତେଣୁ ସଂଘ ପକ୍ଷରୁ ଆସନ୍ତା ୨୩ରୁ ୩୧ ତାରିଖ ପର୍ଯ୍ୟନ୍ତ ରାଜ୍ୟ ବ୍ୟାପୀ ବିରୋଧ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ ବୋଲି ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବିନୟ କୁମାର ତ୍ରିପାଠୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଅଙ୍ଗଦାନ ସଚେତନତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଓଡିଶା-ମୋ ପରିବାର ଆନୁକୂଲ୍ୟରେ ଆବାହକ ଅରୂପ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଗୁରୁବାର ଅଙ୍ଗଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭାରତ ଶରୀର ଓ ଅଙ୍ଗଦାନ ସମିତି ସଭାପତି ଡ. ପ୍ରଭାସ ଆଚାର୍ଯ୍ୟଙ୍କ ସହ ଓଡ଼ିଶା ମୋ ପରିବାରର ଯୁଗ୍ମ ସଂପାଦକ ରୁଦ୍ର ନାରାୟଣ ସାମନ୍ତରାୟ ଏବଂ କଟକ ସହର ଜୀବନବିନ୍ଦୁ ସଂଯୋଜକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଆଲୋଚନା କରିଥିଲେ। ଆଗାମୀ ଦିନରେ କିପରି ଅଙ୍ଗଦାନ ସଚେତନତାକୁ ସାରା ରାଜ୍ୟରେ ବ୍ୟାପକ କରାଯିବ ସେଥିନିମନ୍ତେ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

## ବର୍ଜ୍ୟବସ୍ତୁ ସୁପରିଚାଳନା ସଂକ୍ରାନ୍ତ ପଥପ୍ରାନ୍ତ ନାଟକ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ବିଏମ୍‌ସି ଓ ସିଏଫ୍‌ଏଆର୍ ପକ୍ଷରୁ ମହାବୀର ବସ୍ତି ୱାର୍ଡ ନଂ.୧୧ରେ ଏକ ସଚେତନତା ପ୍ରଥପ୍ରାନ୍ତ ନାଟକ ଆୟୋଜିତ ହୋଇଥିଲା। ଏହା ବର୍ଜ୍ୟବସ୍ତୁର ସୁପରିଚାଳନା ଉପରେ ପର୍ଯ୍ୟବେସିତ ଥିଲା। ବର୍ଜ୍ୟବସ୍ତୁକୁ ଅଲଗା କରି ଦୁଇଟି ଡ଼ଷ୍ଟବିନରେ ରଖିବା, ଗୋଟିଏରେ ଓଦା ଓ ଅନ୍ୟଟିରେ ଶୁଖିଲା ରଖିବା, ଅଳିଆକୁ ଖୋଲା ଜାଗାରେ ନ ଫିଙ୍ଗି ଖତ ପ୍ରସ୍ତୁତ ଓ ପୁନଃ ବ୍ୟବହାରର ବାର୍ତ୍ତା ଦେଇଥିଲା। ଏହି ନାଟକରେ ମହାବୀର ବସ୍ତିର ସ୍ୱଚ୍ଛସାଥୀ, କିଶୋରି ବାଳିକା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଆଓ ନେକ୍ସଟ୍‌ରେ ମୁକ୍ତିଲାଭ କଲା 'ସ୍କୁଲ ମାଷ୍ଟର'

### ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ମିହିର ଦାସଙ୍କ ଅଭିନୀତ ପ୍ରଥମ ସଫଳ ବ୍ୟବସାୟିକ ଚଳଚ୍ଚିତ୍ର ହେଉଛି 'ସ୍କୁଲ ମାଷ୍ଟର'। ଏଥିରେ ତାଙ୍କ ଅଭିନୟର ଚମତ୍କାରିତା ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏହି ଦିବଂଗତ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଓଟିଟି ପ୍ଲାଟ୍‌ଫର୍ମ ଆଓ ନେକ୍ସଟ୍‌ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ଜଣେ ସରଳ, ସଚ୍ଚୋଟ ଓ ଆଦର୍ଶ ସ୍କୁଲ ଶିକ୍ଷକ ଭାବେ ଗୋବିନ୍ଦ ତେଜ ଅଭିନୟ କରିଥିଲେ। ତାଙ୍କ ଧର୍ମପତ୍ନୀଙ୍କ ଭୂମିକାରେ ଥିଲେ ସୁଜାତା ଆନନ୍ଦ। ବଡ଼ପୁଅ କବି ଭୂମିକାରେ ଉତ୍ତମ ମହାନ୍ତି ଥିବାବେଳେ ସାନପୁଅ ଗୋପୀ ଭୂମିକାରେ ମିହିର ଦାସ ଅଭିନୟ କରିଛନ୍ତି। ଦୁଇପୁଅଙ୍କୁ ଉଚ୍ଚଶିକ୍ଷିତ କରିବା ଲାଗି ଉଭୟେ ମା' ବାପା ବେଶ ପରିଶ୍ରମ ଓ ସଂଘର୍ଷ କରନ୍ତି। ଏପରିକି ଘର ମଧ୍ୟ ବନ୍ଧା ପକେଇଦିଅନ୍ତି। କବି ଜଣେ ଗାୟକ ହେବାର ସ୍ୱପ୍ନ ଦେଖୁଥାଏ ଓ ଗୋପୀ ଓଏଏସ ପାଇବା ପାଇଁ ଚେଷ୍ଟା ଜାରି ରଖିଥାନ୍ତି। କାହାଣୀଟି ଭିନ୍ନ ମୋଡ ନିଏ, ଯେତେବେଳେ ମା'ବାପା ପିଲା ଦୁହିଁଙ୍କୁ ଋଣ ପରିଶୋଧ କରି ଘରକୁ ମୁକୁଳାଇବାକୁ କୁହନ୍ତି। ଦୁଇପୁଅ ସେମାନଙ୍କ ପାଖରେ ଟଙ୍କା ନାହିଁ ବୋଲି ସଫା ସଫା ମନା କରିଦିଅନ୍ତି। ଶେଷରେ ଘର ଛାଡିବାକୁ ହୁଏ। ଘରଛାଡି ମା' କବି ପାଖକୁ ଓ ବାପା ଗୋପୀ ପାଖକୁ ଚାଲିଯାଆନ୍ତି। ମାତ୍ର ସେଠାରେ ବି ତାଙ୍କୁ ନିସ୍ତାର ମିଳେ ନାହିଁ। ଏହିଭଳି ଏକ ମର୍ମସ୍ପର୍ଶୀ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। ଗୋବିନ୍ଦ ତେଜ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦେଇଛନ୍ତି ପ୍ରଫୁଲ୍ଲ କର। ଆଓ ନେକ୍ସଟରେ ଏଭଳି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଦିବଂଗତ ମିହିରଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବ ବୋଲି ମତ ପ୍ରକାଶ ପାଇଛି।

## ଧାନ କଟ୍‌ନିଛଟ୍‌ନିକୁ ବିରୋଧ କରି ରାସ୍ତାରୋକୋ

ବାଲିପାଟଣା,୨୦।୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକର ବିଭିନ୍ନ ଜାଗାରେ ଧାନ ମଣ୍ଡି ଖୋଲାଯାଇ ଥିବାବେଳେ ଏକ ମଣ୍ଡିରେ ଧାନ କଟ୍‌ନିଛଟ୍‌ନିକୁ ବିରୋଧ କରି ଚାଷୀମାନେ ଗୁରୁବାର ଉତ୍ତରା-ବନମାଳୀପୁର ରାସ୍ତା ବାଲିପାଟଣା ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଯାତାୟାତ ଏକ ପ୍ରକାର ଠପ ହୋଇଯାଇଥିଲା। ଘଟଣା ସ୍ଥଳରେ ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼ ଓ ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ଚାଷୀ ହଟିଥିଲେ। ବାଲିପାଟଣାର ବିଭିନ୍ନ ସେବା ସମବାୟ ସମିତିରେ ସରକାରୀ ଧାନମଣ୍ଡି ଖୋଲିଥିଲା। ଧାନ ବିକ୍ରି ପାଇଁ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। ମାତ୍ର ମିଲର ଚାଷୀଙ୍କ ଧାନରୁ ଏକ କୁଇଣ୍ଟାଲରେ ୧୦ କିଲୋଗ୍ରାମ ଧାନ କଟ୍‌ନିଛଟ୍‌ନି କରିଥିଲେ। ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ଚାଷୀ ଏବଂ ମିଲର ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ତାହା ଫଳପ୍ରଦ ହୋଇ ନ ଥିଲା। ଟୋକନ ପାଇ ମଧ୍ୟ ଧାନମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଥିଲା। ଏହାକୁ ବିରୋଧ କରି ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ବାଲିପାଟଣାରେ ଚଳିତବର୍ଷର ଖରିଫ ଧାନ ବାତ୍ୟା ଜୱାଦ ପ୍ରଭାବରେ କିଛିଟା ନଷ୍ଟ ହୋଇଥିବା ବେଳେ ଯାହା ବଞ୍ଚିଥିଲା ତାକୁ ଚାଷୀ ଅମଳ କରି ଧାନମଣ୍ଡିକୁ ନେଇଥିଲେ। କିନ୍ତୁ ମିଲର କୁଇଣ୍ଟାଲ ପିଛା ୧୦ କିଲୋ କାଟ ନେବାକୁ କହିଥିଲା ଯାହା ଚାଷୀଙ୍କ ପକ୍ଷେ ସମ୍ଭବ ନୁହେଁ। ପରେ ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଇବା ସହ ମିଲର ସୁଶାନ୍ତ ସାହୁ, ସିଇଓ ଦିବ୍ୟରଞ୍ଜନ ରାଉତ ଏବଂ ଚାଷୀଙ୍କ ପକ୍ଷରୁ କୈଳାସ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀମାନଙ୍କ ଉପସ୍ଥିତରେ ୫ କିଲୋଗ୍ରାମ ଧାନ କଟନି ହେବ ବୋଲି ସ୍ଥିର ହୋଇଥିଲା। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।



ରାସ୍ତାରେ ଧାରଣା ଦେଇଥିବା ଚାଷୀମାନେ।

# କ୍ୱାର୍ଟର ଫାଇନାଲରେ ଭାରତ

**ତାରୋଉବା (ତ୍ରିନିଦାଦ), ୨୦।୧:** ରେକର୍ଡ ୪ଥର ଟାଇଟଲ ହାସଲ କରିଥିବା ଭାରତ ଏଥର ମଧ୍ୟ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଭାରତୀୟ ଅଧିନାୟକ ଯଶ ଧୁଲ, ଉପ- ଅଧିନାୟକ ଶେଖ ରସିଦଙ୍କ ସମେତ ଅନ୍ୟ ୪ ଖେଳାଳି କରୋନା ସଂକ୍ରମିତ ହୋଇ ଦଳରୁ ବାଦ୍ ପଡିବା ସତ୍ତ୍ୱେ ଭାରତ ବୁଧବାର ଆୟର୍ଲାଣ୍ଡକୁ ବୃହତ୍ ୧୭୪ ରନରେ ହରାଇ କ୍ୱାର୍ଟରକୁ ଉଠିଛି। ୬ଜଣ ଆଗଧାଡିର

**୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍**

ଖେଳାଳିଙ୍କ ଅନୁପସ୍ଥିତିରେ ଭାରତ ଅତି କଷ୍ଟରେ ଅନ୍ତିମ ଏକାଦଶ ଯୋଗାଡ କରିବାରେ ସଫଳ ହୋଇଥିଲା। ଏହା ସତ୍ତ୍ୱେ ଦଳର ପ୍ରଦର୍ଶନ ପ୍ରଭାବିତ ହୋଇ ନ ଥିଲା। ଏହାପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ୪୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ବିଜୟ ଅଭିଯାନ ଆରମ୍ଭ କରିଥିଲା। ସେହିପରି ବୁଧବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୬୧ଟି ବଲ୍ ବାକିଥାଇ ୭ ଉଇକେଟରେ ସ୍କଟଲାଣ୍ଡକୁ ହରାଇଛି। ଶନିବାର ଭାରତ ତା'ର ଅନ୍ତିମ ଗ୍ରୁପ୍ 'ବି' ମ୍ୟାଚ୍‌ରେ ଉଗାଣ୍ଡାକୁ ଭେଟିବ। ହରନୁର ସିଂ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୫ ଉଇକେଟ ହରାଇ ୩୦୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଟପ୍ ଅର୍ଡର ଓ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଦମ୍ଦାର ପ୍ରଦର୍ଶନ କରିଥିଲେ। ଓପନର ଅଙ୍ଗକ୍ରିସ ରଘୁବଂଶୀ ୭୯, ଏସିଆ କପ୍ ହିରୋ ହରନୁର ସିଂ ୮୮, ରାଜ ବାୱା ୪୨, କାମଚଳା ଅଧିନାୟକ ନିଶାନ୍ତ ସିନ୍ଧୁ ୩୬ ରନକରି ଆଉଟ ହୋଇଥିବା ବେଳେ ରାଜବର୍ଦ୍ଧନ ହଙ୍ଗରଗେକର ୧୭ ବଲରୁ ୧ ଚୌକା ଓ ୫ ଛକା ସହ ଦ୍ରୁତ ୩୯ ରନକରି ଅପରାଜିତ ରହିଥିଲେ। ବୋଲିଂରେ ଆୟର୍ଲାଣ୍ଡର ମୁଜାମିଲ ଶେରଜାଦ ସର୍ବାଧିକ ୩ ଉଇକେଟ ନେଇଥିଲେ। ଜବାବରେ ଆୟର୍ଲାଣ୍ଡ ୩୯ ଓଭରରେ ୧୩୩ ରନକରି ଅଲଆଉଟ ହୋଇଥିଲା। ଗର୍ବ ସାଙ୍ଗୱାନ, ଅନେଶ୍ୱର ଗୌତମ ଓ କୁଶାଲ ତାମ୍ବେ ୨ଟି ଲେଖାଏ, ହଙ୍ଗରଗେକର, ରବି କୁମାର ଓ ଭିକି ଓଷ୍ଟୱାଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ପ୍ଲେୟର ଅଫ୍ ଦି ମ୍ୟାଚ୍ ହରନୁର ସିଂ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୦୭/୫ (ହରନୁର- ୮୮, ରଘୁବଂଶୀ- ୭୯, ବାୱା- ୪୨, ସିନ୍ଧୁ- ୩୬, ହଙ୍ଗରଗେକର- ୩୯*, ମୁଜାମିଲ- ୩/୭୯)। ଆୟର୍ଲାଣ୍ଡ ୩୯ ଓଭରରେ ୧୩୩ ଅଲଆଉଟ (ମ୍ୟାକ୍‌ବେଥ- ୩୨, କକ୍ସ-୨୮, ସାଙ୍ଗୱାନ- ୨/୨୩, ଗୌତମ- ୨/୧୧, ତାମ୍ବେ- ୨/୮)।

## ମହିଳା ହ୍ୟାଣ୍ଡବଲ ଲକର ରୁମ୍‌ରେ ଗୁପ୍ତ କ୍ୟାମେରା

**ମେଜିନ୍‌ଜେନ୍, ୨୦।୧ (ଏପି):** ଏକ ଅଗ୍ରଣୀ ମହିଳା ହ୍ୟାଣ୍ଡବଲ୍ ଟିମ୍‌ର ଲକର ରୁମ୍‌ରେ ଗୋପନ ଭାବେ ଖଞ୍ଜା ଯାଇଥିବା ଦୁଇଟି କ୍ୟାମେରାକୁ ଜର୍ମାନୀ ପୋଲିସ ଜବତ କରିବା ପରେ ତଦନ୍ତ ଆରମ୍ଭ କରିଛି। କ୍ଲବ ତରଫରୁ ଗୁରୁବାର ଏହି ବିଷୟରେ ସୂଚନା ଦିଆଯାଇଛି। ଟସ୍ ମେଜିନ୍‌ଜେନ୍ ନାମକ ଏହି କ୍ଲବ ବୁଣ୍ଡେସଲିଗା ପ୍ରଥମ ଡିଭିଜନରେ ଖେଳିଥାଏ। ପୋଲିସ କ୍ଲବ ସହିତ କାର୍ଯ୍ୟ କରୁଥିବା ଜଣେ ବ୍ୟକ୍ତିକୁ ସନ୍ଦେହ କରି ଜେରା କରୁଛି। ତାଙ୍କୁ ତୁରନ୍ତ କ୍ଲବରୁ ବହିଷ୍କାର କରାଯାଇଛି। ମହିଳା ହ୍ୟାଣ୍ଡବଲ୍ ବୁଣ୍ଡେସଲିଗା ଏହି ଘଟଣାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ନିନ୍ଦା କରିଛି। ଦୋଷୀଙ୍କ ପ୍ରତି କଠୋର ଦଣ୍ଡବିଧାନ କରିବା ଲାଗି କହିଛି। ଏହି ଲିଗ୍‌ରେ ଗତ ବର୍ଷ ମଧ୍ୟ ଏକ ସମାନ ଘଟଣା ଦେଖିବାକୁ ମିଳିଥିଲା। ଅନ୍ୟ ଏକ କ୍ଲବର ଲକର ରୁମ୍‌ରେ ୩ଟି ଗୁପ୍ତ କ୍ୟାମେରା ଖଞ୍ଜା ଯାଇଥିବା ଦେଖିବାକୁ ମିଳିଥିଲା।

# ଦ୍ୱିତୀୟ ଦିନିକିଆ ଆଜି

**ପର୍ଲ, ୨୦।୧(ପି.ଟି.)**

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ସିରିଜର ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚ ଶୁକ୍ରବାର ଏଠାରେ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ ଜିତି ଦକ୍ଷିଣ ଆଫ୍ରିକା ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ତେଣୁ ଦ୍ୱିତୀୟ ଦିନିକିଆ ଜିତି ସିରିଜକୁ ବରାବର ସ୍ତରକୁ ଆଣିବା ଲକ୍ଷ୍ୟରେ ରହିଛି ଲୋକେଶ ରାହୁଲଙ୍କ ଟିମ୍‌ଇଣ୍ଡିଆ। ଗତ କିଛି ମ୍ୟାଚରେ ମିଡିଲ ଅର୍ଡର ବ୍ୟାଟିଂ ସମସ୍ୟା ଭାରତ ପାଇଁ ଚିନ୍ତାଜନକ ରହିଛି। ଗତ ମ୍ୟାଚରେ ମଧ୍ୟ ତାହାର ପୁନରାବୃତ୍ତି ହୋଇଥିଲା। ଟପ୍ ଅର୍ଡରରେ ଶିଖର ଧାୱନ ଓ ବିରାଟ କୋହଲି ଭଲ ଖେଳିଥିଲେ ହେଁ ମିଡିଲ ଅର୍ଡର ବିଫଳତା ଭାରତକୁ ପରାଜୟ ଆଡ଼କୁ ଟାଣି ଆଣିଥିଲା। ଉଭୟ କୌଶଳ ଓ ଦକ୍ଷତାରେ ଭାରତକୁ ଦକ୍ଷିଣ ଆଫ୍ରିକା ପଛରେ ପକାଇ ଦେଇଥିଲା। ଭେଙ୍କଟେଶ ଆୟାର ଉପଲବ୍ଧ ଥିଲେ ହେଁ ତାଙ୍କୁ ରାହୁଲ ବ୍ୟବହାର କରି ନ ଥିଲେ। ଏପରିକି ଶାର୍ଦ୍ଦୂଳ ଠାକୁର ଓ ଯୁଜବେନ୍ଦ୍ର ଚହଲଙ୍କୁ ରସି ଭାନ୍ ଡର ଡୁସେନ ଓ ଟେମ୍ବା ବଭୁମା ସହଜରେ ଖେଳିଥିଲେ ମଧ୍ୟ ଆୟାରଙ୍କୁ ସୁଯୋଗ ମିଳି ନ ଥିଲା। ଯଦି ଆୟାରଙ୍କୁ ସ୍ପେଶାଲିଷ୍ଟ ବ୍ୟାଟର ଭାବରେ ୬ ନମ୍ବର ସ୍ଥାନରେ ନିଆ ଯାଉଛି ତେବେ ସୂର୍ଯ୍ୟକୁମାର ଯାଦବଙ୍କୁ କାହିଁକି ନୁହେଁ ବୋଲି ପ୍ରଶ୍ନ ଉଠିଛି। ଚାପ ସ୍ଥିତିରେ ସୂର୍ଯ୍ୟକୁମାର ଭଲ ଖେଳିବା ନଜିର ରହିଛି। ସେହିପରି ଡୁସେନ ଓ ବଭୁମା ଯେତେବେଳେ ସୁଇପ୍ ଶଟ୍ ଖେଳିବା ଆରମ୍ଭ କରିଥିଲେ ସେତେବେଳେ ରାହୁଲ ଦୁଇ ସ୍ପିନର ଅଶ୍ୱିନ ଓ ଚହଲଙ୍କୁ ଲଗାଇଥିଲେ। ସେହି ତୁଳନାରେ ଦେଖିବାକୁ ଗଲେ ଦକ୍ଷିଣ ଆଫ୍ରିକା ଏହାର ବୋଲରଙ୍କୁ ଅତି ଚତୁରତାର ସହ ବୋଲିଂରେ ଲଗାଇ ସଫଳତା ପାଇଥିଲା। ଧାୱନ ଓ କୋହଲି ବ୍ୟାଟିଂ କରୁଥିବା ପର୍ଯ୍ୟନ୍ତ ପିଚ୍ ସହଜ ଲାଗୁଥିଲା। ଏହାପରେ କଷ୍ଟସାଧ୍ୟ ହୋଇ ଯାଇଥିଲା। ଶ୍ରେୟାସ ଆୟାର ଏବେ ମଧ୍ୟ ଶର୍ଟ ବଲ୍ ବିପକ୍ଷରେ ଖେଳିବାରେ ଅସୁବିଧା ଅନୁଭବ କରୁଛନ୍ତି। ଆଗାମୀ ମ୍ୟାଚରେ ଦୁଇ ଆୟାର ଓ ରିଷଭ ପନ୍ତଙ୍କୁ ସତର୍କତାର ସହ ବ୍ୟାଟିଂ କରିବାକୁ ହେବ। ଭୁବନେଶ୍ୱର କୁମାର ନିଜ ପ୍ରତ୍ୟାବର୍ତ୍ତନ ମ୍ୟାଚରେ ପ୍ରଭାବିତ କରିବାରେ ବିଫଳ ହୋଇଛନ୍ତି। ଆଗାମୀ ମ୍ୟାଚରେ ଯଦି ସୁଯୋଗ ପାଆନ୍ତି ତେବେ ଏହାର ସଦ୍‌ବ୍ୟବହାର କରିବାକୁ ହେବ। ଏକଦିବସୀୟ ଗେମ୍‌ରେ ଅଧିନାୟକଙ୍କ ନିଷ୍ପତ୍ତି ଦଳପାଇଁ ଅନେକ ମହତ୍ତ୍ୱ ରଖିଥାଏ। ଲୋକେଶ ରାହୁଲ ଏହାକୁ ଭଲଭାବେ ମନେ ରଖିବା ଉଚିତ।

**ମ୍ୟାଚ ଆରମ୍ଭ: ଅପରାହ୍ନ ୨ଟା**


**OFFICE OF THE MUNICIPAL COUNCIL**
**PARALAKHEMUNDI, GAJAPATI**
Telephone No. 06815-222310, 222252, 222958, 223474,
E-mail ID: parala.mply@gmail.com
Letter No. 345 Date: 20.01.2022

**2nd CORRIGENDUM NOTICE**

No. C-1855: Due to some unavoidable reason the tender Bid Identification No. 06/PKDM-2021-22, vide Letter No. 3966 for the work Development of Model Water Body in the Distict Headquarters ULB (Development of Sankuri Bandha Compelx) was could not opened on schedule date on 20.01.2022 at 11.00 A.M., it is re-schedule for opening on 28.01.2022 at 11.00 A.M. at pre-scheduled place.

Sd./- Executive Officer
Paralakhemundi Municipality
OIPR-13145/11/0008/2122



**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK-753001**
**NOTICE**
No.665/PSC, Dt.20.01.2022
(DR-IV) (2PH-07-2021-22)

**CORRIGENDUM TO RECRUITMENT TO THE POST OF ASSISTANT SECTION OFFICER, PURSUANT TO ADVERTISEMENT NO. 26 OF 2021-22**

No.D-285:- It is for information of all concerned that in **Para-3** of the Advertisement No. 26 of 2021-22 for the post of Assistant Section Officer under **heading "Age"** following part

".....must not be above the age of **32 (Thirty-two)** years as on **1st day of January 2021**, i.e. he/she must have been born **not earlier than 2nd January, 1989......" shall be substituted with**

"......must not be above the age of **38 (Thirty-eight)** years as on **1st day of January 2021** i.e., he/she must have been born **not earlier than 2nd ,January, 1983** ......"

This Corrigendum is being issued following amendment made to Odisha Civil Service (Fixation of Upper Age Limit) Rules, 1989 raising upper age limit from 32 to 38 years.

All other terms and conditions of the Advertisement shall remain unchanged.

OIPR-12002/11/0221/2122 Sd./- Secretary


# ଏସିଆନ କପ୍ ଫୁଟ୍‌ବଲ: ଇରାନ ସହ ମ୍ୟାଚ ଡ୍ର ରଖିଲା ଭାରତ

**ନଭି ମୁମ୍ବାଇ, ୨୦।୧(ପି.ଟି.):** ପୂରା ମ୍ୟାଚରେ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ହେଁ ସୁଯୋଗ ହାତଛଡ଼ା କରି ଭାରତ ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଏହାର ପ୍ରଥମ ମ୍ୟାଚକୁ ଇରାନ ବିପକ୍ଷରେ ଡ୍ର ରଖିଛି। ମ୍ୟାଚଟି ଗୋଲଶୂନ୍ୟ ରହିଥିଲା। ଭାରତର ଏହି ପ୍ରଦର୍ଶନ ମୁଖ୍ୟ କୋଚ୍ ଥୋମାସ ଡେନର୍ବିଙ୍କୁ ନିରାଶ କରିଛି। ଅପେକ୍ଷାକୃତ ଲୋ ର୍‍ୟାଙ୍କ୍‌ପ୍ରାପ୍ତ ଇରାନ ବିପକ୍ଷରେ ମ୍ୟାଚ ଜିତିଥିଲେ ଭାରତର କ୍ୱାର୍ଟର ଫାଇନାଲ ପ୍ରବେଶ ପଥ ସହଜ ହୋଇଥାନ୍ତା। ତେବେ ଖେଳାଳିଙ୍କ ପାସ୍ ଓ ପୋସେସନରେ ସେ ସନ୍ତୋଷ ପ୍ରକଟ କରିଛନ୍ତି। ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଇରାନ ୭୦ତମ ସ୍ଥାନରେ ଥିବାବେଳେ ଭାରତ ୫୫ତମ ସ୍ଥାନରେ ରହିଛି। ତେବେ ଦ୍ୱିତୀୟ ମ୍ୟାଚରେ ଚାଇନିଜ୍ ତାଇପେ ବିପକ୍ଷରେ ଭାରତ ବିଜୟ ହାସଲ କରିବ ବୋଲି ଡେନର୍ବି ଆଶାପ୍ରକାଶ କରିଛନ୍ତି। ଚାଇନିଜ୍ ତାଇପେ ଏହାର ପ୍ରଥମ ମ୍ୟାଚରେ ଚାଇନାଠାରୁ ୦-୪ ଗୋଲରେ ପରାସ୍ତ ହୋଇଛି।


**କଟକ ଉନ୍ନୟନ କର୍ତ୍ତୃପକ୍ଷ**
**ଅରୁଣୋଦୟ ଭବନ, ଲିଙ୍କ୍‌ରୋଡ୍, କଟକ-12**
**ସୂଚନା**

No.CAD-2756:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-13ରେ ପ୍ଲଟ୍ ନଂ.-13-2E/602 ଟିକୁ ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା, ପିତା ୰ ସନାତନ ପଣ୍ଡା, ସା.- ରଗଡ଼ିସାହି, ପୋ.- ଗୋଡ଼ିବନ୍ଧ, ଥା.- କାନପୁର, ଜିଲ୍ଲା-କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଫୁଲ୍ଲ କୁମାର ପଣ୍ଡା ଉକ୍ତ ପ୍ଲଟ୍‌ଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମାନସ ପୃଷ୍ଟି, ପିତା- ଲକ୍ଷ୍ମଣ ପୃଷ୍ଟି, ସା./ପୋ./ଥା.- ମଙ୍ଗଳପୁର, ଜିଲ୍ଲା- ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା./- ସଚିବ
OIPR-13037/11/0188/2122



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୩୪୩ ତା:୩୦।୧୨।୨୧

**ବିଜ୍ଞାପନ**

No. CAD-2806: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ ନଂ. ଏଚ୍.ଆଇ.ଜି.- ୭/୩ (HIG-7/3)ଟିକୁ ଶ୍ରୀମତୀ ମିନତୀ ମିଶ୍ର, ସ୍ୱା. ଗୋକୁଳାନନ୍ଦ ମିଶ୍ର, ପ୍ଲଟ ନଂ. ୨୭୩, ବାପୁଜୀ ନଗର, ପୋ.: ବାପୁଜୀନଗର, ଥା: କ୍ୟାପିଟାଲ, ଭୁବନେଶ୍ୱର, ଜି: ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମିନତୀ ମିଶ୍ର ଉକ୍ତ ଫ୍ଲାଟଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ରୁବିରାଣୀ ବଳ, ସ୍ୱା. ରଞ୍ଜିତ କୁମାର ସାମଲ, ସା: ଚରପଡ଼ା, ପୋ: କନ୍ଦିଆହାଟ, ଥା: ରାଜକନିକା, ଜି: କେନ୍ଦ୍ରାପଡ଼ାଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ୍‌ର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍‌ଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0352/2122


# ବିବେକ ସଭାପତି, ଅଜୟ ସମ୍ପାଦକ


କଟକ ଜିଲା ଚେସ୍ ସଂଘର ନବନିର୍ବାଚିତ କର୍ମକର୍ତ୍ତା।

**କଟକ ଜିଲା ଚେସ୍ ସଂଘ କର୍ମକର୍ତ୍ତା ନିର୍ବାଚନ**

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି):** ଆଗାମୀ ୩ ବର୍ଷ ପାଇଁ କଟକ ଜିଲା ଚେସ୍ ସଂଘ କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିବେକ କୁମାର ତିବରୱାଲ ସଭାପତି ଓ ଅଜୟ କୁମାର ନାୟକ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଚୌଧୁରୀ ପ୍ରଦ୍ୟୁମ୍ନ କେଶରୀ ମିଶ୍ର ନିର୍ବାଚନ ଅଧିକାରୀ ଦାୟିତ୍ୱ ନିର୍ବାହ କରିଥିଲେ। ନିର୍ବାଚିତ ଅନ୍ୟ କର୍ମକର୍ତ୍ତା ହେଲେ ସନ୍ତୋଷ କୁମାର ପୃଷ୍ଟି ବରିଷ୍ଠ ଉପସଭାପତି, ପ୍ରଶାନ୍ତ କୁମାର ଓ ସତ୍ୟ ରଞ୍ଜନ ପଟ୍ଟନାୟକ ଉପସଭାପତି, ତାପସ କୁମାର ମହାନ୍ତି ଓ ନିହାର ରଞ୍ଜନ ସାସମଲ ଯୁଗ୍ମ ସମ୍ପାଦକ, ରାଜେନ୍ଦ୍ର କୁମାର ସେଠୀ କୋଷାଧ୍ୟକ୍ଷ। କାର୍ଯ୍ୟନିର୍ବାହୀ ସଦସ୍ୟଭାବେ ପ୍ରଦୀପ ରଞ୍ଜନ ପୃଷ୍ଟି, ସୁଧୀର ମହାନ୍ତି, ବିଶ୍ୱଜିତ ରାୟ, ଶ୍ରୀତମ ପୃଷ୍ଟି, ସସ୍ମିତା ନାୟକ ମନୋନୀତ ହୋଇଥିବାବେଳେ ରଞ୍ଜନ ମହାନ୍ତି ମୁଖ୍ୟ ପରାମର୍ଶଦାତା ଏବଂ ଫଣୀନ୍ଦ୍ରନାଥ ମହାନ୍ତି, କମଳାକାନ୍ତ ବିଷୋୟୀ, ସେକ୍ ମନସୁର ଅଲୀ ଓ ରଘୁନନ୍ଦନ ସାସମଲ ପରାମର୍ଶଦାତା ରହିଛନ୍ତି।


**PARADIP PORT TRUST**
**E-TENDER NOTICE**

The tenders in three bid system i.e. (1)EMD Bid (2)Technical Bid (3)Price Bid are invited from manufacturer authorized representative of manufacturer for supply of 11KV Grade XLPE HT Power Cable. The last date and time of submission of the tender is 17.15 Hours on Dt.02.02.2022. For details, log on to website www.eprocure.gov.in/eprocure/app

Sr.Dy.Materials Manager
PPT/PR/141/21-22 Dt.20.01.2022


# ଜୁଭେନାଇଲ ସେମିଫାଇନାଲରେ

**ନିମାପଡ଼ା, ୨୦।୧ (ଡି.ଏନ୍.ଏ.):** ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ବାରବାଟୀ ଖେଳପଡ଼ିଆରେ ଚାଲୁଥିବା ୧୩ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତାରେ ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ ଡିଆରକେ କ୍ଲବ ବାରିପଦାକୁ ପରାସ୍ତ କରି ଜୁଭେନାଇଲ କ୍ଲବ କଟକ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ଜୁଭେନାଇଲ ଦଳ ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୬୩ ରନ କରିଥିଲା। ଦଳ ପକ୍ଷରୁ ଅନିଲ ପରିଡ଼ା ସର୍ବାଧିକ ୪୦, ଏମ୍.ଡି. ସୋହେଲ ୨୯ରନ୍ କରିଥିଲେ। ଜବାବରେ ଡିଆର୍‌କେ ୨୬.୩ ଓଭର ମଧ୍ୟରେ ସମସ୍ତ ଉଇକେଟ ହରାଇ ୧୩୦ରନ୍ ସଂଗ୍ରହ କରି ପରାଜୟ ହୋଇଥିଲା। ପ୍ରତିପକ୍ଷ ଦଳର ବୋଲର ସୁମିତ ଶର୍ମା ସର୍ବାଧିକ ୫ଟି, ଏମ୍.ଡି. ସୋହେବ ୨ଟି ଉଇକେଟ ନେଇଥିଲେ।


**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**No.RDM-OEB-MV-0001-2020 1515 / R&DM, dated 18 JAN 2022**

**AUCTION NOTICE**

No. F-300:- Sealed quotations are invited for disposal of following 02 (Two) Nos. of vehicles of Revenue & D.M. Department, Loka Seva Bhavan, Bhubaneswar. The details of the Vehicles are as under:

| Sl. No. | Vehicle Registration Number | Model/ Make | Year of purchase | Offset price |
|---|---|---|---|---|
| 1 | OR-02-BC-0606 | Maruti SX-4 VXI (BS-IV) | 29.10.2009 | Rs.52,000/- only |
| 2 | OR-02-AK-0900 | TATA Indica DLS (Euro-II) | 2006 | Rs.15,000/- only |

2. Persons / Firms interested in purchasing the above mentioned vehicles may submit their highest value quotations in the enclosed proforma in a sealed cover addressed to the "Under Secretary to Government (OE-B), Revenue & D.M. Department, Lokaseva Bhawan latest by 1.00 P.M. on or before 02.02.2022 at the above mentioned address. The sealed cover should be prominently superscripted with the works "QUOTATION FOR PURCHASE OF CONDEMNED VEHICLES".
3. The intending bidders should submit their quotation in the O/o Under Secretary to Government (OE-B), Revenue & D.M. Department during the office hours on or before the prescribed date and time.
4. The quotation received by Post / Speed Post / Registered Post / Courier or otherwise will not be entertained.
5. The tenders received shall be opened on 03.02.2022 at 12.00 (Noon) in the Office Chamber of the F.A.-cum-Special Secretary in presence of tenderers or their authorised agents.
6. If this day is declared as a Government holiday the tenders will be received and opened on the next working day as per the scheduled time.
7. The vehicle will be available for inspection in all working days in between 11.00 A.M. to 4.00 P.M. from 24.01.2022 to 31.01.2022 in the presence of Under Secretary to Government (OE-B), Revenue & D.M. Department, Lokaseva Bhawan.
8. Sale will be governed by the following terms and conditions.

1. The bidder is required to pay earnest money of Rs.5,000/- with the sealed quotation.
2. Earnest money is payable by means of Demand Draft drawn in favour of the "DDO-cum-Under Secretary to Government (Accounts), Revenue & D.M. Department payable at UCO Bank, Secretariat Branch", Bhubaneswar.
3. Quotations received without Demand Draft towards Earnest Money will not be considered as valid quotation and shall not be accepted.
4. Successful bidder will have to deposit full bid amount by means of Demand Draft drawn in favour of the "Under Secretary to Government (Accounts), Revenue & D.M. Department payable at UCO Bank, Secretariat Branch", Bhbaneswar within two working days of the acceptance of the bid.
5. The Earnest Money of the successful bidder will be released only after he deposites the sale proceeds. Earnest money will be forfeited if he fails to honour the bid.
6. The sold vehicle will be removed by the successful bidder within 48 hours of depositing the money and at their own expenses.
7. The vehicle will be disposed of on "as is where is basis" and no guarantee for its worthiness of quality will be given by this Department.
8. The delivery of the sold vehicle will be arranged only after the successful bidder submits documentary evidence in support of residential status (Aadhaar Card / Voters identity card etc. in case of individual and Registration Certificate in case of firms etc.)
9. The undersigned reserves the rights to reject all or any bid without assigning any reason thereof. In case of any dispute, the decision of the Auction Committee of Revenue & D.M. Department shall be final.

Sd./- Under Secretary to Government
OIPR-24001/11/0166/2122



**ZILLA SWASTHYA SAMITI, BARGARH**
**Dept. of Health & Family Welfare, Govt. of Odisha**
District Head Quarter Hospital, Bargarh - 768028
Phone/Fax: 06646-231763
Advt. No. 36/NHM, BARGARH/2021-22 Date: 19.01.2022

**SHORT TENDER CALL NOTICE FOR MEDICAL EQUIPMENT & INSTRUMENT**

No. E-837: Sealed tenders are invited from reputed firms/ manufacturer/dealers/trader having valid PAN and GST No. for supply of Medical Equipment & Instrument to the Office of CDM & PHO, Bargarh. The sealed tenders must be superscribed with **"Tender for supply of Medical Equipment & Instrument for COVID Hospital, DHH Bargarh"**. The sealed tenders must reach to the Office of the undersigned on or before **Dt.27.01.2022 upto 4.00 P.M.** eithe through **Speed Post/Registered Post/Courier/By Hand** and will be opened on **Dt.28.01.2022 at 11.00 A.M.** The bidders can download the tender documents directly from the district website **www.bargarh.nic.in** along with terms & conditions and Technical specifications. The authority reserves the right to accept or reject any or all the bids without assigning any reason thereof. The authority will not be responsible for any postal delay.

Sd./- Chief District Medical & Public Health Officer, Bargarh
OIPR-10124/11/0021/2122



**CLASSIFIED DISPLAY**
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ଯୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ଆପଣ ଯେ କୌଣସି ଅସୁବିଧାରେ ପଡ଼ି ହଇରାଣ ହେଉଥିଲେ କେବଳ ଗୋଟିଏ ମାତ୍ର Call କରି ଆମଠାରୁ ନିଅନ୍ତୁ ସମ୍ପୂର୍ଣ୍ଣ ସମସ୍ୟାର ୧୦୦% ସମାଧାନ।
ପ୍ରେମବିବାହ, ବେପାର ବୃଦ୍ଧି, ସମ୍ମୋହନ, ଗୃହ ସମସ୍ୟା, ସଉତୁଣୀ, ବଶିକରଣ, ସ୍ୱାମି-ସ୍ତ୍ରୀ ସମସ୍ୟା, ଯାଦୁମନ୍ତ୍ର ଇତ୍ୟାଦି
**ବାବା ହସନ୍ ଅଲ୍ଲି**
ଅଲ ଇଣ୍ଡିଆ ଖୁଲା ଚାଲେଞ୍ଜ ମାତ୍ର ୩ଘଣ୍ଟାରେ ୧୦୦% ସମାଧାନ।
9560789896

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଇସିସି ଦିନିକିଆ ଦଳରେ ମିଥାଲି, ଝୁଲଣ

**ଦୁବାଇ,୨୦।୧:** ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଓମ୍ୟାନ ଦିନିକିଆ ଟିମ୍ ଅଫ୍ ଦି ଇୟର ଗୁରୁବାର ଘୋଷଣା କରିଛି। ଦୁଇ ଅଭିଜ୍ଞ ଭାରତୀୟ କ୍ରିକେଟର ମିଥାଲି ରାଜ ଓ ଝୁଲଣ ଗୋସ୍ୱାମୀ ଏହି ଦଳର ସ୍ଥାନ ପାଇଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ କ୍ରମାଗତ ଭାବେ ସ୍ଥିର ପ୍ରଦର୍ଶନର ପୁରସ୍କାର ଏ ଦୁଇ ଖେଳାଳିଙ୍କୁ ମିଳିଛି। ୩୯ ବର୍ଷୀୟ ଭାରତୀୟ ଅଧିନାୟିକା ତଥା ବ୍ୟାଟର ମିଥାଲି ୫୦୩ ରନ ସଂଗ୍ରହ କରିଥିଲେ। ସେହିପରି ୩୯ ବର୍ଷୀୟ ଦ୍ରୁତ ବୋଲର ଝୁଲଣ ୨୦୨୧ରେ ୧୫ଟି ଉଇକେଟ ହାସଲ କରିଥିଲେ।


**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar - 751001
Visit us at: https://www.bda.gov.in

**INVITATION FOR RFP**

Bid Identification No. 70/Div.1/BDA/2021-22 Date: 19.01.2022

No. CAD-2793: The Addl. Chief Engineer, Division No. I, BDA, on behalf of Bhubaneswar Development Authority, Bhubaneswar invites **Request for Proposal for selection of Agency/Contractor for dismantling, Removal and Safe Disposal of debris of existing Baramunda Bus Stand building & Public waiting Hall at Baramunda, Bhubaneswar** system in OFFLINE MODE only from the eligible bidders for demolition work as mentioned below:

1. Name of work : Demolition work
2. Total No. of work : 01 (One) No.
3. Period of Completion : 01 (One) Month
4. Cost of Bid Documents for each work : Rs.10,000.00 + 12% GST = Rs.11,200.00
5. Availability of Tender : from 24.01.2022 to 5.00 P.M. of 07.02.2022
6. Bid Submission Date : 08.02.2022

Further details can be seen from the BDA website: **https://bda.gov.in**. Any addendum/corrigendum/cancellation of RFP can also be seen in the said website.

Sd./- Addl. Chief Engineer
Division No. I, BDA, Bhubaneswar
OIPR-13033/11/0181/2122

**ନନ୍ଦନକାନନ: କୃଷ୍ଣସାର ମୃଗ ଶାବକ ଜନ୍ମ**

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୩୬ନମ୍ବର(କ) ଏନକ୍ଲୋଜରରେ ଗୁରୁବାର ଏକ ନୂଆ ଅତିଥି ଆସିଛି। ଏନ୍‌କ୍ଲୋଜରରେ ଥିବା କୃଷ୍ଣସାର ମୃଗ ଏକ ଶାବକ ଜନ୍ମ ଦେଇଥିବାରୁ କର୍ମଚାରୀମାନେ ଖୁସି ପ୍ରକଟ କରିଛନ୍ତି। ମା' ଓ ଶାବକ ଉଭୟ ସୁସ୍ଥ ଅଛନ୍ତି। ଏହି ନୂତନ ଅତିଥିକୁ ମିଶାଇ ନନ୍ଦନକାନନର କୃଷ୍ଣସାର ମୃଗ ସଂଖ୍ୟା ୫୬କୁ ବୃଦ୍ଧିପାଇଛି। ଜନ୍ମିତ ଶାବକଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ। ପ୍ରକାଶ ଥାଉକି, ଏହି ପ୍ରଜାତିର କୃଷ୍ଣସାର ମୃଗ ଓଡ଼ିଶାର ବୁଗୁଡା ଓ ବାଲୁଖଣ୍ଡ ଅଞ୍ଚଳରେ ଦୃଶ୍ୟମାନ ହୋଇଥାନ୍ତି।

## ଆଜି କ'ଣ କେଉଁଠି

କଟକ

- ପତଞ୍ଜଳି ଯୋଗ ପୀଠ ପରିବାର ପକ୍ଷରୁ ସମୂହ ସୂର୍ଯ୍ୟ ଦମସ୍କାର, ବାରବାଟି ଷ୍ଟାଡ଼ିୟମ, ସକାଳ ୮ଟା।
- ଓଡ଼ିଶା ଲଳିତ କଳା ଏକାଡେମୀ ଓ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମୃଣ୍ମୟ ଭାସ୍କର୍ଯ୍ୟ ଶିବିର, ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ଓଡ଼ିଆ ବଜାର, ପୂର୍ବାହ୍ନ ୧୦ଟା ୩୦।
- ସଂଗ୍ରାମୀ ରାଜକିଶୋର ନାୟକଙ୍କ ସ୍ମୃତି ଉତ୍ସବ, ଶାରଳା ଭବନ, ବିଜୁ ପଟ୍ଟନାୟକ ଛକ, ଅପରାହ୍ନ ୪ଟା।
- ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସହରରେ ଥିବା ମହାପୁରୁଷଙ୍କ ମୂର୍ତ୍ତି ସଫେଇ, ଅପରାହ୍ନ ୪ଟା।

## ସଂକ୍ଷେପରେ

### ନେତାଜୀଙ୍କୁ ନେଇ ମୃଣ୍ମୟ ଭାସ୍କର୍ଯ୍ୟ ଶିଳ୍ପୀ ଶିବିର

**କଟକ ଅଫିସ, ୨୦।୧:** ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନେତାଜୀ ଜୟନ୍ତୀ ଉପଲକ୍ଷେ ମୃଣ୍ମୟ ଭାସ୍କର୍ଯ୍ୟ ଶିଳ୍ପୀ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟରେ ଅନୁଷ୍ଠିତ ଏହି ଶିବିରକୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି କହିଥିଲେ, ନେତାଜୀଙ୍କ ୧୨୫ତମ ଜନ୍ମବାର୍ଷିକ ପାଳନ ଅବସରରେ ଏକ ଅଭିନବ ପ୍ରଦର୍ଶନୀ କରିବାକୁ ଚିନ୍ତା କରିଛୁ। ଶିଳ୍ପୀମାନଙ୍କୁ ନେଇ ନେତାଜୀଙ୍କ ଜୀବନୀ ଆଧାରିତ ମୂର୍ତ୍ତି ନିର୍ମାଣ ପାଇଁ ନିଷ୍ପତ୍ତି ନେଇଛୁ। ନେତାଜୀଙ୍କ ଭଳି ମୃତ୍ତିକା ଶିଳ୍ପ କଟକର ଐତିହ୍ୟ ପରମ୍ପରା ସହ ଜଡିତ। ସେଥିପାଇଁ ଏହି ଶିବିର ଆୟୋଜନ କରାଯାଇଛି ବୋଲି ସେ କହିଛନ୍ତି। ଏହି ଶିବିରରେ ଲଳିତ କଳା ଏକାଡେମୀ ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସଂଗ୍ରହାଳୟ ତତ୍ତ୍ୱାବଧାରକ ଜଳେନ୍ଦ୍ର ପ୍ରସାଦ ରାୟ, ଶିଳ୍ପୀ କେଦାର ନାଥ ବେହେରା, ଲକ୍ଷ୍ମୀଧର ମୁଦୁଲି, ରାଜେନ୍ଦ୍ର ମୁଦୁଲି ଓ ଦେବେନ୍ଦ୍ର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିଳ୍ପୀମାନେ ମାଟିରେ କଳାକୃତୀ ତିଆରି କରିଥିଲେ।

### ରେଲ୍‌ୱେ ପୋର୍ଟର୍ସ ୟୁନିୟନର ୪ଦଫା ଦାବିପତ୍ର ପ୍ରଦାନ

**ଭୁବନେଶ୍ୱର,୨୦।୧(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନରେ କାମ କରୁଥିବା ୮୦ଜଣ କୁଲିଙ୍କ ବିଭିନ୍ନ ସମସ୍ୟା ନେଇ ଏଆଇଟିୟୁସି ସହ ସହବନ୍ଧିତ ଇଷ୍ଟକୋଷ୍ଟ ରେଲ୍‌ୱେ ପୋର୍ଟର୍ସ ୟୁନିୟନ ତରଫରୁ ଏକ ପ୍ରତିନିଧିଦଳ ଖୋର୍ଦ୍ଧାରୋଡସ୍ଥିତ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜରଙ୍କୁ ଭେଟି ୪ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ଲାଟଫର୍ମ ବିକାଶ ନାଁରେ ୧ନମ୍ବର ପ୍ଲାଟ୍‌ଫର୍ମରେ ଥିବା କୁଲିଙ୍କ ବିଶ୍ରାମଗୃହକୁ ଭାଙ୍ଗି ଦିଆଯାଇଛି। ଫଳରେ ସେମାନେ ଏଣେତେଣେ ବୁଲୁଛନ୍ତି। ସେମାନଙ୍କୁ ୧ ନମ୍ବର ପ୍ଲାଟ୍‌ଫର୍ମରେ ସ୍ଥାୟୀ ବିଶ୍ରମଗୃହ ଯୋଗାଇ ଦିଆଯିବା ସହ ପ୍ରତ୍ୟେକ କୁଲିଙ୍କୁ ବ୍ୟାଜ୍‌ରେ ନାମ ଉଲ୍ଲେଖଥାଇ ବର୍ଷକୁ ୨ହଳ ପୋଷାକ ଦେବାର ବ୍ୟବସ୍ଥା, ଯାତ୍ରୀଙ୍କ ଲଗେଜ ବୋହି ନେବା ଆଣିବା ପାଇଁ ଟ୍ରଲି ଯୋଗାଇ ଦେବା ଓ ଚିକିତ୍ସା ସୁବିଧା ଏବଂ ସ୍ୱାସ୍ଥ୍ୟବୀମାର ବ୍ୟବସ୍ଥା କରାଯିବା ନେଇ ଦାବି ଜଣାଇଛନ୍ତି। ପ୍ରତିନିଧି ଦଳରେ କାର୍ଯ୍ୟକାରୀ ସଭାପତି ସୁର ଜେନା, ସାଧାରଣ ସମ୍ପାଦକ ଶିବ ବେହେରା ଓ ପଞ୍ଚାନନ ସାହୁ ସିନିୟର ଡିସିଏମ୍‌ଙ୍କୁ ଭେଟି ଆଲୋଚନା କରିଥିଲେ।

# 'ଶିଶୁଙ୍କ ଅତ୍ୟଧିକ କାନ୍ଦ ଆରିଥମିଆ ହୋଇପାରେ'

**ଭୁବନେଶ୍ୱର, ୨୦।୧(ବ୍ୟୁରୋ)**



- ଭୁବନେଶ୍ୱର ଏମ୍ସରେ ୨୫ ଦିନର ଶିଶୁକନ୍ୟାଙ୍କ ସଫଳ ଚିକିତ୍ସା
- ଉପଯୁକ୍ତ ସମୟରେ ଠିକ୍ ଚିକିତ୍ସା ଜୀବନ ରକ୍ଷା କଲା
- ୩ଦିନ ଲଗାତର କାନ୍ଦିବା ସହ କିଛି ଖାଉ ନ ଥିଲେ ଶିଶୁକନ୍ୟା

ଯଦି ଆପଣଙ୍କ ଶିଶୁ ଘଣ୍ଟା ଘଣ୍ଟା ଧରି ଲଗାତର କାନ୍ଦୁଛି, ତେବେ ଏହାକୁ ଅଣଦେଖା କରାଯିବା ଉଚିତ୍ ନୁହେଁ। ପିଲା କାନ୍ଦିଲେ ଅଧିକାଂଶ ଏହା ପେଟ କାଟୁଥିବା କିମ୍ବା କାନ ଟାଣୁଥିବା ବୋଲି ଭାବନ୍ତି। କିନ୍ତୁ ଏହା ବିପଦଜନକ ଆରିଥମିଆ ହୋଇପାରେ, ଯାହା ଶିଶୁଙ୍କ ପାଇଁ ପ୍ରାଣଘାତୀ ସଦୃଶ। ତେଣୁ ଏଭଳି କ୍ଷେତ୍ରରେ ଶିଶୁକୁ ଷ୍ଟେଥୋସ୍କୋପି ସହାୟତାରେ ପରୀକ୍ଷା କରିବା ସହିତ ହୃଦ୍‌ସ୍ପନ୍ଦନକୁ ମଧ୍ୟ ପରୀକ୍ଷା କରାଯିବା ଉଚିତ ବୋଲି ଏମ୍ସ ଭୁବନେଶ୍ୱର ନବଜାତ ଶିଶୁ (ନିଓନାଟୋଲୋଜି)ବିଭାଗର ଆସୋସିଏଟ୍ ପ୍ରଫେସର ଡ. ପଙ୍କଜ ମହାନ୍ତି ପ୍ରକାଶ କରିଛନ୍ତି। ଏମ୍ସ ଭୁବନେଶ୍ୱରରେ ଆରିଥମିଆରେ ଆକ୍ରାନ୍ତ ଏକ ୨୫ ଦିନର ଶିଶୁ କନ୍ୟାର ସଫଳ ଚିକିତ୍ସା ପରେ ମହାନ୍ତି ଏହି ସୂଚନା ଦେଇଛନ୍ତି।

ପ୍ରାୟ ୩ ଦିନ ହେବ ଲଗାତର କାନ୍ଦିବା ସହିତ କିଛି ଖାଉ ନ ଥିବା ଜଣେ ୨୫ ଦିନର ଶିଶୁ କନ୍ୟାଙ୍କୁ ନେଇ ତାଙ୍କ ମାତାପିତା ମଙ୍ଗଳବାର ରାତିରେ ଭୁବନେଶ୍ୱର ଏମ୍ସକୁ ଆଣିଥିଲେ। ହସ୍ପିଟାଲ ଆଣିବା ସମୟରେ ଶିଶୁକନ୍ୟା ଗୁରୁତର ଅବସ୍ଥାରେ ଥିଲେ। ହସ୍ପିଟାଲ୍ ଆସିବା ପୂର୍ବରୁ ଶିଶୁର କୋଲିକ୍, ଓଟିଟିସ୍ କିମ୍ବା ସେପସିସ୍ ଭଳି ଚିକିତ୍ସା କରାଯାଇଥିଲା। ତେବେ ଏମ୍ସକୁ ଆସିବା ପରେ ଡାକ୍ତର ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଶିଶୁର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏହି ସମୟରେ ଶିଶୁର ହୃଦ୍‌ସ୍ପନ୍ଦନ (ହାର୍ଟ ରେଟ୍) ୩ଶହ ବିପିଏମ୍‌ରୁ ଅଧିକ ଥିବା ଜଣାପଡ଼ିଥିଲା। ସାଧାରଣତଃ ଶିଶୁଙ୍କ କ୍ଷେତ୍ରରେ ଏହା ୧୪୦ ବିପିଏମ୍ ରହିଥାଏ। ଏନେଇ ଶିଶୁ କନ୍ୟାଙ୍କ ତୁରନ୍ତ ଇସିଜି କରାଯାଇଥିଲା। ଏଥିରେ ଅନୁପସ୍ଥିତ ପି-ତରଙ୍ଗ(ପି ୱେଭ୍) ଏବଂ ହୃଦ୍‌ସ୍ପନ୍ଦନ ୨୮୮ ଏସ୍/ ଓପିଏସ୍‌ଭିଟି ପ୍ରକାଶ ପାଇଥିଲା। ଶିଶୁକୁ ତୁରନ୍ତ ଏନ୍‌ଆଇସିୟୁକୁ ନିଆଯାଇ ହୃଦ୍‌ସ୍ପନ୍ଦନକୁ ସାଧାରଣ ଅବସ୍ଥାକୁ ଫେରାଇବାକୁ ଚିକିତ୍ସା କରାଯାଇଥିଲା। ସଫଳ ଚିକିତ୍ସା ଯୋଗୁ ୨୪ ଘଣ୍ଟା ପରେ ଶିଶୁ ସ୍ୱାଭାବିକ ହେବା ସହିତ ଉତ୍ତମ ଅବସ୍ଥାକୁ ଫେରିବା ସହ ସ୍ତନ୍ୟପାନ କରିଥିଲା। ଠିକ୍ ସମୟରେ ଶିଶୁଟିର ଉଚିତ୍ ଚିକିତ୍ସା କରାଯାଇପାରିବାରୁ ତାକୁ ବଞ୍ଚାଇ ପାରିଲୁ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ଏମ୍ସ ହୃଦ୍‌ରୋଗ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ରାମଚନ୍ଦ୍ର ବାରିକ ଶିଶୁର ଇକୋ କାର୍ଡିଓଲୋଜି କରିବାରେ ସହଯୋଗ କରିବା ସହିତ ସ୍ଥିତି ଉପରେ ନଜର ରଖିଥିଲେ। ସେହିପରି ଡିଏମ୍ ରେସିଡେଣ୍ଟ ଡାକ୍ତର ପୂର୍ବାଶା ପ୍ରଥମେ ଶିଶୁ କନ୍ୟାକୁ ଦେଖିବା ସହିତ ବରିଷ୍ଠ ବିଶେଷଜ୍ଞଙ୍କୁ ସୂଚନା ଦେଇଥିଲେ। ଜୁନିୟର୍ ରେସିଡେଣ୍ଟ ଡାକ୍ତର ହେମନ୍ତଙ୍କ ସହିତ ନବଜାତ ଶିଶୁ ବିଭାଗର ଏକାଧିକ କର୍ମଚାରୀ ଏହି ଚିକିତ୍ସା ଦଳରେ ସାମିଲ ଅଛନ୍ତି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଏହି ପ୍ରକାରର ମାମଲା ପ୍ରାୟତଃ ଘଟିଥାଏ। ମାତ୍ର ସଚେତନତାର ଅଭାବ କାରଣରୁ ଅଭିଭାବକମାନେ ଏହାକୁ ଅଣଦେଖା କରିଥାଆନ୍ତି। ଏପରିକି ଚିକିତ୍ସା ସମୟରେ ମଧ୍ୟ ଆରିଥମିଆକୁ ଦୃଷ୍ଟିକୁ ନିଆଯାଇ ନ ଥାଏ। ଫଳରେ ଶିଶୁଙ୍କ ମଧ୍ୟରେ ହୃଦୟ ଓ ଆଭ୍ୟନ୍ତରୀଣ ସମସ୍ୟା ଦେଖାଦେଇ ବିପଦ ଆଣିଥାଏ। ଏମ୍ସ ଡାକ୍ତରୀ ଦଳଙ୍କ ସଫଳ ଚିକିତ୍ସା ଯୋଗୁ ଶିଶୁ କନ୍ୟା ଭଲ ହୋଇଯାଇଥିବାରୁ ସମସ୍ତଙ୍କୁ ଶିଶୁର ମାତାପିତା ଧନ୍ୟବାଦ ଦେଇଛନ୍ତି।



କଟକସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟରେ ଗୁରୁବାର ଅନୁଷ୍ଠିତ ମୃଣ୍ମୟ ଭାସ୍କର୍ଯ୍ୟ ଶିଳ୍ପୀ ଶିବିରରେ ଶିଳ୍ପୀମାନେ ମାଟିରେ କଳାକୃତି ତିଆରି କରୁଛନ୍ତି।

## ବ୍ରାଉନସୁଗାର ବେପାରୀଙ୍କ ୧ କୋଟିର ସମ୍ପତ୍ତି ଜବତ

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ପଶ୍ଚିମବଙ୍ଗରୁ ଗିରଫ ହୋଇ ଜେଲରେ ଥିବା ଆନ୍ତଃରାଜ୍ୟ ବ୍ରାଉନସୁଗାର ବେପାରୀ ଏସ୍‌କେ ଲାଲ୍ ମହମ୍ମଦଙ୍କ ଏକ ଘରକୁ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ଜବତ କରିଛି। ଉକ୍ତ ଘର ମହମ୍ମଦଙ୍କ ନିଜ ଘର ପଶ୍ଚିମବଙ୍ଗ ବରନାଲଦାହାସ୍ଥିତ ଗାଁରେ ରହିଛି। ଏହାର ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଗୁରୁବାର ଏସ୍‌ଟିଏଫ୍ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛି। ଅଭିଯୁକ୍ତ ଲାଲ ମହମ୍ମଦ ଓଡ଼ିଶା ସହ ବିଭିନ୍ନ ରାଜ୍ୟକୁ ବ୍ରାଉନସୁଗାର ଚୋରା ଚାଲାଣ କରନ୍ତି। ଏହି ନିଶା ବେପାରରୁ ସେ ବେଆଇନ ଭାବେ ବିପୁଳ ସମ୍ପତ୍ତି ଠୁଳ କରିଥିବା ଜଣାପଡିବା ପରେ ସେସବୁ ସମ୍ପତ୍ତିକୁ ଜବତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏସ୍‌ଟିଏଫ୍ କହିଛି। ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୦ ତାରିଖ ବିଳମ୍ବିତ ରାତିରେ କଟକ ଜିଲା ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥରେ ଏସ୍‌ଟିଏଫ୍ ଚଢ଼ାଉ କରି ପଶ୍ଚିମବଙ୍ଗର ଏସ୍‌କେ ସଫିକୁଲ୍‌ଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ଦେଢ଼ କୋଟି ଟଙ୍କାର ୧ କେଜି ୪୩ ଗ୍ରାମ୍‌ର ବ୍ରାଉନସୁଗାର ଜବତ ହୋଇଥିଲା। ସେ ଆନ୍ତଃରାଜ୍ୟ ବେପାରୀ ଏସ୍‌କେ ଲାଲ ମହମ୍ମଦଙ୍କଠାରୁ ବ୍ରାଉନସୁଗାର ଆଣିଥିବା ପଚରାଉଚରାବେଳେ କହିଥିଲେ। ଏସ୍‌ଟିଏଫ୍ ଏନେଇ ଉଭୟଙ୍କ ନାମରେ (ନଂ.୩୫/୨୧) ମାମଲା ରୁଜୁ କରିଥିଲା। ତେବେ ଏସ୍‌କେ ସଫିକୁଲ୍ ଗିରଫ ହୋଇଥିବା ଖବରପାଇ ମୁଖ୍ୟ ଅଭିଯୁକ୍ତ ଲାଲ ମହମ୍ମଦ ନିଜ ଅଞ୍ଚଳ ଛାଡ଼ି ଫେରାର ହୋଇଯାଇଥିଲେ। ଏସ୍‌କେ ଲାଲ ମହମ୍ମଦ ଗତ ୧୪ ତାରିଖରେ ଘରେ ଥିବା ସୂଚନା ମିଳିବା ପରେ ସ୍ଥାନୀୟ ପୋଲିସ ସହାୟତାରେ ଏସ୍‌ଟିଏଫ୍ ବରନାଲଦାହାସ୍ଥିତ ଘରେ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା।

## ଶୋଭାଯାତ୍ରା, ପାଇକ ଆଖଡ଼ା ମାଧ୍ୟମରେ ପ୍ରତିବାଦ

**ଭୁବନେଶ୍ୱର, ୨୦।୧ (ବ୍ୟୁରୋ)**

**ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ବାଦ୍ ପଡ଼ିବା ପ୍ରସଙ୍ଗ**

- କେନ୍ଦ୍ର ସରକାର ପୁନର୍ବିଚାର କରିବାକୁ ନିବେଦନ
- ହସ୍ତକ୍ଷେପ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ

ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଦିଲ୍ଲୀର ସାଧାରଣତନ୍ତ୍ର ଦିବସ ପରେଡ଼ରେ ସ୍ଥାନ ପାଇବ ନାହିଁ। ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବିଷୟବସ୍ତୁ ଉପରେ ପ୍ରସ୍ତୁତ ଏହି ମେଢ଼କୁ ଚୟନ କମିଟି ବାଦ୍ ଦେଇଥିବାରୁ ଓଡ଼ିଶା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତିବାଦରେ ଗୁରୁବାର ଓଡ଼ିଶା ପାଇକ ଏକାଡ଼େମୀ, ସମରକଳା ଏକାଡ଼େମୀ ସମେତ ବହୁ ଅନୁଷ୍ଠାନ ପକ୍ଷରୁ ରାଜଭବନ ସମ୍ମୁଖରେ ପ୍ରତିବାଦ ଧାରଣା, ଶୋଭାଯାତ୍ରା, ସଭା ଓ ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ପାଇକମାନେ ସେମାନଙ୍କ ସମରକଳା ପ୍ରଦର୍ଶନ କରି ପ୍ରଜ୍ଞାପନ ମେଢ଼କୁ ଦିଲ୍ଲୀର ସାଧାରଣତନ୍ତ୍ର ଦିବସରେ ସ୍ଥାନ ଦେବାକୁ ଦାବି କରିଥିଲେ। ଓଡ଼ିଶା ପାଇକ ଏକାଡ଼େମୀ ସଭାପତି ଦିଲୀପ ଶ୍ରୀଚନ୍ଦନ କହିଲେ, ଓଡ଼ିଶାର କଳା, ସଂସ୍କୃତି ଓ ସାମରିକ ପରମ୍ପରା କେବଳ ଭାରତରେ ନୁହେଁ, ସାରା ବିଶ୍ୱରେ ପରିଚିତ। ତେଣୁ ଦିଲ୍ଲୀର ସାଧାରଣତନ୍ତ୍ର ପରେଡ଼ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଦେଖିବାକୁ ଦେଶ ବିଦେଶରେ ଥିବା ଓଡ଼ିଆଭାଇମାନେ ଉତ୍ସୁକତାର ସହିତ ଅପେକ୍ଷା କରିଥାନ୍ତି। ଚଳିତବର୍ଷ ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉତ୍ସବ ପାଳନ କରାଯାଉଥିବାରୁ ସ୍ୱାଧୀନତା ସଂଗ୍ରାମ ସମ୍ପର୍କିତ ପ୍ରଜ୍ଞାପନ ମେଢ ପଠାଇବା ପାଇଁ ବିଭିନ୍ନ ରାଜ୍ୟକୁ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟରୁ ନିମନ୍ତ୍ରଣ କରାଯାଇଥିଲା। ସେହି ଅନୁସାରେ ଓଡ଼ିଶାରୁ ଅନ୍ୟାନ୍ୟ ୪ଟି ପ୍ରଜ୍ଞାପନ ମେଢର ଚିତ୍ର ସହ ବକ୍ସିଜଗବନ୍ଧୁଙ୍କ ନେତୃତ୍ୱରେ ସଂଗଠିତ ପାଇକ ବିଦ୍ରୋହର ବୃତ୍ତଚିତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଦିଲ୍ଲୀର ଚୟନ କମିଟି ତୃତୀୟ ରାଉଣ୍ଡ୍ ପର୍ଯ୍ୟନ୍ତ ନେଇ ଏହା ଆକର୍ଷଣୀୟ ବୋଲି ମତ ଦେଇଥିବାବେଳେ ହଠାତ୍ ଏହାକୁ ବାଦ୍ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ପରିତାପର ବିଷୟ। ଏହା ରାଜ୍ୟର ସ୍ୱାଭିମାନ ଓ ଅସ୍ମିତା ପ୍ରତି କୁଠାରାଘାତ କରିଛି। ତେଣୁ ଓଡ଼ିଶାର ଏହି ପ୍ରଜ୍ଞାପନ ମେଢ଼କୁ ସାଧାରଣତନ୍ତ୍ର ଦିବସରେ କେନ୍ଦ୍ର ସରକାର ସ୍ଥାନ ଦେବା ପାଇଁ ପୁନର୍ବିଚାର ନକଲେ ଓଡ଼ିଶାର କୋଣ ଅନୁକୋଣରୁ ଦୃଢ଼ ପ୍ରତିବାଦ ଜାରି ରହିବ। ସେହିପରି ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଏ ସମ୍ପର୍କରେ ଲେଖିବା ପାଇଁ ସେ ଅନୁରୋଧ କରିଛନ୍ତି। ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୃଷ୍ଟି, ସାମାଜିକ କର୍ମୀ ଗଣେଶ ସାମନ୍ତ, ପ୍ରଧାପକ ନିରୋଦ ଖୁଣ୍ଟିଆ ଓ ବହୁ ବୁଦ୍ଧିଜୀବୀ ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ପ୍ରଶାନ୍ତ



@ ବିଚିତ୍ରାନନ୍ଦ



@ ଶୁଭେନ୍ଦୁ



@ ରାଜଶ୍ରୀ



@ କାଳିଆ



@ ନରେଶ

## ଡିଙ୍କିଆ ସଂହତି ଦିବସ ପାଳିଲା ସଂଯୁକ୍ତ କିଷାନ ମୋର୍ଚ୍ଚା

**ଭୁବନେଶ୍ୱର,୨୦।୧(ବ୍ୟୁରୋ)**

ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗୁରୁବାର ରାଜ୍ୟବ୍ୟାପୀ ଡିଙ୍କିଆ ସଂହତି ଦିବସ ପାଳନ କରାଯାଇଛି। ଏଥିସହ ଜିନ୍ଦଲ କମ୍ପାନୀ ପାଇଁ ଡିଙ୍କିଆବାସୀଙ୍କ ସ୍ଥିତି ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଡିଙ୍କିଆ ଅଞ୍ଚଳରୁ ତୁରନ୍ତ ପୋଲିସ ବଳ ହଟାଇବା ସହ ଲୋକଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ତଥା ଘଟଣାର ତଦନ୍ତ ଉଚ୍ଚ ନ୍ୟାୟାଳୟ ତତ୍ତ୍ୱାବଧାନରେ ଏସ୍‌ଆଇଟି ଦ୍ୱାରା କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ତେବେ ଏହି ଦାବି ଜଣାଇବା ପାଇଁ ଗୁରୁବାର ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ଛକଠାରୁ ଏକ ପ୍ରତିବାଦ ଶୋଭାଯାତ୍ରା ନବୀନ ନିବାସ ଅଭିମୁଖେ ବାହାରିଥିଲା। ରାଜମହଲ ଛକରେ ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇଥିଲା।



ଭୁବନେଶ୍ୱର ବରମୁଣ୍ଡା ବସ୍ ଷ୍ଟାଣ୍ଡର ବିଶ୍ୱସ୍ତରୀୟ ନିର୍ମାଣ ଚାଲିଥିବାବେଳେ ଜବରଦଖଲରେ ଗଢ଼ି ଉଠିଥିବା ଦୋକାନ ଘରକୁ ଗୁରୁବାର ଉଚ୍ଛେଦ କରାଯାଉଛି।



ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମହାନ ବିପ୍ଲବୀ ଚନ୍ଦନ ହଜୁରୀ (ଚାଖି ଖୁଣ୍ଟିଆ)ଙ୍କ ୨୦୦ତମ ଜୟନ୍ତୀରେ ଗୁରୁବାର ଭୁବନେଶ୍ୱର କଳ୍ପନାଛକସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥିମାନେ।



ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଗୁରୁବାର ଡିଙ୍କିଆ ସଂହତି ଦିବସ ପାଳନ ଅବସରରେ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରୁ ନବୀନ ନିବାସ ଅଭିମୁଖେ ବାହାରିଥିବା ବିକ୍ଷୋଭ ଶୋଭାଯାତ୍ରାକୁ ରାଜମହଲ ଛକରେ ପୋଲିସ ଅଟକାଉଛି।

**ପୋଲିସ-ମାଓବାଦୀ ଗୁଳି ବିନିମୟ: ଦୁର୍ଦ୍ଧର୍ଷ ମାଓବାଦୀ ସିନାଖତି ନିହତ**

ମାଲକାନଗିରି,୨୦।୧(ଡି.ଏନ.ଏ.): ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀ ଗୁଳି ବିନିମୟରେ ଜଣେ ଦୁର୍ଦ୍ଧର୍ଷ ମାଓବାଦୀ ନିହତ ହୋଇଛନ୍ତି। ସେ ହେଲେ ସିନାଖତି। ସେ ଏରିଆ କମିଟି ମୁଖ୍ୟ ଥିଲେ। କଟେକଲ୍ୟାଣ ଥାନା ଅନ୍ତର୍ଗତ ଚିକପାଲ ଜଙ୍ଗଲରେ ଯବାନମାନେ ଗୁରୁବାର କୋମ୍ବିଂ ଅପରେଶନ ବେଳେ ପୋଲିସକୁ ଦେଖି ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ସିଆର୍‌ପିଏଫ୍, ଏସ୍‌ଟିଏଫ୍ ଓ ଡିଆର୍‌ଜି ବାହିନୀ ମଧ୍ୟ ଏହାର ଜବାବ ଦେଇଥିଲେ। ପୋଲିସ ଗୁଳିର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଗତ ୩ଦିନ ଧରି ବସ୍ତର ଅଞ୍ଚଳରେ ଲଗାତର ପୋଲିସ ପକ୍ଷରୁ ଅପରେଶନକୁ ଜୋରଦାର କରାଯାଇଛି। ୧୮ ତାରିଖରେ ବିଜାପୁର ଓ ସୁକ୍‌ମା ଜିଲାରେ ଜଣେ ମହିଳା ମାଓବାଦୀଙ୍କ ସମେତ ୫ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସିନାଖତିଙ୍କ ପାଇଁ ଛତିଶଗଡ଼ ସରକାର ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

## ସଂକ୍ଷେପରେ

### ୨୩ରେ ଉପକୂଳରେ ହାଲୁକା ବର୍ଷା

ଭୁବନେଶ୍ୱର,୨୦।୧(ବ୍ୟୁରୋ): ଗତ କିଛିଦିନ ହେବ ରାଜ୍ୟରେ ଥଣ୍ଡା ସାମାନ୍ୟ ବୃଦ୍ଧି ପାଇଛି। ଗୁରୁବାର ରାଜ୍ୟର ୧୨ ସହରରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡି ୯.୫, କେନ୍ଦୁଝର ୯.୮, ଝାରସୁଗୁଡା ୯.୬, କେନ୍ଦୁଝର ୯.୮, ହୀରାକୁଦ ୧୦.୮, ଟିଟିଲାଗଡ ୧୦.୩, ଅନୁଗୋଳ ୧୨, ସମ୍ବଲପୁର ୧୨.୨, ସୁନ୍ଦରଗଡ ୧୨, ଭବାନୀପାଟଣା ୧୨.୯, ବଲାଙ୍ଗୀର ୧୨.୨ ଏବଂ ବୌଦ୍ଧରେ ସର୍ବନିମ୍ନ ୧୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ସେହିପରି ଆସନ୍ତା ୨୩ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଏବଂ କେନ୍ଦୁଝର ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

### ଢିଙ୍କିଆ ଯିବେ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର

ଭୁବନେଶ୍ୱର,୨୦।୧(ବ୍ୟୁରୋ): ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଓଡ଼ିଶା ପ୍ରଭାରୀ ଏ ଚେଲ୍ଲା କୁମାର ୨୧ ତାରିଖ ଶୁକ୍ରବାରଠାରୁ ୩ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେ ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚିବା ପରେ ୨୨ ତାରିଖ ପୂର୍ବାହ୍ନରେ ପ୍ରଦେଶ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ସହିତ ଜିନ୍ଦଲର ପ୍ରସ୍ତାବିତ ଷ୍ଟିଲ୍ ପ୍ରକଳ୍ପକୁ ନେଇ ବିବାଦୀୟ ହୋଇପଡିଥିବା ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆ ଅଞ୍ଚଳ ଗସ୍ତରେ ଯିବେ। ସେଠାରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିବେ। ୨୩ ତାରିଖ ସକାଳ ୮ଟା ୩୦ରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପିସିସି ପକ୍ଷରୁ ରସୁଲଗଡ଼ ଛକଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଭିଏସ୍‌ଏସ୍‌ନଗରସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପରେ କଂଗ୍ରେସ ଭବନ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ଅପରାହ୍ନ ୧ଟାରେ ପିସିସି ପଞ୍ଚାୟତ ନିର୍ବାଚନ କମିଟି ବୈଠକରେ ଏ ଚେଲ୍ଲା କୁମାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ଢିଙ୍କିଆରେ ଆନ୍ଦୋଳନରତ ଗ୍ରାମବାସୀଙ୍କ ଉପରେ ପୋଲିସର ଲାଠି ଚାଳନା ଘଟଣାର ଅନୁଧ୍ୟାନ ପାଇଁ କଂଗ୍ରେସର ତଥ୍ୟ ଅନୁଧ୍ୟାନ କମିଟି ଗଠନ କରାଯାଇଛି। କମିଟି ଅଧ୍ୟକ୍ଷ ଭାବେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଓ ଆବାହକ ଭାବେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ରହିଥିବାବେଳେ ରାମଚନ୍ଦ୍ର ଖୁଣ୍ଟିଆ, ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ଅରିନ୍ଦମ ସର୍ଖେଲ, ଗଣେଶ୍ୱର ବେହେରା, ଅଭିଷେକ ମହାନନ୍ଦ ଓ ଅଂଶୁମାନ ମହାନ୍ତି ପ୍ରମୁଖ କମିଟିର ସଦସ୍ୟ ରହିଛନ୍ତି।

# ଆଇଏଏସ୍ ଅଧିକାରୀଙ୍କ ମୁଣ୍ଡରେ ଖଣ୍ଡା ଝୁଲାଅନି

## ପ୍ରଧାନମନ୍ତ୍ରୀଙ୍କୁ ମମତାଙ୍କ ପତ୍ର

ନୂଆଦିଲ୍ଲୀ,୨୦।୧

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କ୍ୟାଡର ରୁଲ୍ସ, ୧୯୫୪ରେ ପ୍ରସ୍ତାବିତ ସଂଶୋଧନ ସମ୍ବିଧାନର ସଙ୍ଘୀୟ ମୌଳିକତାକୁ ନଷ୍ଟ କରିଦେବ। ଏହି ସଂଶୋଧନ କରାଗଲେ ପ୍ରଶାସନିକ ଅଧିକାରୀମାନଙ୍କ ମନରେ ଭୟ ସୃଷ୍ଟି ହେବା ସହ ପ୍ରଦର୍ଶନ ପ୍ରଭାବିତ ହେବ। ଏହା ସେମାନଙ୍କ ମୁଣ୍ଡ ଉପରେ ଖଣ୍ଡା ଝୁଲାଇବା ସଦୃଶ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ଏଥିସହ ଉକ୍ତ ନିୟମରେ ପରିବର୍ତ୍ତନ ନ ଆଣିବାକୁ ମମତା ନିଜ ଦ୍ୱିତୀୟ ଚିଠିରେ ଅନୁରୋଧ କରିଛନ୍ତି।

କେନ୍ଦ୍ର ସରକାର ଏହି ରୁଲ୍ସରେ ସଂଶୋଧନ ଆଣିବାକୁ ଯାଉଛନ୍ତି, ଯାହା ବଳରେ ରାଜ୍ୟ ସରକାରମାନଙ୍କ ସଂରକ୍ଷଣକୁ ଅଣଦେଖା କରି ଆଇଏଏସ୍ ଅଧିକାରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ଅବସ୍ଥାପିତ କରିପାରିବେ। ଆଇଏଏସ୍ (କ୍ୟାଡର) ରୁଲ୍ସ, ୧୯୫୪ର ରୁଲ୍ ୬ରେ କେନ୍ଦ୍ର ଏକ ନିୟମ ଯୋଡ଼ିବା ପାଇଁ ନିଜ ସଂଶୋଧନରେ ପ୍ରସ୍ତାବ ରଖିଛି। ରାଜ୍ୟ ସରକାରଙ୍କ ସହ ଥିବା ଯୁଗ୍ମ ଅଧିକାର ବଳରେ କେନ୍ଦ୍ର ସରକାର ଯେକୌଣସି ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ରୀୟ ଡେପୁଟେଶନରେ ନିଯୁକ୍ତ କରିପାରିବେ ବୋଲି ଉକ୍ତ ନିୟମରେ ଉଲ୍ଲେଖ କରାଯାଇଛି। ଗତ ୧୩ ତାରିଖରେ ମମତା ଏହି ପ୍ରସ୍ତାବକୁ ନେଇ ଆଗକୁ ନ ବଢ଼ିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ। ଗୁରୁବାର ୨ ପୃଷ୍ଠା ସମ୍ବଳିତ ଦ୍ୱିତୀୟ ପତ୍ରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଉଲ୍ଲେଖ କରିଛନ୍ତି, ଆଇଏଏସ୍ କ୍ୟାଡର ରୁଲ୍ସକୁ ନେଇ କେନ୍ଦ୍ରର ଚିଠା ସଂଶୋଧନ ପୂର୍ବ ତୁଳନାରେ ଆହୁରି ନିଷ୍ଠୁର। ଏହା ଆମ ସଙ୍ଘୀୟ ନୀତିର ଭିତ୍ତିଭୂମି ଓ ସମ୍ବିଧାନର ମୌଳିକ ଢାଞ୍ଚାର ପରିପନ୍ଥୀ। ଗତ ସପ୍ତାହର ପତ୍ର ସମ୍ପର୍କରେ ମଧ୍ୟ ସେ ଏଥିରେ ଅବତାରଣା କରିଛନ୍ତି। ମମତା ଏହାକୁ ବିରୋଧ କରିବାର କାରଣ ହେଲା, କେନ୍ଦ୍ର ଏହି ସଂଶୋଧନ କଲେ ଆଇଏଏସ୍ ଅଧିକାରୀମାନଙ୍କୁ ସେମାନଙ୍କ ବିନା ସମ୍ମତିରେ ନିଜ ପାଖକୁ ଡେପୁଟେଶନରେ ନେଇପାରିବ। ଫଳରେ ଅମଲାତନ୍ତ୍ରୀମାନେ ସ୍ୱାଧୀନତା ଓ ମନୋବଳ ହରାଇଦେବେ। ଏଥିସହ ରାଜ୍ୟ ସରକାରମାନେ କେନ୍ଦ୍ରର ଦୟାରେ ଆଇଏଏସ୍ ଅଧିକାରୀମାନଙ୍କୁ ନିଜ ପାଖରେ ରଖିପାରିବେ। ସର୍ବଭାରତୀୟ ସେବା ରାଜ୍ୟ ପ୍ରଶାସନିକ କଳର ମେରୁଦଣ୍ଡ। ପ୍ରସ୍ତାବକୁ କାର୍ଯ୍ୟକାରୀ କରାଗଲେ ଅଧିକାରୀମାନଙ୍କ ମୁଣ୍ଡ ଉପରେ ଏହା ଡେମୋକ୍ଲିସ୍ ଖଣ୍ଡା ଝୁଲିବା ସଦୃଶ ହେବ। ଫଳରେ ସେମାନଙ୍କ ପ୍ରଦର୍ଶନ, କାର୍ଯ୍ୟଦକ୍ଷତା ଓ ରାଜ୍ୟ ସରକାରଙ୍କ ପ୍ରତି ରହିଥିବା ଉତ୍ତରଦାୟିତ୍ୱ ବହୁଳ ଭାବେ ପ୍ରଭାବିତ ହେବ ବୋଲି ମମତା ଆଶଙ୍କା ବ୍ୟକ୍ତ କରିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ

### ଇପିଏଫ୍ ପେନ୍‌ସନଭୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଉ

ଭୁବନେଶ୍ୱର, ୨୦।୧(ବ୍ୟୁରୋ)

ଅଲ ଓଡ଼ିଶା ଇପିଏଫ୍ ପେନସନର ଆସୋସିଏଶନ ଖୋର୍ଦ୍ଧା ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ବୟନିକା ମୁଖ୍ୟାଳୟସ୍ଥିତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ମାୟାଧର ମଲ୍ଲିକ ବିବରଣୀ ପାଠ କରିଥିଲେ। ବୈଠକରେ ଇପିଏଫ୍ ପେନ୍‌ସନଭୋଗୀଙ୍କୁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଏଥିସହ ଆସୋସିଏଶନ ପାଇଁ ଭୁବନେଶ୍ୱରରେ ଗୋଟିଏ ସରକାରୀ ଗୃହ ଯୋଗାଇ ଦେବାକୁ ସରକାରଙ୍କୁ ଅନୁରୋଧ କରାଯିବାକୁ ଉପସ୍ଥିତ ସଦସ୍ୟମାନେ ଦାବି କରି ରାଜ୍ୟ ସମ୍ପାଦକ ପତ୍ର ଲେଖିବାକୁ ପ୍ରସ୍ତାବ ଦେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ର ଉପସଭାପତି ଭାଗ୍ୟଧର ବ୍ରହ୍ମାଙ୍କ ସମେତ ନିଗମ କର୍ମଚାରୀ ମହାସଂଘର ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଉପଦେଷ୍ଟା ନଟବର ଆଚାର୍ଯ୍ୟ, ସହସମ୍ପାଦକ ସଚ୍ଚିଦାନନ୍ଦ ସାମନ୍ତରାୟ, ଗୀତାଞ୍ଜଳି ପାତ୍ର, ହରେକୃଷ୍ଣ ବେହେରା, ଯୁଗ୍ମ ସମ୍ପାଦକ ନବକିଶୋର ରଣା, କୋଷାଧ୍ୟକ୍ଷ ହରେନ୍ଦ୍ର ନାରାୟଣ ପାଲ ପ୍ରମୁଖ ନିଜ ମତ ରଖିଥିଲେ। ଆଗାମୀ ଦିନରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ସମସ୍ତ ସରକାରୀ, ଅର୍ଦ୍ଧସରକାରୀ, ବେସରକାରୀ ସଂସ୍ଥାର କାର୍ଯ୍ୟରତ/ଅବସରପ୍ରାପ୍ତ କର୍ମଚାରୀଙ୍କୁ ସଭ୍ୟ ଭାବରେ ଗ୍ରହଣ କରିବାର ପ୍ରସ୍ତାବ ଗ୍ରହଣ କରାଯିବ। ଏଥିସହ ପେନ୍‌ସନରଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଛି। ବୈଠକରେ ପ୍ରଭାକର ପରିଡ଼ା, ସୁଶାସନ ବେହେରା, ମାନସ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସଚ୍ଚିଦାନନ୍ଦ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

### ଭାଜପାରେ ଯୋଗଦେଲେ ପୂର୍ବତନ ଅତିରିକ୍ତ ଶାସନ ସଚିବ

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗର ପୂର୍ବତନ ଅତିରିକ୍ତ ଶାସନ ସଚିବ ବିନୋଦ କୁମାର ପଣ୍ଡା ବୁଧବାର ଆନୁଷ୍ଠାନିକ ଭାବେ ଦଳରେ ଯୋଗଦେଇଛନ୍ତି। ତାଙ୍କ ସହ ଅର୍ଥନୀତି କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଯୁବ ଅର୍ଥନୀତିଜ୍ଞ ମମତା ପଣ୍ଡା ଓ ସୌଭାଗ୍ୟବତୀ ନାୟକ ମଧ୍ୟ ଭାଜପାରେ ଯୋଗଦେଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ଭାଜପାରେ ସାମିଲ ହୋଇଥିବା ଏହି ବ୍ୟକ୍ତିବିଶେଷଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ବୁଦ୍ଧିଜୀବୀ ପ୍ରକୋଷ୍ଠ ସଂଯୋଜକ ତଥା ବରିଷ୍ଠ ନେତା ସଜ୍ଜନ ଶର୍ମା, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ପରିଷଦ ଟିକେଟ ନ ପାଇ ଅସନ୍ତୁଷ୍ଟ




ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ହୋଇଥିବା ଆଶାୟୀ ପ୍ରାର୍ଥୀ।

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନରେ ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକର ଜିଲାପରିଷଦ ଜୋନ-୨ରୁ ଟିକେଟ ନ ମିଳିବାରୁ ଜଣେ ମହିଳା ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦ୍ୱାରସ୍ଥ ହୋଇଛନ୍ତି। ସେ ହେଲେ ପ୍ରତିମା କୁମାରୀ ମହାରଣା। ଟିକେଟ ନ ମିଳିଲେ ସେ ଆତ୍ମହତ୍ୟା ଉଦ୍ୟମ କରିବେ ବୋଲି ଧମକ ଦେବାରୁ ଘଟଣାସ୍ଥଳରେ ପୋଲିସ ଓ ଦଳୀୟନେତା ପହଞ୍ଚି ତାଙ୍କୁ ବୁଝାଇଥିଲେ। ବୁଝାସୁଝା ପରେ ସେ ଗାଁକୁ ଚାଲିଯାଇଥିବା ଜଣାପଡ଼ିଛି।

ପ୍ରତିମାଙ୍କ କହିବା ଅନୁଯାୟୀ, ବିରିଡ଼ି ବ୍ଲକର ଜିଲାପରିଷଦ ଜୋନ-୨ରୁ ସେ ଦୀର୍ଘବର୍ଷ ହେବ ବିଜେଡିର ଜଣେ ନିଷ୍ଠାପର କର୍ମୀଭାବେ କାର୍ଯ୍ୟ କରିଆସୁଛନ୍ତି। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତାଙ୍କୁ ଜିଲା ପରିଷଦ ଟିକେଟ୍ ଦେବା ପାଇଁ ଦଳ ପକ୍ଷରୁ ପ୍ରାଥମିକ ପର୍ଯ୍ୟାୟରେ ସୂଚନା ଦିଆଯାଇଥିଲା। ହେଲେ ପରବର୍ତ୍ତି ସମୟରେ ଅନ୍ୟଜଣେ ମହିଳାଙ୍କୁ ଗତ ଦୁଇଦିନ ତଳେ ଟିକେଟ ଦିଆଯାଇଥିଲା। ଏହାକୁ ନେଇ ପ୍ରତିମା ଅସନ୍ତୋଷ ବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ପ୍ରତିବାଦ ଜଣାଇଥିଲେ।

## 'ବର୍ଷା ପୂର୍ବରୁ ଏନ୍‌ଏଚ୍ ସମ୍ପ୍ରସାରଣ ସାର'

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ରାଜ୍ୟରେ ଜାରି ରହିଥିବା ଜାତୀୟ ରାଜପଥ (ଏନ୍‌ଏଚ୍) ସମ୍ପ୍ରସାରଣ କାର୍ଯ୍ୟରେ ଉପୁଜୁଥିବା ଜମି ଅଧିଗ୍ରହଣ ଜନିତ ସମସ୍ୟାର ସମାଧାନ କରିବା ନେଇ ଗୁରୁବାର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସରେ ଆୟୋଜିତ ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଅଧ୍ୟକ୍ଷତା କରିଥିଲେ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ନାମରେ ଅଧିକୃତ ଜମିକୁ ରେକର୍ଡଭୁକ୍ତ କରିବା ଏବଂ ବର୍ଷା ଋତୁ ପୂର୍ବରୁ ସମସ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲାପାଳ, ସ୍ଥାନୀୟ ତହସିଲଦାର, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ସମନ୍ୱୟ ରକ୍ଷା କରି କାର୍ଯ୍ୟକଲେ ଏନ୍‌ଏଚ୍ ସମ୍ପର୍କିତ ଜମି ଅଧିଗ୍ରହଣ ସମସ୍ୟାର ତ୍ୱରିତ ସମାଧାନ ହୋଇପାରିବ। ଜମିହରାଙ୍କୁ କ୍ଷତିପୂରଣ ପ୍ରଦାନ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇପାରିବ। ଗମନାଗମନ ସୁଗମ ହେଲେ ଅର୍ଥନୈତିକ ଅଭିବୃଦ୍ଧି ହେବ। ଏହାକୁ ହୃଦୟଙ୍ଗମ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। କୋରାପୁଟ, ନବରଙ୍ଗପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, କେନ୍ଦୁଝର, ସୁନ୍ଦରଗଡ଼, ମୟୂରଭଞ୍ଜ, ଦେଓଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ସମ୍ବଲପୁର, ନୟାଗଡ଼ ଆଦି ଜିଲାର ୭୦ରୁ ଅଧିକ କ୍ଷମତାସମ୍ପନ୍ନ ଜମି ଅଧିଗ୍ରହଣ ଅଧିକାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସେହିପରି କଟକ ଜିଲା ମଙ୍ଗୁଳିଠାରୁ ଅନୁଗୋଳ ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଗମନାଗମନରେ ବ୍ୟାପକ ସମସ୍ୟା ଉପୁଜୁଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଚ୍ କାର୍ଯ୍ୟ ଚାଲିଥିବା ଜିଲାର ଅତିରିକ୍ତ ଜିଲାପାଳ, କ୍ଷମତାସମ୍ପନ୍ନ ଜମି ଅଧିଗ୍ରହଣ ଅଧିକାରୀ, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ।

## ଗୁରୁବାର ସୁଦ୍ଧା ୮୯ ପ୍ରତିଶତ ପ୍ରାର୍ଥୀ ତାଲିକା ବାହାର କରିଛି ଭାଜପା

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ଭାଜପାର ଜିଲା ପରିଷଦ ପ୍ରାର୍ଥୀ ତାଲିକା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୮୯ ପ୍ରତିଶତ ପ୍ରାର୍ଥୀ ତାଲିକା ବୁଧବାର ସୁଦ୍ଧା ପ୍ରକାଶିତ ହୋଇସାରିଥିବା ଭାଜପା ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଅବଶିଷ୍ଟ ପ୍ରାର୍ଥୀ ତାଲିକା ଗୁରୁବାର ସନ୍ଧ୍ୟା ସୁଦ୍ଧା ପ୍ରକାଶ ପାଇବ ବୋଲି ଦଳ ସୂଚନା ଦେଇଛି। ୧୭ ତାରିଖରୁ ଆରମ୍ଭ ହୋଇଥିବା ନାମାଙ୍କନ ଦାଖଲ ପ୍ରକ୍ରିୟା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ନାମାଙ୍କନ ଲାଗି ଆଉ ଗୋଟିଏ ଦିନ ବାକି ଥିବାବେଳେ ୧୧ ପ୍ରତିଶତ ପ୍ରାର୍ଥୀ ତାଲିକା ବାକି ରଖିଛି ଭାଜପା।

## ସ୍ତ୍ରୀଙ୍କ ମୃତଦେହ ଦେଖିବାକୁ ଆସୁଥିବା ସ୍ୱାମୀ ମୃତ

- ଗଛରେ ପିଟି ହୋଇଗଲା ବାଇକ୍
- ୬ ମାସ ତଳେ ହୋଇଥିଲା ବିବାହ

ଢେଙ୍କାନାଳ ଅଫିସ, ୨୦।୧

ସ୍ତ୍ରୀଙ୍କ ମୃତ୍ୟୁ ସୂଚନା ପାଇ ବାଇକ୍‌ରେ ଘର ମୁହାଁ ହୋଇଥିବା ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୬ମାସ ତଳେ ବିବାହ କରିଥିବା ସମ୍ପୃକ୍ତ ଦମ୍ପତିଙ୍କ ମାତ୍ର କେଇ ଘଣ୍ଟା ବ୍ୟବଧାନରେ ଏଭଳି ଦେହାନ୍ତ ହେବା ଘଟଣା ଢେଙ୍କାନାଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ମୃତକ ହେଲେ ସଦର ଥାନା ହରେକୃଷ୍ଣପୁର ଗ୍ରାମର ଦିଲୀପ ନାୟକ ଏବଂ ତାଙ୍କ ସ୍ତ୍ରୀ ଲିସାରାଣୀ। ତେବେ ଲିସାରାଣୀଙ୍କ ଅସ୍ୱାଭାବିକ ମୃତ୍ୟୁକୁ ନେଇ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ଗଁଦିଆ ଥାନା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ସ୍ତ୍ରୀ ଲିସାରାଣୀଙ୍କ ଦେହାନ୍ତ ଖବର ଶୁଣି କୌଣସି କାର୍ଯ୍ୟରେ ଗ୍ରାମ ବାହାରେ ଥିବା ଦିଲୀପ ଏବଂ ତାଙ୍କର ଜଣେ ସମ୍ପର୍କୀୟ ହେମନ୍ତ ବେହେରା ବାଇକ୍‌ରେ ଘରକୁ ଆସୁଥିଲେ। ବିଶ୍ୱନାଥପୁର ନିକଟରେ ଏକ ଗଛରେ ଭାରସାମ୍ୟ ହରାଇ ବାଇକ୍ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଦିଲୀପଙ୍କ ମୃତ୍ୟୁ ହୋଇଯାଇଥିବାବେଳେ ଗୁରୁତର ହେମନ୍ତଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାସ୍ଥଳରେ ଗଁଦିଆ ପୋଲିସ ଏବଂ ହରେକୃଷ୍ଣପୁର ଗ୍ରାମରେ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଦୁର୍ଘଟଣାରେ ସ୍ୱାମୀ ଦିଲୀପଙ୍କ ମୃତ୍ୟୁ ଖବର ପାଇବା ପରେ ଲିସାରାଣୀଙ୍କ ମୃତ୍ୟୁ ହୋଇଥିବା ଆଲୋଚନା ହେଉଛି। ପୋଲିସ ତାଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟରୁ ଲିସାରାଣୀଙ୍କ ମୃତ୍ୟୁ କିପରି ଘଟିଲା, ତାହା ସ୍ପଷ୍ଟ ହେବ ବୋଲି ସଦର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ଶ୍ମଶାନରୁ ଜୀବନ୍ତ ଫେରିଥିବା ଶିଶୁ ଡାକ୍ତରଖାନାରେ ଆଖିବୁଜିଲା



କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ।

**ଡାକ୍ତରଙ୍କ ବିରୋଧରେ ଏତଲା**

ପାଟଣା,୨୦।୧(ସ୍ୱ. ପ୍ର.)

ଶ୍ମଶାନରୁ ଜୀବନ୍ତ ଫେରିଥିବା ନବଜାତ ଶିଶୁ ଗୁରୁବାର ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଆଖି ବୁଜିଛି। ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ତାଙ୍କ ବାପା କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକର ଉପାନ୍ତ ଅଞ୍ଚଳ ଖଡ଼ିକା ପଦା ଗାଁର ସନିଆ ମୁଣ୍ଡା କରଞ୍ଜିଆ ଥାନାରେ ଅଭିଯୋଗ କରିଛନ୍ତି। ବେପରୁଆ ଭାବେ ପ୍ରଥମେ ଶିଶୁକୁ ମୃତ ଘୋଷଣା କରାଯିବା ଓ ଶ୍ମଶାନରୁ ଜୀବନ୍ତ ଫେରିବା ଏବଂ ଆଇସିୟୁରେ ଭର୍ତ୍ତି କରାଯିବା ପରେ ଶିଶୁର ମୃତ୍ୟୁ ପାଇଁ ଦାୟୀ ଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଦାବି କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି ବୋଲି କରଞ୍ଜିଆ ଥାନା ଅଧିକାରୀ ରଞ୍ଜନ ସେଠୀ କହିଛନ୍ତି।

ଏନେଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ଅକ୍ଷୟ କୁମାର ରଥଙ୍କୁ ପଚାରିବାରୁ ନବଜାତ ଶିଶୁ ପ୍ରିମାଚ୍ୟୁରର ଭାବେ ଜନ୍ମ ହୋଇଥିଲା। ମାତ୍ର ୮ ଶହ ଗ୍ରାମ ଓଜନ ଥିଲା। ତେବେ ଡ୍ୟୁଟିରେ ଥିବା ଡାକ୍ତର ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ସେ କହିଛନ୍ତି। ଏନେଇ ସିଡିଏମ୍‌ଓଙ୍କ ମତାମତ ମିଳିପାରିନାହିଁ।

ସୂଚନାଯୋଗ୍ୟ, ସନିଆଙ୍କ ସ୍ତ୍ରୀ ରାଇମଣି ବୁଧବାର ପ୍ରସବ ବେଦନା ଭୋଗିବାରୁ ତାଙ୍କୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅପରାହ୍ନରେ ସେ ଏକ ପୁତ୍ରସନ୍ତାନ ଜନ୍ମ ଦେଇଥିଲେ। ପରେ ଡାକ୍ତର ଉକ୍ତ ଶିଶୁ ପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ। ରାଇମଣି ଚିକିତ୍ସାଧୀନ ଥିବା ବେଳେ ସନିଆ ମନ ଦୁଃଖରେ ଶିଶୁକୁ ଏକ ବ୍ୟାଗରେ ପୂରାଇ ଗାଁକୁ ଆସିଥିଲେ। ତେବେ ଶ୍ମଶାନରେ ଗାତ ଖୋଳି ପୋତିବା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଶିଶୁଟି ହଠାତ୍ କାନ୍ଦି ଉଠିଥିଲା। ସେ ଜୀବିତ ଥିବା ଜାଣି ସନିଆ ସଙ୍ଗେ ସଙ୍ଗେ ତାକୁ ପୁଣି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଯାଇଥିଲେ।

## ମିନିଟ୍ରକ୍- ଟ୍ୟାଙ୍କର ଧକ୍କା: ୩ ଗୁରୁତର

ଖୋର୍ଦ୍ଧା ଅଫିସ, ୨୦।୧

ଭୁବନେଶ୍ୱର- ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ପିତାପଲ୍ଲୀ ଛକରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ତେଲ ଟ୍ୟାଙ୍କର ଓ ଟାୟାର ବୋଝେଇ ମିନିଟ୍ରକ ମୁହାଁମୁହିଁ ଧକ୍କା ହେବାରୁ ୩ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପୋଲିସ ଏବଂ ଅଗ୍ନିଶମ ସେବା କର୍ମଚାରୀ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ୨ ଗୁରୁତର ଆହତ ହେଲେ ସଲିମ୍ ଖାନ୍ ଓ ଦୀପକ କୁମାର। ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ। ଏ ନେଇ ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ୧୬ନଂ. ଜାତୀୟ ରାଜପଥର ସଂପ୍ରସାରଣ କାର୍ଯ୍ୟ ଚାଲିଛି। ଏଣୁ ଅନେକ ସ୍ଥାନରେ ରାସ୍ତା ସଙ୍କୁଚିତ ହୋଇପଡ଼ିଛି। ଗୁରୁବାର ଅପରାହ୍ନ ପ୍ରାୟ ୨ଟାରେ ଏକ ତେଲ ଟ୍ୟାଙ୍କର (ନଂ. ଓଡି ୨୯ ଜି ୬୮୫୧) ଭୁବନେଶ୍ୱର ପଟୁ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଆଡ଼କୁ ଯାଉଥିଲା। ଏହି ସମୟରେ ବିପରୀତ ଦିଗରୁ ଟାୟାର ବୋଝେଇ ମିନି ଟ୍ରକ (ନଂ. ଓଡି ୦୫ ଏକ୍ୟୁ ୪୪୭୬) ଦ୍ରୁତ ଗତିରେ ଆସୁଥିଲା। ପିତାପଲ୍ଲୀ ଛକରେ ଗାଡ଼ି ଦୁଇଟି ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ି ଓଲଟି ପଡ଼ିବା ସହ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଏପରି କି ଚକା ଖସିଯାଇଥିଲା। ତେବେ ତେଲ ଟ୍ୟାଙ୍କର ଖାଲି ଥିବାରୁ ଅନ୍ୟ ଏକ ବଡ଼ ଅଘଟଣ ବର୍ତ୍ତିଯାଇଛି। ଡ୍ରାଇଭର ଓ ହେଲପର ଗାଡ଼ି ତଳେ ଚାପି ହୋଇଯାଇଥିଲେ। ଖବର ପାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣା ପରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ରାସ୍ତାର ଉଭୟ ପଟେ ଏକ କି.ମି. ପର୍ଯ୍ୟନ୍ତ ଯାନବାହନ ଅଟକି ରହିଥିଲା। ଦୁର୍ଘଟଣାସ୍ଥଳରୁ ଟ୍ୟାଙ୍କରକୁ ହଟାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଅନେକ ସ୍ଥାନରେ ରାସ୍ତା ସଙ୍କୁଚିତ ହେବା ସହ ଖାଲଖମା ହୋଇଛି। ଫଳରେ ତମାଣ୍ଡୋ ଛକଠାରୁ ଖୋର୍ଦ୍ଧା ମଧ୍ୟରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାଜପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ସାଧାରଣରେ ଦାବି ହେଉଛି।





ଦୁର୍ଘଟଣାଗ୍ରସ୍ତ ମିନିଟ୍ରକ୍ ଓ ତେଲ ଟ୍ୟାଙ୍କର।

## ସଂକ୍ଷେପରେ

### ଏଚ୍‌ପି ଇଣ୍ଡିଆର 'ଫ୍ୟୁଚର ଅଫ୍ ଲର୍ଣ୍ଣିଂ ଷ୍ଟଡି'

**ଭୁବନେଶ୍ୱର,୨୦।୧:** ଭାରତୀୟ ଶିକ୍ଷା ବ୍ୟବସ୍ଥା ମହାମାରୀର ପ୍ରଭାବରୁ ବ୍ୟାପକ ବ୍ୟାଘାତ ପରିଲକ୍ଷିତ ହୋଇଛି। ଏଭଳି ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ଘଟିଥିବା ପରିବର୍ତ୍ତନ ଉପରେ କରାଯାଇଥିବା, ଏଚ୍‌ପି ଇଣ୍ଡିଆ ଫ୍ୟୁଚର ଅଫ୍ ଲର୍ଣ୍ଣିଂ ଷ୍ଟଡି ୨୦୨୨ ସର୍ଭେରୁ ଜଣାପଡ଼ିଛି ଯେ, ୯୮% ଅଭିଭାବକ ଓ ୯୯% ଶିକ୍ଷକ ଅନ୍‌ଲାଇନ୍ ଶିକ୍ଷାକୁ ଶିକ୍ଷାର ନିରନ୍ତରତା ଭାବେ ଦର୍ଶାଇଛନ୍ତି। ଏପରିକି ୯୧% ଛାତ୍ରଛାତ୍ରୀ ବିଶ୍ୱାସ କରୁଛନ୍ତି ଯେ, ଅନ୍‌ଲାଇନ୍ ଶିକ୍ଷା ପାରମ୍ପରିକ ଶ୍ରେଣୀଗୃହ ଶିକ୍ଷାର ପରିପୂରକ ଅଟେ। ଏ ସମ୍ପର୍କରେ ଏଚ୍‌ପି ଇଣ୍ଡିଆର ଏମ୍‌ଡି କେତନ ପଟେଲ୍ କହିଛନ୍ତି,ବର୍ତ୍ତମାନର ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ଟେକ୍ନୋଲୋଜି ଏକ ତ୍ରାଣକର୍ତ୍ତା ଭାବେ ଉଭା ହୋଇଛି ଏବଂ ଶିକ୍ଷାରେ ମଧ ଏହାର ପ୍ରଭାବ ସୁସ୍ପଷ୍ଟ ରହିଛି। ହାଇବ୍ରିଡ୍ ଲର୍ଣ୍ଣିଂ ମଡେଲ୍ ଶିକ୍ଷାର ଗୁଣବତାକୁ ଉନ୍ନତ କରିବା ପାଇଁ ଅନ୍‌ଲାଇନ୍ ସଂଶାଧନ ଏବଂ ଏକ ପାରମ୍ପରିକ ଶ୍ରେଣୀଗୃହର ବ୍ୟକ୍ତିଗତ ଆଲୋଚନାର ଲାଭକୁ ମିଶ୍ରଣ କରୁଛି।

### ଗୋଦ୍‌ରେଜ୍‌ର ଏଲିମେଣ୍ଟସ୍ ଅଫ୍ ଏ ହିଲିଂ ଏନଭାର୍ନମେଣ୍ଟ୍

**ଭୁବନେଶ୍ୱର,୨୦।୧:** ଗୋଦରେଜ୍ ଗ୍ରୁପ୍‌ର ଗୋଦ୍‌ରେଜ୍ ଇଣ୍ଟେରିଓ ପକ୍ଷରୁ ଏକ ଟ୍ରେଣ୍ଡ୍ ରିପୋର୍ଟ ''ଏଲିମେଣ୍ଟସ୍ ଅଫ୍ ଏ ହିଲିଂ ଏନଭାର୍ଣ୍ଣମେଣ୍ଟ୍‌କୁ ଉନ୍ମୋଚନ କରାଯାଇଛି। ଏହି ସର୍ଭେରୁ ଜଣାପଡ଼ିଛି ଯେ ସ୍ୱଳ୍ପ ଅସୁସ୍ଥତାରେ ସମୟ ବଂଚାଇବା ଓ ଗମନାଗମନକୁ ଏଡ଼ାଇବା ଲାଗି ୨୦% ଲୋକ ଟେଲି ପରାମର୍ଶକୁ ପସନ୍ଦ କରୁଛନ୍ତି। ଏହି ରିପୋର୍ଟରେ ଉଲ୍ଲେଖ ରହିଛି ଯେ ପ୍ରାକ୍ ଆପଏଂଟ୍‌ମେଂଟ୍ ନେବା ସତ୍ତ୍ୱେ ରୋଗୀମାନଙ୍କୁ ଓପିଡିରେ ୩୦-୩୫ ମିନିଟ୍ ଅପେକ୍ଷା କରିବାକୁ ପଡୁଛି। ଏ ସମ୍ପର୍କରେ ଗୋଦରେଜ୍ ଇଣ୍ଟେରିଓର ଆସୋସିଏଟ୍‌ର ଉପସଭାପତି (ମାର୍କେଟିଂ-ବି୨ବି) ସମୀର ଯୋଶୀ କହିଛନ୍ତି ଯେ,ଉନ୍ନତ ସଚେତନତା, ଅଧିକ ଆୟ, ଜୀବନଶୈଳୀ ରୋଗ ଏବଂ ବୀମା ପହଂଚିଥିବାରୁ ଭାରତୀୟ ସ୍ୱାସ୍ଥ୍ୟ ସେବା ଶିଳ୍ପ ଚକ୍ରବୃଦ୍ଧି ଭାବେ ବାର୍ଷିକ ୧୬-୧୭% ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

# ୨୦୨୧ ଡିସେମ୍ବର ସୁଦ୍ଧା ୫୩ ନିୟୁତ ବେକାର

**ନୂଆଦିଲ୍ଲୀ,୨୦।୧**

କୋଭିଡ୍ ସଂକ୍ରମଣ ସାରା ବିଶ୍ୱ ଏ ପରିକି ଭାରତରେ ତା'ର କାୟା ବିସ୍ତାର କରି ଚାଲିଛି। ପ୍ରଥମ ଲହରର ଭୟ ଏବେ ମଧ୍ୟ ସବୁବର୍ଗଙ୍କ ମନରେ ରହିଛି। ଏହାର ପ୍ରଭାବ ବିଶେଷ କରି ଭାରତୀୟ ନିଯୁକ୍ତି କ୍ଷେତ୍ରରେ ପଡିଛି। ୨୦୨୧ ଡିସେମ୍ବର ସୁଦ୍ଧା ଭାରତରେ ୫୩ ନିୟୁତ ବେକାର ସୃଷ୍ଟି ହୋଇଛନ୍ତି। ସେଥିମଧ୍ୟରୁ ବହୁଳମାତ୍ରାରେ ମହିଳା ସାମିଲ ରହିଛନ୍ତି ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି (ସିଏମ୍‌ଆଇଇ) କହିଛି। ଏଥିମଧ୍ୟରୁ ୩୫ ନିୟୁତ ବେକାର ଯେଉଁମାନେ ସକ୍ରିୟ ଭାବେ କାମ ଖୋଜୁଥିବାବେଳେ ପ୍ରାୟ୧୮ନିୟୁତ ଲୋକ ଯେଉଁମାନେ କାମ କରିବାକୁ ଇଚ୍ଛୁକ। କିନ୍ତୁ ସେମାନେ ସକ୍ରିୟ ଭାବେ ଏହାକୁ ଖୋଜୁ ନାହାନ୍ତି ବୋଲି ସିଏମ୍‌ଆଇଇ ମତ ଦେଇଛି। ଭାରତ ତୁରନ୍ତ ନିଯୁକ୍ତି ପ୍ରଦାନ କରିବା ଆବଶ୍ୟକ ଏବଂ ବେକାରି ହାରରେ ଥିବା ୭.୯% କିମ୍ବା ୨୦୨୧ ଡିସେମ୍ବରରେ ୩୫ ନିୟୁତ ଲୋକ ସକ୍ରିୟ ଭାବରେ ଚାକିରି ଖୋଜୁଥିଲେ ବୋଲି ସିଏମ୍‌ଆଇଇ ଏହାର ସାପ୍ତାହିକ ବିଶ୍ଳେଷଣରେ ମତବ୍ୟକ୍ତ କରିଛି। ଏଥିରେ



ଆହୁରି ମଧ୍ୟ କୁହାଯାଇଛି, ଅତିରିକ୍ତ ୧୭ ନିୟୁତ ବେକାରଙ୍କୁ ଚାକିରି ଯୋଗାଇବା ଏକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ। ଯେଉଁମାନେ ଚାକିରି କରି ନ ଥିଲେ ଏବଂ କାର୍ଯ୍ୟ ଉପଲବ୍ଧ ଥିଲେ ମଧ୍ୟ ସେମାନେ କାର୍ଯ୍ୟ କରିବାକୁ ଇଚ୍ଛୁକ ଥିଲେ ମଧ୍ୟ ସେମାନେ ସକ୍ରିୟ ଭାବରେ କାର୍ଯ୍ୟ ଖୋଜୁ ନ ଥିଲେ ବୋଲି ଜଣାପଡିଛି। ସିଏମ୍‌ଆଇଇର ଆକଳନ ଅନୁଯାୟୀ, ୨୦୨୧ ଡିସେମ୍ବରରେ ୩୫ ନିୟୁତ ବେକାର ସକ୍ରିୟ ଭାବରେ କାମ ଖୋଜୁଥିବା କୁହାଯାଇଛି। ଏତେ ସଂଖ୍ୟକ ବେକାରଙ୍କ ମଧ୍ୟରୁ ୨୩% ବା ୮ ନିୟୁତ ମହିଳା। ୫୩% କିମ୍ବା ୯ ନିୟୁତ ମହିଳା କାମ କରିବାକୁ ଇଚ୍ଛୁକ ଥିଲେ ମଧ୍ୟ ସେମାନେ ସକ୍ରିୟ ଭାବେ କାର୍ଯ୍ୟ ଖୋଜୁ ନ ଥିଲେ ବୋଲି ସୂଚନା ମିଳିଛି। ଏହା ଅନୁସନ୍ଧାନଯୋଗ୍ୟ ଯେ, କାହିଁକି ଏତେ ସଂଖ୍ୟକ ମହିଳା କାମ କରିବାକୁ ଇଚ୍ଛୁକ, ସେମାନେ ସକ୍ରିୟ ଭାବେ କାର୍ଯ୍ୟ ପାଇଁ ଆବେଦନ କରୁନାହାନ୍ତି କିମ୍ବା ଚାକିରି ଖୋଜିବାରେ ଅନ୍ୟ ପ୍ରୟାସ କରୁନାହାନ୍ତି। ଏହା ଚାକିରିର ଉପଲବ୍ଧତାର ଅଭାବ ନା ମହିଳାମାନଙ୍କର ଶ୍ରମଶକ୍ତିରେ ଯୋଗଦେବା ପାଇଁ ସାମାଜିକ

**ଦେଶରେ ବଢୁଛି ବେକାରୀ ସଂଖ୍ୟା**

ସମର୍ଥନର ଅଭାବ ବୋଲି ସଂସ୍ଥା ଯୁକ୍ତି ବାଢ଼ିଛି। ବିଶ୍ୱବ୍ୟାଙ୍କର ତଥ୍ୟକୁ ଦର୍ଶାଇ ସିଏମ୍‌ଆଇଇ କହିଛି , ମହାମାରୀ ସମୟରେ ବିଶ୍ୱର ନିଯୁକ୍ତି ହାର ୨୦୨୦ର ୫୫% ରହିଥିଲା। ସେହିଭଳି ୨୦୧୯ରେ ୫୮% ଥିବାବେଳେ ଭାରତର ନିଯୁକ୍ତି ହାର ୪୩% ସହ ସର୍ବନିମ୍ନ ସ୍ତରରେ ରହିଥିବା ଜଣାପଡିଛି। ତେବେ ସିଏମଆଇଇ ଭାରତର ନିଯୁକ୍ତି ହାରକୁ ୩୮% ରେ ରହିଥିବା ଆକଳନ କରିଛି। ଭାରତର ବେକାରି ସମସ୍ୟା ଏହାର ବେକାରି ହାରରେ ପ୍ରତିଫଳିତ ହୋଇନାହିଁ। ଏହାର ସମସ୍ୟା ହେଉଛି ନିମ୍ନ ନିଯୁକ୍ତି ହାର ଏବଂ ଏହାର ନିରୁତ୍ସାହିତ ଯୁବତୀ ଶ୍ରମିକ ବୋଲି ସିଏମ୍‌ଆଇଇ ଦାବି କରିଛି। ସିଏମ୍‌ଆଇଇର ସୂଚନା ଅନୁଯାୟୀ ଜନସଂଖ୍ୟାର ପ୍ରାୟ ୬୦% ପାଇଁ ଚାକିରି ଖୋଜିବାରେ ଭାରତର ସମୃଦ୍ଧତାର ରାସ୍ତା ହେଉଛି ବିଶ୍ୱର ନିଯୁକ୍ତି ହାରରେ ପହଞ୍ଚିବା ପାଇଁ ଭାରତକୁ ଅତିରିକ୍ତ ୧୮୭.୫ ନିୟୁତ ଲୋକଙ୍କୁ ନିଯୁକ୍ତି ଦେବା ଆବଶ୍ୟକ ବୋଲି ଏଥିରେ କୁହାଯାଇଛି।

# ନାବାର୍ଡ ପକ୍ଷରୁ ୯୫୧ କୋଟି ଟଙ୍କା ମଞ୍ଜୁର

**ଭୁବନେଶ୍ୱର,୨୦।୧**

ରାଜ୍ୟର ଗ୍ରାମାଞ୍ଚଳ ସ୍ତରର ଆବଶ୍ୟକତା ଓ ବିକାଶ ପାଇଁ ଗୁରୁବାର ନାବାର୍ଡ ଓଡ଼ିଶା ସରକାରଙ୍କୁ ୯୫୧ କୋଟି ଟଙ୍କା ଗ୍ରାମୀଣ ଭିତ୍ତିଭୂମି ବିକାଶ ପାଣ୍ଠି (ଆର୍‌ଆଇଡିଏଫ୍)ରୁ ସହାୟତା ରାଶି ମଞ୍ଜୁର କରିଛି। ଏହି ପାଣ୍ଠିରେ ୧୭୬ ଗ୍ରାମୀଣ ସଡ଼କ ପ୍ରକଳ୍ପର ନିର୍ମାଣ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ ବିଭାଗ ଦ୍ୱାରା ରାଜ୍ୟର ୩୦ ଜିଲାରେ କରାଯିବ ବୋଲି ସୂଚନା ମିଳିଛି। ଏହା ସହ ସଡ଼କ ପ୍ରକଳ୍ପଗୁଡ଼ିକ ୧୪୩୪ କିଲୋମିଟର ଲମ୍ବ ବିଶିଷ୍ଟ ୯୫୯ ଗାଁର ୯.୯୨ ଲକ୍ଷ ଲୋକଙ୍କ ପାଇଁ ଗ୍ରାମୀଣ ସଡ଼କ ସଂଯୋଗକୁ ଉନ୍ନତ କରିବ। ଏହି ମଞ୍ଜୁର ରାଶି ରାଜ୍ୟ ସରକାର ସ୍ଥିର କରିଥିବା ଗୁରୁତ୍ୱପୂର୍ଣ୍ଣ ଗ୍ରାମୀଣ ଭିତ୍ତିଭୂମିର ବିକାଶ ସାଙ୍ଗକୁ ପାନୀୟ ଜଳ ଯୋଗାଣ, ଜଳସେଚନ ଏବଂ ଗ୍ରାମୀଣ ସଂଯୋଗ (ସଡ଼କ ଏବଂ ବ୍ରିଜ୍) ଉପରେ ରହିଛି। ଏହି ମଞ୍ଜୁରୀ ସହ ଆର୍‌ଆଇଡିଏଫ୍ ୨୭ତମରେ ୩୮୫୨ କୋଟି ଚଳିତ ଆର୍ଥିକ ବର୍ଷରେ ପହଞ୍ଚିଛି।

■ଆର୍‌ଆଇଡିଏଫ୍ ଅଧୀନରେ ୩୨,୦୦୦ କୋଟି ସଂଗ୍ରହ

■ନିର୍ମାଣ ହେବ ୧୭୬ ଗ୍ରାମୀଣ ସଡ଼କ

ସେହିଭଳି ଆର୍‌ଆଇଡିଏଫ୍ ଆରମ୍ଭ ହେବା ପରଠାରୁ ସମୁଦାୟ ସଂଗ୍ରହ ଓଡିଶା ପାଇଁ ୩୨,୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଏହି ପ୍ରକଳ୍ପଗୁଡ଼ିକ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିବା ସହ ଲୋକଙ୍କ ଉନ୍ନତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

# ରିଲାଏନ୍ସ ଜିଓ ସର୍ବବୃହତ୍ ଫିକ୍ସଡ୍ ଲାଇନ ବ୍ରଡ୍‌ବ୍ୟାଣ୍ଡ

**ମୁମ୍ବାଇ,୨୦।୧**

ଭାରତୀୟ ଦୂରସଞ୍ଚାର ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପକ୍ଷରୁ ନିକଟରେ ପ୍ରକାଶିତ ନଭେମ୍ବର ମାସର ଦୂରସଞ୍ଚାର ଗ୍ରାହକ ତଥ୍ୟ ଅନୁଯାୟୀ ଜିଓ ୪.୩୪ ନିୟୁତ ଗ୍ରାହକ ସହିତ ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ବର୍ଗରେ ଅଗ୍ରଣୀ ସ୍ଥାନ ହାସଲ କରିଛି। ଏହି ବର୍ଗରେ ଦୀର୍ଘ ୨୦ବର୍ଷ ଧରି ବିଏସ୍‌ଏନ୍‌ଏଲ୍ ଅଗ୍ରଣୀ ସ୍ଥାନ ହାସଲ କରିଥିଲା। ରିଲାଏନ୍ସ ଜିଓର ଫିକ୍ସଡ୍ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବର ଗ୍ରାହକ ସଂଖ୍ୟା ୨୦୨୧ ଅକ୍ଟୋବରରେ ୪.୧୬ ନିୟୁତ ଥିବାବେଳେ ନଭେମ୍ବରରେ ୪.୩୪ ନିୟୁତକୁ ବୃଦ୍ଧିପାଇଥିବା ଟ୍ରାଇ ପକ୍ଷରୁ ପ୍ରକାଶିତ ଗ୍ରାହକ ସୂଚୀରୁ ଏହା ଜଣାପଡ଼ିଛି। ନିଜର ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବାର ବ୍ୟବସାୟିକ ପ୍ରାରମ୍ଭ ହେବାର ପ୍ରାୟ ୨ବର୍ଷ ମଧ୍ୟରେ



ରିଲାଏନ୍ସ ଜିଓ ଦେଶର ସର୍ବବୃହତ୍ ଫିକ୍ସଡ୍ ଲାଇନ ବ୍ରଡ୍‌ବ୍ୟାଣ୍ଡ୍ ସେବା ଯୋଗାଣକାରୀ ହେବାର ଗୌରବ ହାସଲ କରିଛି। ଅପରପକ୍ଷରେ ବିଏସ୍‌ଏନ୍‌ଏଲ୍‌ର ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ସଂଖ୍ୟା ୨୦୨୧ ଅକ୍ଟୋବରରେ ୪.୭୨ ନିୟୁତ ଥିବାବେଳେ ନଭେମ୍ବରରେ ତାହା ୪.୨ ନିୟୁତକୁ ହ୍ରାସପାଇଛି। ନଭେମ୍ବରରେ ଭାରତୀ ଏୟାରଟେଲର ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ସଂଖ୍ୟା ୪.୦୮ ନିୟୁତ ରହିଥିଲା।

ଜିଓ ୨୦୧୯ ସେପ୍ଟେମ୍ବରରେ ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ସେବା ଜିଓ ଫାଇବରର ବ୍ୟବସାୟିକ ପ୍ରଚଳନ ଆରମ୍ଭ କରିଥିଲା। ଜିଓ ଶୂନରୁ ଆରମ୍ଭ କରିଥିବାବେଳେ ୨୦୧୯ ସେପ୍ଟେମ୍ବରରେ ବିଏସ୍‌ଏନଏଲ୍‌ର ୮.୬୯ ନିୟୁତ ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ରହିଥିଲେ। ଭାରତୀ ଏୟାରଟେଲ୍‌ର ଫିକ୍ସଡ ଲାଇନ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ସଂଖ୍ୟା ୨୦୧୯ ସେପ୍ଟେମ୍ବରରେ ୨.୪୧ ନିୟୁତ ରହିଥିଲା।

ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ୨୦୨୧ ଅକ୍ଟୋବରରେ ଉଭୟ ଫିକ୍ସଡ୍ ଲାଇନ୍ ଓ ମୋବାଇଲ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକଙ୍କୁ ମିଶାଇ ମୋଟ ବ୍ରଡ୍‌ବ୍ୟାଣ୍ଡ୍ ଗ୍ରାହକ ସଂଖ୍ୟା ୭୯୮.୯୫ ନିୟୁତ ରହିଥିବାବେଳେ ନଭେମ୍ବରରେ ତାହା ୮୦୧.୬ ନିୟୁତକୁ ବୃଦ୍ଧିପାଇଛି। ଏହି ବର୍ଗରେ ରିଲାଏନ୍ସ ଜିଓ ସର୍ବାଧିକ ସ୍ଥାନ ବଜାୟ ରଖିଥିବା ଟ୍ରାଇ ଗ୍ରାହକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି।

# ୧୭,୭୫୦ରେ ଅଟକିଲା ନିଫ୍ଟି

**ମୁମ୍ବାଇ,୨୦।୧**

କୋଭିଡ୍-୧୯ ର ନୂଆ ଭାରିଆଣ୍ଟ ଓମିକ୍ରନ୍ ସାଙ୍ଗକୁ କରୋନା ସଂକ୍ରମଣର ଭୟ ଶେୟାର ବଜାର ଓ ନିବେଶକଙ୍କ ଉପରେ ପଡ଼ିଛି। କ୍ରମାଗତ ତୃତୀୟ ଦିନ ଲାଗି ଦଲାଲ ଷ୍ଟ୍ରିଟ୍‌ରେ ନିବେଶକଙ୍କ କ୍ଷତି ଜାରି ରହିଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୬୩୪ ପଏଣ୍ଟ କମି ୫୯,୪୬୫ ଅଙ୍କରେ ରହିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟିରେ ୧୮୧ ପଏଣ୍ଟ ହ୍ରାସ ଘଟି ୧୭,୭୫୭ ଅଙ୍କରେ କାରବାର ଶେଷ କରିଛି। ଫଳରେ ବିଏସ୍‌ଇର ସୂଚନା ଅନୁସାରେ ସେନ୍‌ସେକ୍ସ ୬୩୪.୨୦ ପଏଣ୍ଟ ହ୍ରାସ ପାଇ ୫୯,୪୬୪.୬୨ ରେ ରହିଥିବା ବେଳେ ନିଫ୍ଟି ୧୮୧.୪୦ ପଏଣ୍ଟ ଖସି ୧୭,୭୫୭ରେ କାରବାର ବନ୍ଦ କରିଛି। ୩୦ ପ୍ୟାକ୍ ଇଣ୍ଡେକ୍ସ ୩ ଦିନ ମଧ୍ୟରେ ୧,୮୪୪ ପଏଣ୍ଟ ହ୍ରାସ କରିଛି।

# ଷ୍ଟେନ୍‌ଲେସ ଷ୍ଟିଲ ଶିଳ୍ପକୁ ସୁବିଧା ଦାବି

**ଭୁବନେଶ୍ୱର,୨୦।୧**

ଚଳିତ ବର୍ଷର ବଜେଟ ଅଧିବେଶନ ପୂର୍ବରୁ ଭାରତୀୟ ବିନିର୍ମାଣକାରୀ ଏବଂ ଏମଏସଏମଇଗୁଡିକ ପାଇଁ ସମାନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଘରୋଇ ଷ୍ଟେନଲେସ ଷ୍ଟିଲ ଶିଳ୍ପକୁ ପ୍ରତିନିଧିତ୍ୱ କରୁଥିବା ଶୀର୍ଷ ସଂଗଠନ ଇଣ୍ଡିଆନ ଷ୍ଟେନଲେସ ଷ୍ଟିଲ ଡେଭଲପମେଣ୍ଟ ଆସୋସିଏସନ (ଆଇଏସଏସଡିଏ) ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି। ସଂଘର ସୂଚନା ଅନୁସାରେ ଚୀନ ଓ ଇଣ୍ଡୋନେସିଆରୁ ଭାରତକୁ ବିପୁଳ ପରିମାଣରେ ଆମଦାନୀ କରାଯାଉଥିବା ଷ୍ଟେନଲେସ ଷ୍ଟିଲ ଉପରେ ପ୍ରତିପାତକ ଶୁଳ୍କ (କାଉଣ୍ଟର ଭେଲିଂ ଡ୍ୟୁଟି) ପୁନଃ ଲାଗୁ କରିବାକୁ ଦେଶର ଘରୋଇ ଷ୍ଟେନଲେସ ଷ୍ଟିଲ ଶିଳ୍ପଗୁଡିକ ପକ୍ଷରୁ ଆଇଏସଏସଡିଏ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ଏହି ପରିପ୍ରେକ୍ଷୀରେ ଅର୍ଥ ଏବଂ ଇସ୍ପାତ ମନ୍ତ୍ରଣାଳୟ ସମେତ ସର୍ବୋଚ୍ଚ ସରକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ସଂଘ ପ୍ରସ୍ତାବ ରଖିବା ସହ ଦାବି ଜଣାଇଛି। ଏ ସମ୍ପର୍କରେ ଆଇଏସଏସଡିଏର ସଭାପତି କେ. କେ ପାହୁଜା କହିଛନ୍ତି ଯେ, ନୂଆ ନୂଆ କ୍ଷେତ୍ରରେ ପ୍ରୟୋଗରେ ଦ୍ରୁତ ଅଗ୍ରଗତି କରି ଷ୍ଟେନଲେସ ଷ୍ଟିଲ ଆମ ଦେଶର ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ଅତ୍ୟାବଶ୍ୟକ ବୋଲି ନିଜକୁ ପ୍ରମାଣିତ କରିଛି। ଜାତୀୟ ଇସ୍ପାତ ନୀତି ୨୦୧୭ରେ ରଖାଯାଇଥିବା ଲକ୍ଷ୍ୟ ମୁତାବକ ଦେଶର ମୋଟ ଷ୍ଟେନଲେସ ଷ୍ଟିଲ ଉତ୍ପାଦନ କ୍ଷମତା ୬ ନିୟୁତ ଟନରୁ ୨୦୩୦ ସୁଦ୍ଧା ୯ ନିୟୁତ ଟନକୁ ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। କିନ୍ତୁ ପରିତାପର ବିଷୟ ଯେ, ଆମଦାନୀ ଚାପରେ ଘରୋଇ ଷ୍ଟେନଲେସ ଷ୍ଟିଲ ଶିଳ୍ପର ସ୍ଥାପିତ କ୍ଷମତାର ମୋଟ ବ୍ୟବହାର ମାତ୍ର ୬୦% ହେଉଛି। ଚୀନ ଓ ଇଣ୍ଡୋନେସିଆରୁ ରିହାତି ମୂଲ୍ୟରେ ହେଉଥିବା ବିପୁଳ ପରିମାଣର ଷ୍ଟେନଲେସ ଷ୍ଟିଲ ଆମଦାନୀ ଉପରେ ପ୍ରତିପାତକ ଶୁଳ୍କ (ସିଭିଡି) ପୁନଃ ଲାଗୁ କରାଗଲେ ତାହା ଭାରତୀୟ ଉତ୍ପାଦନକାରୀ, ବିଶେଷକରି ଏମଏସଏମଇଗୁଡିକ ସକାଶେ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବ।

## ଫୁର୍‌ସତ୍

# ମୃତ୍ୟୁ ବିଷୟରେ ତଥ୍ୟ ଦେବ ଆଖି

**ନୂଆଦିଲ୍ଲୀ:** କଥା କହେ ଆଖି। କେତେବେଳେ ସେ ରୁଷିଯାଏ ତ କେତେବେଳେ ପୁଣି ହସେ। ଏକଥା କୌଣସି ଭାବୁକ ମନର କାଳ୍ପନିକ ଅବସ୍ଥା ନୁହେଁ, ଏହା ବି ସମ୍ପୂର୍ଣ୍ଣ ସତ୍ୟ। ବୈଜ୍ଞାନିକମାନେ ଏବେ ଏଭଳି ଏକ ମତ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରାଇ ଦେଇଛନ୍ତି। ଆଖି ଦେଖି ଭବିଷ୍ୟବାଣୀ କରିହେବ ଏପରି କି ଜଣଙ୍କ କେବେ ମୃତ୍ୟୁ ହେବ ତାହା ଜଣାପଡ଼ିବ କଥା ଶୁଣିଲେ ହୁଏତ ଅନେକେ ଅବିଶ୍ୱାସ କରିପାରନ୍ତି ଅବା ଏଭଳି କଥାକୁ ଅନ୍ଧବିଶ୍ୱାସ ବୋଲି କହିପାରନ୍ତି। କିନ୍ତୁ ଏବେ ବୈଜ୍ଞାନିକମାନେ ଏଭଳି ଏକ କଥାକୁ ସ୍ୱୀକାର କଲେଣି। ବୈଜ୍ଞାନିକଙ୍କ କହିବା ଅନୁସାରେ ଆଖି ଦେଖି କହିହେବ କି ଜଣଙ୍କର ମୃତ୍ୟୁ କେବେ ହେବ। ଏଭଳି ମତ ଦେଇଛନ୍ତି ଅଷ୍ଟ୍ରେଲିଆର ବିଶେଷଜ୍ଞମାନେ। ତେଣୁ ଏବେ ଆଖି ଦେଖି ଜଣଙ୍କର ଭବିଷ୍ୟବାଣୀ କରିବା ସହଜ ହେବ। ବୈଜ୍ଞାନିକମାନଙ୍କ କହିବା ଅନୁସାରେ ଏକ ସ୍ୱତନ୍ତ୍ର ଧରଣର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) କାର୍ଯ୍ୟକ୍ରମ ମାଧ୍ୟମରେ ଆଖିର



ରେଟିନାକୁ ପଢ଼ିହେବ। ଏହି ରେଟିନା ମାଧ୍ୟମରେ ଜଣଙ୍କର ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଭଲଭାବେ ଜାଣିହେବ।

ଅଷ୍ଟ୍ରେଲିଆର ମେଲବୋର୍ନଠାରେ ଥିବା ସେଣ୍ଟର ଫର ଆଇ ରିସର୍ଚ୍ଚର ବୈଜ୍ଞାନିକମାନେ ଦାବି କରିଛନ୍ତି କି ଏଆଇ ମାଧ୍ୟମରେ ୧୯,୦୦୦ ସ୍କାନକୁ ବିଶ୍ଳେଷଣ କରିବା ପରେ ରେଟିନା ସମ୍ପର୍କରେ ଏଭଳି ଏକ ନିଷ୍କର୍ଷରେ ଉପନୀତ ହୋଇଛନ୍ତି। କହିଛନ୍ତି କି ରେଟିନାକୁ ଭଲଭାବେ ପରୀକ୍ଷା କରି ଦେଖିବା ପରେ ହିଁ ସେହି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମସ୍ୟା ନେଇ ସ୍ପଷ୍ଟ ଚିତ୍ର ଆସିପାରିବ ତେଣୁ ତାଙ୍କର କେତେଦିନ ପରେ ମୃତ୍ୟୁ ହେବ ସେ ନେଇ ମଧ୍ୟ ଭବିଷ୍ୟବାଣୀ କରିହେବ। ରିସର୍ଚ୍ଚ ପାଇଁ ୪୦ରୁ ୭୦ ବର୍ଷ ମଧ୍ୟରେ ଥିବା ପ୍ରାୟ ୫ ଲକ୍ଷରୁ ଅଧିକ ଲୋକଙ୍କୁ ନେଇ ଦୀର୍ଘଦିନ ଧରି ଅନୁସନ୍ଧାନ କରାଯାଇଥିଲା।

# ଡିସେମ୍ବରରେ ଆସିପାରେ ପୁଷ୍ପାର ଦ୍ୱିତୀୟ ଭାଗ

**ମୁମ୍ବାଇ:** ଦର୍ଶକଙ୍କ ମଧ୍ୟରେ କ୍ରେଜ୍ ବଢାଇଥିବା ସାଉଥ୍ ଫିଲ୍ମ 'ପୁଷ୍ପା: ଦ ରାଇଜିଂ ଷ୍ଟାର' ପାଇଁ ସିନେମା ହଲ୍ ଏବେ ବି ଭିଡ ରହୁଛି। ସାଉଥ୍ ଅଭିନେତା ଅଲ୍ଲୁ ଅର୍ଜୁନ ଏବଂ ରଶ୍ମିକା ମନ୍ଦାନାଙ୍କ ଦମଦାର୍ ଅଭିନୟରେ ଦର୍ଶକ ମୁଗ୍ଧ ହୋଇଥିବାବେଳେ ଚଳଚ୍ଚିତ୍ରର ନିର୍ମାତା ସୁକୁମାର ଏହାର ଦ୍ୱିତୀୟ ଭାଗ ଆଣିବା ପାଇଁ ପ୍ରସ୍ତୁତି ଆରମ୍ଭ କରଛନ୍ତି। ମୁଭିର ଦ୍ୱିତୀୟ ଭାଗର ନାମ 'ପୁଷ୍ପା: ଦ ରୁଲ୍' ରହିଥିବା ଜଣାପଡିଛି। ଏ ନେଇ ରଶ୍ମିକା ଏକ ସାକ୍ଷାତାକାରରେ ସିନେମାର ଶୁଟିଂର ଅପ୍‌ଡେଟ୍ ବିଷୟରେ ଶେୟାର କରିଛନ୍ତି। ଆସନ୍ତା ମାର୍ଚ୍ଚରେ ଫିଲ୍ମର ଦ୍ୱିତୀୟ ଭାଗ ଶୁଟିଂ ଆରମ୍ଭ ହେବ। ରଶ୍ମିକା ପୁଷ୍ପାରେ ଅଭିନୟ କରି ବେଶ୍ ପ୍ରଶଂସା ଓ ଭଲପାଇବା ସାଉଣ୍ଟିଥିବାବେଳେ 'ପୁଷ୍ପା: ଦ ରୁଲ୍'ରେ କାମ କରିବାକୁ ଇଚ୍ଛୁକ ଅଛନ୍ତି ବୋଲି କହିଛନ୍ତି। ଚଳିତ ବର୍ଷ ଡିସେମ୍ବରରେ ଫିଲ୍ମ ରିଲିଜ୍ ହେବାର ଯୋଜନା ରହିଛି। ଚଳଚ୍ଚିତ୍ରଟି ୨ଟି ଭାଗରେ ମୁକ୍ତିଲାଭ କରିବ ବୋଲି ସୁକୁମାର ପୂର୍ବରୁ ଘୋଷଣା କରିଥିଲେ। ତେବେ ସିନେମାର ପ୍ରଥମ ଭାଗଟି ଚଳିତ ମାସ ୧୭ରେ ବଡ ପରଦାକୁ ଆସିବା ସହ ଏକାଥରରେ ୫ଟି ଭାଷାରେ ରିଲିଜ ହୋଇଥିଲା। ଫିଲ୍ମର ପ୍ରଥମ ଭାଗଟି ସମସ୍ତ ବକ୍ସ ଅଫିସରେ ରେକର୍ଡ ଭାଙ୍ଗିଥିବାବେଳେ ଏହାର ଦ୍ୱିତୀୟ ଭାଗ ପାଇଁ ଦର୍ଶକ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।



# ବିନା ଗାଧୁଆରେ ୬୭ ବର୍ଷ

**ତେହେରାନ୍:** ମଣିଷ ଗୋଟିଏ ଦିନରେ ଯେମିତି ହେଲେ ଥରେ ଗାଧୋଇବାକୁ ପସନ୍ଦ କରିଥାଏ। କିନ୍ତୁ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ କି ୬୭ ବର୍ଷ ହେଲାଣି ଗାଧୋଇ ନାହାନ୍ତି। ତଥାପି ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଇରାନରେ ରହୁଥିବା ଜଣେ ୮୭ ବର୍ଷୀୟ ବ୍ୟକ୍ତିଙ୍କର ରହିବା ପାଇଁ ଘର ନାହିଁ। ଏହାସହ ସେ ସଫାସୁତରା ନ ରହିବା ସହ ପୋଖରୀ ନାଳ ନର୍ଦ୍ଦମାର ଦୂଷିତ ପାଣି ପିଅନ୍ତି। ବାଟଘାଟରେ ମରି ପଡୁଥିବା ଜୀବଜନ୍ତୁଙ୍କ ମାଂସ ସେ ଖାଇଥାନ୍ତି। ଏହା ସତ୍ତ୍ୱେ ମଧ ସେ ପୂରାପୂରି ସୁସ୍ଥ ଅଛନ୍ତି ବୋଲି ବିଶେଷଜ୍ଞ କହିଛନ୍ତି। ଡେଲି ଷ୍ଟାର ମୁତାବକ, ଇରାନରେ ସେ ଅମୋ ଜାଜୀ ନାମରେ ପରିଚିତ। ଅମୋଙ୍କ ଜୀବନଶୈଳୀକୁ ଦେଖି କେତେଜଣ ବିଶେଷଜ୍ଞ ଆଶ୍ଚର୍ଯ୍ୟ



ହୋଇଛନ୍ତି। ତାଙ୍କ ଦେହରେ କୌଣସି ପ୍ରକାର ପରଜୀବୀ ବାସ କରୁଛନ୍ତି କି ନାହିଁ ଜାଣିବା ପାଇଁ ବିଶେଷଜ୍ଞମାନେ ତାଙ୍କୁ ପରୀକ୍ଷା କରିବାକୁ ଅମୋଙ୍କ ପାଖକୁ ଆସିଥିଲେ। କିନ୍ତୁ ବିଭିନ୍ନ ପ୍ରକାର ଟେଷ୍ଟ ପରେ ବି ତାଙ୍କ ଦେହରେ କୌଣସି ରୋଗ ନ ଥିବା ଜଣାପଡିଛି। ସେଠାକାର ସ୍ଥାନୀୟ ଲୋକେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୁଅନ୍ତି। କିନ୍ତୁ ସେ ବର୍ତ୍ତମାନର ସବୁ ଖବର ଉପରେ ଅପ୍‌ଡେଟ୍ ରଖିବା ସହ ରୁଷିଆର କ୍ରାନ୍ତି ବିଷୟରେ ଲୋକଙ୍କ ସହ ଚର୍ଚ୍ଚା କରନ୍ତି।

# ଶାହିରଙ୍କ ବାପାଙ୍କ ପରଲୋକ



**ମୁମ୍ବାଇ:** ଟେଲି ଅଭିନେତା ଶାହିର ଶେଖଙ୍କ ବାପା ଶାହାନୱାଜ ଶେଖଙ୍କ ଗୁରୁବାର ପରଲୋକ ଘଟିଛି। ସେ କରୋନାରେ ସଂକ୍ରମିତ ହେବା ପରେ ଗୁରୁତର ଥିଲେ। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଏ ନେଇ ଶାହିର ଟୁଇଟ୍ ଯୋଗେ ଜଣାଇଥିଲେ। ନିକଟରେ ଶାହିର ତାଙ୍କ ବାପାଙ୍କ ଏକ ଫଟୋକୁ ସୋସିଆଲ ମିଡିଆରେ ଶେୟାର କରି ତାଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା କରିବାକୁ ପ୍ରଶଂସକଙ୍କୁ କହିଥିଲେ। ଶାହାନୱାଜଙ୍କ ମୃତ୍ୟୁ ପରେ ବିଭିନ୍ନ ମହଲରୁ ଶୋକପ୍ରକାଶ ପାଇଛି।

# ଦିନକୁ ୭ ହଜାର କ୍ୟାଲୋରି ଖାଦ୍ୟ

**ଲଣ୍ଡନ**

ବ୍ରିଟେନ୍‌ର ବଡିବିଲ୍ଡର ଏଡ୍‌ୱାର୍ଡ ଷ୍ଟିଫେନ୍ ହଲ୍ ଦୁନିଆର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ଭାବରେ ୨୦୧୭ରେ ୱାର୍ଲ୍ଡ ଷ୍ଟ୍ରଙ୍ଗେଷ୍ଟ ମ୍ୟାନ ବିଜେତା ହୋଇଥିଲେ। ଏହାସହ ସେ ଅନେକ ଜାତୀୟ ଏବଂ ଅନ୍ତର୍ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ସଫଳତା ପଛରେ ତାଙ୍କ ସ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଷ୍ଟିଫେନ୍ କହିଛନ୍ତି। ୨୦୧୨ରେ ଏଡ୍‌ୱାର୍ଡ ଆଲେକ୍ସଜାଣ୍ଡର ହଲ୍‌ଙ୍କୁ ବିବାହ କରିଥିଲେ। ଏହା ପରଠୁ ସ୍ୱାମୀଙ୍କର ଖାଦ୍ୟପେୟ ଉପରେ ସେ ଧ୍ୟାନ ରଖୁଛନ୍ତି। ଏଡ୍‌ୱାର୍ଡ କ'ଣ ଖାଇବେ, କେତେବେଳେ କେତେ ପରିମାଣର ଖାଇବେ ତାହା ତାଙ୍କ ସ୍ତ୍ରୀଙ୍କର ଦାୟିତ୍ୱ। ୩୪ ବର୍ଷୀୟ ବଡିବିଲ୍ଡରଙ୍କୁ ପ୍ରତିଦିନ ୭ ହଜାର କ୍ୟାଲୋରିର ଆବଶ୍ୟକତା ପଡିଥାଏ। ସେ ଜଣେ ସାଧାରଣ



ଲୋକଙ୍କ ତୁଳନାରେ ୪ ଗୁଣା ଖାଦ୍ୟ ଖାଇଥାନ୍ତି। ସ୍ୱାମୀଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି କରିବାରେ ତାଙ୍କୁ ଆନନ୍ଦ ମିଳେ ବୋଲି ଆଲେକ୍ସଜାଣ୍ଡରା କହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ, ଏଡ୍‌ୱାର୍ଡଙ୍କ ସମ୍ପତ୍ତି ପାଖାପାଖି ୩୭ କୋଟି ଟଙ୍କା। ଏହାସହ ସେ ପ୍ରତି ଥର ପ୍ରତିଯୋଗିତାରେ ପ୍ରାୟ ୮୦ଲକ୍ଷ ଟଙ୍କା ରୋଜଗାର କରିଥାନ୍ତି।



ନିର୍ମଳ କୁମାର ମିଶ୍ର

# ବିବାଦୀୟ ଘଟଣା



ବିରାଟ କୋହଲି



ନୋଭାକ ଜୋକୋଭିଚ୍

**ବର୍ଷ ଆରମ୍ଭରେ କ୍ରୀଡ଼ା ଜଗତର ଦୁଇଟି ଘଟଣା ବିବାଦୀୟ ଓ ଚର୍ଚ୍ଚିତ ରହିଛି। ଭିନ୍ନ କ୍ରୀଡ଼ାର ଦୁଇ ମହାନାୟକ ବିରାଟ କୋହଲି ଓ ନୋଭାକ ଜୋକୋଭିଚ୍ ଏହି ବିବାଦର କେନ୍ଦ୍ରରେ ରହିଛନ୍ତି । କୋଭିଡ୍-୧୯ ଟିକା ନ ନେବା କାରଣରୁ ଜୋକୋଭିଚ୍ ପ୍ରତ୍ୟର୍ପିତ ହେବା ସହ ନିଜର ଫେଭରାଇଟ୍ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ସେହିପରି ଦକ୍ଷିଣ ଆଫ୍ରିକା ଟେଷ୍ଟ ସିରିଜରେ ଦଳର ପରାଜୟ ପରେ ବିରାଟ କୋହଲି ନେତୃତ୍ୱ ଛାଡ଼ିବା ପ୍ରସଙ୍ଗକୁ ପ୍ରଶଂସକ ସହଜରେ ଗ୍ରହଣ କରିପାରି ନାହାନ୍ତି...**

୨୦୨୨ ବର୍ଷ ଆରମ୍ଭରୁ ଦୁଇଟି ଘଟଣା କ୍ରୀଡ଼ାପ୍ରେମୀଙ୍କୁ ବ୍ୟଥିତ କରିଛି। ପ୍ରଥମ ଘଟଣାଟି ହେଉଛି ଭାରତର ସବୁଠୁ ସଫଳ ଟେଷ୍ଟ ଅଧିନାୟକ ବିରାଟ କୋହଲି କ୍ରିକେଟର ଏହି ଫର୍ମାଟରେ ଅଧିନାୟକ ପଦରୁ ଅବ୍ୟାହତି ନେଲେ। ଅନ୍ୟଟି ହେଲା ବିଶ୍ୱର ଏକ ନମ୍ବର ଟେନିସ୍ ଖେଳାଳି ସର୍ବିୟାର ନୋଭାକ ଜୋକୋଭିଚଙ୍କ ବିଶ୍ୱରେକର୍ଡ ପାଇଁ ରହିଥିବା ସ୍ୱପ୍ନ ଅଧୁରା ରହିଲା। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଅଷ୍ଟ୍ରେଲିଆନ ଓପନ ଆରମ୍ଭରୁ ତାଙ୍କୁ ଶକ୍ତ ଝଟକା ଲାଗିଛି। କୋଭିଡ ପଜିଟିଭ ହେବା ସତ୍ତ୍ୱେ ସେ ଟ୍ରାଭେଲ ହିଷ୍ଟ୍ରି ଲୁଚାଇବା ଦ୍ୱାରା ଅଷ୍ଟ୍ରେଲିଆ ସରକାରଙ୍କ ନିୟମ ଉଲ୍ଲଂଘନ କରିଥିଲେ। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ର ୧୧୦ତମ ସଂସ୍କରଣ ଗତ ୧୭ ତାରିଖରୁ ଆରମ୍ଭ ହୋଇଛି। ଚଳିତ ସଂସ୍କରଣରେ ବହୁ ନାମୀଦାମୀ ଟେନିସ୍ ଖେଳାଳି ଉଭୟ ମହିଳା ଓ ପୁରୁଷ ବିଭାଗରେ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ଡାନିଲ ମେଡଭେଡେଭ୍, ଆଲେକ୍‌ଜାଣ୍ଡାର ଜେଭେରେଭ୍, ଷ୍ଟିଫାନୋସ ସିତିସିପାସ୍, ରାଫାଲ୍ ନାଡାଲ୍, ମାଟିଓ ବେରେଟିନି ଏବଂ କାସପର ରୁଡ୍। ସେହିପରି ମହିଳା ବିଭାଗରେ ଏସ୍.ବାର୍ଟି, ଡିଫେଣ୍ଡିଙ୍ଗ ଚାମ୍ପିୟନ ନାଓମି ଓସାକା, ୟୁଏସ୍ ଓପନ ଚାମ୍ପିୟନ ଇମା ରାଡୁକାନୁ, ସିମୋନା ହାଲେପ, ଜେନିଫର ବାର୍ଡି, ଭିକ୍ଟୋରିଆ ଆଜାରେଙ୍କା, ସୋଫିଆ କେନିନ୍, ମାରିଆ ସାକାରୀ, କାରୋଲିନା ପ୍ଲିସ୍‌କୋଭା, ଆର୍ଯ୍ୟାନା ସାବୋଲିଙ୍କାଙ୍କ ପରି ଖ୍ୟାତନାମା ଖେଳାଳି ରହିଛନ୍ତି। ଏହି ସମ୍ମାନଜନକ ଟୁର୍ନାମେଣ୍ଟର ଟାଇଟଲ ହାତେଇବା ପାଇଁ ରାଫାଲ ନାଡାଲ ଏବଂ ରୋଜର ଫେଡେରରଙ୍କ ମଧ୍ୟରେ ମୁକାବିଲା ହେବ। ଗତ ୩ଟି ସଂସ୍କରଣରେ ଚାମ୍ପିୟନ ହୋଇଥିବା ଏବଂ ୯ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିବା ଶୀର୍ଷ ର୍‍ୟାଙ୍କପ୍ରାପ୍ତ ଜୋକୋଭିଚ୍‌ଙ୍କୁ ଏଥର ଦେଖିବାକୁ ମିଳିନାହିଁ। ଜୋକୋଭିଚ୍ ବିଶ୍ୱର ଏକମାତ୍ର ଖେଳାଳି ରୂପେ କ୍ଲେ କୋର୍ଟ, ହାର୍ଡ କୋର୍ଟ ଏବଂ ଗ୍ରାସ୍ କୋର୍ଟରେ ନିଜର ଅସାଧାରଣ ଦକ୍ଷତା ପ୍ରତିପାଦନ କରିବା ସହିତ ଆସୋସିଏଶନ୍ ଅଫ୍ ଟେନିସ୍ ପ୍ରଫେଶନାଲ (ଏଟିପି) ର୍‍ୟାକିଙ୍ଗ୍‌ରେ ୩୫୫ ସପ୍ତାହ ଧରି ନଂ-୧ ସ୍ଥାନ ଅଧିକାର କରିବାର ରେକର୍ଡ କରିଛନ୍ତି। ମାତ୍ର ଅଷ୍ଟ୍ରେଲିଆର କଡ଼ା କରୋନା ଟିକା ନିୟମ ଯୋଗୁ ତାଙ୍କ ଭିଜା ଦ୍ୱିତୀୟ ଥରପାଇଁ ବାତିଲ ହେବାରୁ ୨ସପ୍ତାହ ଧରି ଚାଲିଥିବା ହାଇଡ୍ରାମାର ଅବସାନ ଘଟିଛି ଏବଂ ଜୋକୋଭିଚ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାକୁ ବାଧ ହୋଇଛନ୍ତି। ତେବେ ସ୍ପାନିସ ଷ୍ଟାର ନାଡାଲ ଏହା ଜୋକୋଭିଚ୍‌ଙ୍କ ନିଜସ୍ୱ ଅଧିକାର ଏବଂ ନିଷ୍ପତ୍ତି ବୋଲି କହିବା ସହିତ ତାଙ୍କୁ ବିଶ୍ୱରେକର୍ଡ ପାଇଁ ଆଉ କିଛି ମାସ ଅପେକ୍ଷା କରିବାକୁ ହେବ ବୋଲି କହିଛନ୍ତି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା କ୍ରୀଡ଼ାପ୍ରେମୀଙ୍କୁ ନିରାଶ କରିଛି। ଦକ୍ଷିଣ ଆଫ୍ରିକା ସହିତ ଖେଳାଯାଇଥିବା ଟେଷ୍ଟ ସିରିଜକୁ ୧-୨ରେ ହାରିବା ପରେ କୋହଲି ଟେଷ୍ଟ ଅଧିନାୟକ ପଦ ଛାଡ଼ି ନିଜ ପ୍ରଶଂସକଙ୍କୁ ସ୍ତବ୍ଧ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ବିରାଟ ଚତୁର୍ଥ ଶ୍ରେଷ୍ଠ ଅଧିନାୟକ ବିବେଚିତ ହେଉଛନ୍ତି। ପୂର୍ବରୁ ଟି୨୦ ଅଧିନାୟକ ପଦ ଛାଡିଥିବା ବିରାଟଙ୍କୁ ପରବର୍ତ୍ତୀ ଅବସ୍ଥାରେ ଏକଦିବସୀୟ ଅଧିନାୟକ ପଦରୁ ବାଦ ଦିଆଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ବାରମ୍ବାର ତିକ୍ତତା ତାଙ୍କ ଖେଳକୁ ପ୍ରଭାବିତ କରିଥିଲା। ମହେନ୍ଦ୍ର ସିଂ ଧୋନୀଙ୍କ ପରେ ୨୦୧୫ରୁ ପୂର୍ଣ୍ଣକାଳୀନ ଟେଷ୍ଟ ଅଧିନାୟକ ହୋଇଥିବା ବିରାଟ ମୋଟ ୬୮ଟି ଟେଷ୍ଟରେ ଅଧିନାୟକ ହୋଇ ୪୦ଟି ବିଜୟ ସ୍ୱାଦ ଚାଖିଥିଲେ। ୧୭ଟି ଟେଷ୍ଟ ମ୍ୟାଚରେ ହାରିବା ସହିତ ୧୧ଟି ମ୍ୟାଚ ଡ୍ର ରଖିଥିଲେ। ତାଙ୍କର ନେତୃତ୍ୱରେ ଭାରତର ବିଜୟ ହାର ୫୮.୮୨ ରହିଥିଲା। ଅଧିକାଂଶ ଟେଷ୍ଟ ବିଜୟ ବିଦେଶ ମାଟିରେ ହାସଲ କରି ସେ ଦୃଷ୍ଟାନ୍ତ ଛାଡ଼ିଥିଲେ। ତାଙ୍କ ନେତୃତ୍ୱରେ ବିଦେଶ ମାଟିରେ ୱେଷ୍ଟଇଣ୍ଡିଜ, ଅଷ୍ଟ୍ରେଲିଆ, ବାଂଲାଦେଶ, ଶ୍ରୀଲଙ୍କା ବିପକ୍ଷରେ ଭାରତ ଟେଷ୍ଟ ସିରିଜରେ ବିଜୟୀ ହେବା ସହିତ ଘରୋଇ ମାଟିରେ ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ଅଷ୍ଟ୍ରେଲିଆ ଏବଂ ୱେଷ୍ଟଇଣ୍ଡିଜ ପରି ଦଳକୁ ପରାସ୍ତ କରିଥିଲେ। ବିଶ୍ୱର ୩ ସଫଳ ଟେଷ୍ଟ ଅଧିନାୟକ ହେଲେ ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ୍, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ଏବଂ ଷ୍ଟିଭ ୱା। ଆସନ୍ତା ଫେବୃୟାରୀ-ମାର୍ଚ୍ଚରେ ଶ୍ରୀଲଙ୍କା ବିପକ୍ଷରେ କୋହଲି ନିଜ କ୍ୟାରିୟରର ୧୦୦ତମ ଟେଷ୍ଟ ମ୍ୟାଚ ଖେଳିବା ସମ୍ଭାବନା ରହିଛି। ଚାପମୁକ୍ତ ହୋଇଥିବାରୁ ଏଥର ସେ ଭଲ ପ୍ରଦର୍ଶନ କରିବେ ବୋଲି ସୁନୀଲ ଗାଭାସ୍କାର, ମହମ୍ମଦ ଆଝାରୁଦ୍ଦିନ କହିଥିବାବେଳେ ତାଙ୍କର ଏହି ନିଷ୍ପତ୍ତି ଟିମ୍ ଇଣ୍ଡିଆ ପାଇଁ ଆଗାମୀ ସିରିଜରେ ସମସ୍ୟା ସୃଷ୍ଟି କରିପାରେ ବୋଲି କପିଲ ଦେବ ପ୍ରକାଶ କରିଛନ୍ତି। ସେ ଯାହା ହେଉ ମ୍ୟାଚ ସମୟରେ ଅଧିନାୟକ ରୂପେ କୋହଲିଙ୍କର ଆକ୍ରମଣାତ୍ମକ ଦୃଷ୍ଟିଭଙ୍ଗୀ ଦେଖିବାକୁ ମିଳିବ ନାହିଁ। ସମସ୍ତ ଭଲ ଖେଳାଳି ଏବଂ ଅଧିନାୟକ ମାନଙ୍କର ଏପରି ସମୟ ଆସିଥାଏ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ରୂପେ ବ୍ୟଥିତ କରିବା ଭଳି କଥା। ଯେଉଁ ଭାବରେ ତାଙ୍କଠାରୁ ଦିନିକିଆ ଅଧିନାୟକ ପଦ ଛଡାଇ ନିଆଗଲା ତାହା ସମସ୍ତ କ୍ରିକେଟପ୍ରେମୀଙ୍କୁ ବିଚଳିତ କରିଛି। ଏପରି ଅବସ୍ଥା କେବଳ ଯେ ବିରାଟ କୋହଲିଙ୍କ କ୍ଷେତ୍ରରେ ଘଟିଛି ତାହା ନୁହେଁ, ଏହା ମଧ୍ୟ ସୌରଭ ଗାଙ୍ଗୁଲୀଙ୍କ କ୍ଷେତ୍ରରେ ଏପରି କି ମହେନ୍ଦ୍ର ସିଂ ଧୋନୀଙ୍କ କ୍ଷେତ୍ରରେ ମଧ୍ୟ ଘଟିଥିଲା। ୨୦୦୮ରେ ବର୍ତ୍ତମାନର ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ କ୍ଷେତ୍ରରେ ଏହା ଘଟିଥିଲା। ଭାରତୀୟ ଦଳରୁ ବାଦ ପଡିବା ପରେ ସେତେବେଳର ଅଧିନାୟକ ଅନିଲ କୁମ୍ବଲେ ଏବଂ ଟିମ୍ ଇଣ୍ଡିଆର ମୁଖ୍ୟ ଚୟନ କର୍ତ୍ତା ଦିଲ୍ଲୀପ ଭେଙ୍ଗସରକାର ତାଙ୍କୁ କାରଣ ନ ଜଣାଇ ବାଦ ଦେବା ଖୁବ୍ ବ୍ୟଥିତ କରିଥିଲା। ୩ଟି ଫର୍ମାଟର ଅଧିନାୟକ ପଦରୁ ବାଦ ଦିଆଯିବା କଥା ଜାଣିବା ପରେ ସେ ନିଜ ଆଡୁ ସମସ୍ତ ଫର୍ମାଟରୁ ଓହରି ଯାଇଥିଲେ।

ଯାହା ଜଣାପଡୁଛି ବୋର୍ଡ ଏବଂ ସିଲେକ୍ଟରମାନଙ୍କ ସହିତ କିଛି ମାସ ଧରି ତାଙ୍କର ସମ୍ପର୍କ ନିଶ୍ଚିତ ରୂପେ ବିରାଟ କୋହଲିଙ୍କୁ ଆଘାତ ଦେଇଥିବ। ଭାରତୀୟ କ୍ରିକେଟ ଦଳକୁ ଦୀର୍ଘ ୩ବର୍ଷ ଧରି ଆଇସିସି ର୍‍ୟାଙ୍କିଙ୍ଗରେ ୧ନଂ. ସ୍ଥାନରେ ରଖିବା ଏବଂ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଟିମ୍ ଇଣ୍ଡିଆକୁ ପହଞ୍ଚାଇବାରେ କୋହଲିଙ୍କର ଭୂମିକା ଯେ ଅବିସ୍ମରଣୀୟ ଥିଲା ତାହା ନିଃସନ୍ଦେହ। ଏହି ହାଇଡ୍ରାମା ପଛରେ ଅନେକଗୁଡିଏ ବ୍ୟକ୍ତିଗତ ଆକ୍ରୋଶ ଲୁଚି ରହିଥିବା ଅନୁଭବ ହେଉଛି। ଏହା ଆଦୌ ଭାରତୀୟ କ୍ରିକେଟ ପ୍ରତି ଶୁଭଙ୍କର ନୁହେଁ। ବିସିସିଆଇ କର୍ମକର୍ତ୍ତା ଏବଂ ଚୟନକର୍ତ୍ତାଙ୍କ ଅହଂଭାବ ଯୋଗୁ ଅନେକ ସୁନାମଧନ୍ୟ ଖେଳାଳି ସେମାନଙ୍କ ଅବଦାନ ପାଇଁ ଉପଯୁକ୍ତ ସମ୍ମାନ ପାଇପାରି ନାହାନ୍ତି। ବିରାଟ କୋହଲିଙ୍କ କ୍ଷେତ୍ରରେ ଯାହା ଘଟିଲା ସେଥିରୁ ଏହା ଅନୁମାନ କରିହେଉଛି। ବିରାଟଙ୍କ ପରେ ଟେଷ୍ଟ କ୍ରିକେଟ ପାଇଁ ନୂଆ ଅଧିନାୟକ ମନୋନୟନ ହେବେ। ଏକଦିବସୀୟ ଏବଂ ଟି୨୦ ଫର୍ମାଟ ପାଇଁ ରୋହିତ ଶର୍ମା ଅଧିନାୟକ ମନୋନୀତ ହୋଇ ସାରିଛନ୍ତି। ତେବେ ଏପରି ଘଟଣା ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ କିଛି ମାତ୍ରାରେ ପ୍ରଭାବିତ କରିବା ଆଶଙ୍କା ରହିଛି।

# ନୂଆ ବ୍ୟାଡ୍‌ମିଣ୍ଟନ ତାରକା

**ନାଗପୁରର ମାଳବିକା ବନସୋଦ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କିଛିଦିନ ତଳେ ଅନୁଷ୍ଠିତ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ସେ ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ରୋଲ ମଡେଲ ସାଇନା ନେହ୍ୱାଲଙ୍କୁ କ୍ୱାର୍ଟର ଫାଇନାଲରେ ପରାସ୍ତ କରି ଚର୍ଚ୍ଚାରେ ରହିଥିଲେ।**

ବ୍ୟାଡ୍‌ମିଣ୍ଟନରେ ଜଣେ ନୂଆ ତାରକା ସୃଷ୍ଟି ହୋଇଛନ୍ତି। ସେ ହେଉଛନ୍ତି ନାଗପୁରର ମାଳବିକା ବନସୋଦ। ମହିଳା ବ୍ୟାଡ୍‌ମିଣ୍ଟନ ଜଗତରେ ସେ ଏବେ ଜଣେ ନୂଆ ତାରକା ଭାବେ ଉଭା ହୋଇଛନ୍ତି। ସଦ୍ୟସମାପ୍ତ ଇଣ୍ଡିଆ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ୨୦ ବର୍ଷୀୟ ମାଳବିକା ଅଲିମ୍ପିକ ପଦକ ବିଜୟିନୀ ସାଇନା ନେହ୍ୱାଲଙ୍କୁ କ୍ୱାର୍ଟର ଫାଇନାଲରେ ୧୭-୨୧, ୯-୨୧ରେ ସିଧାସଳଖ ଗେମ୍‌ରେ ହରାଇଥିଲେ। ସାଇନାଙ୍କୁ ହରାଇବା ପରେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶ୍ୱ ର୍‍ୟାଙ୍କିଙ୍ଗରେ ୧୧୧ ତମ ସ୍ଥାନରେ ରହିଥିବା ମାଳବିକା ମାତ୍ର ୩୪ ମିନିଟ୍‌ରେ ସାଇନାକୁ ହରାଇଥିଲେ। ସାଇନା ଏବେ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୫ତମ ସ୍ଥାନରେ ରହିଛନ୍ତି। ସାଇନାଙ୍କୁ ସେ ନିଜର ଆଦର୍ଶ ମାନନ୍ତି। ତେବେ ତାଙ୍କୁ ହରାଇବା ଘଟଣାକୁ ମାଳବିକା ସହଜରେ ବିଶ୍ୱାସ କରିପାରୁ ନାହାନ୍ତି। ଏହା ଏକ ସ୍ୱପ୍ନ ସତ ହେବା ଭଳି ତାଙ୍କୁ ମନେହେଉଛି ବୋଲି ସେ କହିଛନ୍ତି। ଏହି କ୍ରମରେ ଦ୍ୱିତୀୟ ଭାରତୀୟ ଭାବେ ସେ ସାଇନାଙ୍କୁ କୌଣସି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ହରାଇବାକୁ ସକ୍ଷମ ହୋଇଛନ୍ତି। ସେ ମଧ୍ୟ ପ୍ରଥମଥର ପାଇଁ ସାଇନାଙ୍କୁ ଭେଟିଥିଲେ। ଆରମ୍ଭରୁ ସାଇନାଙ୍କୁ ମୋର ରୋଲ୍ ମଡେଲ ବୋଲି ବିଚାର କରିଛି ବୋଲି ସେ କୁହନ୍ତି। ପ୍ରଦର୍ଶନରେ କ୍ରମାଗତ ଉନ୍ନତି ଆଣିଲେ ସେ ଭବିଷ୍ୟତରେ ଅନ୍ତର୍ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିବେ ବୋଲି ସାଇନା କହିଛନ୍ତି।


ମହାରାଷ୍ଟ୍ରର ନାଗପୁରରେ ଜନ୍ମିତ ମାଳବିକା ୮ ବର୍ଷ ବୟସରୁ ଖେଳିବା ଆରମ୍ଭ କରିଥିଲେ। ଜୁନିୟରସ୍ତରରେ ସେ ବିଭିନ୍ନ ବୟସ ବର୍ଗ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରି ନିଜ ଅସାଧାରଣ ପ୍ରତିଭାର ପରିଚୟ ଦେଇଛନ୍ତି। ୧୩ ଓ ୧୭ ବର୍ଷରୁ କମ୍ ବୟସ ବର୍ଗ ଷ୍ଟେଟ୍ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟରେ ସେ ଟାଇଟଲ ହାସଲ କରିଥିଲେ। କାନାଡାରେ ଅନୁଷ୍ଠିତ ବିଶ୍ୱ ଜୁନିୟର ଚାମ୍ପିୟନଶିପ ପାଇଁ ଅନୁଷ୍ଠିତ କ୍ରମାଗତ ଦୁଇଟି ସିଲେକ୍‌ସନ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ୨୦୧୮ରେ କାଠମାଣ୍ଡୁରେ ଅନୁଷ୍ଠିତ ୨୧ ବର୍ଷରୁ କମ୍ ସାଉଥ୍ ଏସିଆନ ରିଜିଓନାଲ ଟୁର୍ନାମେଣ୍ଟରେ ସେ ବ୍ୟକ୍ତିଗତ ଓ ଟିମ୍ ଇଭେଣ୍ଟରେ ଚାମ୍ପିୟନ ହୋଇଥିଲେ। ୨୦୧୯ରେ ସେ ଅଲ ଇଣ୍ଡିଆ ସିନିୟର ର୍‍ୟାଙ୍କିଙ୍ଗ୍ ଟୁର୍ନାମେଣ୍ଟ ଓ ଅଲ ଇଣ୍ଡିଆ ଜୁନିୟର ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟରେ ବିଜୟୀ ହୋଇଥିଲେ। ଏହି ବର୍ଷ ସେ ବୁଲଗେରିଆନ ଜୁନିୟର ଇଣ୍ଟରନ୍ୟାଶନାଲ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୧ରେ ସେ ଅଷ୍ଟ୍ରେଲିଆନ ଓପନ ଇଣ୍ଟରନ୍ୟାଶନାଲ ସିରିଜରେ ଅଂଶଗ୍ରହଣ କରିଥିଲେ ଓ କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇଥିଲେ। ସିନିୟରସ୍ତରରେ ମଧ୍ୟ ସେ ଅଂଶଗ୍ରହଣ କରି ବେଶ୍ ସଫଳତା ହାସଲ କରିଛନ୍ତି। ୨୦୧୯ରେ ସେ ସିନିୟରସ୍ତର ପ୍ରତିଯୋଗିତାରେ ଡେବ୍ୟୁ କରିଥିଲେ ଓ ମାଳଦ୍ୱୀପ ଅନ୍ତର୍ଜାତୀୟ ଫ୍ୟୁଚର ସିରିଜ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଥିଲେ। ଏହାର ଗୋଟିଏ ସପ୍ତାହ ପରେ ନେପାଳରେ ଅନ୍ନପୂର୍ଣ୍ଣା ପୋଷ୍ଟ ଅନ୍ତର୍ଜାତୀୟ ସିରିଜରେ ମଧ୍ୟ ବାଜି ମାରିଥିଲେ। ପ୍ରଦର୍ଶନରେ ଉନ୍ନତି ଆଣିବା ସହ ଆହୁରି କଠିନ ପରିଶ୍ରମ ଜାରି ରଖିଲେ ସେ ଦେଶ ପାଇଁ ଏକାଧିକ ଟୁର୍ନାମେଣ୍ଟ ଜିତି ଗର୍ବ ଓ ଗୌରବ ଆଣିଦେବେ।



ମାଳବିକା ବନସୋଦ

# ଭିକ୍ଟରଙ୍କ ଭିକ୍ଟ୍ରି

**ଜର୍ଜିଆର ଭିକ୍ଟର ସାନିଏଭ୍ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟ୍ରିପଲ ଜମ୍ପର ବିବେଚିତ ହୁଅନ୍ତି। ସେ ୩୨ ଥର ବିଶ୍ୱ ରେକର୍ଡ ଭଙ୍ଗ କରିବାର ଗୌରବ ଅର୍ଜନ କରିଥିଲେ। ୩ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ଜିତିବା ସହ ସେ ୫ ଥର ବିଶ୍ୱ ଚମ୍ପିୟନଶିପ୍, ୬ ଥର ୟୁରୋପୀୟ ଇନ୍‌ଡୋର, ୨ ଥର ୟୁରୋପ ଏବଂ ୮ ଥର ସୋଭିଏଟ୍ ସଂଘ ଟାଇଟଲ ହାସଲ କରିଥିଲେ।**



ଭିକ୍ଟର ସାନିଏଭ୍

ଲମ୍ବ ଡିଆଁ ବା ଲଙ୍ଗ ଜମ୍ପର ଏକ ପରିବର୍ଦ୍ଧିତ କ୍ରୀଡ଼ା ହେଲା ଟ୍ରିପଲ ଜମ୍ପ। ଲଙ୍ଗ ଜମ୍ପରେ ଥରେ ଡେଇଁବାକୁ ପଡୁଥିଲାବେଳେ ଟ୍ରିପଲ ଜମ୍ପରେ ତିନି ଥର ଡେଇଁବାକୁ ପଡ଼େ। ଜର୍ଜିଆ ଦେଶର ବିଶ୍ୱ ବିଖ୍ୟାତ ଟ୍ରିପଲ ଜମ୍ପର ଭିକ୍ଟର ସାନିଏଭ୍। ୧୯୬୦ ଦଶକର ମଧ୍ୟ ଭାଗରୁ ୧୯୭୦ ଦଶକ ଶେଷ ଯାଏ ଟ୍ରିପଲ ଜମ୍ପ୍ ଜଗତରେ ସେ ଥିଲେ ବାଦ୍‌ଶାହ। ଏହି ସମୟ ମଧ୍ୟରେ ତାଙ୍କ ଦ୍ୱାରା ୩୨ ଥର ବିଶ୍ୱ ରେକର୍ଡ ଭଙ୍ଗ ହୋଇଥିଲା। ୧୯୭୨ରେ ନିଜ ଜନ୍ମସ୍ଥାନ ସୁଖୁମି ସହରରେ ସାନିଏଭ୍ ଶେଷ ଥର ୧୭.୪୪ ମିଟର ଡେଇଁ ନୂଆ ବିଶ୍ୱ କୀର୍ତ୍ତିମାନ୍ ସ୍ଥାପନ କରିଥିଲେ। ୧୯୬୮ ମେକ୍ସିକୋ, ୧୯୭୨ ମୁନିଚ୍ ଓ ୧୯୭୬ ମଣ୍ଟ୍ରିଲ ଅଲିମ୍ପିକ୍ସରେ ଲଗାତର ୩ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ନିଜ ଆଧିପତ୍ୟ ବଜାୟ ରଖିଥିଲେ। ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସାନିଏଭ୍ ବିଶ୍ୱର ଅଦ୍ୱିତୀୟ ଟ୍ରିପଲ ଜମ୍ପର୍ ବିବେଚିତ ହେବା ଲାଗି ଏକ ସୁବର୍ଣ୍ଣ ସୁଯୋଗ ପାଇଥିଲେ। ସେ ସମୟରେ ଡିସକସ୍ ଥ୍ରୋରେ କେବଳ ଅଲ୍ ଓର୍ଟାର ୪ ଥର ଅଲିମ୍ପିକ୍ ଚାମ୍ପିୟନ୍ ହୋଇ ଏକ ବିରଳ କୃତିତ୍ୱର ଅଧିକାରୀ ଥିଲେ। ତାଙ୍କ ସହ ସମକକ୍ଷ ହେବା ଲାଗି ସାନିଏଭ୍‌ଙ୍କ ପାଇଁ ସ୍ୱର୍ଣ୍ଣପଦକ ଜିତିବା ଜରୁରୀ ଥିଲା। କିନ୍ତୁ, ବିବାଦୀୟ ଘଟଣା କ୍ରମେ ସେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ପାଇଲେ ଏବଂ ନିରାଶ ହୋଇଥିଲେ। ଅଲିମ୍ପିକ୍ସ ବ୍ୟତୀତ ୫ ଥର ବିଶ୍ୱ ଚାମ୍ପିୟନଶିପ୍, ୬ ଥର ୟୁରୋପୀୟ ଇନ୍‌ଡୋର, ୨ ଥର ୟୁରୋପ ଏବଂ ୮ ଥର ସୋଭିଏଟ୍ ସଂଘ ଟାଇଟଲ ହାସଲ କରିବା ସହିତ ବିଶ୍ୱର ବିଭିନ୍ନ ଭାଗରେ ରୋମାଞ୍ଚକର ଟ୍ରିପଲ ଜମ୍ପ୍ କରି କ୍ରୀଡ଼ାପ୍ରେମୀଙ୍କୁ ମୁଗ୍ଧ କରିଥିଲେ। ତେବେ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ପୂର୍ବରୁ ଟ୍ରିପଲ ଜମ୍ପ୍ କ୍ରୀଡ଼ା ସମ୍ପର୍କରେ ସମ୍ୟକ୍ ଆଲୋଚନା ଆବଶ୍ୟକ।

୩ଟି ଜମ୍ପକୁ ନେଇ ଟ୍ରିପଲ ଜମ୍ପର ସୃଷ୍ଟି। ହପ୍, ଷ୍ଟେପ୍ ଏବଂ ଫାଇନାଲ ଜମ୍ପ। ରନ୍‌ୱେ ଟେକ୍ ଅଫ୍ ବୋର୍ଡଠାରୁ ଅନ୍ତିମ ଲ୍ୟାଣ୍ଡିଂ ସ୍ଥଳ ପର୍ଯ୍ୟନ୍ତ ଦୂରତା ହେଲା ୪୨.୭ ଫୁଟ୍ ବା ୧୩ ମିଟର। ମହିଳା ଜମ୍ପରଙ୍କ ଲାଗି ଏହି ଦୂରତା ୩୬ ଫୁଟ୍ ବା ୧୧ ମିଟର। ଏହାରି ଉପରେ ହପ୍ ଓ ଷ୍ଟେପ୍ ଜମ୍ପ୍ କଲାବେଳେ ଗୋଟିଏ ଲେଖାଏ ଗୋଡ଼ରେ ଲ୍ୟାଣ୍ଡିଂ(ଭୂସ୍ପର୍ଶ) କରି ଅନ୍ତିମ ଜମ୍ପ୍ କରିବାକୁ ପଡ଼େ। ଏହି ଜମ୍ପର ଲ୍ୟାଣ୍ଡିଂ ଦୁଇ ଗୋଡ଼ରେ ହେବା ଦରକାର। ମନେହୁଏ ଯେପରି ଟ୍ରିପଲ ଜମ୍ପ୍ କ୍ରୀଡ଼ାର ମାନ ବୃଦ୍ଧି ସକାଶେ ସାନିଏଭ୍ ଧରାପୃଷ୍ଠକୁ ଆସିଥିଲେ। ୧୯୪୫ ମସିହାରେ ଜନ୍ମିତ ସାନିଏଭ୍‌ଙ୍କ କ୍ରୀଡ଼ା ଜୀବନ ଆରମ୍ଭ ହୋଇଥିଲା ହାଇ ଜମ୍ପ୍‌ରୁ। ହେଲେ ଗୋଡ଼ ଜଖମ କାରଣରୁ ଉଚ୍ଚ ଡିଆଁରେ ତିଷ୍ଠି ପାରି ନ ଥିଲେ। ଟ୍ରିପଲ ଜମ୍ପ୍ ସୁବିଧାଜନକ ହେବାରୁ ଏଥିରେ ଧ୍ୟାନ କେନ୍ଦ୍ରିତ କରିଥିଲେ। ପ୍ରଥମ ସୋଭିଏଟ୍ ସଂଘ ଟାଇଟଲ ହାସଲ କରିବା ପରେ ୧୯୬୮ ମେକ୍ସିକୋ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଥିଲେ। ଏଠାରେ ଯେଉଁ ମାନର ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ତାହା ଅଲିମ୍ପିକ୍ସ ଇତିହାସରେ ଏକ ଗୌରବଜନକ ଘଟଣା। ୫ ଥର ବିଶ୍ୱ ରେକର୍ଡ ବଦଳି ଯାଇଥିଲା। ପ୍ରଥମେ ଇଟାଲିର ଗାଇଜିପେ ଜେଣ୍ଟାଇଲ୍ ୧୭.୧୦ ମିଟର ଡେଇଁ ବିଶ୍ୱ ରେକର୍ଡ କଲେ। ସେ ପରବର୍ତ୍ତୀ ପ୍ରୟାସରେ ୧୭.୨୨ ମିଟର ହାସଲ କରି ନିଜ ରେକର୍ଡରେ ଉନ୍ନତି ଆଣିଲେ। ସାନିଏଭ୍ ତାଙ୍କ ତୃତୀୟ ପର୍ଯ୍ୟାୟରେ ୧୭.୨୩ ମିଟର ଡେଇଁ ନୂଆ ରେକର୍ଡ କଲେ। ବ୍ରାଜିଲର ନେଲସନ୍ ପ୍ରୃଡେନସିଓ ୧୭.୨୭ ମିଟର ସଫଳତା ପାଇ ନୂଆ ରେକର୍ଡ ସହ ସାନିଏଭ୍‌ଙ୍କୁ ଟପିଗଲେ। ତେବେ ଶେଷରେ ବିଶ୍ୱ ଦେଖିଲା ସାନିଏଭ୍‌ଙ୍କ ଦକ୍ଷତା। ୧୭.୩୯ ମିଟର ସହ ପ୍ରତିଷ୍ଠା କଲେ ଅଲିମ୍ପିକ୍ ଓ ବିଶ୍ୱ କୀର୍ତ୍ତିମାନ୍। ମେକ୍ସିକୋ ଷ୍ଟାଡିୟମରେ ପ୍ରତିଯୋଗିତା ନାଟକୀୟ ଢଙ୍ଗରେ ଆଗେଇଥିଲା। ସେହିପରି ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଟ୍ରିପଲ ଜମ୍ପ ମଧ୍ୟ ଉଚ୍ଚକୋଟୀର ହୋଇଥିଲା। ଏଠାରେ ଭିକ୍ଟର ସାନିଏଭ୍ ତାଙ୍କ ଚାଲେଞ୍ଜର ପୂର୍ବ ଜର୍ମାନୀର ଜର୍ଗ ଡ୍ରାମେଲ୍‌ଙ୍କୁ ମାତ୍ର ୪ ସେଣ୍ଟି ମିଟର ବ୍ୟବଧାନରେ ହରାଇଥିଲେ। ସାନିଏଭ୍‌ଙ୍କ ସଫଳତା ଥିଲା ୧୭.୩୫ ମିଟର। ମଣ୍ଟ୍ରିଲ ଅଲିମ୍ପିକ୍ସରେ ୧୭.୨୯ ମିଟର ଡେଇଁ ସେ ହ୍ୟାଟ୍ରିକ୍ ଅଲିମ୍ପିକ୍ ସ୍ୱର୍ଣ୍ଣ ବିଜେତା ହୋଇ ଇତିହାସ ରଚିଥିଲେ।

୧୯୮୦ ଦଶକରେ ସୋଭିଏଟ୍ ସଂଘ ବିଭାଜିତ ହେବା ପରେ ସାନିଏଭ୍ ପତ୍ନୀ ୟାନା ଓ ପୁଅ ଆଲେକ୍ସକୁ ଧରି ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ସେଠାରେ ନ୍ୟୁ ସାଉଥ୍ ୱେଲ୍ସ ରାଜ୍ୟ କ୍ରୀଡ଼ା ପ୍ରତିଷ୍ଠାନରେ ଡିଆଁ କୌଶଳ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ଏଇ ନିକଟରେ ୭୬ ବର୍ଷ ବୟସରେ ଏହି ଯୁଗ ସ୍ରଷ୍ଟା ଟ୍ରିପଲ ଜମ୍ପର୍‌ଙ୍କ ପରଲୋକ ହୋଇଯାଇଛି। ସାନିଏଭ୍ ବାସ୍ତବରେ ଥିଲେ ଜଣେ ଭିକ୍ଟର।

– ସ୍ୱାଗତ ସମ୍ପଦ



ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଗୁଜରାଟ ଜିଆଣ୍ଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସୁସ୍ଥ, ସୁରକ୍ଷିତ ପରିବେଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୦ା୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓପନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଆରମ୍ଭ ହେବାକୁ ଆଉ ୫ ଦିନ ସମୟ ଥିବାରୁ ଓଡ଼ିଶା ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସୁପର ୧୦୦ ଟୁର୍ନାମେଣ୍ଟରେ ୧୮ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଆୟୋଜନ ପାଇଁ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଏହାକୁ ବିନା ଦର୍ଶକରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟ ଅବସରରେ କୋଭିଡ୍ ଗାଇଡ୍‌ଲାଇନ୍ ଏବଂ ନିୟମ ପାଳନ କରାଯିବ। ''ବିଡବ୍ଲ୍ୟୁଏଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପ୍ରତିଯୋଗିତା ଯେପରି ବିଡବ୍ଲ୍ୟୁଏଫ୍ ଷ୍ଟାଣ୍ଡାର୍ଡର ହେବ ସେଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ବ୍ୟାଡ୍‌ମିଣ୍ଟନ



ଆସୋସିଏଶନ ଏବଂ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ମିଳିତଭାବେ କାର୍ଯ୍ୟ କରୁଛନ୍ତି। ପ୍ରତିଯୋଗିତାକୁ ସଫଳ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରାଇବାକୁ ପ୍ରାଥମିକତା ଦିଆଯିବ। ଏଥିପାଇଁ କୋଭିଡ ପ୍ରୋଟୋକଲ ଜାରି କରାଯାଇଛି। ସବୁ ଖେଳାଳି ଓ ଅଫିସିଆଲ ଯେପରି ଓଡ଼ିଶାରେ ଟୁର୍ନାମେଣ୍ଟକୁ ମନଭରି ଉପଭୋଗ କରିପାରିବେ ସେ ଦିଗରେ କାର୍ଯ୍ୟ କରାଯାଉଛି'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ଆଗାମୀ ଟୁର୍ନାମେଣ୍ଟ ପାଇଁ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି

## ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨୫ରୁ

କ୍ରୀଡ଼ାମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବ୍ୟାଡ୍‌ମିଣ୍ଟନ ତାହା ମଧ୍ୟରୁ ଅନ୍ୟତମ। ଓଡ଼ିଶା ଓପନର ପ୍ରଥମ ସଂସ୍କରଣ ଆୟୋଜନ ଦ୍ୱାରା ଅଧିକ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ଇକୋ ସିଷ୍ଟମ ମଧ୍ୟକୁ ଆଣିବା ଏହି କ୍ରୀଡ଼ାର ବିକାଶ ମୂଳ ଉଦ୍ଦେଶ୍ୟ। ଖୁବ୍‌ଶୀଘ୍ର ଆମ ବ୍ୟାଡ୍‌ମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଯିବ ବୋଲି ସେ କହିଛନ୍ତି। ଓଡ଼ିଶା ସରକାର ଓ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ପ୍ରୋଟୋକଲ ଅନୁସାରେ ୨୩ ତାରିଖ ପୂର୍ବରୁ ଏଠାରେ ପହଞ୍ଚୁଥିବା ସମସ୍ତ ଖେଳାଳି ଓ ଅଫିସିଆଲଙ୍କ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ ହେବ। ଏଠାକୁ ଯେଉଁମାନେ ଆସିବେ ସେମାନଙ୍କ ନିକଟରେ ୭୨ ଘଣ୍ଟା ଭିତରେ ହୋଇଥିବା ଆରଟିପିସିଆର ଟେଷ୍ଟର ନେଗେଟିଭ୍ ରିପୋର୍ଟ ରହିଥିବ। ଏହା ବ୍ୟତୀତ ସେମାନେ ସମ୍ପୂର୍ଣ୍ଣ ଟିକା ନେଇଥିବା ପ୍ରମାଣପତ୍ର ମଧ୍ୟ ଆଣିବେ। ନେଗେଟିଭ୍ ରିପୋର୍ଟ ଯେଉଁମାନଙ୍କ ନିକଟରେ ନ ଥିବ ସେମାନଙ୍କୁ ଭେନ୍ୟୁକୁ ଅଭ୍ୟାସ କିମ୍ବା ମ୍ୟାଚ ଖେଳିବାକୁ ଅନୁମତି ମିଳିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଖେଳାଳିଙ୍କୁ ଏ ସମ୍ପର୍କରେ ସୂଚାଇ ଦେବାକୁ କୁହାଯାଇଛି। ଅଫିସିଆଲ ହୋଟେଲରେ ରହୁ ନ ଥିବା ଖେଳାଳି ଓ ଅଫିସିଆଲଙ୍କର ନିୟମିତ ଟେଷ୍ଟିଂ ହେବ। ଏହି କାର୍ଯ୍ୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ, କ୍ୟାପିଟାଲ ହସ୍ପିଟାଲ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଏକ ଟିମ୍ ଉତ୍ସର୍ଗିକୃତଭାବେ ଉପଲବ୍ଧ ରହିବ। ଆଗାମୀ ବଡ଼ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭେନ୍ୟୁର ସାମାନ୍ୟ ଉନ୍ନତୀକରଣ କରାଯାଇଛି। ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିବାକୁ ଏବଂ ସେମାନେ ଯେପରି ସ୍ମରଣୀୟ ସ୍ମୃତି ନେଇ ଫେରିବେ ସେଥିପାଇଁ ସିଲ୍‌ଭର ସିଟି ପ୍ରସ୍ତୁତ। ଏହା ଉପରେ କଟକ ମ୍ୟୁନିସିପାଲ କର୍ପୋରେଶନ ଓ ଜିଲା ପ୍ରଶାସନର ତୀକ୍ଷ୍ଣ ନଜର ରହିଛି।

# ଗୁଜରାଟ ଜିଆଣ୍ଟ୍ସର ରୋମାଞ୍ଚକ ବିଜୟ

**ବେଙ୍ଗାଲୁରୁ, ୨୦ା୧ (ପି.ଟି.):** ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ତାମିଲ ଥଲାଇଭାସ ବିପକ୍ଷରେ ଗୁଜରାଟ ଜିଆଣ୍ଟ୍ସ ୩୭-୩୫ରେ ରୋମାଞ୍ଚକ ବିଜୟ ହାସଲ କରିଛି। କୋଚ୍ ମନପ୍ରୀତ ସିଂଙ୍କ ଦଳ ଏକଦା ୬ ପଏଣ୍ଟ ପଛୁଆ ରହିଥିଲା। ମାତ୍ର ମଲ୍‌ଟିପଲ ଟ୍ୟାକଲ ଏବଂ ଶେଷ ମୁହୂର୍ତ୍ତରେ ଏକ ଅଲଆଉଟ ସହାୟତାରେ ଗୁଜରାଟ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ଅଧିନାୟକ ସୁନିଲ କୁମାର ଏକ ହାଇ-୫ ସ୍କୋର କରିଥିବାବେଳେ ରେଡର ମହେନ୍ଦ୍ର ରାଜପୁତ୍ ୯ ପଏଣ୍ଟ ସ୍କୋର କରିଥିଲେ। ତନ୍ମଧ୍ୟରେ ଏକ ଅନ୍ତିମ ରେଡ୍ ଅନ୍ୟତମ ଥିଲା। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗଲ ୱାରିୟର୍ସ ୪୦-୩୯ରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ (୩୫ ପଏଣ୍ଟ) ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ପହଞ୍ଚିଛି। ମ୍ୟାଚରୁ ବେଙ୍ଗାଲୁରୁକୁ ମଧ୍ୟ ୧ପଏଣ୍ଟ ମିଳିଛି। ଦଳ (୪୦ ପଏଣ୍ଟ) ଏଥି ସହିତ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରୋ କବାଡ଼ି ଲିଗ୍‌ର ଏହି ୬୭ତମ ମ୍ୟାଚରେ ବେଙ୍ଗାଲୁରୁ ଦଳ ଏକଦା ଖୁବ୍ ଭଲ ସ୍ଥିତିରେ ଥିଲା। ମାତ୍ର ଏକ ରେଡ୍ ଦଳର ଭାଗ୍ୟଚକ୍ର ବଦଳାଇ ଦେଇଥିଲା। ଏହି ଐତିହାସିକ ରେଡରେ ୮ଜଣ ଖେଳାଳି ଆଉଟ ହୋଇଯାଇଥିଲେ। ଫଳରେ ମ୍ୟାଚ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ସପକ୍ଷକୁ ଚାଲି ଆସିଥିଲା।

# ସିନ୍ଧୁ, ପ୍ରଣୟ କ୍ୱାର୍ଟରଫାଇନାଲରେ

**ଲକ୍ଷ୍ନୌ, ୨୦ା୧ (ପି.ଟି.):** ଭାରତର ଦୁଇ ଖେଳାଳି ପି.ଭି. ସିନ୍ଧୁ ଏବଂ ଏଚ୍. ଏସ. ପ୍ରଣୟ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଓ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ସିନ୍ଧୁ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆମେରିକାର ଲରେନ ଲାମ୍‌ଙ୍କୁ ୨୧-୧୬, ୨୧-୧୩ରେ ହରାଇ ଦେଇଥିଲେ। ପ୍ରଣୟଙ୍କୁ କିନ୍ତୁ ନିଜ ଦେଶର ପ୍ରିୟାଂଶୁ ରାଜାୱତଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ୨୧-୧୧, ୧୬-୨୧ ଓ ୨୧-୧୮ରେ ବିଜୟ ହାସଲ କରିଥିଲେ। ପୂର୍ବତନ ଚାମ୍ପିୟନ ୨୬ ବର୍ଷୀୟା ସିନ୍ଧୁ କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ସୁପାନିଦା କାଟେଥଙ୍ଗ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପୂର୍ବତନ ଟପ୍ ଟେନ୍ ଖେଳାଳି ପ୍ରଣୟ କ୍ୱାର୍ଟରଫାଇନାଲରେ ଫ୍ରାନ୍ସର ଆର୍ନଡ ମର୍କେଲଙ୍କୁ ଭେଟିବେ। ମର୍କେଲ ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଭାରତର କାର୍ତ୍ତିକ ଗୁଲସନ କୁମାରଙ୍କୁ ହରାଇଥିଲେ।

# ଶ୍ୱେତପର୍ଣ୍ଣାଙ୍କ ସଫଳତା

**ଭୁବନେଶ୍ୱର, ୨୦ା୧(କ୍ରୀଡ଼ା ପ୍ରତିନିଧି)**

ଲକ୍ଷ୍ନୌଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି ଓଡ଼ିଆ ଝିଅ ଶ୍ୱେତପର୍ଣ୍ଣା ପଣ୍ଡା। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଏହି ସଫଳତା ପାଇଛନ୍ତି। ଭାରତର ବାଲ୍‌କେଶରୀ ଯାଦବଙ୍କୁ ସାଥିକରି ଶ୍ୱେତପର୍ଣ୍ଣା ମିକ୍ସଡ ଡବଲ୍ସ ଇଭେଣ୍ଟରୁ ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ଏକ ସିନିୟର ସୁପର ୩୦୦ ଇଭେଣ୍ଟରେ ଏପରି ସଫଳତା ଅର୍ଜନ କରି



ଶ୍ୱେତପର୍ଣ୍ଣା ପଣ୍ଡା

ସେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଶ୍ୱେତପର୍ଣ୍ଣା-ବାଲ୍‌କେଶରୀ ଶୁକ୍ରବାର କ୍ୱାର୍ଟର ଫାଇନାଲ ଖେଳିବେ।

# ଦ୍ୱିତୀୟ ରାଉଣ୍ଡରୁ ମୁରେ ବିଦା

**ମେଲବୋର୍ନ, ୨୦ା୧(ଏପି)**


ପୂର୍ବତନ ନମ୍ବରୱାନ ଖେଳାଳି ବ୍ରିଟେନର ଆଣ୍ଡି ମୁରେ ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସେ ୧୨୦ତମ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ତାରୋ ଡାନିଏଲଙ୍କଠାରୁ ୪-୬, ୪-୬, ୪-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଦ୍ୱିତୀୟ ସିଡ୍ ଡାନିଏଲ ମେଡଭେଡେଭ ୭-୬(୧), ୬-୪, ୪-୬, ୬-୨ ସେଟ୍‌ରେ ନିକ୍ କିର୍ଗୋସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପୁରୁଷ ସିଙ୍ଗଲ୍ସ ମ୍ୟାଚଗୁଡ଼ିକ ମଧ୍ୟରେ ଷ୍ଟିଭ୍ ଜନସନଙ୍କୁ ଜାନିକ ସିନେର, ରିଚାର୍ଡ ଗାସ୍କେଟଙ୍କୁ ବୋଟିକ୍ ଭାନ୍ ଡି ଜାଣ୍ଡସ୍କୁଲ୍ସ, ଗ୍ରିଗୋର ଡିମିଟ୍ରୋଭ୍‌ଙ୍କୁ ବେନୋଇଟ ପିଏରେ, ସେବାଷ୍ଟିଆନ ବାଏଜଙ୍କୁ ଷ୍ଟିଫାନୋସ ସିତ୍‌ସିପାସ, ଫିଲିପ୍ କୋଲଶ୍ରେବରଙ୍କୁ ରବର୍ଟୋ ବୌଟିଷ୍ଟା ଅଗୁଟ, ରିକାର୍ଡ ବେରାନ୍‌କିସ୍‌ଙ୍କୁ ଆନ୍ଦ୍ରେ ରୁବଲେଭ ଓ ନେର୍ବେର୍ଟ ଗୋମ୍ବସଙ୍କୁ ହରାଇ ମାରିନ ସିଲିକ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।


**ହାଲେପ, ସ୍ୱିଟେକ୍, କଲିନ୍ସ ଅଗ୍ରଣୀ**

ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସିମୋନା ହାଲେପ ୬-୨, ୬-୦ ସେଟ୍‌ରେ ବିଟ୍ରଜ୍ ହାଡାଡ ମାଇଆଙ୍କୁ ଏବଂ ଇଗା ସ୍ୱିଟେକ ୬-୨, ୬-୨ରେ ରିବିକା ପିଟରସନ ଓ ଡାନିଏଲି କଲିନ୍ସ ୬-୪, ୬-୩ରେ ଆନା କୋନ୍‌ଜୁଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇମା ରାଡୁକାନୁଙ୍କ ଅଭିଯାନ କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇ ଯାଇଛି। ତାଙ୍କୁ ଡାନ୍‌କା କୋଭିନିକ୍ ହରାଇ ବିଦାୟ ପଥ ଦେଖାଇଛନ୍ତି। ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ନାମୀ ମହିଳା ଖେଳାଳିମାନେ ହେଲେ କାଇଆ କାନେପି, ଝାଙ୍ଗ ସୁଆଇ, ଟାମାରା ଜିଡାନସେକ୍ ଓ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା।

# ରବିନୋଙ୍କୁ ୯ ବର୍ଷ ଜେଲଦଣ୍ଡ କାଏମ

**ମିଲାନ, ୨୦ା୧ (ଏପି):** ଜଣେ ମହିଳାକୁ ବଳାତ୍କାର ଅଭିଯୋଗରେ ବ୍ରାଜିଲର ପୂର୍ବତନ ଫରୱାର୍ଡ ରବିନୋଙ୍କୁ ହୋଇଥିବା ୯ ବର୍ଷ ଜେଲଦଣ୍ଡକୁ ଇଟାଲୀର ସର୍ବୋଚ୍ଚ ନ୍ୟାୟାଳୟ କାଏମ ରଖିଛନ୍ତି। କୌଣସି ନାଗରିକ ଅନ୍ୟ ଦେଶରେ ଦଣ୍ଡିତ ହୋଇଥିଲେ ବ୍ରାଜିଲ ତାଙ୍କୁ ପ୍ରତ୍ୟର୍ପଣ କରି ନ ଥାଏ। ହେଲେ ରବିନୋ ଯଦି ବିଦେଶ ଭ୍ରମଣରେ ଯାହାନ୍ତି ସେ ଗିରଫ ହେବାର ଆଶଙ୍କା ରହିଛି। କାରଣ ଯୁକ୍ତରାଷ୍ଟ୍ର ଆମେରିକା, ଆର୍ଜେଣ୍ଟିନା ଏବଂ ୟୁରୋପିଆନ ୟୁନିୟନ ସମେତ ପାଖାପାଖି ୭୦ଟି ଦେଶ ସହ ଇଟାଲୀ ଏକ ଚୁକ୍ତି କରିଛି। ଦେଶର ରବିନୋଙ୍କୁ ଗିରଫ କରିବା ଲାଗି ଇଣ୍ଟରନ୍ୟାଶନାଲ ୱାରେଣ୍ଟ ଜାରି କରିପାରେ। ଚାରିବର୍ଷ ପୂର୍ବେ ଏସି ମିଲାନ ପାଇଁ ଖେଳୁଥିବା ବେଳେ ଏକ ସମୂହ ଯୌନ ଉତ୍ପୀଡ଼ନ ଘଟଣାରେ ରବିନୋଙ୍କୁ ୨୦୧୭ରେ ଜେଲ ହୋଇଥିଲା। ଏଥିରେ ସାମିଲ ଥିବା ରିକାର୍ଡୋ ଫାଲ୍‌କୋଙ୍କୁ ୯ବର୍ଷ ଜେଲ ହୋଇଛି। କିନ୍ତୁ ଏଥି ସହିତ ସମ୍ପୃକ୍ତ ଅନ୍ୟ ୪ଜଣ ବ୍ୟକ୍ତିଙ୍କୁ ଇଟାଲୀ ପୋଲିସ ଖୋଜି ପାଉନାହିଁ। ରବିନୋ କିନ୍ତୁ ନିଜକୁ ନିର୍ଦ୍ଦୋଶ ବୋଲି କହି ଆସୁଛନ୍ତି। ରବିନୋ ରିୟଲ ମାଡ୍ରିଡ, ମାଞ୍ଚେଷ୍ଟର ସିଟି ଓ ମିଲାନ ତରଫରୁ ଖେଳିବା ପୂର୍ବରୁ ସାଣ୍ଟସରେ କ୍ୟାରିୟର ଆରମ୍ଭ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଗୁଜରାଟ ଜିଆଣ୍ଟ୍ସ ଓ ତାମିଲ ଥାଲାଇଭାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଗୁଜରାଟ ଜିଆଣ୍ଟ୍ସର ରୋମାଞ୍ଚକ ବିଜୟ

**ବେଙ୍ଗାଲୁରୁ, ୨୦।୧ (ପି.ଟି.):** ପ୍ରୋ କବାଡ଼ି ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚରେ ତାମିଲ ଥଲାଇଭାସ ବିପକ୍ଷରେ ଗୁଜରାଟ ଜିଆଣ୍ଟ୍ସ ୩୭-୩୫ରେ ରୋମାଞ୍ଚକ ବିଜୟ ହାସଲ କରିଛି। କୋଚ୍ ମନପ୍ରୀତ ସିଂଙ୍କ ଦଳ ଏକଦା ୬ ପଏଣ୍ଟ ପଛୁଆ ରହିଥିଲା। ମାତ୍ର ମଲ୍‌ଟିପଲ ଟ୍ୟାକଲ ଏବଂ ଶେଷ ମୁହୂର୍ତ୍ତରେ ଏକ ଅଲଆଉଟ ସହାୟତାରେ ଗୁଜରାଟ ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା। ଦଳର ଅଧିନାୟକ ସୁନିଲ କୁମାର ଏକ ହାଇ-୫ ସ୍କୋର କରିଥିବାବେଳେ ରେଡର ମହେନ୍ଦ୍ର ରାଜପୁତ୍ ୯ ପଏଣ୍ଟ ସ୍କୋର କରିଥିଲେ। ତନ୍ମଧ୍ୟରେ ଏକ ଅନ୍ତିମ ରେଡ୍ ଅନ୍ୟତମ ଥିଲା। ଗୁରୁବାର ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗଲ ୱାରିୟର୍ସ ୪୦-୩୯ରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ (୩୫ ପଏଣ୍ଟ) ପଏଣ୍ଟ ଟେବୁଲର ଚତୁର୍ଥ ସ୍ଥାନରେ ପହଞ୍ଚିଛି। ମ୍ୟାଚରୁ ବେଙ୍ଗାଲୁରୁକୁ ମଧ୍ୟ ୧ପଏଣ୍ଟ ମିଳିଛି। ଦଳ (୪୦ ପଏଣ୍ଟ) ଏଥି ସହିତ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ପ୍ରୋ କବାଡ଼ି ଲିଗ୍‌ର ଏହି ୬୭ତମ ମ୍ୟାଚରେ ବେଙ୍ଗାଲୁରୁ ଦଳ ଏକଦା ଖୁବ୍ ଭଲ ସ୍ଥିତିରେ ଥିଲା। ମାତ୍ର ଏକ ରେଡ୍ ଦଳର ଭାଗ୍ୟଚକ୍ର ବଦଳାଇ ଦେଇଥିଲା। ଏହି ଐତିହାସିକ ରେଡ଼ରେ ୮ଜଣ ଖେଳାଳି ଆଉଟ ହୋଇଯାଇଥିଲେ। ଫଳରେ ମ୍ୟାଚ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସ ସପକ୍ଷକୁ ଚାଲି ଆସିଥିଲା।

# ସିନ୍ଧୁ, ପ୍ରଣୟ କ୍ୱାର୍ଟରଫାଇନାଲରେ

**ଲକ୍ଷ୍ନୌ, ୨୦।୧ (ପି.ଟି.):** ଭାରତର ଦୁଇ ଖେଳାଳି ପି.ଭି. ସିନ୍ଧୁ ଏବଂ ଏଚ୍. ଏସ. ପ୍ରଣୟ ଏଠାରେ ଚାଲିଥିବା ସୟଦ ମୋଦି ଇଣ୍ଟରନ୍ୟାଶନାଲ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ଓ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ସିନ୍ଧୁ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଆମେରିକାର ଲରେନ ଲାମ୍‌ଙ୍କୁ ୨୧-୧୬, ୨୧-୧୩ରେ ହରାଇ ଦେଇଥିଲେ। ପ୍ରଣୟଙ୍କୁ କିନ୍ତୁ ନିଜ ଦେଶର ପ୍ରିୟାଂଶୁ ରାଜାୱତଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେ ୨୧-୧୧, ୧୬-୨୧ ଓ ୨୧-୧୮ରେ ବିଜୟ ହାସଲ କରିଥିଲେ। ପୂର୍ବତନ ଚାମ୍ପିୟନ ୨୬ ବର୍ଷୀୟା ସିନ୍ଧୁ କ୍ୱାର୍ଟରଫାଇନାଲରେ ୬ଷ୍ଠ ସିଡ୍ ଥାଇଲାଣ୍ଡର ସୁପାନିଦା କାଟେଥଙ୍ଗ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ପୂର୍ବତନ ଟପ୍ ଟେନ୍ ଖେଳାଳି ପ୍ରଣୟ କ୍ୱାର୍ଟରଫାଇନାଲରେ ଫ୍ରାନ୍ସର ଆର୍ନଡ ମର୍କେଲଙ୍କୁ ଭେଟିବେ। ମର୍କେଲ ଅନ୍ୟ ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଭାରତର କାର୍ତ୍ତିକ ଗୁଲସନ କୁମାରଙ୍କୁ ହରାଇଥିଲେ।

# ଶ୍ୱେତପର୍ଣ୍ଣାଙ୍କ ସଫଳତା

**ଭୁବନେଶ୍ୱର, ୨୦।୧(କ୍ରୀଡ଼ା ପ୍ରତିନିଧି)**

ଲକ୍ଷ୍ନୌଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍ ସୁପର ୩୦୦ ସୟଦ ମୋଦି ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛନ୍ତି ଓଡ଼ିଆ ଝିଅ ଶ୍ୱେତପର୍ଣ୍ଣା ପଣ୍ଡା। ଓଡ଼ିଶାର ପ୍ରଥମ ଖେଳାଳି ଭାବେ ସେ ଏହି ସଫଳତା ପାଇଛନ୍ତି। ଭାରତର ବାଲ୍‌କେଶରୀ ଯାଦବଙ୍କୁ ସାଥିକରି ଶ୍ୱେତପର୍ଣ୍ଣା ମିକ୍ସଡ ଡବଲ୍ସ ଇଭେଣ୍ଟରୁ ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ମାତ୍ର ୧୬ ବର୍ଷ ବୟସରେ ଏକ ସିନିୟର ସୁପର ୩୦୦ ଇଭେଣ୍ଟରେ ଏପରି ସଫଳତା ଅର୍ଜନ କରି



ଶ୍ୱେତପର୍ଣ୍ଣା ପଣ୍ଡା

ସେ ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ଶ୍ୱେତପର୍ଣ୍ଣା-ବାଲ୍‌କେଶରୀ ଶୁକ୍ରବାର କ୍ୱାର୍ଟର ଫାଇନାଲ ଖେଳିବେ।

# ସୁସ୍ଥ, ସୁରକ୍ଷିତ ପରିବେଶ ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୦।୧ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ଓପନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଚଳିତ ମାସ ୨୫ରୁ ୩୦ ପର୍ଯ୍ୟନ୍ତ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରତିଯୋଗିତା ଆରମ୍ଭ ହେବାକୁ ଆଉ ୫ ଦିନ ସମୟ ଥିବାରୁ ଓଡ଼ିଶା ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛନ୍ତି। ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ସୁପର ୧୦୦ ଟୁର୍ନାମେଣ୍ଟରେ ୧୮ଟି ଦେଶର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ପ୍ରତିଯୋଗିତା ଆୟୋଜନ ପାଇଁ ସୁସ୍ଥ ଏବଂ ସୁରକ୍ଷିତ ପରିବେଶ ଉପରେ ଗୁରୁତ୍ୱ ଦିଆଯାଇଛି। ତେଣୁ ଏହାକୁ ବିନା ଦର୍ଶକରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଟୁର୍ନାମେଣ୍ଟ ଅବସରରେ କୋଭିଡ୍ ଗାଇଡ୍‌ଲାଇନ୍ ଏବଂ ନିୟମ ପାଳନ କରାଯିବ। ''ବିଡବ୍ଲ୍ୟୁଏଫ୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟରେ ପ୍ରଥମଥର ପାଇଁ ଏପରି ଏକ ସମ୍ମାନଜନକ ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପ୍ରତିଯୋଗିତା ଯେପରି ବିଡବ୍ଲ୍ୟୁଏଫ୍ ଷ୍ଟାଣ୍ଡାର୍ଡର ହେବ ସେଥିପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଏବଂ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ମିଳିତଭାବେ କାର୍ଯ୍ୟ କରୁଛନ୍ତି। ପ୍ରତିଯୋଗିତାକୁ ସଫଳ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରାଇବାକୁ ପ୍ରାଥମିକତା ଦିଆଯିବ। ଏଥିପାଇଁ କୋଭିଡ ପ୍ରୋଟୋକଲ ଜାରି କରାଯାଇଛି। ସବୁ ଖେଳାଳି ଓ ଅଫିସିଆଲ ଯେପରି ଓଡ଼ିଶାରେ ଟୁର୍ନାମେଣ୍ଟକୁ ମନଭରି ଉପଭୋଗ କରିପାରିବେ ସେ ଦିଗରେ କାର୍ଯ୍ୟ କରାଯାଉଛି'' ବୋଲି କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରକାଶ କରିଛନ୍ତି। ଆଗାମୀ ଟୁର୍ନାମେଣ୍ଟ ପାଇଁ ସମସ୍ତଙ୍କୁ ଶୁଭକାମନା ଜଣାଇଛନ୍ତି କ୍ରୀଡ଼ାମନ୍ତ୍ରୀ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ବ୍ୟାଡ୍‌ମିଣ୍ଟନ ତାହା ମଧ୍ୟରୁ ଅନ୍ୟତମ। ଓଡ଼ିଶା ଓପନର ପ୍ରଥମ ସଂସ୍କରଣ ଆୟୋଜନ ଦ୍ୱାରା ଅଧିକ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ଇକୋ ସିଷ୍ଟମ ମଧ୍ୟକୁ ଆଣିବା ଏହି କ୍ରୀଡ଼ାର ବିକାଶ ମୂଳ ଉଦ୍ଦେଶ୍ୟ। ଖୁବ୍‌ଶୀଘ୍ର ଆମ ବ୍ୟାଡ୍‌ମିଣ୍ଟନ ହାଇ ପରଫରମାନ୍ସ ସେଣ୍ଟର ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଯିବ ବୋଲି ସେ କହିଛନ୍ତି। ଓଡ଼ିଶା ସରକାର ଓ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ ପକ୍ଷରୁ ଜାରି କରାଯାଇଥିବା ପ୍ରୋଟୋକଲ ଅନୁସାରେ ୨୩ ତାରିଖ ପୂର୍ବରୁ ଏଠାରେ ପହଞ୍ଚୁଥିବା ସମସ୍ତ ଖେଳାଳି ଓ ଅଫିସିଆଲଙ୍କ ଆରଟିପିସିଆର ଟେଷ୍ଟ ବାଧ୍ୟତାମୂଳକ ହେବ। ଏଠାକୁ ଯେଉଁମାନେ ଆସିବେ ସେମାନଙ୍କ ନିକଟରେ ୭୨ ଘଣ୍ଟା ଭିତରେ ହୋଇଥିବା ଆରଟିପିସିଆର ଟେଷ୍ଟର ନେଗେଟିଭ୍ ରିପୋର୍ଟ ରହିଥିବ। ଏହା ବ୍ୟତୀତ ସେମାନେ ସମ୍ପୂର୍ଣ୍ଣ ଟିକା ନେଇଥିବା ପ୍ରମାଣପତ୍ର ମଧ୍ୟ ଆଣିବେ। ନେଗେଟିଭ୍ ରିପୋର୍ଟ ଯେଉଁମାନଙ୍କ ନିକଟରେ ନ ଥିବ ସେମାନଙ୍କୁ ଭେନ୍ୟୁକୁ ଅଭ୍ୟାସ କିମ୍ବା ମ୍ୟାଚ ଖେଳିବାକୁ ଅନୁମତି ମିଳିବ ନାହିଁ। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ଖେଳାଳିଙ୍କୁ ଏ ସମ୍ପର୍କରେ ସୂଚାଇ ଦେବାକୁ କୁହାଯାଇଛି। ଅଫିସିଆଲ ହୋଟେଲରେ ରହୁ ନ ଥିବା ଖେଳାଳି ଓ ଅଫିସିଆଲଙ୍କର ନିୟମିତ ଟେଷ୍ଟିଂ ହେବ। ଏହି କାର୍ଯ୍ୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ, କ୍ୟାପିଟାଲ ହସ୍ପିଟାଲ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଏକ ଟିମ୍ ଉତ୍ସର୍ଗିକୃତଭାବେ ଉପଲବ୍ଧ ରହିବ। ଆଗାମୀ ବଡ଼ ଟୁର୍ନାମେଣ୍ଟକୁ ଦୃଷ୍ଟିରେ ରଖି ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭେନ୍ୟୁର ସାମାନ୍ୟ ଉନ୍ନତୀକରଣ କରାଯାଇଛି। ଖେଳାଳି ଓ ଅଫିସିଆଲଙ୍କୁ ସ୍ୱାଗତ କରିବାକୁ ଏବଂ ସେମାନେ ଯେପରି ସ୍ମରଣୀୟ ସ୍ମୃତି ନେଇ ଫେରିବେ ସେଥିପାଇଁ ସିଲ୍‌ଭର ସିଟି ପ୍ରସ୍ତୁତ। ଏହା ଉପରେ କଟକ ମ୍ୟୁନିସିପାଲ କର୍ପୋରେଶନ ଓ ଜିଲା ପ୍ରଶାସନର ତୀକ୍ଷ୍ଣ ନଜର ରହିଛି।



## ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ୨୫ରୁ

# ଦ୍ୱିତୀୟ ରାଉଣ୍ଡରୁ ମୁରେ ବିଦା

**ମେଲବୋର୍ନ, ୨୦।୧(ଏପି)**


ପୂର୍ବତନ ନମ୍ବରୱାନ ଖେଳାଳି ବ୍ରିଟେନର ଆଣ୍ଡି ମୁରେ ଚଳିତ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ସେ ୧୨୦ତମ ର୍‍ୟାଙ୍କ୍‌ପ୍ରାପ୍ତ ଖେଳାଳି ତାରୋ ଡାନିଏଲଙ୍କଠାରୁ ୪-୬, ୪-୬, ୪-୬ ସେଟ୍‌ରେ ପରାସ୍ତ ହୋଇଛନ୍ତି। ଦ୍ୱିତୀୟ ସିଡ୍ ଡାନିଏଲ ମେଡଭେଡେଭ ୭-୬(୧), ୬-୪, ୪-୬, ୬-୨ ସେଟ୍‌ରେ ନିକ୍ କିର୍ଗୋସଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପୁରୁଷ ସିଙ୍ଗଲ୍ସ ମ୍ୟାଚଗୁଡ଼ିକ ମଧ୍ୟରେ ଷ୍ଟିଭ୍ ଜନସନଙ୍କୁ ଜାନିକ ସିନେର, ରିଚାର୍ଡ ଗାସ୍କେଟଙ୍କୁ ବୋଟିକ୍ ଭାନ୍ ଡି ଜାଣ୍ଡ୍‌ସୁଲ୍ପ, ଗ୍ରିଗୋର ଡିମିଟ୍ରୋଭ୍‌ଙ୍କୁ ବେନୋଇଟ ପିଏରେ, ସେବାଷ୍ଟିଆନ ବାଏଜଙ୍କୁ ଷ୍ଟିଫାନୋସ ସିତ୍‌ସିପାସ, ଫିଲିପ୍ କୋଲଶ୍ରେବରଙ୍କୁ ରବର୍ଟୋ ବୌଟିଷ୍ଟା ଅଗୁଟ, ରିକାର୍ଡ ବେରାନ୍‌କିସ୍‌ଙ୍କୁ ଆନ୍ଦ୍ରେ ରୁବଲେଭ ଓ ନେର୍ବେର୍ଟ ଗୋମ୍ବସଙ୍କୁ ହରାଇ ମାରିନ ସିଲିକ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

**ହାଲେପ, ସ୍ୱିଟେକ୍, କଲିନ୍ସ ଅଗ୍ରଣୀ**

ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ସିମୋନା ହାଲେପ ୬-୨, ୬-୦ ସେଟ୍‌ରେ ବିଟ୍ରିଜ୍ ହାଡାଡ ମାଇଆଙ୍କୁ ଏବଂ ଇଗା ସ୍ୱିଟେକ ୬-୨, ୬-୨ରେ ରିବିକା ପିଟରସନ ଓ ଡାନିଏଲି କଲିନ୍ସ ୬-୪, ୬-୩ରେ ଆନା କୋନ୍‌ଝୁଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଇମା ରାଡୁକାନୁଙ୍କ ଅଭିଯାନ କିନ୍ତୁ ଦ୍ୱିତୀୟ ରାଉଣ୍ଡରେ ଶେଷ ହୋଇ ଯାଇଛି। ତାଙ୍କୁ ଡାନ୍‌କା କୋଭିନିକ୍ ହରାଇ ବିଦାୟ ପଥ ଦେଖାଇଛନ୍ତି। ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ନାମୀ ମହିଳା ଖେଳାଳିମାନେ ହେଲେ କାଇଆ କାନେପି, ଝାଙ୍ଗ ସୁଆଇ, ଟାମାରା ଜିଡାନସେକ୍ ଓ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା।

# ରବିନୋଙ୍କୁ ୯ ବର୍ଷ ଜେଲଦଣ୍ଡ କାଏମ

**ମିଲାନ, ୨୦।୧ (ଏପି):** ଜଣେ ମହିଳାକୁ ବଳାତ୍କାର ଅଭିଯୋଗରେ ବ୍ରାଜିଲର ପୂର୍ବତନ ଫରୱାର୍ଡ ରବିନୋଙ୍କୁ ହୋଇଥିବା ୯ ବର୍ଷ ଜେଲଦଣ୍ଡକୁ ଇଟାଲୀର ସର୍ବୋଚ୍ଚ ନ୍ୟାୟାଳୟ କାଏମ ରଖିଛନ୍ତି। କୌଣସି ନାଗରିକ ଅନ୍ୟ ଦେଶରେ ଦଣ୍ଡିତ ହୋଇଥିଲେ ବ୍ରାଜିଲ ତାଙ୍କୁ ପ୍ରତ୍ୟର୍ପଣ କରି ନ ଥାଏ। ହେଲେ ରବିନୋ ଯଦି ବିଦେଶ ଭ୍ରମଣରେ ଯାହାନ୍ତି ସେ ଗିରଫ ହେବାର ଆଶଙ୍କା ରହିଛି। କାରଣ ଯୁକ୍ତରାଷ୍ଟ୍ର ଆମେରିକା, ଆର୍ଜେଣ୍ଟିନା ଏବଂ ୟୁରୋପିଆନ ୟୁନିୟନ ସମେତ ପାଖାପାଖି ୭୦ଟି ଦେଶ ସହ ଇଟାଲୀ ଏକ ଚୁକ୍ତି କରିଛି। ଦେଶର ରବିନୋଙ୍କୁ ଗିରଫ କରିବା ଲାଗି ଇଣ୍ଟରନ୍ୟାଶନାଲ ୱାରେଣ୍ଟ ଜାରି କରିପାରେ। ଚାରିବର୍ଷ ପୂର୍ବେ ଏସି ମିଲାନ ପାଇଁ ଖେଳୁଥିବା ବେଳେ ଏକ ସମୂହ ଯୌନ ଉତ୍ପୀଡ଼ନ ଘଟଣାରେ ରବିନୋଙ୍କୁ ୨୦୧୭ରେ ଜେଲ ହୋଇଥିଲା। ଏଥିରେ ସାମିଲ ଥିବା ରିକାର୍ଡୋ ଫାଲ୍‌କୋଙ୍କୁ ୯ବର୍ଷ ଜେଲ ହୋଇଛି। କିନ୍ତୁ ଏଥି ସହିତ ସମ୍ପୃକ୍ତ ଅନ୍ୟ ୪ଜଣ ବ୍ୟକ୍ତିଙ୍କୁ ଇଟାଲୀ ପୋଲିସ ଖୋଜି ପାଉନାହିଁ। ରବିନୋ କିନ୍ତୁ ନିଜକୁ ନିର୍ଦ୍ଦୋଶ ବୋଲି କହି ଆସୁଛନ୍ତି। ରବିନୋ ରିୟଲ ମାଡ୍ରିଡ, ମାଞ୍ଚେଷ୍ଟର ସିଟି ଓ ମିଲାନ ତରଫରୁ ଖେଳିବା ପୂର୍ବରୁ ସାଣ୍ଟସରେ କ୍ୟାରିୟର ଆରମ୍ଭ କରିଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ୨ବଖରା ଜଳିଗଲା

ଚୌଦ୍ୱାର,୨୦।୧(ଡି.ଏନ୍.ଏ.): ଚୌଦ୍ୱାର ନିକଟବର୍ତ୍ତୀ ବିଲଟେଣ୍ଟୁଆଁ ନୂଆସାହିରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପଦନ ଜେନାଙ୍କ ୨ ବଖରା ଜଳିଯାଇଛି। ଏଥିରେ ସମସ୍ତ ଆସବାବପତ୍ର ଯୋଗିଁ ନଷ୍ଟ ହୋଇଯାଇଛି। ପରିବାର ଲୋକେ ଘରେ ଶୋଇଥିଲାବେଳେ ହଠାତ୍ ନିଆଁ ଲାଗିବା ଦେଖି ବାହାରକୁ ଚାଲି ଆସିଥିଲେ। ଖବରପାଇ ଚୌଦ୍ୱାର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ଥିବାବେଳେ ସ୍ଥାନୀୟ ଆର୍‌ଆଇ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି।

### ଧାନମଣ୍ଡି ଉଦ୍‌ଘାଟିତ



ତିଗିରିଆ,୨୦।୧(ଡି.ଏନ୍.ଏ.): ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ସେବାସମବାୟ ସମିତିରେ ଗୁରୁବାର ଚାଷୀଙ୍କଠାରୁ ଧାନ କ୍ରୟ ଆରମ୍ଭ ହୋଇଛି। କରୋନା କଟକଣା ଅନୁସାରେ ସମିତି ସମ୍ପାଦକ ଚନ୍ଦନ ଜେନା, ଚାଷୀ ମୋହନ ନାୟକ, ଶ୍ରୀନିବାସ ପାତ୍ର ଓ ସୁବାସ ନାୟକଙ୍କ ଉପସ୍ଥିତିରେ ମଣ୍ଡି ଆରମ୍ଭ କରାଯାଇଥିଲା। ପ୍ରଥମ ଦିନରେ ୨୭ଜଣ ଚାଷୀଙ୍କଠାରୁ ୯୪୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ମଣ୍ଡି ଖୋଲିବା ଯୋଗୁ ନୂଆପାଟଣା, ଜେମାଦେଇପୁର ଓ ଭୋଗଡା ପଞ୍ଚାୟତର ଚାଷୀମାନେ ଉପକୃତ ହେବେ।

### 'ଭୋଟରଙ୍କ ନିକଟତର ହୁଅ'

**କଂଗ୍ରେସ କର୍ମୀ ସମ୍ମିଳନୀ**

କଟକ ଅଫିସ,୨୦।୧: ପୌର ନିର୍ବାଚନ ପାଖେଇ ଆସୁଛି। ଏଣୁ ୱାର୍ଡ ଓ ବୁଥ ସ୍ତରରେ କମିଟି ଗଠନ କରି ଭୋଟରଙ୍କ ନିକଟତର ହୁଅ। ଲୋକଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ନିଜକୁ ସାମିଲ କରିବାକୁ ବିଧାୟକ ମହମ୍ମଦ ମୋକିମ କହିଛନ୍ତି। କଟକ ଶେଲଟର ଛକସ୍ଥିତ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟରେ କଟକ ନଗର ୮ ନଂ. ୱାର୍ଡ କଂଗ୍ରେସ କମିଟିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ମୋକିମ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ନିର୍ବାଚନ ଉଦ୍ଦେଶ୍ୟରେ ଏହା କହିଥିଲେ। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ପୌର ନିର୍ବାଚନ ପରିପ୍ରେକ୍ଷୀରେ ବୈଠକର ଗୁରୁତ୍ୱ ସମ୍ପର୍କରେ କହିଥିଲେ। କମିଟି ସଭାପତି ରଣଜିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଦଳୀୟ ନେତା ଅଜିତ ବେହେରା, ତୃପ୍ତି ଦାସ, ରାଜେନ୍ଦ୍ର ପଟ୍ଟନାୟକ, ରାଜେନ୍ଦ୍ର ପଣ୍ଡା, ଏସ.କେ. ରଥ, ରବୀନ୍ଦ୍ର ବେହେରା, ଲିଟୁ ବେହେରା, ନେତ୍ରମଣି ସାହୁ, ଖଇରିଆ ନାୟକ, ସିଲି ସାହୁ, ମଳୟ ନାୟକ, ବ୍ରହ୍ମାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### 'ସ୍କୁଲ ମାଷ୍ଟର' ଜରିଆରେ ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୦।୧(ବ୍ୟୁରୋ): ମିହିର ଦାସଙ୍କ ଅଭିନୀତ ପ୍ରଥମ ସଫଳ ବ୍ୟାବସାୟିକ ଚଳଚ୍ଚିତ୍ର ହେଉଛି 'ସ୍କୁଲ ମାଷ୍ଟର'। ଏଥିରେ ତାଙ୍କ ଅଭିନୟର ଚମତ୍କାରିତା ଦର୍ଶକଙ୍କୁ ଅଭିଭୂତ କରିଥିଲା। ଏହି ଦିବଂଗତ ଅଭିନେତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଓଟିଟି ପ୍ଲାଟ୍‌ଫର୍ମ ଆଓ ନେକ୍ସଟ୍‌ରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିଛି। ଜଣେ ସରଳ, ସଚ୍ଚୋଟ ଓ ଆଦର୍ଶ ସ୍କୁଲ ଶିକ୍ଷକ ଭାବେ ଗୋବିନ୍ଦ ତେଜ ଅଭିନୟ କରିଥିଲେ। ତାଙ୍କ ଧର୍ମପତ୍ନୀଙ୍କ ଭୂମିକାରେ ଥିଲେ ସୁଜାତା ଆନନ୍ଦ। ବଡ଼ପୁଅ କବି ଭୂମିକାରେ ଉତ୍ତମ ମହାନ୍ତି ଥିବାବେଳେ ସାନପୁଅ ଗୋପୀ ଭୂମିକାରେ ମିହିର ଦାସ ଅଭିନୟ କରିଛନ୍ତି। ଦୁଇପୁଅଙ୍କୁ ଉଚ୍ଚଶିକ୍ଷିତ କରିବା ଲାଗି ଉଭୟେ ମା' ବାପା ବେଶ ପରିଶ୍ରମ ଓ ସଂଘର୍ଷ କରନ୍ତି। ଏପରିକି ଘର ମଧ ବନ୍ଧା ପକେଇଦିଅନ୍ତି। କବି ଜଣେ ଗାୟକ ହେବାର ସ୍ୱପ୍ନ ଦେଖୁଥାଏ ଓ ଗୋପୀ ଓଏଏସ ପାଇବା ପାଇଁ ଚେଷ୍ଟା ଜାରି ରଖିଥାନ୍ତି। କାହାଣୀଟି ଭିନ୍ନ ମୋଡ ନିଏ ଯେତେବେଳେ ମା'ବାପା ପିଲା ଦୁହିଙ୍କୁ ଋଣ ପରିଶୋଧ କରି ଘରକୁ ମୁକୁଳାଇବାକୁ କୁହନ୍ତି। ଦୁଇପୁଅ ସେମାନଙ୍କ ପାଖରେ ଟଙ୍କା ନାହିଁ ବୋଲି ସଫା ସଫା ମନା କରିଦିଅନ୍ତି। ଶେଷରେ ଘର ଛାଡିବାକୁ ହୁଏ। ଘରଛାଡି ମା' କବି ପାଖକୁ ଓ ବାପା ଗୋପୀ ପାଖକୁ ଚାଲିଯାଆନ୍ତି। ମାତ୍ର ସେଠାରେ ବି ତାଙ୍କୁ ନିସ୍ତାର ମିଳେ ନାହିଁ। ଏହିଭଳି ଏକ ମର୍ମସ୍ପର୍ଶୀ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମିତ ହୋଇଛି। ଗୋବିନ୍ଦ ତେଜ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ସଙ୍ଗୀତ ଦେଇଛନ୍ତି ପ୍ରଫୁଲ୍ଲ କର। ଆଓ ନେକ୍ସଟରେ ଏଭଳି ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଦିବଂଗତ ମିହିରଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବ ବୋଲି ମତ ପ୍ରକାଶ ପାଇଛି।

# ଧିମେଇଛି ଡୋର୍ ନମ୍ବରିଂ କାର୍ଯ୍ୟ

**କଟକ ମହାନଗର ନିଗମ**

**■ ଏପର୍ଯ୍ୟନ୍ତ ୨୫ ୱାର୍ଡରେ କାର୍ଯ୍ୟ ସରିଛି**




କଟକ ଅଫିସ, ୨୦।୧

ଘର ଓ ଦୋକାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସହରରେ ଡିଜିଟାଲ ଡୋର ନମ୍ବରିଂ ବ୍ୟବସ୍ଥା ଗତ ସେପ୍ଟେମ୍ବରରୁ ଆରମ୍ଭ ହୋଇଛି। ଜାନୁୟାରୀ ଶେଷ ସୁଦ୍ଧା ସମସ୍ତ ୱାର୍ଡରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ସିଏମ୍‌ସି ଉଦ୍ୟମ କରିଥିଲା। ହେଲେ ଏହି କାର୍ଯ୍ୟ ଧିମେଇ ଯାଇଛି। ଏପର୍ଯ୍ୟନ୍ତ ମାତ୍ର ୨୫ଟି ୱାର୍ଡରେ ଏହି କାର୍ଯ୍ୟ ସରିଛି। ତେବେ କାର୍ଯ୍ୟ କେବେ ଶେଷ ହେବ ତାହାକୁ ନେଇ ୱାର୍ଡବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟ ପାଇଁ ସିଏମ୍‌ସି ପକ୍ଷରୁ ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ସଂସ୍ଥାର କର୍ମଚାରୀମାନେ ସହରର ଘରକୁ ଘର ବୁଲିକେ। କେଉଁ ଘରର ମାଲିକ କିଏ, ସେଠାରେ କେତେଜଣ ସଦସ୍ୟ ରହୁଛନ୍ତି, ଘରର ସମ୍ପୂର୍ଣ୍ଣ ଠିକଣା ଆଦି ସଂଗ୍ରହ କରି ସିଏମ୍‌ସି କାର୍ଯ୍ୟାଳୟରେ ଦାଖଲ କରିବେ। ଏହାପରେ ସିଏମ୍‌ସି ୱାର୍ଡ ଅଫିସର ଓ ଟ୍ୟାକ୍ସ କଲେକ୍ଟରମାନଙ୍କ ଦ୍ୱାରା ଏହାର ପୁନର୍ବାର ତଦନ୍ତ କରାଯାଇ ପ୍ରତି ଘର ଓ ପଞ୍ଜିକୃତ ଦୋକାନକୁ ୧୩ ଟିକିଆ ଡିଜିଟାଲ ନମ୍ବର ଦିଆଯିବ । ଏହି ନମ୍ବର ଘର ଆଗରେ ଲଗାଯିବ। ଫଳରେ ଘର ଖୋଜିବାରେ ଆଉ ଅସୁବିଧା ହେବନାହିଁ। ଏଥିସହିତ ଟିକସ ଦେଉ ନ ଥିବା ଘର ମାଲିକ ଏବଂ ଦୋକାନୀ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଥିଲା। ତେବେ ଏହି କାର୍ଯ୍ୟର ମନ୍ଥରତାକୁ ନେଇ ଅସନ୍ତୋଷ ଦେଖାଦେଉଛି। ଏ ସମ୍ପର୍କରେ ସିଏମ୍‌ସି ଡେପୁଟି କମିଶନର ଅଜୟ ମହାନ୍ତି କହିଛନ୍ତି, ଜାନୁୟାରୀ ସୁଦ୍ଧା ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ଯୋଜନା ଥିଲା। ହେଲେ ବର୍ଷା, ବାତ୍ୟା, କୋଭିଡ୍ କାରଣରୁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆସନ୍ତା ମାର୍ଚ୍ଚ କିମ୍ବା ଏପ୍ରିଲ ସୁଦ୍ଧା କାର୍ଯ୍ୟ ଶେଷ ହେବ ବୋଲି ସେ କହିଛନ୍ତି।

# ଧାନ ଖାଇଲେ, ନଷ୍ଟ କଲେ

**ଖୁଣ୍ଟୁଣୀ ବନାଞ୍ଚଳରେ ହାତୀ ଉପଦ୍ରବ**

ଖୁଣ୍ଟୁଣୀ,୨୦।୧(ଡି.ଏନ୍.ଏ.)

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅନ୍ତର୍ଗତ କଖଡ଼ି ପଞ୍ଚାୟତର କାପ୍ତାବରେଇ ଗ୍ରାମରେ ଗୁରୁବାର ରାତିରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ଏହି ଗ୍ରାମର ଧରଣୀଧର ଦାସ ଓ ଭଗବାନ ଦାସ ପ୍ରାୟ ଦେଢ଼ ଏକର ଜମିରେ ହୋଇଥିବା ଧାନ କାଟି ନିକଟସ୍ଥ ଖଳାରେ ରଖିଥିଲେ। ନିକଟସ୍ଥ ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲରୁ ରାତି ପ୍ରାୟ ସାଢେ ୭ଟାରେ ହାତୀପଲ ଆସି ଖଳାରେ ଥିବା ଧାନ ଖାଇବା ସହ ଦଳିଚକଟି ନଷ୍ଟ କରିଛନ୍ତି। ସେହିପରି ବୁଧବାର ରାତିରେ ଉକ୍ତ ଗ୍ରାମରେ କେତେଜଣ ଚାଷୀଙ୍କ ଧାନଗଦାକୁ ନଷ୍ଟ କରିଛନ୍ତି। ଏ ସମ୍ପର୍କରେ କ୍ଷତିଗ୍ରସ୍ତ ଚାଷୀମାନେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁରଙ୍କୁ ଜଣାଇଛନ୍ତି। ପରେ ମାଥୁର ନିଧିପୁର ଫରେଷ୍ଟ ସେକ୍ସନର ବନପାଳ ଦିବ୍ୟସିଂହ ପରିଡ଼ାଙ୍କୁ ହାତୀଙ୍କୁ ଘଉଡ଼ାଇବା ପାଇଁ ଘଟଣାସ୍ଥଳକୁ ପଠାଇଥିଲେ। ରିପୋର୍ଟ ଲେଖାଯିବାବେଳକୁ ବନ ବିଭାଗ କର୍ମଚାରୀମାନେ ହାତୀଙ୍କୁ ଘଉଡାଇବା ସହ ଫସଲର କ୍ଷୟକ୍ଷତି ଆକଳନ କରୁଛନ୍ତି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସାମାଜିକ କର୍ମୀ ଦିଲ୍ଲୀପ କୁମାର ଛତାର ଦାବି କରିଛନ୍ତି।

# ଢିଙ୍କିଆ ସଂଘତି ଦିବସ

କଟକ ଅଫିସ, ୨୦।୧

ଜଗତ୍‌ସିଂହପୁର ଜିଲା ଢିଙ୍କିଆରେ ପୋଲିସ ଲାଠିଚାଳନାକୁ ବିରୋଧ କରି ସ୍ଥାନୀୟ ଲୋକଙ୍କ ସମର୍ଥନରେ କଟକରେ ସଂଘତି ଦିବସ ପାଳନ କରାଯାଇଛି। ଏଥିସହ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଏଆଇଡିଏସଓ, ଏଆଇଏମ୍‌ଏସ୍‌ଏସ୍ ଓ ଏଆଇକେକେଏମ୍‌ଏସ୍ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଏଆଇଡିଏସ୍‌ଓ ଜିଲା ସଭାପତି ଭାଗ୍ୟରବି ଦାସ କହିଛନ୍ତି, ଗତ ୧୪ ତାରିଖରେ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଢିଙ୍କିଆ ଗ୍ରାମରେ ପାନବରଜ ଉଚ୍ଛେଦବେଳେ ଗ୍ରାମବାସୀ ବିରୋଧ କରିଥିଲେ। ହେଲେ ସ୍ଥାନୀୟ ପୋଲିସ ସେମାନଙ୍କୁ ଗୋଡାଇ ପିଟିଥିଲା। ଉକ୍ତ ଅଞ୍ଚଳର ମହିଳା, ଯୁବକ, କୃଷକମାନେ ପୋଲିସ ଆକ୍ରମଣ ବିରୋଧରେ ସଂଗ୍ରାମ ଜାରି ରଖିଛନ୍ତି। ଏଣୁ ରାଜ୍ୟବାସୀ ଏକାଠି ହେବା ସହ ସଂଗ୍ରାମ କରିବାକୁ ଦାସ ଆହ୍ୱାନ ଦେଇଛନ୍ତି। ଏଥିସହ ଉକ୍ତ ଅଞ୍ଚଳରୁ ପୋଲିସ ପ୍ରତ୍ୟାହାର, ଗିରଫ ଲୋକଙ୍କୁ ଖଲାସ କରିବା ସହ ରୁଜୁ ହୋଇଥିବା ମାମଲା ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି। ଉକ୍ତ ବିକ୍ଷୋଭରେ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ସସ୍ମିତା ମହାନ୍ତି, ଦୀପକ ଦାସ, ବିନୋଦ ସେଠୀ, ଇଷା ଧର, ଶରତ ବେହେରା, ପ୍ରତାପ ମିଶ୍ର, ସିପ୍ରା ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।




କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଅନୁଷ୍ଠାନ ତରଫରୁ ବିକ୍ଷୋଭ ପ୍ରଦର୍ଶନ।

# ୧୨ ବାଇକ ଛାଡ଼ିଦେଇ ପଳାଇଲେ ଯୁବକ

**ନାଇଟ କର୍ଫ୍ୟୁରେ ରାସ୍ତାରେ ଜନ୍ମଦିନ ପାଳନ ମହଙ୍ଗା ପଡ଼ିଲା**

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ରାଜଧାନୀରେ ନାଇଟ କର୍ଫ୍ୟୁ ସତ୍ତ୍ୱେ ଖଣ୍ଡଗିରି ଥାନା ଅନ୍ତର୍ଗତ ଡେଲ୍‌ଟା ଛକ ରାସ୍ତା ଉପରେ କେତେଜଣ ଯୁବକ ବୁଧବାର ବିଳମ୍ବିତ ରାତିରେ ଜନ୍ମଦିନ ପାଳନ କରୁଥିଲେ। ସେହି ବାଟ ଦେଇ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ଯିବାବେଳେ ଏହା ଦେଖି ଅଟକିଥିଲେ। ହେଲେ ପୋଲିସ କମିଶନରଙ୍କୁ ଦେଖି ଯୁବକମାନେ ୧୨ ବାଇକ୍‌କୁ ରାସ୍ତା ମଝିରେ ଛାଡ଼ି ଫେରାର ହୋଇଯାଇଛନ୍ତି। ପୋଲିସ ଉକ୍ତ ବାଇକଗୁଡ଼ିକୁ ଜବତ କରି ଥାନାକୁ ଆଣିଥିବାବେଳେ ଗୁରୁବାର ସନ୍ଧ୍ୟା ପର୍ଯ୍ୟନ୍ତ ଏହାକୁ ନେବା ପାଇଁ କେହି ଆସି ନ ଥିବା ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି। ବାଇକ୍ ନେବାକୁ ଆସିଲେ କରୋନା କଟକଣା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଧାନ କହିଛନ୍ତି।

### ମଦ ଜବତ, ଜଣେ ଗିରଫ

କଟକ ସଦର,୨୦।୧(ଡି.ଏନ୍.ଏ.)

୪୨ ମୌଜା ଥାନା ଅଧୀନ ତାଡପଡ଼ା ଗ୍ରାମର ଶରତ ଭୋଇଙ୍କ ଘରେ ଗୁରୁବାର ରାତିରେ ପୋଲିସ ଚଢ଼ାଉ କରି ୫୩ ବୋତଲ ମଦ ଜବତ କରିଛି। ଏଥିସହ ଶରତଙ୍କୁ ଗିରଫ କରାଯାଇଛି। ଏ ନେଇ ଥାନାରେ ମାମଲା(ନଂ.୧୨/୨୨) ରୁଜୁ ହୋଇଛି।

# ମିଳିନି ପେନ୍‌ସନ, ପରିବାର ଚଳିବା କଷ୍ଟକର

**ପୌର ଅଧିକାରୀଙ୍କୁ ଜଣାଇଲେ ଅବସରପ୍ରାପ୍ତ କର୍ମଚାରୀ**

ଚୌଦ୍ୱାର,୨୦।୧(ଡି.ଏନ୍.ଏ.)

ଚୌଦ୍ୱାର ପୌରପାଳିକାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚଳିତ ମାସର ପେନ୍‌ସନ୍ ଅର୍ଥ ମିଳିନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେବାରୁ ଗୁରୁବାର ପୌରନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କରେ ଲିଖିତ ଆକାରରେ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରତିମାସର ୧ରୁ ୫ ତାରିଖ ମଧ୍ୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନ୍‌ସନ୍ ଅର୍ଥ ମିଳିଥାଏ। ଏହି ଅର୍ଥରେ ସେମାନେ ଔଷଧ ଖର୍ଚ୍ଚ, ପିଲାଙ୍କ ପାଠପଢା ସହ ପରିବାର ଚଳାଇଥାନ୍ତି। ହେଲେ ଚଳିତମାସ ୨୦ ତାରିଖ ସୁଦ୍ଧା ସେମାନଙ୍କୁ ପେନ୍‌ସନ୍ ମିଳିନାହିଁ। ଏଥିଯୋଗୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି ଅବସରପ୍ରାପ୍ତ କର୍ମଚାରୀ ରବୀନ୍ଦ୍ର କୁମାର ସାହୁ, ଧ୍ରୁବ ଚରଣ ମହାରଣା, କୁଳମଣି ସାହୁ, ପ୍ରଭାକର ପତି ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ବହୁ କର୍ମଚାରୀ ଦୀର୍ଘଦିନ ହେବ ପୌର କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିଲେ ମଧ ସେମାନଙ୍କୁ ପୂର୍ଣ୍ଣ ପେନ୍‌ସନ୍ ମିଳିପାରିନାହିଁ। ସେମାନଙ୍କ ମଧ୍ୟରୁ କେତେଜଣ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଅଛନ୍ତି। ପେନ୍‌ସନ୍ ବାବଦ ଅଧା ଅର୍ଥ ମିଳୁଥିବାରୁ ପରିବାର ଚଳାଇବା କଷ୍ଟକର ହୋଇପଡୁଛି ବୋଲି ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ବେହେରା, ବିଦ୍ୟାଧର ସାମଲ, ଶଙ୍କର ନାୟକ, ସୁରେଶ ଚନ୍ଦ୍ର ବେହେରା, ଧରଣୀଧର ବେହେରା ଓ ଦୁଃଖୀଶ୍ୟାମ ଶତପଥୀ କହିଛନ୍ତି। ୨୦୦୭ରୁ ପେନ୍‌ସନ୍ ଫାଇଲ ପୌର କାର୍ଯ୍ୟାଳୟରେ ପଡି ରହିଥିଲେ ମଧ ତାହା ଉପରେ ପଦକ୍ଷେପ ନିଆଯାଉନାହିଁ। ତୁରନ୍ତ ଏଥିପ୍ରତି ଧ୍ୟାନ ଦିଆଯିବାକୁ ଅବସରପ୍ରାପ୍ତ କର୍ମଚାରୀମାନେ ନିବେଦନ କରିଛନ୍ତି। ସମସ୍ୟା ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ପବିତ୍ର କୁମାର ବେହେରା କହିଛନ୍ତି, କୌଣସି କାରଣବଶତଃ ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ପେନ୍‌ସନ୍ ଅର୍ଥ ଆସିପାରିନାହିଁ। ହେଲେ ଆସନ୍ତା ୧ ସପ୍ତାହ ମଧ୍ୟରେ ସମସ୍ୟାର ସମାଧାନ ହୋଇଯିବ।



ଅବସରପ୍ରାପ୍ତ କର୍ମଚାରୀମାନେ ପୌର ଅଧିକାରୀଙ୍କୁ ଅସୁବିଧା ଜଣାଇବାକୁ ଆସିଛନ୍ତି।

# ରତ୍ନଭଣ୍ଡାର ଚାବିକୁ ନେଇ ପୁଣି ଦ୍ୱନ୍ଦ୍ୱ

**ଚାବି ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇନି ସୂଚନା**

ପୁରୀ ଅଫିସ,୨୦।୧

ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ୨୦୧୮ ଜୁନ୍ ୧୩ରେ ପୁରୀ ଜିଲା ରେକର୍ଡ ରୁମ୍‌ରୁ ମିଳିଥିଲା। ନାଟକୀୟ ଢଙ୍ଗରେ ସେହି ଦିନ ରାତ୍ର ୯ଟାରେ ତତ୍କାଳୀନ ଜିଲାପାଳ ଗଣମାଧ୍ୟମ ସମ୍ମୁଖରେ ନାଲି ଲଫାପା ଦେଖାଇ ନକଲି ଚାବି ମିଳିଥିବା କଥା ଜଣାଇଥିଲେ। ତେବେ ବାସ୍ତବରେ ଲଫାପା ଭିତରେ ଚାବି ରହିଥିଲା ନା ଏହା ପ୍ରଶାସନର ନାଟକ ଥିଲା ତାହାକୁ ନେଇ ସଧାରଣରେ ଅନେକ ପ୍ରଶ୍ନ ଉଠିଲା। ଚାବିର ସତ୍ୟତା ନେଇ ସାଧାରଣରେ ପ୍ରଶ୍ନ ଉଠୁଥିଲେ ମଧ ପ୍ରଶାସନ ଚୁପ୍ ବସିଛି। ତେବେ ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ଏକ ତଥ୍ୟ ପୁଣି ଥରେ ଚାବି ହଜିବା ଓ ମିଳିବା ଘଟଣାର ଦ୍ୱନ୍ଦ୍ୱକୁ ବଢ଼ାଇଛି।

ସେତେବେଳେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଥିଲେ, ୨୦୧୮ ଜୁନ୍ ୧୩ରେ ଚାବି ମିଳିଲା ଓ ଅଗଷ୍ଟ ୬ରେ ନକଲି ଚାବି ଟ୍ରେଜେରିରେ ଦାଖଲ ହୋଇଥିଲା। ନକଲି ଚାବି ମିଳିବା ଓ ଟ୍ରେଜେରିରେ ଦାଖଲ ହେବା ସମୟ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶ୍ରୀମନ୍ଦିର ପ୍ରଶାସନକୁ କୌଣସି ଚିଠି କରାଯାଇନାହିଁ। ସୂଚନା ଅଧିକାରକର୍ମୀ ଦିଲୀପ ବରାଳ କହିଛନ୍ତି, ୨୦୧୮ ମେ ୨୪ରେ ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖି ଜିଲାପାଳଙ୍କୁ ଚାବି ଖୋଜିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଜିଲା ନାଜିରଖାନା, ଟ୍ରେଜେରି ଓ ରେକର୍ଡ ରୁମ୍‌ରେ ଖୋଜାଖୋଜି କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଏହାପରେ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଦୁଇଟି ଟିମ୍ କରି ଅଗ୍ରୱାଲ ଖୋଜାଖୋଜି କରାଇଥିଲେ। ଏହାପରେ ଚାବି ମିଳିଲା। ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଗଲା ନାହିଁ। ମାତ୍ର ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିବା ଜିଲାପାଳ ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଫଳରେ ଏହି କଥା ମିଛ ବୋଲି ଏବେ ପ୍ରମାଣିତ ହୋଇସାରିଛି। ନକଲି ଚାବି ମିଳିଲା ଓ ପୁଣି ଥରେ ଟ୍ରେଜେରିକୁ ଗଲା। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଚାବି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନକୁ କାହିଁକି ଅବଗତ କରାଗଲା ନାହିଁ ସେନେଇ ପ୍ରଶ୍ନ ହେବା ସ୍ୱାଭାବିକ କଥା। ଚାବି ଖୋଜିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଥିବା ବେଳେ ଚାବି ମିଳିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ନ ଦେବା କିଭଳି ଭାବେ ଗ୍ରହଣୀୟ ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ବାସ୍ତବରେ ଯଦି ଚାବି ମିଳିଥିଲା ତେବେ ଚିଠି ଲେଖିବାରେ ଅସୁବିଧା କ'ଣ ସେ ନେଇ ଏବେ ତଦନ୍ତ ହେବା ଦରକାର।

# ପଞ୍ଚାୟତ ନିର୍ବାଚନ, ୧୩୪ ପ୍ରାର୍ଥୀପତ୍ର ଦାଖଲ

ତିଗିରିଆ,୨୦।୧(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଚତୁର୍ଥ ଦିବସରେ ଗୁରୁବାର ତିଗିରିଆ ବ୍ଲକରେ ୧୩୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ସରପଞ୍ଚ ପଦବୀରେ ୧୬, ସମିତିସଭ୍ୟରେ ୧୩ ଏବଂ ୱାର୍ଡ ସଭ୍ୟ ପାଇଁ ୧୦୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏହାକୁ ମିଶାଇ ମୋଟରେ ସରପଞ୍ଚ ପଦବୀ ପାଇଁ ୨୭, ସମିତିସଭ୍ୟରେ ୨୦ ଏବଂ ୱାର୍ଡସଭ୍ୟ ପାଇଁ ୨୨୪ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ବ୍ଲକର ୧୪ ପଞ୍ଚାୟତ ମଧ୍ୟରୁ ଭୋଗଡ଼ା, ଗଦାଧରପୁର, ଜେମାଦେଇପୁର, ନୂଆପାଟଣା ଓ ପାଞ୍ଚଗାଁରେ ସରପଞ୍ଚ ପଦ ପାଇଁ ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀପତ୍ର ଦାଖଲ କରାଯାଇ ନ ଥିବା ବ୍ଲକ କାର୍ଯ୍ୟାଳୟରୁ ପ୍ରକାଶ।

# ଉଠାଦୋକାନୀଙ୍କ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି

ଭୁବନେଶ୍ୱର, ୨୦।୧ (ବ୍ୟୁରୋ)

ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ୍ ସୁରକ୍ଷା ଟ୍ରଷ୍ଟ ତରଫରୁ ଗୁରୁବାର ଇଉ୍‌କଲ ଅଡ଼ିଟୋରିୟମରେ ଜାତୀୟ ଉଠାଦୋକାନୀ ଦିବସ ପାଳିତ ହୋଇ ଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ସଭାପତି ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ କହିଲେ, ରାଜ୍ୟ ସରକାର ଓଡ଼ିଶାରେ ଥିବା ଉଠାଦୋକାନୀଙ୍କୁ କୋଭିଡ୍ ସହାୟତା ଦେଇଥିବାବେଳେ ଅନ୍ୟ କୌଣସି ରାଜ୍ୟ ସରକାର ଦେଇନାହାନ୍ତି। କେନ୍ଦ୍ର ସରକାର ବହୁ ସମୟରେ ଉଠାଦୋକାନୀଙ୍କ ସମସ୍ୟାକୁ ଅଣଦେଖା କରୁଛନ୍ତି। କିନ୍ତୁ ରାଜ୍ୟ ସରକାର ସବୁବେଳେ ସେମାନଙ୍କ ଦାବିକୁ ଗୁରୁତ୍ୱ ଦେଇ ଆସିଛନ୍ତି। ଆଗକୁ ମଧ ଉଠଦୋକାନୀଙ୍କ ସମସ୍ୟାର ସମାଧନ କରାଯିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏମ୍‌ପି ତଥା ଟ୍ରଷ୍ଟର ଉପଦେଷ୍ଟା ସୁବାସ ସିଂ ଭର୍ଚୁଆଲରେ ଯୋଗଦେଇ କହିଲେ, ସରକାର ଉଠାଦୋକାନୀଙ୍କ ସହିତ ଅଛନ୍ତି ଓ ରହିବେ। ଯେକୌଣସି ସମୟରେ ସେମାନଙ୍କ ସମସ୍ୟା ଦେଖାଦେଲେ ତତ୍‌କ୍ଷଣାତ ସେସବୁ ସମାଧାନ କରାଯିବ। ଆଡ୍‌ଭୋକେଟ ବିଭୂପ୍ରସାଦ ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାର ଷ୍ଟ୍ରିଟ୍ ଭେଣ୍ଡର୍ସ ଆଇନ୍ ଅନୁଯାୟୀ ଟାଉନ ଭେଣ୍ଡିଂ କମିଟି ଗଠନ କରିବା କଥା, ମାତ୍ର ତାହା ଆଜି ପର୍ଯ୍ୟନ୍ତ କରାଯାଇ ନାହିଁ ବୋଲି କ୍ଷୋଭର ସହ କହିଥିଲେ। ଟ୍ରଷ୍ଟ ଉପଦେଷ୍ଟା ତଥା ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଠା ଦୋକାନୀଙ୍କ ସହ ସରକାର ସବୁବେଳେ ରହିଆସିଥିବା କହିଥିଲେ। ଏହିଅବସରରେ ଉଠାଦୋକାନୀ ମନୋଜ ପ୍ରଧାନଙ୍କୁ ତାଙ୍କର ଉପନ୍ୟାସ ପାଇଁ 'ଉଠାଦୋକାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ପ୍ରଣବଙ୍କ ଉପରେ ତିଆରି ହେବ ପ୍ରାମାଣିକ ଚଳଚ୍ଚିତ୍ର

**ସଙ୍ଗୀତ ଆଲ୍‌ବମ୍ 'ବାଲିଘର' ଓ ମାଇଁ ସିଟି ଆଇକନ କ୍ୟାଲେଣ୍ଡର ଉନ୍ମୋଚିତ**

ଭୁବନେଶ୍ୱର,୨୦।୧(ବ୍ୟୁରୋ)

ତାଙ୍କ ସଙ୍ଗୀତରେ ଭାବ ଓ ଭାଷା ଥାଏ ଲାଳିତ୍ୟପୂର୍ଣ୍ଣ, ଆଉ ସୁମଧୁର। ସ୍ୱର ଶୁଣି ଶ୍ରୋତା ହୁଅନ୍ତି ଆତ୍ମ ବିଭୋର। ତାଙ୍କ ଗୀତସବୁ ଶିହରାଇଦିଏ ତନୁମନ, ଲିପିବଦ୍ଧ ହୋଇଯାଏ ଶୃତିରେ, ସ୍ମୃତିରେ। ଓଡ଼ିଆ ସଙ୍ଗୀତ ଜଗତର ସେହି ମହାନ୍ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କର ଗୁରୁବାର ୮୫ତମ ଜନ୍ମଦିନ ଅବସରରେ ମୋ ଟିଭି ବ୍ୟାନରରେ ପ୍ରିଲିୟୁଡ୍ ପ୍ରଡକ୍ସନ ପକ୍ଷରୁ ଏକ ନୂତନ ଓଡିଆ ସଙ୍ଗୀତ ଆଲବମ 'ବାଲିଘର' ମୁକ୍ତିଲାଭ କରିଛି। ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରବୀଣ ଗୀତିକାର ସଚ୍ଚି ମହାନ୍ତି ଶୁଦ୍ଧ ଓଡ଼ିଆ ଭାଷାରେ ସଙ୍ଗୀତ ରଚନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶକ ସଞ୍ଜୟ ପଟ୍ଟନାୟକ ସ୍ୱର ସଂଯୋଜନା କରିଥିଲେ। ପ୍ରଯୋଜକ ସତ୍ୟବ୍ରତ ସାନୁ ରଥ ଏହି ସଙ୍ଗୀତ ମାଧ୍ୟମରେ ଓଡିଆ ସଙ୍ଗୀତ ଓ ସାହିତ୍ୟର ସୁବର୍ଣ୍ଣ ଯୁଗକୁ ପୁନଃନିର୍ମାଣ କରିବାକୁ ଚେଷ୍ଟା କରିଛନ୍ତି। ସେ ଆଗାମୀ ଦିନରେ ପ୍ରଣବ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଘୋଷଣା କରିଥିଲେ। କଣ୍ଠଶିଳ୍ପୀ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ ଏଭଳି ସୁନ୍ଦର କାର୍ଯ୍ୟକ୍ରମର ଆୟୋଜନ ପାଇଁ ପ୍ରଶଂସା କରିବା ସହ ନୂଆ ପିଢ଼ିଙ୍କ ମନକୁ ଛୁଇଁବ ବୋଲି ଆଶାବ୍ୟକ୍ତ କରିଥିଲେ।

ଏହି ଅବସରରେ ପତ୍ରିକା ମାଇଁ ସିଟି ଲିଙ୍କସ ପକ୍ଷରୁ ବିଶେଷ ଭାବରେ ଡିଜାଇନ କରାଯାଇଥିବା ଚଳିତ ବର୍ଷର କ୍ୟାଲେଣ୍ଡର ଉନ୍ମୋଚନ କରାଯାଇଥିଲା। ଓଡିଶାର ଡିଜାଇନରଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଡିଜାଇନ୍ ବେଶଭୂଷାରେ ସୁସଜ୍ଜିତ ସଫଳ ଓଡ଼ିଆ ସେଲିବ୍ରିଟିଙ୍କୁ ନେଇ ମାଇଁ ସିଟି ଆଇକନ କ୍ୟାଲେଣ୍ଡରର ପରିକଳ୍ପନା କରାଯାଇଥିଲା। ସେମାନେ ହେଲେ ଅଭିନେତା ଆକାଶ ଦାସନାୟକ, ସବ୍ୟସାଚୀ ମିଶ୍ର, ଅଭିନେତ୍ରୀ ଅନୁ ଚୌଧୁରୀ, ଅର୍ଚ୍ଚିତା ସାହୁ, ଓଡିଶୀ ନୃତ୍ୟଶିଳ୍ପୀ ଅରୁଣା ମହାନ୍ତି, ପଦ୍ମଶ୍ରୀ ଇଲିଆନା ଚିତାରିଷ୍ଟି, ଭଲି ଖେଳାଳି ତଥା ଓଡିଶା ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ଆଥଲେଟ୍ ଦୂତୀଚାନ୍ଦ, ଓଡିଆ ଅଭିନେତା ତଥା ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ, ଚେସ ଖେଳାଳି ପଦ୍ମିନୀ ରାଉତ, ଗାୟକ ଋତୁରାଜ ମହାନ୍ତି, ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ। ଏମାନଙ୍କୁ ଲେବଲ୍ ଋତୁପୂର୍ଣ୍ଣା, ସ୍ୱୀକୃତି କ୍ରିଏସନ୍ସ, ଜୁବି ଡିଜାଇନର ହାଉସ୍ ଓ ଜ୍ୟୋତ୍ସ୍ନା ଦାସଙ୍କ ଦ୍ୱାରା ଡିଜାଇନର ବେଶଭୂଷାରେ ସଜ୍ଜିତ କରାଯାଇ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ କୁନା ତ୍ରିପାଠୀ, ଦିଲୀପ ତିର୍କୀ, ସଚ୍ଚି ମହାନ୍ତି, ଜିତୁ ମଙ୍ଗରାଜ, ଉତ୍କଳ ଷ୍ଟିଲ୍ ଆଣ୍ଡ ପାୱାର ପ୍ରାଇଭେଟ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଶୁଭାଶିଷ ଦାସ ପ୍ରମୁଖ ଯୋଗଦେଇଥିଲେ।




ଭୁବନେଶ୍ୱର ପ୍ରେସ୍‌କ୍ଲବ ଅଫ୍ ଓଡ଼ିଶାରେ ଗୁରୁବାର ଓଡ଼ିଆ ମ୍ୟୁଜିକ ଆଲବମ୍ 'ବାଲିଘର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ପ୍ରାଚୀ ସାଗର ମେଳା

ପୁରୀ ଅଫିସ: ଉତ୍କଳର ଗଙ୍ଗା ଭାବେ ପରିଚିତ ତଥା ପୁରାଣ ପ୍ରସିଦ୍ଧ ଗୁପ୍ତ ସରସ୍ୱତୀ ପ୍ରାଚୀ ନଦୀ ତଟରେ ଗୁରୁବାର ପ୍ରାଚୀ ସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଅଧିଷ୍ଠାତ୍ରୀ ଠାକୁରାଣୀ ମା' କେଲୁଣୀଙ୍କ ମଙ୍ଗଳ ଆଳତି ହେବା ପରେ ବିଶ୍ୱର ମଙ୍ଗଳ କାମନା କରି ମହିମା ଅଲେଖ ଯଜ୍ଞ ସହ ପ୍ରାଚୀ ମାହାତ୍ମ୍ୟ ପଠନ କରାଯାଇଥିଲା। ଏହାପରେ ସାଧୁମାନେ ପ୍ରାଚୀ ନଦୀରେ ସାହି ସ୍ନାନ କରିଥିଲେ। ଶ୍ରଦ୍ଧାଳୁମାନେ ବୁଡ଼ ପକାଇଥିଲେ। କାର୍ଯ୍ୟକ୍ରମକୁ ନରେନ୍ଦ୍ରନାଥ ସାହୁ, ଜ୍ୟୋତିର୍ମୟୀ ପାତ୍ର, ସନ୍ତୋଷ କୁମାର ଦାସ, ଗୀତାଞ୍ଜଳି ପାତ୍ର, ଶିଶୁଆ ସରପଞ୍ଚ ରୋହିତ କୁମାର ପରିଡା, କେଉଟଜଂଘା ଗ୍ରାମ ସଭାପତି ତ୍ରିନାଥ ଭୋଳ, ସମ୍ପାଦକ ଭୈରବ କାଳିଆ, ମହିମା ସାଧୁ ସଞ୍ଜୀବ ବାବା ଏବଂ ରୋହିତ ବାବା ପ୍ରମୁଖ ପରିଚାଳନର କରିଥିଲେ।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧।୨୦୨୨

| ୧,୬୮୭ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ |
| ରୁପା | ୧.୮୦୦ ଗ୍ରାମ |

# ରତ୍ନଭଣ୍ଡାର ଚାବିକୁ ନେଇ ପୁଣି ଦ୍ୱନ୍ଦ୍ୱ

**ପୁରୀ ଅଫିସ,୨୦।୧:**

ମହାପ୍ରଭୁଙ୍କ ରତ୍ନଭଣ୍ଡାର ଚାବି ୨୦୧୮ ଜୁନ୍ ୧୩ରେ ପୁରୀ ଜିଲା ରେକର୍ଡ ରୁମ୍‌ରୁ ମିଳିଥିଲା। ନାଟକୀୟ ଢଙ୍ଗରେ ସେହି ଦିନ ରାତ୍ର ୯ଟାରେ ତତ୍କାଳୀନ ଜିଲାପାଳ ଗଣମାଧ୍ୟମ ସମ୍ମୁଖରେ ନାଲି ଲଫାପା ଦେଖାଇ ନକଲି ଚାବି ମିଳିଥିବା କଥା ଜଣାଇଥିଲେ। ତେବେ ବାସ୍ତବରେ ଲଫାପା ଭିତରେ ଚାବି ରହିଥିଲା ନା ଏହା ପ୍ରଶାସନର ନାଟକ ଥିଲା ତାହାକୁ ନେଇ ସାଧାରଣରେ ଅନେକ ପ୍ରଶ୍ନ ଉଠିଲା। ଚାବିର ସତ୍ୟତା ନେଇ ସାଧାରଣରେ ପ୍ରଶ୍ନ ଉଠୁଥିଲେ ମଧ୍ୟ ପ୍ରଶାସନ ଚୁପ୍ ବସିଛି। ତେବେ ସମ୍ପ୍ରତି ସୂଚନା ଅଧିକାର ଆଇନ ବଳରେ ହସ୍ତଗତ ହୋଇଥିବା ଏକ ତଥ୍ୟ ପୁଣି ଥରେ ଚାବି ହଜିବା ଓ ମିଳିବା ଘଟଣାର ଦ୍ୱନ୍ଦ୍ୱକୁ ବଢ଼ାଇଛି।

ସେତେବେଳେ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ କହିଥିଲେ, ୨୦୧୮ ଜୁନ୍ ୧୩ରେ ଚାବି ମିଳିଲା ଓ ୨୦୧୮ ଅଗଷ୍ଟ ୬ରେ ନକଲି ଚାବି ଟ୍ରେଜେରିରେ ଦାଖଲ ହୋଇଥିଲା। ନକଲି ଚାବି ମିଳିବା ଓ ଟ୍ରେଜେରିରେ ଦାଖଲ ହେବା ସମୟ ମଧ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଶ୍ରୀମନ୍ଦିର ପ୍ରଶାସନକୁ କୌଣସି ଚିଠି କରାଯାଇନାହିଁ। ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ୨୦୧୮

**ଚାବି ମିଳିବା ପରେ ଶ୍ରୀମନ୍ଦିର ପ୍ରଶାସନକୁ ଦିଆଯାଇନି ସୂଚନା**

ମେ ୨୪ରେ ଶ୍ରୀମନ୍ଦିର ପ୍ରଶାସନ ଚିଠି ଲେଖି ଜିଲାପାଳଙ୍କୁ ଚାବି ଖୋଜିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ଜିଲା ନାଜିରଖାନା, ଟ୍ରେଜେରି ଓ ରେକର୍ଡ ରୁମ୍‌ରେ ଖୋଜାଖୋଜି କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଏହାପରେ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ଦୁଇଟି ଟିମ୍ କରି ଜିଲାପାଳ ଅଗ୍ରୱାଲ ଖୋଜାଖୋଜି କରାଇଥିଲେ। ଏହାପରେ ଚାବି ମିଳିଲା। ମାତ୍ର ଏନେଇ ଶ୍ରୀମନ୍ଦିର ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଗଲା ନାହିଁ। ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଇଥିବା ଜିଲାପାଳ ଗଣମାଧ୍ୟମ ସମ୍ମୁଖରେ କହିଥିଲେ। ଫଳରେ ଏହି କଥା ମିଛ ବୋଲି ଏବେ ପ୍ରମାଣିତ ହୋଇସାରିଛି। ନକଲି ଚାବି ମିଳିଲା ଓ ପୁଣି ଥରେ ଟ୍ରେଜେରିକୁ ଗଲା। ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାର ଚାବି ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନକୁ କାହିଁକି ଅବଗତ କରାଗଲା ନାହିଁ ସେନେଇ ପ୍ରଶ୍ନ ହେବା ସ୍ୱାଭାବିକ କଥା। ଚାବି ଖୋଜିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଥିବା ବେଳେ ଚାବି ମିଳିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ଶ୍ରୀମନ୍ଦିର ପ୍ରଶାସନକୁ ସୂଚନା ନ ଦେବା କିଭଳି ଭାବେ ଗ୍ରହଣୀୟ ବୋଲି ଦିଲୀପ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି, ବାସ୍ତବରେ ଯଦି ଚାବି ମିଳିଥିଲା ତେବେ ଚିଠି ଲେଖିବାରେ ଅସୁବିଧା କ'ଣ ସେ ନେଇ ଏବେ ତଦନ୍ତ ହେବା ଦରକାର। ପ୍ରଶାସନିକ ଦୋଷ ଓ ତ୍ରୁଟିକୁ ଦେଖିଲେ ଏହା ମଧ୍ୟ ସନ୍ଦେହ ହେଉଛି ଯେ, ଭୁଲ୍‌କୁ ଲୁଚାଇବାକୁ ଯାଇ ଅନେକ ଭୁଲ କରାଯାଇଛି ଓ ଜଗନ୍ନାଥପ୍ରେମୀଙ୍କ ସମ୍ମୁଖରେ ଏକ କାହାଣୀ ରଖାଯାଇଛି। ରାଜ୍ୟ ସରକାର ଘଟଣାର ନିରପେକ୍ଷ ତଦନ୍ତ କରନ୍ତୁ ବୋଲି ଦିଲୀପ ଦାବି କରିଛନ୍ତି।

## ପୂର୍ବ ଶତ୍ରୁତାରୁ ଭୁଜାଲିରେ ହାଣିଲେ

**୨ ଗୁରୁତର**

**ପୁରୀ ଅଫିସ, ୨୦।୧:**

ସମୁଦ୍ରକୂଳ ଥାନା ଅନ୍ତର୍ଗତ ରାମମନ୍ଦିର ନିକଟ ସାଲବେଗ ସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ୨ଜଣଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଜଣେ ମହିଳା ଓ ଜଣେ ଯୁବକ ଆହତ ହୋଇଛନ୍ତି। ସେମାନେ ହେଲେ ବି. ମାୟା ରେଡ୍ଡୀ ଏବଂ ଆର୍. ମଙ୍ଗୁଳି ରେଡ୍ଡୀ। ଉଭୟଙ୍କ ବାମ ଓ ଡାହାଣ ହାତରେ ଗୁରୁତର ଆଘାତ ଲାଗିଛି। ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ସେମାନଙ୍କୁ ଭର୍ତ୍ତି କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ସମୁଦ୍ରକୂଳ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୋରେକ୍ସ ବିକି ୪ ଗିରଫ

**ପୁରୀ ଅଫିସ, ୨୦।୧:**

ବେଆଇନ ଭାବେ କୋରେକ୍ସ ବିକ୍ରି ଅଭିଯୋଗରେ ୩ଜଣଙ୍କୁ ବାସେଳିସାହି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସେଳିସାହିର ଅଜୁ ମହାନ୍ତି, ମାର୍କଣ୍ଡେଶ୍ୱର ହରିଜନ ବସ୍ତିର ନିଖିଲ ନାୟକ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ବ୍ଲକ ଛକ ଅଞ୍ଚଳର ସୁଦର୍ଶନ ସାହୁ। ଏମାନଙ୍କ ନିକଟରୁ ୩୦ ବୋତଲ କୋରେକ୍ସ ଜବତ ହୋଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୧୧/୨୨) ରୁଜୁ କରିଛି। ଅଭିଯୁକ୍ତମାନେ ମଙ୍ଗଳାଘାଟ କୃଷକ ବଜାର ପାଖରେ ବେଆଇନ ଭାବେ କୋରେକ୍ସ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ସେହିପରି କୁମ୍ଭାରପଡ଼ା ଥାନା ପୋଲିସ ବେଆଇନ ଭାବେ କଫ୍‌ସିରଫ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସଦରଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ବାରବାଟୀ ଅଞ୍ଚଳର ରବୀନ୍ଦ୍ର ସାହୁ। ତାଙ୍କଠାରୁ ୧୭ଟି କଫ୍‌ସିରଫ ବୋତଲ ଜବତ ହୋଇଛି। ଏ ନେଇ କେସ୍ ନଂ. ୧୬/୨୨ ରୁଜୁ କରାଯାଇଛି। ଅଭିଯୁକ୍ତ ଜଣଙ୍କ ମେଡିକାଲ ଛକଠାରେ ବୁଧବାର ରାତିରେ କଫସିରଫ ବିକ୍ରି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା।

### ସଂକ୍ଷେପରେ

## ଜିଲା ପରିଷଦ ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ ସ୍ୱାଧୀନ

ଅସ୍ତରଙ୍ଗ, ୨୦।୧(ଡି.ଏନ୍.ଏ): ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ୮ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଭାବେ ଦଳ ପକ୍ଷରୁ ଗୁରୁବାର ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସ୍ୱାଧୀନ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକଙ୍କ ପୁତ୍ର। ସେ ଏବେ ଦ୍ୱିତୀୟ ଥର ପାଇଁ ବ୍ଲକ ଅଧ୍ୟକ୍ଷ ପଦବୀରେ ରହିଛନ୍ତି। ଅସ୍ତରଙ୍ଗ ବ୍ଲକ ଜୋନ ନଂ. ୧ରୁ ବିଜେଡି ପ୍ରାର୍ଥୀ ଭାବେ ସରସ୍ୱତୀ ସ୍ୱାଇଁ, ଜୋନ୍ ୨ରୁ ବନିତା ବେହେରା, ଜୋନ୍ ୧୪ରୁ ସାଗରିକା ନାୟକ ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ମଧ୍ୟରେ ହେବ ପ୍ରତିଯୋଗିତା

ପୁରୀ ଅଫିସ, ୨୦।୧: ପୁରୀ ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ ପାଳନ ନିମନ୍ତେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ଭବତାରଣ ସାହୁ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ୨୫ତାରିଖରେ ୧୨ତମ ଜାତୀୟ ମତଦାତା ଦିବସ କୋଭିଡ କଟକଣା ମଧ୍ୟରେ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ପାଳନ କରାଯିବ। ସଚେତନତା ସୃଷ୍ଟି ନିମନ୍ତେ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନଲାଇନରେ ପ୍ରତିଯୋଗିତା ଆୟୋଜନ କରାଯିବ। ଏହି ଅବସରରେ ନୂତନ ଭୋଟରମାନଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ, ଶ୍ରେଷ୍ଠ ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ବୈଠକରେ ତହସିଲଦାର ରବୀନ୍ଦ୍ର ପ୍ରଧାନ, ସହକାରୀ ଜିଲାପାଳ ରାଜବଲ୍ଲଭ ନାୟକ, ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟର ଅଧ୍ୟାପିକା ଡ. ହରପ୍ରିୟା ଦାଶ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅନିତା ପଟ୍ଟନାୟକ ଏବଂ ବରିଷ୍ଠ ରାଜସ୍ୱ ସହାୟକ ପ୍ରିୟରଞ୍ଜନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## 'ହରିବୋଲ ହୁଳହୁଳି' ଲୋକାର୍ପିତ

ପୁରୀ ଅଫିସ, ୨୦।୧: ବିମାନବଡୁ ସାହିସ୍ଥିତ ସର୍ବମଙ୍ଗଳା ପାଠାଗାରରେ ଗୁରୁବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ପଲ୍ଲୀ ସଂସ୍କୃତି ଓ ପରମ୍ପରାଭିତ୍ତିକ ଷାଣ୍ମାସିକ ପତ୍ରିକା 'ହରିବୋଲ ହୁଳହୁଳି'ର ଜାନୁୟାରୀ -୨୦୨୨ ସଂଖ୍ୟା ଲୋକାର୍ପିତ ହୋଇଛି। ଏଥିରେ ସାହିତ୍ୟିକ ରବୀନ୍ଦ୍ରନାଥ ପଟ୍ଟନାୟକ, ହରେକୃଷ୍ଣ ପ୍ରଧାନୀ, ଉମାକାନ୍ତ ମହାପାତ୍ର, ଶ୍ୟାମ ପ୍ରକାଶ ସେନାପତି, ରାଧାକୃଷ୍ଣ ପ୍ରଧାନୀ, ସୁରେଶ କୁମାର ପଟ୍ଟନାୟକ, ସତ୍ୟଭାମା ପ୍ରଧାନୀ, ଦାମୋଦର ମହାନ୍ତି, କୁମାର ବାଳକୃଷ୍ଣ ଏବଂ ଧୀରେନ୍ଦ୍ରନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପତ୍ରିକାର ଉତ୍ତରୋତ୍ତରଉନ୍ନତି କାମନା କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା କବିମାନେ କବିତାପାଠ କରିଥିଲେ। କାର୍ଯ୍ୟକ୍ରମକୁ ପତ୍ରିକାର ସମ୍ପାଦକ ପଦ୍ମାଳୟା ମିଶ୍ର ପରିଚାଳନା କରିଥିଲେ।

## ଜିଲାରେ ଖସୁଛି ଦୈନିକ ସଂକ୍ରମଣ

ପୁରୀ ଅଫିସ,୨୦।୧: ପୁରୀ ଜିଲାରେ ଦୈନିକ କୋଭିଡ୍ ସଂକ୍ରମଣ ସାମାନ୍ୟ କମିଛି। ସବୁଦିନ ଦୈନିକ ଟେଷ୍ଟିଂ ୧୩ଶହ ରହୁଥିବାବେଳେ ଗତ ୨୪ ଘଣ୍ଟାରେ ସଂକ୍ରମଣ ୧୪୦କୁ ଖସିଆସିଛି। ପୁରୀ ପୌରାଞ୍ଚଳରୁ ୨୯, ସତ୍ୟବାଦୀ ୧୬, ପୁରୀ ସଦର ୧୬, ପିପିଲି ୧୪, ପିପିଲି ଏନ୍ଏସି ୫, ଅସ୍ତରଙ୍ଗ ୧୦, ବ୍ରହ୍ମଗିରି , ଡେଲାଙ୍ଗ ୩, ଗୋପ ୧୨, କାକଟପୁର ୭, କଣାସ ୪, କୃଷ୍ଣପ୍ରସାଦ ୩, ନିମାପଡ଼ା ୧୧, କୋଣାର୍କ ଏନ୍ଏସିରୁ ଜଣେ ଏବଂ ଅନ୍ୟ ଜିଲାରୁ ୪ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୫ ଶହ ରହିଥିବା ବେଳେ ମାତ୍ର ୨୨ ଜଣ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିନା ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି।



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗୁରୁବାର ପୁରୀର ବିଜେଡି ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି ।

## ଡକାୟତି ଯୋଜନା ପଣ୍ଡ, ୩ ଗିରଫ

**ନିମାପଡ଼ା,୨୦।୧(ଡି.ଏନ୍.ଏ.)**

**ଖଣ୍ଡା, କଟୁରି ଜବତ**

ନିମାପଡ଼ା ଥାନା ପୋଲିସ ବୁଧବାର ରାତିରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୩ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେମାନେ ହେଲେ, ନିମାପଡ଼ା ଥାନା ନହନ୍ତରା ଗ୍ରାମର ସମୀର ରଞ୍ଜନ ସ୍ୱାଇଁ, ବିଷ୍ଣୁପୁର ଗ୍ରାମରେ ସରୋଜ ବେହେରା ଓ ଗୋପ ଥାନା ପାଣିଛତ୍ର ଗ୍ରାମର କୁନୁ ଜେନା। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ଗୋଟିଏ କଟୁରି ଜବତ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୩୦/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଏହି ଥାନା ଅନ୍ତର୍ଗତ ଦିଘାଲୋ ବିଦ୍ୟୁତ୍ ଗାର୍ଡ ଜଙ୍ଗଲରେ ବୁଧବାର ରାତିରେ ୫ଜଣ ଯୁବକ ବସି ଡକାୟତି ପାଇଁ ଯୋଜନା କରୁଥିଲେ। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଟ୍ରୋଲିଂ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ୫ ଯୁବକଙ୍କ ମଧ୍ୟରୁ ୨ଜଣ ଖସିଯାଇଥିବା ବେଳେ ପୋଲିସ ୩ଜଣଙ୍କୁ ଧରିବାରେ ସଫଳ ହୋଇଛି।

## ସ୍ତ୍ରୀଙ୍କୁ ଟିକେଟ ନ ମିଳିବାରୁ ଦଳରୁ ଇସ୍ତଫା

**ଗୋପ,୨୦।୧(ଡି.ଏନ୍.ଏ.)**

ଗୋପ ବ୍ଲକର ଜଣେ ଆଶାୟୀ ପ୍ରାର୍ଥୀଙ୍କୁ ଜିଲା ପରିଷଦ ପାଇଁ ଦଳ ପକ୍ଷରୁ ଟିକେଟ ମିଳି ନ ଥିଲା। ଫଳରେ ଉକ୍ତ ପ୍ରାର୍ଥୀଙ୍କ ସ୍ୱାମୀ ତଥା ବିଜେଡି ବ୍ଲକ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପରିଡ଼ା ନିଜ ପଦ ଓ ଦଳରୁ ଇସ୍ତଫା ଦେଇଛନ୍ତି। ପରିଡା ତାଙ୍କ ଇସ୍ତଫାପତ୍ର ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ନିକଟକୁ ଗୁରୁବାର ପଠାଇ ଦେଇଛନ୍ତି। ପ୍ରକାଶ ଯେ, ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବଚନରେ ପ୍ରକାଶ ପରିଡା କାକଟପୁର ନିର୍ବାଚନ ମଣ୍ଡଳୀ ତଥା ଗୋପ ବ୍ଲକର ଧୂମାଳ ପଞ୍ଚାୟତରୁ ସମିତି ସଭ୍ୟ ଭାବରେ ବିଜୟୀ ହେବା ପରେ ବିଜେଡି ସମର୍ଥିତ ସମିତି ସଭ୍ୟଙ୍କୁ ନେଇ ଗୋପ ଅଧ୍ୟକ୍ଷ ହୋଇଥିଲେ। ମାତ୍ର ପରିଡା ପରେ ଦଳୀୟ କନ୍ଦଳ ଯୋଗୁ ବିଜେଡି ଦଳରୁ ନିଲମ୍ବିତ ହୋଇଥିବା ବେଳେ ଅଳ୍ପ ଦିନ ପରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତି ତାଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ କରିଥିଲେ। ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରକାଶ ତାଙ୍କ ସ୍ତ୍ରୀଙ୍କୁ ପୁରୀ ଜିଲା ୧୪ ନମ୍ବରରୁ ଜିଲା ପରିଷଦ ଜୋନ ଟିକେଟ ଦେବା ପାଇଁ ଚାପ ସୃଷ୍ଟି କରିଥିଲେ। ମାତ୍ର ତାଙ୍କର ଏହି ଦାବିକୁ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଗୁରୁତ୍ୱ ନ ଦେବାରୁ ଶ୍ରୀ ପରିଡା ତାଙ୍କ ଅଧ୍ୟକ୍ଷ ପଦ ଓ ଦଳରୁ ଇସ୍ତଫା ଦେଇଛନ୍ତି। ଏ ନେଇ କ୍ରୀଡ଼ା ମନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାଙ୍କ ମୋବାଇଲ ସୁଇଚ୍‌ଅଫ ରହିଥିଲା। ସେହିଭଳି ପ୍ରକାଶ ପରିଡାଙ୍କୁ ପଚାରିବାରେ ମାନସିକ ସ୍ଥିତି ଠିକ ନ ଥିବା ଯୋଗୁ ଇସ୍ତଫା ଦେଇଥିବା କହିଥିବା ବେଳେ ଅନ୍ୟ ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ। ଏ ସମ୍ପର୍କରେ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ଟେଲିଫୋନ ନମ୍ବରକୁ ଯୋଗାଯୋଗ କରିବାରେ ଫୋନ ଉଠାଇ ନ ଥିଲେ।

## ନେତା, ପ୍ରାର୍ଥୀଙ୍କ ବ୍ୟାନର ହଟୁନି

**କଣାସ,୨୦।୧(ସ୍ୱ.ପ୍ର.)**

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଜିଲାପାଳମାନେ ପ୍ରତ୍ୟେକ ବ୍ଲକର ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇ ପ୍ରାର୍ଥୀ ଓ ନେତାଙ୍କ ପ୍ରଚାର ଜନିତ ବ୍ୟାନର ହଟାଇବା ପାଇଁ କହିଥିଲେ। ହେଲେ କଣାସ ବ୍ଲକର କେତେକ ଅଞ୍ଚଳରେ ଏବେ ବି ପ୍ରାର୍ଥୀ ଓ ନେତାଙ୍କ ପ୍ରଚାର ବ୍ୟାନର ଲାଗିଥିବା ଦେଖିବାକୁ ମିଳିଛି। କଣାସ ବଜାର ବାଲିଘାଇ ଛକ ଥାନା ସମ୍ମୁଖ, ତହସିଲ ସମ୍ମୁଖ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଗୋଲାବଜାରରେ ମରାଯାଇଥିବା ବିଭିନ୍ନ ଦଳୀୟ ନେତା ଓ ପ୍ରାର୍ଥୀମାନଙ୍କ ଲାଗିଥିବା ବ୍ୟାନରଗୁଡ଼ିକୁ ବିଡିଓ ଲୋଚନ ଦାସ ଓ ତହସିଲଦାର ଲକ୍ଷ୍ମୀଧର ମହାରଣା ୨ ଦିନ ତଳେ କାଢ଼ି ନେଇଥିଲେ। କିନ୍ତୁ ଗାଁ ଗହଳିରେ ପ୍ରଚାର ସମ୍ପର୍କିତ ନେତା, ପ୍ରାର୍ଥୀଙ୍କ ଏବେ ବି ଶହ ଶହ ବ୍ୟାନର ଓ ହୋର୍ଡିଂ ଲାଗିରହିଛି। ଏହି ସବୁ ବ୍ୟାନର ଉପରେ କିପରି ତହସିଲଦାର ଓ ବିଡିଓଙ୍କ ନଜର ପଡୁନାହିଁ ତାହା ସାଧାରଣରେ ପ୍ରଶ୍ନ ସୃଷ୍ଟି କରିଛି। କାଦୁଆ ପଞ୍ଚାୟତର କଉଡିଖୁଣୀ ଗ୍ରାମରେ ଅଦ୍ୟାବଧି ନେତାଙ୍କର ବ୍ୟାନର ଲାଗିଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହଟାଇବାକୁ ସାଧାରଣରେ ଦାବି ହେଉଛି।

## ଖାଲିପାଦ, ସାଇକେଲରେ ଆସିଲେ ଯୁଧିଷ୍ଠିର

**ପୁରୀ ଅଫିସ,୨୦।୧:**

**ଭିନ୍ନ ଜଣେ ପ୍ରାର୍ଥୀ**



ରାଜନେତାଙ୍କ କଥା ଉଠିଲେ ଲୋକଙ୍କ ମନକୁ ସାଧାରଣତଃ ବିତ୍ତଶାଳୀ ଓ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚେହେରା ଆପଣା ଛାଏଁ ଚାଲିଆସେ। ନିର୍ବାଚନ ସବୁବେଳେ ଅର୍ଥସର୍ବସ୍ୱ ବୋଲି ସାଧାରଣରେ ବିଶ୍ୱାସ ରହିଛି। ମାତ୍ର ଗୁରୁବାର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ମୁଣ୍ଡରେ ଧଳାଟୋପି, ସାଙ୍ଗରେ ଝାଡୁ ଧରି ଖାଲିପାଦରେ ସାଇକେଲ ଚଢ଼ି ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ପାଇଁ ପହଞ୍ଚିଥିଲେ ଆମ୍ ଆଦ୍‌ମୀ ପାର୍ଟିର ପ୍ରାର୍ଥୀ ଯୁଧିଷ୍ଠିର ବାରିକ। ବ୍ରହ୍ମଗିରି ବ୍ଲକ୍ ୨୮ ନମ୍ବର ଜୋନ୍ ଜିଲା ପରିଷଦ ଆସନ ପାଇଁ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବ୍ରହ୍ମଗିରିରୁ ସାଇକେଲ ଯୋଗେ ପୁରୀରେ ପହଞ୍ଚିଥିବା ଯୁଧିଷ୍ଠିର କହିଛନ୍ତି, ରାଜନୈତିକ ବାତାବରଣକୁ ସୁଧାରିବା ଲକ୍ଷ୍ୟ ନେଇ ରାଜନୀତିରେ ପାଦ ଥାପିଛି। ବ୍ରହ୍ମଗିରିର ଯୁବକ ଦାଦନ ପାଇଁ ରାଜ୍ୟ ବାହାରକୁ ଯାଉଛନ୍ତି। ରାଜ୍ୟରେ ନିଯୁକ୍ତିର ଅଭାବ ଯୋଗୁଁ ଯୁବଗୋଷ୍ଠୀଙ୍କୁ ନିଜ ରାଜ୍ୟରେ କାମ ମିଳୁନାହିଁ। ବେରୋଜଗାର ଓ ସ୍ୱାସ୍ଥ୍ୟ ଭଳି ସମସ୍ୟା ବ୍ରହ୍ମଗିରିରେ ଉତ୍କଟ ରୂପ ନେଲାଣି। ବିଜୟୀ ହେଲେ ଏହାର ସମାଧାନ ପାଇଁ ଉଦ୍ୟମ କରିବି। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଜିଲା ପରିଷଦ ଆସନ ପାଇଁ ସ୍ୱାଧୀନ ଓ ବିଭିନ୍ନ ଦଳର ୪୧ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜେଡିର ୮, ଭାଜପାର ୮, ସ୍ୱାଧୀନ ପ୍ରାର୍ଥୀ ୧୧, ସିପିଆଇ(ଏମ୍)ର ୨, ଏଏପିର ୫, ବିଏସ୍‌ପିର ୪, ସିପିଆଇର ଜଣେ ଓ କଂଗ୍ରେସର ୨ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିଭଳି ୪ର୍ଥ ଦିନରେ ପୁରୀର ମୋଟ ୧୧ଟି ବ୍ଲକରୁ ୧୮୦୧ ଜଣ ୱାର୍ଡମେମ୍ବର ଆସନ, ୨୪୬ ଜଣ ସରପଞ୍ଚ ଆସନ, ୨୨୧ ଜଣ ସମିତି ସଭ୍ୟ ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲର ଶେଷ ଦିନ। ଶନିବାର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।

## ଦୂର ହେଉନି ପାନୀୟ ଜଳ ସମସ୍ୟା

**କଣାସ,୨୦।୧(ସ୍ୱ.ପ୍ର.)**

କଣାସ ବ୍ଲକରେ ବର୍ଷ ସାରା ପାନୀୟଜଳ ସମସ୍ୟା ଲାଗିରହୁଛି। ଖରାଦିନେ କେତେକ ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଉଛି। ବ୍ଲକର ୨୮ଟି ପଞ୍ଚାୟତର ୧ ଲକ୍ଷ ୬୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୯ଶହ ନଳକୂପ ବସାଯାଇଥିବାବେଳେ ୬୦ରୁ ଅଧିକ କୂପ ଖନନ ହୋଇଛି। ଚିଲିକା ଉପକୂଳ ହୋଇଥିବାରୁ ଅର୍ଦ୍ଧାଧିକ ନଳକୂପରୁ ଲୁଣି ଜଳ ବାହାରୁଛି। ଯାହାକି ବ୍ୟବହାର ଯୋଗ୍ୟ ହେଉନାହିଁ। ସେହି ନଳକୂପଗୁଡ଼ିକ ଧୀରେ ଧୀରେ ଅଚଳ ହୋଇ ଭାଙ୍ଗିବାକୁ ବସିଲାଣି। ଦୟା, ରାଜୁଆ, ମକରା, ମଳାଗୁଣୀ, ଲୁଣା ନଦୀରେ କେତୋଟି ହାତଗଣତି ପାଇପଜଳ ଯୋଗାଣ ପ୍ରକଳ୍ପ ବସାଯାଇଛି। ରାଜୁଆ ନଦୀର ଢୋଲପଟଛା, ଗଡବଡପୁଟ, ଦୟାନଦୀର ପାଣ୍ଡିଆକେରା ବେଣାଗାଁ, ଜଙ୍କିଆ, ଗଙ୍ଗସାହି, ଗୋପିନାଥପୁର, ମକରା ନଦୀର ଚୁପୁରୁଙ୍ଗି, ସୁନାଖେଳା, ବଡାଲ, ଲୁଣା ନଦୀର କରମଳା ଓ ବିଜିପୁରଠାରେ ପାନୀୟଜଳ ପ୍ରକଳ୍ପ ବସିଛି। ଭୁବନେଶ୍ୱରର ନର୍ଦ୍ଦମା ଜଳକୁ ଗଙ୍ଗୁଆ ନାଳ ଦେଇ ଦୟାନଦୀକୁ ଛଡାଯାଉଥିବାରୁ ଦୟା, ରାଜୁଆ, ମକରା, ଲୁଣା, ନଦୀର ଜଳ ଦୂଷିତ ହେଉଛି। ଫଳରେ ଲୋକେ ସେହି ପାଣି ପିଇ ରୋଗାକ୍ରାନ୍ତ ହେଉଛନ୍ତି। ପ୍ରକଳ୍ପରେ ଫିଲଟରଗୁଡ଼ିକ ନିମ୍ନମାନର ହୋଇଥିବାରୁ ତାହା ବାରମ୍ବାର ଅଚଳ ହେଉଛି।

## ଧନଞ୍ଜୟ ସଭାପତି, ବିଚିତ୍ର ସମ୍ପାଦକ

### କୋଣାର୍କ ପ୍ରେସ କ୍ଲବର କର୍ମକର୍ତ୍ତା ଚୟନ

**କୋଣାର୍କ,୨୦।୧(ଡି.ଏନ୍.ଏ.)**

ମଙ୍ଗୁଳେଶ୍ୱର ମହାଦେବଙ୍କ ପୀଠରେ ଗୁରୁବାର କୋଣାର୍କ ପ୍ରେସ କ୍ଲବର ଏକ ବୈଠକ ବସି କ୍ଲବ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସର୍ବସମ୍ମତିକ୍ରମେ ଖବରଦାତା ଧନଞ୍ଜୟ ବେହେରାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଛି। ବିଶ୍ୱଜିତ ରାଉତରାୟ ଉପସଭାପତି, ବିଚିତ୍ର ଓଝା ସମ୍ପାଦକ, ଜ୍ଞାନରଞ୍ଜନ ବିଶ୍ୱାଳ ସହସମ୍ପାଦକ, ଦୀପ୍ତିରଞ୍ଜନ ପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ଏହି ଅବସରରେ ସାମ୍ବାଦିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କୋଣାର୍କ ପ୍ରେସକ୍ଲବ ଯେପରି ଶୃଙ୍ଖଳିତ ପରିଚାଳିତ ହେବ ଓ ଖବର ପରିବେଷଣ ସମୟରେ ଉତ୍ତମ ଆଚରଣ ପ୍ରଦର୍ଶନ ସହ କୌଣସି ସମସ୍ୟା ସୃଷ୍ଟି ହେଲେ ପ୍ରେସ କ୍ଲବକୁ ଅବଗତ କରାଇବାକୁ ଉପଦେଷ୍ଟା ବାଦଲ ଦାସ, ସଞ୍ଜୟ ପତି, ରାମକୃଷ୍ଣ ମହାନ୍ତି ମତ ଦେଇଥିଲେ। ବୈଠକରେ ସଭ୍ୟ ଅବନି ଭୂଷଣ ବାରିକ, ସମୟ ରଞ୍ଜନ ସାହୁ, ତାରକେଶ୍ୱର ବରାଳ, ରାମକୃଷ୍ଣ ମହାନ୍ତି, ବିଷ୍ଣୁ ପ୍ରସାଦ ଜେନା, ଗୋପବନ୍ଧୁ ପତି, ଉମାକାନ୍ତ ସାହୁ, ସୁବାସ ବେହେରା, ଶ୍ରୀକାନ୍ତ ସିଂହଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ଶାଶୁଘର ଆଗରେ ଲକ୍ଷ୍ମୀପ୍ରିୟାଙ୍କ ଧାରଣା ଜାରି

**ବ୍ରହ୍ମଗିରି, ୨୦।୧(ଡି.ଏନ୍.ଏ):**

**ସହଯୋଗର ହାତ ବଢାଇଲା ମାନବାଧିକାର ସୁରକ୍ଷା ସଂଘ**

ସ୍ୱାମୀଙ୍କ ସହ ରହିବା ପାଇଁ ଜିଦ୍ ଧରି ଶାଶୁଘର ଆଗରେ ୧୩ ଦିନ ଧରି ଧାରଣାରେ ବସିଛନ୍ତି ପୁରୀ ଜିଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ହରିଦାସ ଗ୍ରାମର ଲକ୍ଷ୍ମୀପ୍ରିୟା ଦଳାଇ। ତେବେ ତାଙ୍କୁ ପ୍ରଶାସନ କିମ୍ବା ପୋଲିସ ପକ୍ଷରୁ ନ୍ୟାୟ ମିଳିପାରିନାହିଁ। ତାଙ୍କ ପ୍ରତି ସହଯୋଗର ହାତ ବଢାଇଛି ବ୍ରହ୍ମଗିରି ମାନବାଧିକାର ସୁରକ୍ଷା ସଂଘ। ଲକ୍ଷ୍ମୀପ୍ରିୟାଙ୍କୁ ତାଙ୍କର ଶାଶୁଘର ଲୋକେ ଗ୍ରହଣ କରୁ ନ ଥିବାରୁ ଲକ୍ଷ୍ମୀପ୍ରିୟା ଧାରଣା ଜାରି ରଖିଛନ୍ତି। ବସିଛନ୍ତି। ଗୁରୁବାର ମାନବାଧିକାର ସୁରକ୍ଷା ସଂଘର ସଦସ୍ୟ ପ୍ରିୟପ୍ରସାଦ ମିଶ୍ର, ସସ୍ମିତା ସାହୁ ପ୍ରମୁଖ ଲକ୍ଷ୍ମୀଙ୍କ ପାଖରେ ପହଞ୍ଚି ଆଲୋଚନା କରିଛନ୍ତି। ଏହାପରେ ତାଙ୍କ ଶାଶୁଘର ଲୋକଙ୍କ ସହିତ ଆଲୋଚନା କରି ସମାଧାନ ଲାଗି ଉଦ୍ୟମ କରିବେ ବୋଲି ସେମାନେ କହିଛନ୍ତି।



## ଘରୋଇ ବିଦ୍ୟାଳୟକୁ ସରକାରୀ ସହାୟତା ମିଳୁ

**ପୁରୀ ଅଫିସ, ୨୦।୧:**

ରାଜ୍ୟରେ ଘରୋଇ ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ ସହ ବିଭିନ୍ନ ସମସ୍ୟାର ସମାଧାନ ଦାବି କରି ଅଲ୍ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ (ଆପୋସା) ପୁରୀ ଜିଲା କମିଟି ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ଦିଆଯାଇଛି। ସଂଘ କର୍ମକର୍ତ୍ତା କହିଛନ୍ତି, ମହାମାରୀ କରୋନା ପାଇଁ ଦୀର୍ଘ ୨୧ମାସ ହେଲା ପୁରୀ ଜିଲାର ପ୍ରାୟ ସମସ୍ତ ଘରୋଇ ବିଦ୍ୟାଳୟ ବନ୍ଦ ରହିବାରୁ ଦୟନୀୟ ଅବସ୍ଥାରେ ଅଛି। ନିୟମିତ ଅନ୍‌ଲାଇନ ପାଠପଢା ହେବା ସତ୍ତ୍ୱେ ଅଭିଭାବକମାନେ ଠିକ ରୂପେ ବିଦ୍ୟାଳୟ ଦେୟ ପୈଠ କରିପାରୁନାହାନ୍ତି। ବିନା ସରକାରୀ ସହାୟତାରେ ଚାଲୁଥିବା ପ୍ରାୟ ସମସ୍ତ ଘରୋଇ ବିଦ୍ୟାଳୟ ଘରଭଡ଼ା, ବିଦ୍ୟୁତ ଦେୟ, ଦରମା ନିୟମିତ ଭାବେ




ଦାବିପତ୍ର ଦେବାକୁ ଆସିଥିବା ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପୁରୀ ଜିଲା କମିଟି ସଦସ୍ୟ ।

ଦେବାକୁ ଅସମର୍ଥ ହେଉଛନ୍ତି। ଶିକ୍ଷୟିତ୍ରୀ ଶିକ୍ଷକ ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରାଯାଉ। ଗତ ୨ବର୍ଷ ମଧ୍ୟରେ ପ୍ରାୟ ୨ଲକ୍ଷ ଛାତ୍ରୀଛାତ୍ର ବିନା ଟିସିରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇଛନ୍ତି, ଯାହା ଅବୈଧ। ସରକାରୀ ବିଦ୍ୟାଳୟ ପକ୍ଷରୁ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କୁ ଡ୍ରପ୍ ଆଉଟ ଦର୍ଶାଯାଇ ନୂଆ କୋଡ୍ ପୁଣି ପ୍ରଣୀତ କରାଯାଇଛି ବୋଲି ସଂଘ ଅଭିଯୋଗ ଆଣିଛି। ବିନା ଟିସିରେ ସରକାରୀ ବିଦ୍ୟାଳୟରେ ନାମ ଲେଖା ନ ହେଉ। ସେହିପରି ଯେଉଁ ବିଦ୍ୟାଳୟ ସିଓଆର୍ ଏବଂ ଏନ୍ଓସି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି, ମାତ୍ର ପୁନଃ ଆବେଦନ ପାଇଁ ତଥ୍ୟ ସହ ଶିକ୍ଷକ ଛାତ୍ରୀଛାତ୍ରଙ୍କ ସମ୍ପୂର୍ଣ୍ଣ ବିବରଣୀ ଦେଇପାରୁନାହାନ୍ତି ସେ କ୍ଷେତ୍ରରେ କରୋନା ସ୍ଥିତି ନ ସୁଧୁରିଲା ପର୍ଯ୍ୟନ୍ତ ସିଓଆର୍, ଏନ୍ଓସି ଅବଧିର ସମୟ ସୀମା ଆସନ୍ତା ୫ବର୍ଷ ବଢାଇ ଦିଆଯାଉ। ସରକାର ୨୫% ମାଗଣା ଶିକ୍ଷାର ଭରଣା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ସଂଘ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘର ଜିଲା ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଶିକ୍ଷୟିତ୍ରୀ ସସ୍ମିତା ପଟ୍ଟନାୟକ, ପ୍ରିୟଙ୍କା ଶୁକ୍ଳା, ବିନାୟକ ପ୍ରଧାନ, କବିରାଜ ପ୍ରଧାନ, ରବିନାରାୟଣ ପାତ୍ର, ବିମଳା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

## ସଂକ୍ଷେପରେ

### ମୁଗୁନି ପଥର ବୋଝେଇ ଗାଡ଼ି ଜବତ, ୨ ଗିରଫ

ନିରାକାରପୁର,୨୦।୧(ଡି.ଏନ୍.ଏ.): ମୁଗୁନି ପଥର ଚୋରା ଚାଲାଣ ଅଭିଯୋଗରେ ନିରାକାରପୁର ଥାନା ପୋଲିସ ଗୁରୁବାର ୨ଟି ମୁଗୁନି ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦ୍ୱୟ ହେଲେ ନୟାଗଡ଼ର ପ୍ରଦୀପ୍ତ ରାଉତ ଓ କଟକ କାନପୁର ଅଞ୍ଚଳର ସୁରେଶ ରାଉତ। ଏ ନେଇ ପୋଲିସ ୨ଟି ପୃଥକ ମାମଲା(ନଂ.୧୪, ୧୫/୨୨) ରୁଜୁ କରିଛି ବୋଲି ସ୍ଥାନୀୟ ଥାନା ଅଧିକାରିଣୀ ଗୀତାଞ୍ଜଳି ନାୟକ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ନିରାକାରପୁର ଥାନା ଅଞ୍ଚଳରେ ଚୋରାରେ ମୁଗୁନି ପଥର ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ପୋଲିସ ଏହି ଚାଲାଣ ରୋକିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିଲା। ତେବେ ଗୁରୁବାର ଓଡି-୦୨-ଡ୍ଲୁ-୩୨୦୨ ନଂ. ବିଶିଷ୍ଟ ଟ୍ରକ ଓ ଓଡି-୦୨-ଏଟ୍-୦୫୦୨ ନଂ. ଟ୍ରକ୍ ଯୋଗେ ଚୋରା ମୁଗୁନି ପଥର ଯାଉଥିବା ନେଇ ସ୍ଥାନୀୟ ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ଲେଣ୍ଡୋ ଛକ ନିକଟ ଜଗନ୍ନାଥ ସଡ଼କ ଉପରୁ ଏହି ୨ଟି ଗାଡିକୁ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଥିଲା।

### ଘର ପାଖରୁ ଟ୍ରାକ୍ଟର ଚୋରି

ନିରାକାରପୁର,୨୦।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମର ଏକ ଘର ପାଖରୁ ଗୋଟିଏ ଟ୍ରାକ୍ଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗତ ୨ ମାସ ମଧ୍ୟରେ ଏହି ଗ୍ରାମରୁ ୨ଟି ଟ୍ରାକ୍ଟର ଚୋରି ହୋଇଗଲାଣି। ଚୋରିଯାଇଥିବା ଟ୍ରାକ୍ଟର ମାଲିକ ଅର୍ଜୁନ ସାହୁଙ୍କ ଅଭିଯୋଗ ଅନୁଯାୟୀ, ସବୁଦିନ ଭଳି ବୁଧବାର ରାତିରେ କାମ ସାରି ଘର ପଛପଟେ ତାଙ୍କ ଟ୍ରାକ୍ଟର ରଖିଥିଲେ। ହେଲେ ପରିବାର ଲୋକ ଗୁରୁବାର ସକାଳୁ ବାରିପଟକୁ ଯାଇଥିବା ବେଳେ ଟ୍ରାକ୍ଟରଟି ସେଠାରେ ନ ଥିଲା। ବହୁ ଖୋଜାଖୋଜି କରିବା ପରେ ମଧ ନ ମିଳିବାରୁ ସ୍ଥାନୀୟ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପୋଲିସ ନଂ. ୧୩/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହା ପୂର୍ବରୁ ମଧ ଗୋଟିଏ ଟ୍ରାକ୍ଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ପୋଲିସ ଚୋରକୁ ଧରିପାରି ନାହିଁ।

### ଅବକାରୀ ଚଢ଼ାଉ, ୩ ମଦ ବେପାରୀ ଗିରଫ

କୃଷ୍ଣପ୍ରସାଦ,୨୦।୧(ଡି.ଏନ୍.ଏ.): ପଞ୍ଚାୟତ ନିର୍ବାଚନ ପାଇଁ ପୁରୀର ବିଭିନ୍ନ ଅଞ୍ଚଳରେ ଜୋରଦାର ଚୋରାମଦ କାରବାର ହେଉଛି। ନିଶା କାରବାରକୁ ରୋକିବା ପାଇଁ ପୁରୀ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ କୃଷ୍ଣପ୍ରସାଦ ପୋଲିସ ଏବଂ ଅବକାରୀ ବିଭାଗ ତରଫରୁ କୃଷ୍ଣପ୍ରସାଦର ବିଭିନ୍ନ ଅଞ୍ଚଳରେ ମିଳିତ ଚଢ଼ାଉ ଆରମ୍ଭ ହୋଇଛି। ଏହି ଚଢାଉ ବେଳେ କୃଷ୍ଣପ୍ରସାଦ ଥାନା ଅଞ୍ଚଳର ୩ ମଦ ବେପାରୀଙ୍କୁ ପୋଲିସ ଗିରଫ କରିବା ସହ ମଦ ଜବତ କରିଛି। ସେମାନେ ହେଲେ ରାମଲେଙ୍କା ନୋଳିଆସାହିର ନଗଲ ଗୋରାୟା, ତାଙ୍କଠାରୁ ୯୦ଲିଟର, ମଲେଶ୍ୱରୀ ଗ୍ରାମର ଶ୍ରୀହରି ବେହେରା,ତାଙ୍କଠାରୁ ୧୮ଲିଟର ଏବଂ ମାଲୁଦରୁ ଅମରେଶ ସେନାପତି, ତାଙ୍କଠାରୁ ୨୦ଲିଟର ଦେଶୀ ମଦ ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଚଢ଼ାଉରେ ଅବକାରୀ ବିଭାଗର ଅଧିକାରୀଙ୍କ ସମେତ କୃଷ୍ଣପ୍ରସାଦ ଥାନାଧିକାରୀ ଦିଲୀପ କୁମାର ସ୍ୱାଇଁ, ଏସ୍‌ଆଇ ନାରାୟଣ ପ୍ରଧାନ, ଏଏସ୍‌ଆଇ ସରୋଜ ବେହେରା, ହାବିଲଦାର ରହିମ୍ ଖାନ୍ ପ୍ରମୁଖ ସାମିଲ ଥିଲେ।

### ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ୍ ତରଫରୁ ମିହିର ଦାସଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୦।୧(ବ୍ୟୁରୋ): ସ୍ୱର୍ଗତ ମିହିର ଦାସଙ୍କର ଦଶାହ ଦିବସରେ ଓଡ଼ିଶା ସିନେ ଆର୍ଟିଷ୍ଟ ଆସୋସିଏଶନ୍ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଶ୍ରୀତମ ଦାସ ଓ ସଭାପତି ସିଦ୍ଧାନ୍ତ ମହାପାତ୍ର ଏହାର ସଭାପତିତ୍ୱ କରିଥିଲେ। ପଟିଆ ସ୍ଥିତ ଆରଟିଓ-୨ ନିକଟସ୍ଥ ସ୍ମିଲା ଗାର୍ଡେନଠାରେ ଏହି ସଭା ହୋଇଥିଲା। ସଭାରେ ସଂଘର କଳାକାରମାନେ ଉପସ୍ଥିତ ରହି ମିହିରଙ୍କର ସ୍ମୃତିଚାରଣ କରିଥିଲେ। କୁନା ତ୍ରିପାଠୀ, ସୁରେଶ ମିଶ୍ର, ତନ୍ଦ୍ରା ମହାନ୍ତି, ଅଶ୍ରୁମୋଚନ, ସୂର୍ଯ୍ୟ ଦେଓ, ହର ରଥ, ରତନ ମେହେର, ଗୁନଗୁନ, ହୃଷୀକେଶ, ଉର୍ବଶୀ, ବିଦ୍ୟୁତ୍‌ସ୍ମିତା ଆଦି ଉପସ୍ଥିତ ଥିଲେ। ମିହିର ଦାସଙ୍କ ନାମରେ କୌଣସି ସ୍ଥାନ କିମ୍ବା ରାସ୍ତା କି ପାର୍କ ନାମିତ ହେଉ ବୋଲି ସଂଘ ପକ୍ଷରୁ ସରକାରଙ୍କୁ ଅନୁରୋଧ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା।

# ସବୁ ଦଳ ପାଇଁ ଅଡୁଆ ଅନ୍ତଃକନ୍ଦଳ

ଖୋର୍ଦ୍ଧା ଅଫିସ,୨୦।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁଠୁ ସହର ସବୁଠି ରାଜନୀତି ସରଗରମ ରହିଛି। ନିର୍ବାଚନୀ ବୈତରଣୀ ପାର ହେବା ଲାଗି ତିନି ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ରଣନୀତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏଥର ପ୍ରାର୍ଥୀଙ୍କ ଅପେକ୍ଷା ହେଭିୱେଟ ନେତା ଓ ବିଧାୟକଙ୍କ ମଧ୍ୟରେ ଟକ୍କର ହେବ ବୋଲି ଚର୍ଚ୍ଚା ହେଉଛି। ୨୦୨୨ ନିର୍ବାଚନ ବିଧାୟକମାନଙ୍କ ପାଇଁ ଭାଗ୍ୟ ପରୀକ୍ଷା। ଏହି ପରୀକ୍ଷାରେ ଯେଉଁମାନେ ସଫଳତାର ସହ ଉତ୍ତୀର୍ଣ୍ଣ ହେବେ ସେମାନଙ୍କ ପାଇଁ ୨୦୨୪ ବିଧାନସଭା ନିର୍ବାଚନ ପାଇଁ ଟିକେଟ ମିଳିପାରେ ବୋଲି କୁହାଯାଉଛି।

୨୦୧୨ରେ ୩୦ଟି ଜୋନରୁ ବିଜେଡି ୨୫ଟିରେ ଜିତିଥିବାବେଳେ କଂଗ୍ରେସ ଗୋଟିଏ, ଭାଜପା ୨ ଏବଂ ସ୍ୱାଧୀନ ପ୍ରାର୍ଥୀ ୨ଟି ଆସନ ଅକ୍ତିଆର କରିଥିଲେ। ୨୦୧୭ ନିର୍ବାଚନରେ ବିଜେଡି ୨୦ଟି, ଭାଜପା ୧୦ଟିରେ ଜିତିଥିଲା। କଂଗ୍ରେସ ଖାତା ଖୋଲିପାରି ନ ଥିଲା। ୨୦୧୯ ସାଧାରଣ ନିର୍ବାଚନରେ ଖୋର୍ଦ୍ଧା ଜିଲାର ୮ଟି ବିଧାନସଭା କ୍ଷେତ୍ରରୁ ଜଟଣୀକୁ ବାଦ୍ ଦେଲେ ବିଜେଡି ଅନ୍ୟ ଆସନରେ ବିଜୟ ଲାଭ କରିଥିଲା। ଚଳିତ ପଞ୍ଚାୟତ ନିର୍ବାଚନରେ ବିଜେଡି ଖୋର୍ଦ୍ଧା ଜିଲାରେ ସବୁ ଆସନ ଅକ୍ତିଆର ଯୋଜନାରେ ରହିଛି। ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ବିଜେଡିର ହେଭିୱେଟ ନେତା, ବିଧାୟକମାନେ ଜୋରସୋର୍ ଲାଗିପଡ଼ିଛନ୍ତି। ଏଥର ଡିଜିଟାଲ ପ୍ଲାଟଫର୍ମ, ସୋସିଆଲ ମିଡିଆ, ବ୍ୟାନର, ପୋଷ୍ଟରରେ ପ୍ରଚାର ଚାଲିବ। ନିର୍ବାଚନ ଦୌଡ଼ରେ ବିଜେଡି ଆଗରେ ରହିଛି। ବେଗୁନିଆ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ପ୍ରଦୀପ ସାହୁ, ଖୋର୍ଦ୍ଧା ଅଞ୍ଚଳର ଟାଣୁଆ ନେତା ବାବୁ ଜୟସିଂ, ରାମ ମହାପାତ୍ର, ଚିଲିକା ଭାଜପା ବ୍ଲକ ସଭାପତି ଦମୟନ୍ତୀ ବସ୍ତି ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡିରେ ଆଶାୟୀଙ୍କ ଲମ୍ବା ତାଲିକା ରହୁଥିବାରୁ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ସୃଷ୍ଟି ହେଲେ ଏହା ଦଳ ପାଇଁ ସମସ୍ୟା ହୋଇପାରେ। ଅନ୍ୟପକ୍ଷେ ଭାଜପା ପାଇଁ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମଙ୍ଗ ଧରିଛନ୍ତି। ତାଙ୍କ ଗୋଷ୍ଠୀରେ ମହିଳା ଓ ଯୁବପିଢ଼ି ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲା ଭାଜପାରେ ଅନ୍ତଃକନ୍ଦଳ ରହିଛି।

୨୦୧୭ରେ ଭାଜପା ୧୦ଟି ଜିଲା ପରିଷଦ ଆସନ ହାତେଇଥିବାବେଳେ ଏଥର କେତେଦୂର ସଫଳ ହେବ ତାହା ଆଗକୁ ଜଣାପଡ଼ିବ। ସେହିପରି କଂଗ୍ରେସ ପକ୍ଷରୁ ଜଟଣୀ ବିଧାୟକ ସୁରେଶ ରାଉତରାୟ ମଙ୍ଗ ଧରିଛନ୍ତି। ଏଥର କଂଗ୍ରେସ ପୂର୍ବପେକ୍ଷା ଭଲ ପ୍ରଦର୍ଶନ କରିବା ପାଇଁ କସରତ ଜାରି ରଖିଛି। ଖୋର୍ଦ୍ଧା ଉପଖଣ୍ଡରେ ବିଜେଡିକୁ ଭାଜପା ଓ କଂଗ୍ରେସ କଡ଼ା ଟକ୍କର ଦେବେ। ଜଟଣୀ ଗଡ଼ରେ ସୁରେଶ ରାଉତରାୟ ଏବଂ ବିଭୂତି ବଳୱନ୍ତରାୟ ଉଭୟ ନିଜ ସମ୍ମାନ ରକ୍ଷା ପାଇଁ ପ୍ରାଣ ମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ଶାସକ ଦଳ ଦୁର୍ନୀତିରେ ବୁଡ଼ିଛି। ଦରଦାମ୍, ତୈଳଦର ଅତ୍ୟଧିକ ବୃଦ୍ଧି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପଞ୍ଚାୟତ ନିର୍ବାଚନରେ ୩୦ଟି ଜୋନ୍‌ରେ ଦଳ ପ୍ରାର୍ଥୀ ଦେବ। ତୃଣମୂଳ ସ୍ତର ପର୍ଯ୍ୟନ୍ତ ଲୋକଙ୍କ ନିକଟକୁ ଯିବ। ୨୦୧୭ ନିର୍ବାଚନରେ ଦଳର କୌଣସି ପ୍ରାର୍ଥୀ ଜିତି ନ ଥିଲେ। ମାତ୍ର ଚଳିତ ନିର୍ବାଚନରେ ୧୪ଟି ଆସନରେ କଂଗ୍ରେସ ଜିତିବ ବୋଲି ଆଶା ରହିଛି। ଅନ୍ୟପକ୍ଷରେ ଭାଜପା ନେତା ଲୋତକ ପଟ୍ଟନାୟକ କହିଲେ, ଗତ ନିର୍ବାଚନରେ ଦଳ ୧୦ଟି ଆସନରେ ଜିତିଥିଲା। ଚଳିତ ବର୍ଷ ଅଧିକ ଜିଲା ପରିଷଦ ଆସନରେ ବିଜୟ ଲାଭ କରିବୁ ବୋଲି ଆଶା ରହିଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ନେଇ ଭାଜପା ରଣାଙ୍ଗନକୁ ଓହ୍ଲାଇବ। ଡିଜିଟାଲ ଓ ସୋସିଆଲ ପ୍ଲାଟଫର୍ମରେ ଜୋରଦାର ପ୍ରଚାର କରାଯିବ। ସୂଚନାଯୋଗ୍ୟ, ୨୦୧୭ ନିର୍ବାଚନରେ ଖୋର୍ଦ୍ଧାର ୩ଟି ଜୋନ୍‌ରେ ବିଜେଡି, ଚିଲିକାର ୩ଟି ଜୋନରେ ଭାଜପା, ଜଟଣୀର ୨ଟି ଜୋନରେ ବିଜେଡି, ଟାଙ୍ଗୀର ୪ଟି ଜୋନ ମଧ୍ୟରୁ ଗୋଟିକରେ ଭାଜପା ଏବଂ ୩ଟିରେ ବିଜେଡି ବିଜୟ ଲାଭ କରିଥିଲା। ବାଣପୁରର ୩ଟି ଜୋନରୁ ବିଜେଡି ୧ ଓ ଭାଜପା ୨, ବାଲିଅନ୍ତାରୁ ବିଜେଡି ୩, ବାଲିପାଟଣାରୁ ଭାଜପା ୧ ବିଜେଡି ୨, ବେଗୁନିଆରୁ ଭାଜପା ୨, ବିଜେଡି ୧, ବୋଲଗଡ଼ରୁ ବିଜେଡି ୨, ଭାଜପା ୧ ଏବଂ ଭୁବନେଶ୍ୱର ବ୍ଲକର ୩ଟି ଜୋନରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଥିଲେ।




ଭୁବନେଶ୍ୱରର ପ୍ରେସ୍ କ୍ଲବ ଅଫ୍ ଓଡ଼ିଶାରେ ଗୁରୁବାର କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକଙ୍କୁ ନେଇ ଓଡ଼ିଆ ମ୍ୟୁଜିକ ଆଲବମ୍ 'ବାଲିଘର'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଧାନ କଟ୍‌ନିଛଟ୍‌ନିକୁ ବିରୋଧ କରି ରାସ୍ତାରୋକୋ

ବାଲିପାଟଣା,୨୦।୧(ଡି.ଏନ୍.ଏ.)

ବାଲିପାଟଣା ବ୍ଲକର ବିଭିନ୍ନ ଜାଗାରେ ଧାନ ମଣ୍ଡି ଖୋଲାଯାଇ ଥିବାବେଳେ ଏକ ମଣ୍ଡିରେ ଧାନ କଟ୍‌ନିଛଟ୍‌ନିକୁ ବିରୋଧ କରି ଚାଷୀମାନେ ଗୁରୁବାର ଉତ୍ତରା-ବନମାଳୀପୁର ରାସ୍ତା ବାଲିପାଟଣା ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଯାତାୟାତ ଏକ ପ୍ରକାର ଠପ ହୋଇଯାଇଥିଲା। ଘଟଣା ସ୍ଥଳରେ ବାଲିପାଟଣା ଥାନାଧିକାରୀ କୃପାସିନ୍ଧୁ ବରାଡ଼ ଓ ବାଲିପାଟଣା ବିଡିଓ ଆଦିକନ୍ଦ ବେହେରା ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୁ ଚାଷୀ ହଟିଥିଲେ। ବାଲିପାଟଣାର ବିଭିନ୍ନ ସେବା ସମବାୟ ସମିତିରେ ସରକାରୀ ଧାନମଣ୍ଡି ଖୋଲିଥିଲା। ଧାନ ବିକ୍ରି ପାଇଁ ଚାଷୀ ମଣ୍ଡିକୁ ଧାନ ଆଣିଥିଲେ। ମାତ୍ର ମିଲର ଚାଷୀଙ୍କ ଧାନରୁ ଏକ କୁଇଣ୍ଟାଲରେ ୧୦ କିଲୋଗ୍ରାମ ଧାନ କଟ୍‌ନିଛଟ୍‌ନି କରିଥିଲେ। ଯାହାକୁ ଚାଷୀମାନେ ବିରୋଧ କରିଥିଲେ। ଚାଷୀ ଏବଂ ମିଲର ମଧ୍ୟରେ ଆଲୋଚନା ହୋଇଥିଲେ ମଧ ତାହା ଫଳପ୍ରଦ ହୋଇ ନ ଥିଲା। ଟୋକନ ପାଇ ମଧ ଧାନମଣ୍ଡିରେ ଚାଷୀଙ୍କ ଧାନ ପଡ଼ି ରହିଥିଲା। ଏହାକୁ ବିରୋଧ କରି ଚାଷୀମାନେ ରାସ୍ତାକୁ ଓହ୍ଲାଇଥିଲେ। ବାଲିପାଟଣାରେ ଚଳିତବର୍ଷର ଖରିଫ ଧାନ ବାତ୍ୟା ଜୱାଦ ପ୍ରଭାବରେ କିଛିଟା ନଷ୍ଟ ହୋଇଥିବା ବେଳେ ଯାହା ବଞ୍ଚିଥିଲା ତାକୁ ଚାଷୀ ଅମଳ କରି ଧାନମଣ୍ଡିକୁ ନେଇଥିଲେ। କିନ୍ତୁ ମିଲର କୁଇଣ୍ଟାଲ ପିଛା ୧୦ କିଲୋ କାଟ ନେବାକୁ କହିଥିଲା ଯାହା ଚାଷୀଙ୍କ ପକ୍ଷେ ସମ୍ଭବ ନୁହେଁ। ପରେ ପୋଲିସ, ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଇବା ସହ ମିଲର ସୁଶାନ୍ତ ସାହୁ, ସିଇଓ ଦିବ୍ୟରଞ୍ଜନ ରାଉତ ଏବଂ ଚାଷୀଙ୍କ ପକ୍ଷରୁ କୈଳାସ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀମାନଙ୍କ ଉପସ୍ଥିତରେ ୫ କିଲୋଗ୍ରାମ ଧାନ କଟନି ହେବ ବୋଲି ସ୍ଥିର ହୋଇଥିଲା। ଏହାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ।

## ବହ୍ଲା ଚୋରି ନେଇ ଗଣ୍ଡଗୋଳ

ଜଟଣୀ,୨୦।୧(ଡି.ଏନ୍.ଏ.)

ଜଟଣୀ ବ୍ଲକ ଅଧୀନ ବେଣାପାଞ୍ଜରୀ ଗ୍ରାମର ଏକ ଖେଳପଡିଆରେ ବ୍ୟାଡ୍‌ମିଣ୍ଟନ ଖେଳ ପାଇଁ ଥିବା ଏକ ବହ୍ଲା ଚୋରି ହୋଇଯାଇଥିଲା। ଏହାକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୂଚନା ମୁତାବକ ବେଣାପାଞ୍ଜରୀ ଟାଙ୍ଗି ସାହିର କେତେଜଣ ଯୁବକ କିଛିଦିନ ହେବ ସ୍ଥାନୀୟ ଖେଳପଡିଆରେ ବ୍ୟାଡ୍‌ମିଣ୍ଟନ ଖେଳୁଥିଲେ। ଖେଳ ପାଇଁ ପୋତା ଯାଇଥିବା ବହ୍ଲାଟିକୁ ଗୁରୁବାର କେହି ନେଇଯାଇଥିଲା। ଖେଳୁଥିବା ଯୁବକମାନେ ଆଖପାଖ ସ୍ଥାନରେ ଖୋଜାଖୋଜି କରିବା ବେଳେ ସ୍ଥାନୀୟ ଗ୍ରାମର ଜଣେ ବ୍ୟକ୍ତିଙ୍କ ବାରିରେ ଉକ୍ତ ବହ୍ଲାଟି ପୋତାଯାଇଥିବା ଦେଖିବାକୁ ପାଇଥିଲେ। ସେମାନେ ବହ୍ଲାକୁ ନେଇ ବାରି ମାଲିକଙ୍କୁ ପଚାରିବାରେ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ବାରି ମାଲିକଙ୍କ ପରିବାର ଓ ଖେଳୁଥିବା ଜଣେ ଯୁବକଙ୍କ ପରିବାର ପହଞ୍ଚି ପାଟିତୁଣ୍ଡ କରିବା ସହ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ଜଟଣୀ ପୋଲିସ ପିସିଆର ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ବୁଝାଶୁଝା କରିଥିଲା। ତେବେ ଏ ନେଇ ଉଭୟ ଗଣ୍ଡଗୋଳକାରୀଙ୍କ ପକ୍ଷରୁ ଜଟଣୀ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାର ଆପୋସ ଆଲୋଚନା ଗ୍ରାମ ମୁଖିଆଙ୍କ ମାଧ୍ୟମରେ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

### ୧୭୮ ଜଣଙ୍କ ନାମାଙ୍କନ ଦାଖଲ

ଜଟଣୀ,୨୦।୧(ଡି.ଏନ୍.ଏ.)

ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଗୁରୁବାର ଚତୁର୍ଥ ଦିନରେ ଜଟଣୀ ବ୍ଲକର ବିଭିନ୍ନ ପଞ୍ଚାୟତର ବିଭିନ୍ନ ପଦପଦବୀ ପାଇଁ ୧୭୮ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେଥିରୁ ୧୩୮ ଜଣ ୱାର୍ଡ ସଭ୍ୟ,୨୪ ଜଣ ସରପଞ୍ଚ ଏବଂ ୧୬ ଜଣ ସମିତି ସଭ୍ୟ ରହିଛନ୍ତି। ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ନେଇ ବ୍ଲକ ଏବଂ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ଦାଖଲ କରିଥିଲେ। ହେଲେ ଅନେକ ଆଶାୟୀଙ୍କ ଭୋଟର ତାଲିକାରେ ନାମ ନ ଥିବାରୁ ନାମାଙ୍କନ କରି ନ ପାରି ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ଦିବସ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଅବାଧ, ଶୃଙ୍ଖଳିତ ନିର୍ବାଚନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା ଅଫିସ,୨୦।୧

- ସୁପରିଚାଳନା ନେଇ ଜିଲା ପ୍ରଶାସନର ବୈଠକ
- ସିସିଟିଭି ନଜରରେ ରହିବ ଭୋଟ୍‌ବାକ୍ସ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ପାଇଁ ଗୁରୁବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ ଅନୁସାରେ କୋଭିଡ୍ ନିୟମ ପାଳନ ପୂର୍ବକ ନିର୍ବାଚନ କରାଯିବ। ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କରାଇବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ମାସ୍କ, ସାନିଟାଇଜ ଓ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। କୌଣସି ରାଜନୈତିକ ରୋଡ୍ ଶୋ', ପଦଯାତ୍ରା ଓ ବିଜୟ ଶୋଭାଯାତ୍ରା ହେବ ନାହିଁ। ପ୍ରଚାରରେ ପ୍ରାର୍ଥୀଙ୍କୁ ମିଶାଇ ୫ଜଣ ସାମିଲ ହୋଇପାରିବେ। ସମସ୍ତେ ଆଦର୍ଶ ଆଚରଣ ବିଧି ପାଳନ କରିବେ। ଜିଲାରେ ଫେବୃୟାରୀ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ୫ଟି ପର୍ଯ୍ୟାୟରେ ମତଦାନ ହେବ। ନିର୍ବାଚନ ସୁପରିଚାଳନା ପାଇଁ ଆବଶ୍ୟକ କର୍ମଚାରୀ ନିୟୋଜିତ ସହ ତାଲିମ ପ୍ରଦାନ କରାଯିବ। ମତଦାନ ସରିବା ପରେ ସମସ୍ତ ଭୋଟ ବାକ୍ସ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ରଖାଯିବ। ଏହା ସିସିଟିଭି ସର୍ଭେଲାନ୍ସରେ ରହିବ। ଫେବୃୟାରୀ ୨୬ରୁ ୨୮ ତାରିଖ ମଧ୍ୟରେ ଭୋଟ ଗଣନା କରାଯିବ। ଏହା ପୂର୍ବରୁ ସମସ୍ତ ପୋଲିଂକେନ୍ଦ୍ରକୁ ବିଶୋଧନ କରାଯିବ। ପୋଲିସ ଆଇନଶୃଙ୍ଖଳା ସୁନିଶ୍ଚିତ କରିବ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, ଅତିରିକ୍ତ ଜିଲାପାଳ ମନୋଜ ପାଢୀ ଏବଂ ଅନୁଜଦାସ ପଟ୍ଟନାୟକ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ, ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ, ଜିଲା ପଞ୍ଚାୟତ ଅଧିକାରୀ ଅନଙ୍ଗ ସାଗରଙ୍କ ସମେତ ବିଡିଓ, ତହସିଲଦାରମାନେ ଉପସ୍ଥିତ ଥିଲେ।

## ଭୋଟର ତାଲିକାରେ ନାଁ ନ ଥିବାରୁ ଫେରିଲେ ପ୍ରାର୍ଥୀ

ଜଟଣୀ,୨୦।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅଧୀନ ଛଣଘର କୁସୁମାଟି ପଞ୍ଚାୟତ କାର୍ଯ୍ୟାଳୟରେ ଚଳିତବର୍ଷ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିବାକୁ ଆସିଥିବା ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀମାନେ ଭୋଟର ତାଲିକାରେ ନାମ ନ ଥିବା ଜାଣି ନିରାଶ ହୋଇ ଫେରିଛନ୍ତି। ତେବେ ଏଭଳି କାର୍ଯ୍ୟ ଏକ ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥିବା ଉକ୍ତ ପ୍ରାର୍ଥୀମାନେ ଅଭିଯୋଗ କରିଛନ୍ତି। ଜଟଣୀ ବ୍ଲକ ଅଧୀନ ଛଣଘର ପଞ୍ଚାୟତର ୱାର୍ଡ ନମ୍ବର ୬ରେ ରହୁଥିବା ଗୀତାଞ୍ଜଳି ନାୟକ ସରପଞ୍ଚ ପ୍ରାର୍ଥିନୀ ଭାବେ ଗୁରୁବାର ସମସ୍ତ ପ୍ରସ୍ତୁତି ସହିତ ଛଣଘର ପଞ୍ଚାୟତ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦେବା ପାଇଁ ପହଞ୍ଚିଥିଲେ। ତେବେ କାର୍ଯ୍ୟାଳୟରେ ଥିବା ଅଧିକାରୀମାନେ ଭୋଟର ତାଲିକାରେ ଗୀତାଞ୍ଜଳିଙ୍କ ନାଁ କଟିଯାଇଥିବା କହିଥିଲେ। ସେଥିପାଇଁ ନାମାଙ୍କନ ପତ୍ର ଦାଖଲ ହୋଇପାରିବନି ବୋଲି କହିଥିଲେ। ଫଳରେ ନିରାଶ



ସରପଞ୍ଚ ପ୍ରାର୍ଥିନୀ ଗୀତାଞ୍ଜଳି ନାୟକ ନାମାଙ୍କନପତ୍ର ଦାଖଲ କରି ନ ପାରି ନିରାଶରେ ଫେରୁଛନ୍ତି।

**ଜିଲାପାଳଙ୍କ ନିକଟରେ ଅଭିଯୋଗ**

ହୋଇ ଗୀତାଞ୍ଜଳି ସେଠାରୁ ଫେରିଥିଲେ। ସେହିପରି ଛଣଘର ପଞ୍ଚାୟତ ଅଧୀନ ୧୫ ନମ୍ବର ୱାର୍ଡ ଓଗରଶୁଆଁ ଗ୍ରାମର ବିଶ୍ୱଜିତ ଦିହୁଡ଼ି ମଧ ଅନେକ ସ୍ୱପ୍ନ ନେଇ ଜନସେବା ଉଦ୍ଦେଶ୍ୟରେ ଗୁରୁବାର ୱାର୍ଡ ମେମ୍ବର ପ୍ରାର୍ଥୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିବାକୁ ଆସିଥିଲେ। କିନ୍ତୁ ତାଙ୍କର ମଧ ଭୋଟର ତାଲିକାରୁ ନାମ କଟିଯାଇଥିବା ଶୁଣି ନିରାଶରେ ଫେରିଥିଲେ। ଏ ନେଇ ଗୀତାଞ୍ଜଳି, ବିଶ୍ୱଜିତ ଏବଂ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରଞ୍ଚି ବେହେରା ଅଭିଯୋଗ କରିଛନ୍ତି ଯେ, ୨୦୧୭ ଓ ୨୦୧୯ ମସିହା ଭୋଟର ତାଲିକାରେ ନାଁ ଥିଲା, କିନ୍ତୁ ଚଳିତ ନିର୍ବାଚନ ପାଇଁ ଜାରି ହୋଇଥିବା ଭୋଟର ତାଲିକାରେ ପଞ୍ଚାୟତର ୧୦ଟି ପରିବାରର ୫୩ଜଣଙ୍କ ନାମ ଜାଣିଶୁଣି ଉଦ୍ଦେଶ୍ୟମୂଳକ ଭାବେ କଟାଯାଇଛି। ଏ ସମ୍ପର୍କରେ ସେମାନେ ଜିଲାପାଳ ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି। ଏ ନେଇ ଛଣଘର ପଞ୍ଚାୟତର ପଞ୍ଚାୟତ ଅଧିକାରୀ ମଙ୍ଗରାଜ ରାଉତ କହିଛନ୍ତି, ଭୋଟର ତାଲିକାରୁ କିଛି ନାମ କଟିଯାଇଛି। ଏହା କିପରି ଓ କିଏ କରିଛନ୍ତି ତାହା ଜଣାନାହିଁ, ଉପରିସ୍ଥ ଅଧିକାରୀଙ୍କ ପକ୍ଷରୁ ସମାଧାନ ପାଇଁ ନିର୍ଦ୍ଦେଶ ଆସିଲେ କରାଯିବ।

### ହଟାଯାଉନି ବ୍ୟାନର, ହୋର୍ଡିଂ

ଖୋର୍ଦ୍ଧା ଅଫିସ,୨୦।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଜନକଲ୍ୟାଣ ଯୋଜନା ସମ୍ପର୍କରେ ପ୍ରଚାର କରାଯାଇପାରିବ ନାହିଁ। ବିଭିନ୍ନ ସ୍ଥାନରେ ଲାଗିଥିବା ଦଳୀୟ ନେତା, ମନ୍ତ୍ରୀଙ୍କ ପୋଷ୍ଟର, ବ୍ୟାନର ହଟାଇବାକୁ ନିର୍ଦ୍ଦେଶ ରହିଛି। ୱାର୍ଡମେମ୍ବର, ସମିତି ସଭ୍ୟ, ସରପଞ୍ଚ ପ୍ରାର୍ଥୀମାନେ ଦଳୀୟ ଚିହ୍ନ ବ୍ୟବହାର କରିପାରିବେ ନାହିଁ। ତେବେ ଖୋର୍ଦ୍ଧା ଜିଲାରେ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ ହେଉଛି। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଦଳୀୟ ନେତା, ବିଧାୟକଙ୍କ ହୋର୍ଡିଂ, ପୋଷ୍ଟର, ବ୍ୟାନର ଛାଇଯାଇଛି। ଅନେକ ସ୍ଥାନରେ ସରକାରୀ କାର୍ଯ୍ୟାଳୟ ଆଗରେ ରାଜନୈତିକ ଦଳଗୁଡ଼ିକର ହୋର୍ଡିଂ ଲାଗିଛି। ଖୋର୍ଦ୍ଧା ପୌରାଞ୍ଚଳ ଟ୍ରାଫିକ ଛକଠାରୁ ନୂଆବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଲାଗିଥିବା ପୋଷ୍ଟର ହଟାଇ ଦିଆଯାଇଛି। ମାତ୍ର ବିଭିନ୍ନ ଛକ ଓ ଜନଗହଳି ସ୍ଥାନରେ ଏବେ ବି ହୋର୍ଡିଂ ଲାଗିଛି। ବ୍ଲକ କାର୍ଯ୍ୟାଳୟ ଆଗରେ ଏକ ନିର୍ଦ୍ଦିଷ୍ଟ ଦଳର ନେତାଙ୍କ ହୋର୍ଡିଂ ଲାଗିଥିଲା। ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଚାଲିଥିବାବେଳେ ଖୋର୍ଦ୍ଧା ବିଡିଓଙ୍କ କାର୍ଯ୍ୟାଳୟ ନିକଟରେ ହୋର୍ଡିଂ ଲାଗିଥିବା ନେଇ ଅଭିଯୋଗ ଆସିବା ପରେ ତରବରିଆ ଭାବେ ଏହାକୁ ହଟାଯାଇଛି। ଆଦର୍ଶ ଆଚରଣ ବିଧି କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖୋର୍ଦ୍ଧା ଉପଜିଲାପାଳ ଆଇ. ଗୌରବ ଶିବାଜୀ କହିଛନ୍ତି, ସବୁ ସ୍ଥାନରୁ ନେତା, ମନ୍ତ୍ରୀଙ୍କ ହୋର୍ଡିଂ, ବ୍ୟାନର ଓ ପୋଷ୍ଟର ହଟାଯିବା ପ୍ରକ୍ରିୟା ଜାରି ରହିଛି।

## ପ୍ରାର୍ଥୀପତ୍ର ଦାଖଲ କଲେ ୧୫୫୯

ଖୋର୍ଦ୍ଧା ଅଫିସ, ୨୦।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଜାରି ରହିଛି। ଗୁରୁବାର ଚତୁର୍ଥ ଦିବସରେ ଖୋର୍ଦ୍ଧା ଜିଲାରେ ୧୫୫୯ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୧୨୦୫ ୱାର୍ଡମେମ୍ବର, ୧୬୩ ସରପଞ୍ଚ, ୧୫୭ ସମିତିସଭ୍ୟ ଏବଂ ୩୪ ଜଣ ଜିଲା ପରିଷଦ ପ୍ରାର୍ଥୀ ରହିଛନ୍ତି। ଖୋର୍ଦ୍ଧା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଭାଜପା ସମର୍ଥିତ ପ୍ରାର୍ଥୀ ଜୋନ ୧ରୁ ପ୍ରବୀଣା ପ୍ରିୟାଦର୍ଶିନୀ ଭଞ୍ଜଦେଓ, ୪ରୁ ସୁକାନ୍ତି ଦେଇ, ୬ରୁ ମମତା ପରିଡ଼ା, ୨୫ରୁ ସୁନିତାରାଣୀ ଦାସ, ୨୩ରୁ ଜିତେନ୍ଦ୍ର ସାହୁ ଏବଂ ୨୬ରୁ ମିଥୁନ ପାଇକରାୟ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଖୋର୍ଦ୍ଧା ଜୋନ-୧ରେ କଂଗ୍ରେସରୁ ସରିଫ ମହମ୍ମଦ, ସ୍ୱାଧୀନ ପ୍ରାର୍ଥୀ ଭାବେ ଆଇନଜୀବୀ ବସନ୍ତ କୁମାର ଭଞ୍ଜ, ଜୋନ-୪ରୁ ସିପିଆଇ(ଏମ୍‌ଏଲ୍)ରୁ ସବିତାରାଣୀ ବରାଳ, ୨୩ରୁ ପ୍ରଭାତ ସୁବୁଦ୍ଧି ଓ କମଳକାନ୍ତ ମହାପାତ୍ର, ୨୪ରୁ ବିନୋଦିନୀ ସାମନ୍ତରାୟ ସ୍ୱାଧୀନ ପ୍ରାର୍ଥୀ ଏବଂ ୧୧ରୁ ଅନୁସୂୟା ବେହେରା ଓ ୧୨ରେ ବିଜୟ ପାଲଟାସିଂ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ବୋଲଗଡ଼ ବ୍ଲକରେ ୯୭ ୱାର୍ଡମେମ୍ବର, ୧୨ ସରପଞ୍ଚ ଓ ୧୧ଜଣ ସମିତିସଭ୍ୟ ପଦ ପାଇଁ, ଜଟଣୀ ବ୍ଲକରେ ୧୩୮ ୱାର୍ଡମେମ୍ବର, ୨୪ ସରପଞ୍ଚ, ୧୬ଜଣ ସମିତିସଭ୍ୟ ପଦ ଲାଗି, ବାଣପୁର ବ୍ଲକରେ ୧୪୭ ୱାର୍ଡମେମ୍ବର, ୨୧ ସରପଞ୍ଚ ଓ ୧୫ଜଣ ସମିତିସଭ୍ୟ ପଦ ନିମନ୍ତେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବେଗୁନିଆ ବ୍ଲକରେ ୧୨୪ ୱାର୍ଡମେମ୍ବର, ୧୭ ସରପଞ୍ଚ, ୨୨ଜଣ ସମିତି ସଭ୍ୟ ପଦ ପାଇଁ, ଭୁବନେଶ୍ୱର ବ୍ଲକରେ ୯୮ ୱାର୍ଡମେମ୍ବର, ୨୧ ସରପଞ୍ଚ ଓ ୨୧ଜଣ ସମିତି ସଭ୍ୟ ପଦ ଲାଗି ନାମାଙ୍କନ ଦାଖଲ କରିଛନ୍ତି। ଚିଲିକା ବ୍ଲକରେ ୧୨୦ ୱାର୍ଡମେମ୍ବର, ୧୨ ସରପଞ୍ଚ ଓ ୧୭ ଜଣ ସମିତିସଭ୍ୟ, ବାଲିଅନ୍ତା ବ୍ଲକରେ ୯୦ ୱାର୍ଡମେମ୍ବର, ୧୧ ସରପଞ୍ଚ ଓ ୧୦ ଜଣ ସମିତି ସଭ୍ୟ ପଦ ଲାଗି, ଖୋର୍ଦ୍ଧା ବ୍ଲକରେ ୧୩୪ ୱାର୍ଡମେମ୍ବର, ୧୮ ସରପଞ୍ଚ ଓ ୧୧ ଜଣ ସମିତି ସଭ୍ୟ ପଦ ପାଇଁ, ବାଲିପାଟଣା ବ୍ଲକରେ ୧୨୫ ୱାର୍ଡମେମ୍ବର, ୧୪ ସରପଞ୍ଚ ଓ ୧୩ ଜଣ ସମିତି ସଭ୍ୟ ପଦ ନିମନ୍ତେ ଏବଂ ଟାଙ୍ଗୀ ବ୍ଲକରେ ୧୩୨ ୱାର୍ଡମେମ୍ବର, ୧୩ ସରପଞ୍ଚ ଓ ୨୧ ଜଣ ସମିତି ସଭ୍ୟ ପଦ ସକାଶେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।



ନାମାଙ୍କନପତ୍ର ଦାଖଲ କରିବାକୁ ଦଳ ସହ ଆସିଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ।

## କଂଗ୍ରେସରେ ଯୋଗଦେବା ପରେ ମିଳିଲା ଟିକେଟ

ବୋଲଗଡ,୨୦।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ଅନ୍ତର୍ଗତ ୨୭ନମ୍ବର ଜୋନର ୨୩୦ଜଣ ଭାଜପା କର୍ମୀ ଗୁରୁବାର ଦଳ ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ଏହି ଅବସରରେ ବୋଲଗଡ ବ୍ଲକର ୨୭ ନମ୍ବର ଜୋନ ପାଇଁ ଭାଜପାରୁ କଂଗ୍ରେସରେ ଯୋଗଦେଇଥିବା ଶଙ୍କର୍ଷଣ ରାଉତଙ୍କୁ ଦଳ ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିଲା। ବ୍ଲକ କଂଗ୍ରେସ ତରଫରୁ ଏକ ମିଶ୍ରଣ ପର୍ବ ପିଚୁକୁଳି ଗ୍ରାମ ମା' ଡୁମୁଣୀଙ୍କ ମନ୍ଦିର ପରିସରରେ ଆୟୋଜିତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ନେତା ପ୍ରକାଶ ଚନ୍ଦ୍ର ରଥଙ୍କ ଆବାହକତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ନେତା ସୁଶାନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ ସେବାଦଳ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସ୍ଥାନୀୟ ନିର୍ବାଚନମଣ୍ଡଳୀ ନେତୃତ୍ୱ ନେଉଥିବା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ୨୭ ନମ୍ବର (ପିଚୁକୁଳି) ଜୋନ ଅନ୍ତର୍ଗତ ୭ଟି ପଞ୍ଚାୟତ ଯଥା ପିଚୁକୁଳି, ସାନପଦର, ଧଳାପଥର କଡବ, ଗୋପାଳପୁର, ମାଣିବନ୍ଧ ଓ ଗେଡିଆପଲ୍ଲି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ଭାଜପା କର୍ମୀ କଂଗ୍ରେସରେ ସାମିଲ ହୋଇଛନ୍ତି। ସେମାନଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସ୍ୱାଗତ କରିଥିଲେ। ଭାଜପାର ଶଙ୍କର୍ଷଣ ରାଉତ, ସଞ୍ଜୟ ସାମନ୍ତରାୟ, ପ୍ରଶାନ୍ତ ବେହେରା, ସର୍ବେଶ୍ୱର ନାୟକ, ଗଣେଶ ପ୍ରଧାନ, ଜୟକୃଷ୍ଣ ସେଠୀ, ରମେଶ ଚନ୍ଦ୍ର ସାହୁ, ବିଚିତ୍ର ବେହେରା ପ୍ରମୁଖ ସାମିଲ ହୋଇ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ। ମାଧବ ଚନ୍ଦ୍ର ବିଶ୍ୱାଳ, ଧୀରେଶ ଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ସ୍ୱାଇଁ, ରଘୁନାଥ ସାହୁ ଓ ରଙ୍କ ସାହୁ ପ୍ରମୁଖ ସ୍ୱାଗତ କରିଥିଲେ।